ଧରିତ୍ରୀ
DHARITRI
୫୧
ଭୁବନେଶ୍ୱର, ସୋମବାର, ଡିସେମ୍ବର ୩୦/୨୦୨୪ (୧୪ ପୃଷ୍ଠା) | Bhubaneswar, Monday, December 30/2024 | Page 14 | ₹ 7.00 | SAMBALPUR
୫୧ଶ ଭାଗ ୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 37 | ମୂଲ୍ୟ ₹୭/-

# ବିମାନ ଦୁର୍ଘଟଣା: ୧୭୯ ମୃତ



ଦକ୍ଷିଣ କୋରିଆର ମୁଆନ୍‌ରେ ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷ ।

**ସିଓଲ,୨୯।୧୨(ଏପି/ରଏଟର୍ସ)**

ଦକ୍ଷିଣ କୋରିଆର ଏକ ଯାତ୍ରୀବାହୀ ବିମାନ ରବିବାର ମୁଆନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନଟି ଜଳିଯିବାରୁ ୧୭୯ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ୨ ଜଣ କ୍ରିଉ ମେମ୍ବରଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାକୁ ଦକ୍ଷିଣ କୋରିଆ ଇତିହାସରେ ସବୁଠୁ ଭୟଙ୍କର ବିମାନ ଦୁର୍ଘଟଣା ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ଦେଶରେ ଜାନୁଆରୀ ୪ ପର୍ଯ୍ୟନ୍ତ ଜାତୀୟ ଶୋକଦିବସ ପାଳନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ଜେଜୁ ଏୟାର ବିମାନ (୧୫ ବର୍ଷ ପୁରୁଣା ବୋଇଂ ୭୩୭-୮୦୦ ଜେଟ୍) ଥାଇଲାଣ୍ଡର ବ୍ୟାଙ୍କକ୍‌ରୁ ୧୭୫ ଯାତ୍ରୀ ଓ ୬ କ୍ରିଉ ମେମ୍ବରଙ୍କୁ ନେଇ ଦକ୍ଷିଣ କୋରିଆର ମୁଆନ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟକୁ ଫେରୁଥିଲା। ସ୍ଥାନୀୟ ସମୟ ସକାଳ ୯ଟା ୩ ମିନିଟରେ ଏହା ବିମାନବନ୍ଦରରେ ଦ୍ରୁତଗତିରେ ଅବତରଣ କରିବା ସମୟରେ ରନ୍‌ୱେରେ ଖସିପଡ଼ି କଂକ୍ରିଟ୍ ବାଡ଼କୁ ଧକ୍କା ଦେବାରୁ ବଡ଼ ବିସ୍ଫୋରଣ ହୋଇଥିଲା। ଦୁର୍ଘଟଣା ପରେ ଚାହୁଁ ଚାହୁଁ ବିମାନରେ ନିଆଁ ଲାଗିଯାଇଥିଲା। ନିଆଁ ଲିଭାଇବା ପାଇଁ ୩୨ ଫାୟାର ଟ୍ରକ୍ ଓ ଅନେକ ହେଲିକପ୍ଟରକୁ ନିୟୋଜିତ କରାଯାଇଥିଲା। ପୋଲିସ, ସୈନ୍ୟ ଓ ଅନ୍ୟ ଅଧିକାରୀମାନେ ମଧ୍ୟ ଦୁର୍ଘଟଣାସ୍ଥଳରେ ମୁତୟନ ହୋଇଥିଲେ। କିନ୍ତୁ ନିଆଁକୁ ଆୟତ୍ତ କରିବା ସେତେଟା ସହଜ ହୋଇ ନ ଥିଲା। ଏଥିରେ ୮୩ ମହିଳାଙ୍କ ସମେତ ୧୭୯ ଜଣଙ୍କ ମୃତ୍ୟୁ ଘଟିଛି। ଅଧିକାଂଶ ମୃତକ ଦକ୍ଷିଣ କୋରିଆ ନାଗରିକ ହୋଇଥିବାବେଳେ ୨ ଜଣ ଥାଇଲାଣ୍ଡର ☞ପୃଷ୍ଠା-୪

## କାରଣ ଅସ୍ପଷ୍ଟ: ସନ୍ଦେହ ଘେରରେ ଦୁର୍ଘଟଣା

ଦକ୍ଷିଣ କୋରିଆର ଜେଜୁ ଏୟାର ପରିଚାଳିତ ଯାତ୍ରୀବାହୀ ବିମାନ ରବିବାର ସକାଳେ ୭ସି୨୨୧୬ ଥାଇଲାଣ୍ଡର ବ୍ୟାଙ୍କକ୍‌ରୁ ୧୮୧ ଜଣଙ୍କୁ ନେଇ ମୁଆନ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟକୁ ଫେରୁଥିବାବେଳେ ରନ୍‌ୱେରେ ଅବତରଣ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ଏଥିରେ ୨ ଜଣ କ୍ରିଉ ମେମ୍ବରଙ୍କୁ ଛାଡ଼ିଦେଲେ ବିମାନର ସମସ୍ତ ୧୭୯ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଲ୍ୟାଣ୍ଡିଂ ପୂର୍ବରୁ ପକ୍ଷୀ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଥିଲେ ମଧ୍ୟ ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ବ୍ୟାଙ୍କକ୍‌ର ସୁବର୍ଣ୍ଣଭୂମି ଏୟାରପୋର୍ଟରୁ ଉଡ଼ାଣ ଆରମ୍ଭ ବେଳେ ଏଥିରେ କୌଣସି ଅସ୍ୱାଭାବିକତା ପରିଲକ୍ଷିତ ହୋଇ ନ ଥିବା ବିଷୟ ଥାଇଲାଣ୍ଡ ବିମାନ କର୍ତ୍ତୃପକ୍ଷ କହିଛନ୍ତି। ୫ ଦିନ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ବିମାନ ଦୁର୍ଘଟଣା। ☞ପୃଷ୍ଠା-୪

## ୩ ଜିଲାର ଉଜୁଡ଼ା ଧାନ କ୍ଷେତ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ

# ସହାୟତା ଭରସା ଦେଲେ

**ରାଜ୍ୟରେ ଲଘୁଚାପଜନିତ ଅଦିନିଆ ବର୍ଷା କାରଣରୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଅପରପକ୍ଷରେ ଚାଷୀମାନଙ୍କୁ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାର ହାତ ବଢ଼ାଇଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଏହି କ୍ରମରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼, ଗଜପତି ଓ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ବର୍ଷାରେ ଭିଜିଥିବା ଉଜୁଡ଼ା ଧାନ କ୍ଷେତକୁ ବୁଲି ଦେଖି କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଏପରି କି ସେମାନଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।**

**ନୟାଗଡ଼/ରଣପୁର/ ଗୋପାଳପୁର/ ପାରଳାଖେମୁଣ୍ଡି,୨୯।୧୨(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ/ନବୀନ ରାଜ ଆଚାରୀ/ ଗିରିଧାରୀ ପରିଚ୍ଛା)**

ଅଦିନିଆ ବର୍ଷାରେ ନଷ୍ଟ ହୋଇଥିବା ଧାନ ଫସଲର କ୍ଷୟକ୍ଷତି ଅନୁଧ୍ୟାନ ଏବଂ ୩ଜିଲା କ୍ଷେତ୍ର ପରିଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରବିବାର ମୁଖ୍ୟମନ୍ତ୍ରୀ ମାଝୀ ପ୍ରଥମେ ନୟାଗଡ଼ ଜିଲା ରଣପୁର ବ୍ଲକ ଗସ୍ତ କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ବାଚସ୍ପତି ତଥା ରଣପୁର ବିଧାୟକ ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ରଣପୁର ବ୍ଲକର କାଣ୍ଡପଡ଼ାର ☞ପୃଷ୍ଠା-୪



ନୟାଗଡ଼ ଜିଲା ରଣପୁର ବ୍ଲକ କାଣ୍ଡପଡ଼ା ଗ୍ରାମ ଚାଷ ଜମିରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧାନ ଫସଲର କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି । ପାଖରେ ଅଛନ୍ତି ବାଚସ୍ପତି ସୁରମା ପାଢ଼ୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

## ଏମ୍‌କେସିଜିରୁ ୪ ଡାକ୍ତର ବହିଷ୍କୃତ

**ପିଜି ଡାକ୍ତରଙ୍କୁ ମାଡ଼ ଘଟଣା**

**ବ୍ରହ୍ମପୁର,୨୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ପିଜି ଡାକ୍ତରଙ୍କୁ କେତେ ଜଣ ବରିଷ୍ଠ ଡାକ୍ତର ମାଡ଼ ମାରିବା ଓ ଶିଶୁ ବିଭାଗ ମୁଖ୍ୟଙ୍କୁ ଦୁର୍ବ୍ୟବହାର କରିବା ଘଟଣା ଡାକ୍ତରମାନଙ୍କୁ ମହଙ୍ଗା ପଡିଛି। ଏହି ଘଟଣାରେ ଏମ୍‌କେସିଜି କଲେଜ ଏକାଡେମିକ କାଉନସିଲ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡିଏମଟି ନିର୍ଦ୍ଦେଶରେ ୪ ଡାକ୍ତରଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ଆସିଷ୍ଟାଣ୍ଟ ପ୍ରଫେସର ଓ ୩ ସିନିୟର ରେସିଡେଣ୍ଟ ଡାକ୍ତର ରହିଛନ୍ତି। ଏଥିସହ ଜଣେ ପିଜି ରେସିଡେଣ୍ଟଙ୍କୁ ୬ ମାସ ପାଇଁ ହଷ୍ଟେଲ ମନା ହୋଇଛି। ବହିଷ୍କୃତ ଡାକ୍ତର ମାନେ ହେଲେ ☞ପୃଷ୍ଠା-୪

**ସୂଚନା:** ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'ସ୍ୱାସ୍ଥ୍ୟ ବିଜ୍ଞାନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

ଏଚ୍-୧ବି

## ବିଶ୍ୱ ରାପିଡ ଚେସ୍: ହମ୍ପି ଚାମ୍ପିୟନ

**ନ୍ୟୁୟର୍କ, ୨୯।୧୨ (ପି.ଟି.)**



କୋନେରୁ ହମ୍ପି

ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଫିଡେ ମହିଳା ବିଶ୍ୱ ରାପିଡ ଚେସ୍ ଚାମ୍ପିୟନ ହୋଇଛନ୍ତି। ଅନ୍ତିମ ରାଉଣ୍ଡରେ ଇଣ୍ଡୋନେସିଆର ଇନେନେ ସୁକାନ୍ଦରଙ୍କୁ ହରାଇ ସେ ଏହି ସଫଳତା ପାଇଛନ୍ତି। ଭାରତର ଏହି ନମ୍ବର ୱାନ ମହିଳା ଚେସ୍ ତାରକା ହମ୍ପି ଦ୍ୱିତୀୟ ଥରପାଇଁ ଏହି ଟାଇଟଲ ଜିତିଛନ୍ତି। ପୂର୍ବରୁ ସେ ୨୦୧୯ରେ ଜର୍ଜିଆରେ ଚାମ୍ପିୟନ ହୋଇଥିଲେ। ଚାଇନାର ଜୁ ୱେନଜୁନଙ୍କ ପରେ ଦ୍ୱିତୀୟ ଖେଳାଳିଭାବେ ସେ ଏକାଧିକଥର ଏହି ଟାଇଟଲ ଜିତିବାର ଗୌରବ ଅର୍ଜନ କରିଛନ୍ତି। ନିକଟରେ ସିଙ୍ଗାପୁରରେ ଚାଇନାର ଡିଙ୍ଗ ଲିରେନଙ୍କୁ ହରାଇ ଭାରତର ଡି. ଗୁକେଶ ବିଶ୍ୱ ଚାମ୍ପିୟନ ହୋଇଥିଲେ। ଏବେ ହମ୍ପିଙ୍କ ସଫଳତା ଯୋଗୁ ୨୦୨୪ ଭାରତୀୟ ଚେସ୍ ପାଇଁ ଆହୁରି ସ୍ମରଣୀୟ ହୋଇଯାଇଛି। ଗତ ସେପ୍ଟେମ୍ବରରେ ବୁଦାପେଷ୍ଟରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ଭାରତ ପ୍ରଥମଥରପାଇଁ ଉଭୟ ଓପନ ଓ ମହିଳା ☞ପୃଷ୍ଠା-୪

## ମୋବାଇଲ ଚୋରଙ୍କୁ ୧୫ ହଜାର ଦରମା

**ଗୋରଖପୁର, ୨୯।୧୨**

ନାବାଳକମାନଙ୍କୁ ବ୍ୟବହାର କରି ମୋବାଇଲ ଫୋନ୍ ଚୋରି କରାଉଥିବା ଏକ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି ଗୋରଖପୁର ଜିଆର୍‌ପି ପୋଲିସ। ଚୋରି କରିବା ପାଇଁ ଏହି ଗ୍ୟାଙ୍ଗ୍ ନାବାଳକମାନଙ୍କୁ ନିଯୁକ୍ତି ଦେଇ ମାସିକ ୧୫ ହଜାର ଟଙ୍କା ଦରମା ଦେଉଥିଲା। ସେହିପରି ଚୋରି କରିବା ପରେ ମୋବାଇଲ ଫୋନ୍‌ଗୁଡ଼ିକୁ ଏହି ଗ୍ୟାଙ୍ଗ୍ ପକ୍ଷରୁ ନେପାଳ ଓ ବାଂଲାଦେଶରେ ବିକ୍ରି କରାଯାଉଥିଲା।

ରବିବାର ଗୋରଖପୁର ଜିଆର୍‌ପି ପୋଲିସ ଏହି ଗ୍ୟାଙ୍ଗର କିଙ୍ଗ୍‌ପିନ ମନୋଜ ମଣ୍ଡଳ ଓ ଏହାର ୨ ସହଯୋଗୀ କରନ୍ କୁମାର(୧୯) ଓ କରନଙ୍କ ୧୫ ବର୍ଷୀୟ ସାନ ଭାଇଙ୍କୁ ଗିରଫ କରିଛି। ସୂଚନାଦାତାଙ୍କ ତଥ୍ୟ ଏବଂ ସର୍ଭିଲାନ୍ସ ଜରିଆରେ ଜିଆର୍‌ପି ପୋଲିସ ସେମାନଙ୍କୁ ଗୋରଖପୁର ରେଲଷ୍ଟେଶନ ନିକଟରୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ୧୦ ଲକ୍ଷ ଟଙ୍କା ମୂଲ୍ୟର ୪୪ଟି ମୋବାଇଲ ଫୋନ୍ ଜବତ ହୋଇଛି। ପୂର୍ବରୁ ମନୋଜଙ୍କ ନାଁରେ ୪ଟି ମାମଲା ରହିଥିବାବେଳେ କରନ୍‌ଙ୍କ ନାମରେ ୨ଟି ମାମଲା ଥିବାନେଇ ପୋଲିସ କହିଛି।

ଗୋରଖପୁର ଜିଆର୍‌ପି ଥାନା ନିକଟ ବିଭିନ୍ନ ଷ୍ଟେଶନରେ ଲଗାତର ମୋବାଇଲ ଚୋରି ହେଉଥିବା ନେଇ ଗତ କିଛି ମାସ ହେବ ଅଭିଯୋଗ ହୋଇ ଆସୁଥିଲା। ଏହାପରେ ଗୋରଖପୁର ଜିଆର୍‌ପି ପକ୍ଷରୁ ନିଜର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ମୋବାଇଲ ଚୋରି ମାମଲାର ତଦନ୍ତ ଆରମ୍ଭ କରାଯାଇଥିଲା। ଗୋରଖପୁର ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ୨୦୦ରୁ ଅଧିକ ସିସିଟିଭି କ୍ୟାମେରାର ଫୁଟେଜ୍‌କୁ ଆଧାର କରି ସପ୍ତାହବ୍ୟାପୀ ଅପରେଶନ କରିବା ପରେ ଗୋରଖପୁର ଜିଆର୍‌ପି ପୋଲିସକୁ ସଫଳତା ମିଳିଥିଲା। ଗୋରଖପୁର ଜିଆର୍‌ପି ଏସ୍‌ପି ସନ୍ଦୀପ କୁମାର ମୀନା କହିଛନ୍ତି, ଗ୍ୟାଙ୍ଗ୍ ଲିଡର ମନୋଜ ଝାଡ଼ଖଣ୍ଡର ତଲଝାରି ଜିଲା ସାହିବଗଞ୍ଜ ବାସିନ୍ଦା। ସେହିପରି ଗିରଫ ମନୋଜଙ୍କ ୨ ସହଯୋଗୀ ମଧ୍ୟ ଝାଡ଼ଖଣ୍ଡର ☞ପୃଷ୍ଠା-୪



# ଆକାଶରେ ଆତଙ୍କ

## ବିମାନ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ

➩ଡିସେମ୍ବରରେ ୬ ଦୁର୍ଘଟଣା: ୨୩୪ ମୃତ
➩ବର୍ଷକରେ ଗଲାଣି ୪୦୦ରୁ ଉର୍ଦ୍ଧ୍ୱ ଜୀବନ

**ନେପାଳଠୁ ନେଇ ଦକ୍ଷିଣ କୋରିଆ ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ବିମାନ ଦୁର୍ଘଟଣା ଘଟିଚାଲିଛି। ବିଦାୟୀ ବର୍ଷ ବିମାନ ଦୁର୍ଘଟଣାରେ ୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ କେବଳ ୨୦୨୪ ଡିସେମ୍ବରରେ ୨୩୪ ଜଣଙ୍କ ମୃତ୍ୟୁ ଘଟିଛି। ବିଜ୍ଞାନର ଅଗ୍ରଗତି ଫଳରେ ମଣିଷ ମହାକାଶ ପର୍ଯ୍ୟଟନ ଭଳି ପରିକଳ୍ପନାକୁ ସଫଳ କରିପାରିଛି। କିନ୍ତୁ ବିମାନ ଦୁର୍ଘଟଣା ଏଡ଼ାଯାଇ ପାରୁନାହିଁ। ଏଥିଯୋଗୁ ବିମାନ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପୁଣି ସୃଷ୍ଟି ହୋଇଛି ବିରାଟ ପ୍ରଶ୍ନବାଚୀ।**



ସିଓଲ/ବାକୁ,୨୯।୧୨

ଦକ୍ଷିଣ କୋରିଆର ଜେଜୁ ଏୟାର ପାସେଞ୍ଜର ରବିବାର ସକାଳେ ମୁଆନ୍ ଏୟାରପୋର୍ଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୭୯ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏହାର ୪ ଦିନ ପୂର୍ବରୁ ଅର୍ଥାତ୍ ଡିସେମ୍ବର ୨୫ରେ ଆଜରବୈଜାନର ଏକ ଯାତ୍ରୀବାହୀ ବିମାନ ରାଜଧାନୀ ବାକୁରୁ ୬୭ ଯାତ୍ରୀଙ୍କୁ ନେଇ ରୁଷିଆର ଚେଚନ୍ୟାସ୍ଥିତ ଗ୍ରୋଜ୍ନି ଅଭିମୁଖେ ଯାତ୍ରା କରୁଥିବାବେଳେ କାସ୍ପିଆନ୍ ସାଗର ଉପକୂଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ୩୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୯ ଆହତ ହୋଇଥିଲେ। ବିମାନ ଦୁର୍ଘଟଣାର କାରଣକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଥିବାବେଳେ ଶନିବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କ୍ଷମା ମାଗିଥିଲେ। ତାଙ୍କ ଦେଶର ବାୟୁସୀମା ଭିତରେ ଦୁର୍ଘଟଣା ଘଟିଥିବାରୁ ସେ ଦୁଃଖିତ ବୋଲି କହିଥିଲେ। ୟୁକ୍ରେନୀୟ ଡ୍ରୋନ୍ ସକ୍ରିୟ ଥିବା ଅଞ୍ଚଳରେ ଉକ୍ତ ବିମାନକୁ ରୁଷୀୟ ସୈନ୍ୟ ସମ୍ଭବତଃ ଶତ୍ରୁପକ୍ଷର ଯୁଦ୍ଧବିମାନ ମନେକରି ତାକୁ ଖସାଇଦେଇଥିବା କୁହାଯାଉଛି। ଏହା ପୂର୍ବରୁ ଡିସେମ୍ବର ୨୨ରେ ବ୍ରାଜିଲର ଗ୍ରାମାଡୋ ସହରରେ ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବ୍ରାଜିଲ ବ୍ୟବସାୟୀ ଲୁଇଜ୍ କ୍ଲାଉଡିଓ ଗଲେଆଜିଙ୍କ ପରିବାରର ୧୦ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୭ ଜଣ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ। ସେହିଦିନ ପପୁଆ ନ୍ୟୁ ଗିନିରେ ଚାର୍ଟର ଫ୍ଲାଇଟ୍ ବ୍ରିଟ୍ଟେନ୍-ନରମ୍ୟାନ୍ ବିଏନ୍-୨ବି-୨୬ ଦୁର୍ଘଟଣାଗ୍ରସ୍ତ ହେବାରୁ ୫ ଜଣଙ୍କ ପ୍ରାଣହାନି ଘଟିଥିଲା। ଦିନକ ପରେ ଏହାର ଭଗ୍ନାବଶେଷ ଠାବ ହୋଇଥିଲା। ଉକ୍ତ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ତଦନ୍ତ ଜାରି ରହିଛି। ଅଗଷ୍ଟ ୯ରେ ବ୍ରାଜିଲର ଏକ ବିମାନ କାସ୍କାଭେଲରୁ ଗୁଆରୁଲ୍‌ହୋସ୍ ଅଭିମୁଖେ ଯାତ୍ରାବେଳେ ସାଓ ପାଓଲୋର ଏକ ଜନବସତି ଉପରେ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ସମସ୍ତ ୬୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ଆକାଶରେ ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଶୁଣିଥିବା ଅନେକ ପ୍ରତ୍ୟକ୍ଷଦର୍ଶୀ କହିଥିଲେ। ସେହିପରି ଜୁଲାଇ ୨୪ରେ ନେପାଳର ସୌର୍ଯ୍ୟ ଏୟାରଲାଇନ୍ସ ପରିଚାଳିତ ଏକ ବିମାନ କାଠମାଣ୍ଡୁର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୧୯ ଜଣଙ୍କୁ ନେଇ ଯାଉଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଖସିପଡ଼ିଥିଲା। ଏଥିରେ ୧୮ ଯାତ୍ରୀ ପ୍ରାଣ ହରାଇଥିଲେ। ଗତ ମାର୍ଚ୍ଚ ୧୨ରେ ରୁଷିଆର ଏକ ସାମରିକ ଏୟାରକ୍ରାଫ୍ଟ ଇଭାନୋଭୋକୁ ଯାଉଥିବାବେଳେ ପାଇଲଟ୍ ଭାରସାମ୍ୟ ହରାଇବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିଲା। ନଭେମ୍ବର ୨୫ରେ ଡିଏଚ୍‌ଏଲ୍ ପରିଚାଳିତ ବୋଇଂ ୭୩୭ ଫାଇଟର ଜର୍ମାନୀର ଲେଇପ୍‌ଜିଗ୍‌ରୁ ଉଡ଼ାଣ କରିଥିଲା। ଏହା ଲିଥୁଆନିଆର ଭିଲ୍‌ନିଉସ୍‌ରେ ଅବତରଣ ବେଳେ ଖସିପଡ଼ିଥିଲା। ଫଳରେ ୪ କ୍ରିଉ ମେମ୍ବରଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିଲା।

### ଜଳିଗଲା କାନାଡା ବିମାନ

ଓଟାୱା,୨୯।୧୨

ନ୍ୟୁ ଫାଉଣ୍ଡଲ୍ୟାଣ୍ଡର ସେଣ୍ଟ ଜନ୍ସ ସହରରୁ ଆସୁଥିବା ଏୟାର କାନାଡାର ଏକ ବିମାନ ଶନିବାର ରାତିରେ ନୋଭା ସ୍କୋଟିଆ ପ୍ରଦେଶର ଗୋପସ୍ଥିତ ହାଲିଫାକ୍ସ ବିମାନବନ୍ଦରରେ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ବିମାନରେ କେତେ ଯାତ୍ରୀ ଥିଲେ ସ୍ପଷ୍ଟ ହୋଇ ନ ଥିବାବେଳେ ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା କୁହାଯାଇଛି। ଦୁର୍ଘଟଣା ପରେ ଗତ ରାତିରୁ ହାଲିଫାକ୍ସ ଏୟାରପୋର୍ଟକୁ ବନ୍ଦ ରଖାଯାଇଛି।

### ରୁଷିଆ ଖସାଇଥିଲା ବିମାନ: ଆଜରବୈଜାନ ରାଷ୍ଟ୍ରପତି


ଇଲ୍‌ହାମ ଅଲିୟେଭ୍

ବକୁ,୨୯।୧୨

ରୁଷିଆ ଗତ ବୁଧବାର ଉଦ୍ଦେଶ୍ୟବିହୀନ ଭାବେ ଆଜରବୈଜାନ ବିମାନକୁ ଖସାଇଥିଲା ବୋଲି ଏହାର ରାଷ୍ଟ୍ରପତି ଇଲ୍‌ହାମ ଅଲିୟେଭ୍ ରବିବାର କହିଛନ୍ତି। ତେବେ ଦୁର୍ଘଟଣାର ୪ ଦିନ ଯାଏ ମସ୍କୋ ସତ୍ୟକୁ ଚାପି ରଖିବାକୁ ଉଦ୍ୟମ କରିଥିବାରୁ ଇଲ୍‌ହାମ୍ ଏହାର ସମାଲୋଚନା କରିଛନ୍ତି। ଏହା ସ୍ପଷ୍ଟ ଭାବେ କୁହାଯାଇପାରିବ ଯେ, ବିମାନକୁ ରୁଷିଆ ଖସାଇଥିଲା। ତେବେ ଏହା ଉଦ୍ଦେଶ୍ୟମୂଳକ ଥିଲା ବୋଲି ଆମେ କହିପାରିବା ନାହିଁ ବୋଲି ଆଜରବୈଜାନ ରାଷ୍ଟ୍ରପତି କହିଛନ୍ତି। ଜେ୨-୮୨୪୩ ବିମାନ କାଜାଖସ୍ତାନର ଅକଟାଉ ସହର ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଶନିବାର ତାଙ୍କ ଆଜରବୈଜାନ ପ୍ରତିପକ୍ଷଙ୍କୁ କ୍ଷମା ମାଗିଥିଲେ। ଦୁର୍ଘଟଣା ପାଇଁ ମସ୍କୋ ଦାୟୀ ବୋଲି ପୁଟିନ୍ ସ୍ୱୀକାର କରି ନ ଥିଲେ ମଧ୍ୟ ବିମାନଟି ଓହ୍ଲାଇବାକୁ ବାରମ୍ବାର ଉଦ୍ୟମ କରିଥିବା ରୁଷିଆର ଚେଚନ୍ୟା ରିପବ୍ଲିକ୍‌ର ଆଞ୍ଚଳିକ ରାଜଧାନୀ ଗ୍ରୋଜ୍ନି ନିକଟରେ ୟୁକ୍ରେନ୍ ଡ୍ରୋନ୍‌କୁ ପ୍ରତିହତ କରିବା ପାଇଁ ରୁଷିଆର ଏୟାର ଡିଫେନ୍ସ ସକ୍ରିୟ ଥିଲା ବୋଲି କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଥିଲା। ଦୁର୍ଘଟଣା ପଛର କାରଣ ଜାଣିବା ପାଇଁ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ପକ୍ଷରୁ ସମ୍ପୂର୍ଣ୍ଣ ତଦନ୍ତ ଦାବି କରାଯାଇଥିଲା।

## ସଂକ୍ଷେପରେ

### ଗଣପ୍ରତିବାଦ ମଧ୍ୟରେ ଶପଥ ନେଲେ ଜର୍ଜିଆର ନୂଆ ରାଷ୍ଟ୍ରପତି


ମିଖେଇଲ୍ କାଭେଲଶଭିଲି

ଟିବ୍‌ଲିସି,୨୯।୧୨

ଜର୍ଜିଆରେ ଗଣପ୍ରତିବାଦ ସତ୍ତ୍ୱେ ନୂଆ ରାଷ୍ଟ୍ରପତି ଭାବେ ମିଖେଇଲ୍ କାଭେଲଶଭିଲି ଶପଥ ଗ୍ରହଣ କରିଛନ୍ତି। ଦେଶରେ ଦୀର୍ଘ ମାସ ହେଲା ରାଜନୈତିକ ସଙ୍କଟ ଅପ୍ରତ୍ୟାଶିତ ସ୍ଥିତିରେ ପହଞ୍ଚିଥିବାବେଳେ ଜର୍ଜିଆନ୍ ଡ୍ରିମ୍ ପାର୍ଟିର ଏହି ନେତାଙ୍କ ଶପଥ ଗ୍ରହଣକୁ ବିରୋଧ କରି ରବିବାର ପାର୍ଲାମେଣ୍ଟ ବାହାରେ ଅନେକ ହଜାର ଜନସାଧାରଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସତ୍ତ୍ୱେ ପୂର୍ବତନ ଫୁଟ୍‌ବଲ ଖେଳାଳି ମିଖେଇଲ୍ ପାର୍ଲାମେଣ୍ଟରେ ଏକ ରୁଦ୍ଧଦ୍ୱାର ଉତ୍ସବରେ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ସରକାର ୟୁରୋପୀୟ ୟୁନିୟନ ସଦସ୍ୟତା ଆବେଦନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ଅକ୍ଟୋବରରେ ହୋଇଥିବା ନିର୍ବାଚନରେ ଜର୍ଜିଆନ୍ ଡ୍ରିମ୍ ପାର୍ଟି ବିଜୟୀ ହୋଇଥିଲେ ମଧ୍ୟ ମତଦାନରେ ବ୍ୟାପକ ଜାଲିଆତି ହୋଇଥିବା ଅଭିଯୋଗରେ ଆନ୍ଦୋଳନ ଜାରି ରହିଛି। ବିଦାୟୀ ରାଷ୍ଟ୍ରପତି ସାଲୋମେ ଜୌରାବିଚଭିଲି ରାଷ୍ଟ୍ରପତି ଭବନ ଛାଡ଼ିବା ସମ୍ପର୍କରେ ଘୋଷଣା କରିବା ସହ ନୂଆ ରାଷ୍ଟ୍ରପତିଙ୍କ ବୈଧତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

### ମାଲୟାଲମ ଅଭିନେତା ଦିଲୀପ ଶଙ୍କରଙ୍କ ମୃତ୍ୟୁ



ଥିରୁଭାନନ୍ତପୁରମ, ୨୯।୧୨

କେରଳର ଥିରୁଭାନନ୍ତପୁରମସ୍ଥିତ ଏକ ହୋଟେଲରୁ ରବିବାର ସକାଳେ ମାଲୟାଲମ ଅଭିନେତା ଦିଲୀପ ଶଙ୍କରଙ୍କ ମୃତଦେହ ମିଳିଛି। ସେ ଥିବା ରୁମ୍‌ରୁ ଦୁର୍ଗନ୍ଧ ଆସିବାରୁ ହୋଟେଲ କର୍ମଚାରୀମାନେ ସନ୍ଦେହ କରି ପୋଲିସକୁ ଜଣାଇଥିଲେ। ପୋଲିସ ରୁମ୍ ମଧ୍ୟରୁ ଦିଲ୍ଲୀପଙ୍କ ମୃତଦେହକୁ ଜବତ କରିଛି। ଦିଲୀପଙ୍କ ମୃତ୍ୟୁ ନେଇ ତଦନ୍ତ ଜାରି ରହିଛି। ଟିଭି ଧାରାବାହିକ 'ପଞ୍ଚାଗ୍ନି'ର ଶୁଟିଂ ପାଇଁ ସେ ଉକ୍ତ ହୋଟେଲରେ ଗତ କିଛି ଦିନ ହେବ ରହୁଥିଲେ। ତେବେ ଦିଲୀପ ଗୁରୁତର ଭାବେ ଅସୁସ୍ଥ ଥିଲେ ଏବଂ ତାଙ୍କର ଚିକିତ୍ସା ଚାଲିଥିବା ନେଇ 'ପଞ୍ଚାଗ୍ନି'ର ନିର୍ଦ୍ଦେଶକ କହିଛନ୍ତି। ତେବେ ସେ ଆତ୍ମହତ୍ୟା କରିଛନ୍ତି କି ଏହା ତାଙ୍କର ପ୍ରାକୃତିକ ମୃତ୍ୟୁ ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଦିଲୀପଙ୍କ ମୃତ୍ୟୁ ମାଲୟାଲମ ଫିଲ୍ମ ଓ ଟିଭି ଇଣ୍ଡଷ୍ଟ୍ରିକୁ ସ୍ତବ୍ଧ କରିଛି।

## ଯମୁନାରେ ମନମୋହନଙ୍କ ଚିତା ବିସର୍ଜନ

ନୂଆଦିଲ୍ଲୀ, ୨୯।୧୨(ପି.ଟି.)

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଚିତାଭସ୍ମକୁ ରବିବାର ତାଙ୍କ ପରିବାର ସଦସ୍ୟମାନେ ମଜ୍‌ନୁ କା ଟିଲା ଗୁରୁଦ୍ୱାରା ନିକଟ ଯମୁନା ନଦୀରେ ବିସର୍ଜନ କରିଛନ୍ତି। ପରିବାର ସଦସ୍ୟ ରବିବାର ସକାଳେ ନଗମବୋଧ ଘାଟରୁ ଚିତାଭସ୍ମ ସଂଗ୍ରହ କରି ଯମୁନା ନଦୀର ଅସ୍ତ ଘାଟକୁ ନେଇଥିଲେ। ଏହି ସମୟରେ ମନମୋହନଙ୍କ ସ୍ତ୍ରୀ ଗୁରଶରନ କୌର, ଝିଅ ଉପିନ୍ଦର, ଦାମନ ଏବଂ ଅମ୍ରିତା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶିଖ୍ ରୀତିନୀତି ଅନୁଯାୟୀ, ଜାନୁଆରୀ ୧ରେ ତାଙ୍କ ୩, ମୋତିଲାଲ ନେହେରୁ ମାର୍ଗ ସରକାରୀ କାର୍ଯ୍ୟାଳୟରେ ପରିବାର ପକ୍ଷରୁ 'ଅଖଣ୍ଡ ପଥ' ଅନୁଷ୍ଠିତ ହେବ। ପାର୍ଲାମେଣ୍ଟ କମ୍ପ୍ଲେକ୍ସ ନିକଟ ରାକବ ଗଞ୍ଜ ଗୁରୁଦ୍ୱାରାରେ ଜାନୁଆରୀ ୩ରେ ଭୋଗ ଉତ୍ସବ, ଅନ୍ତିମ ଅର୍ଦ୍ଦସ ଏବଂ କୀର୍ତ୍ତନ ଆୟୋଜନ ହେବ। ଗତ ୨୬ ତାରିଖରେ ଦିଲ୍ଲୀ ଏମ୍ସରେ ମନମୋହନଙ୍କ ପରଲୋକ ଘଟିଥିଲା।

## ବିଷାକ୍ତ ଗ୍ୟାସ୍ ଲିକ୍: ୪ ଶ୍ରମିକ ମୃତ

ଗାନ୍ଧୀନଗର, ୨୯।୧୨

ଗୁଜରାଟର ଭରୁଚ୍ ଜିଲ୍ଲା ଦହେଜସ୍ଥିତ ଏକ କେମିକାଲ ପ୍ଲାଣ୍ଟରେ ରବିବାର ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୪ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଗୁଜରାଟ ଫ୍ଲୋରୋକେମିକାଲ୍ସ ଲିମିଟେଡ(ଜିଏଫ୍‌ଏଲ୍) କମ୍ପାନୀର ପ୍ରଡକ୍ସନ ୟୁନିଟ୍ ପାଇପରୁ ବିଷାକ୍ତ ଗ୍ୟାସ୍ ଲିକ୍ ହେବାରୁ ଉକ୍ତ ୪ ଶ୍ରମିକ ଚେତାଶୂନ୍ୟ ହୋଇ ପଡ଼ିଥିବା ନେଇ ଦହେଜ୍ ଥାନା ଇନ୍ସପେକ୍ଟର ବି.ଏମ୍. ପାଟିଦାର କହିଛନ୍ତି। ୪ ମୃତକଙ୍କ ମଧ୍ୟରୁ ୨ ଜଣ ଉତ୍ତରପ୍ରଦେଶର ହୋଇଥିବାବେଳେ ଜଣେ ଗୁଜରାଟ ଏବଂ ଜଣେ ଝାଡ଼ଖଣ୍ଡରୁ ରହିଛନ୍ତି। ମୃତକଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ସହାୟତା ଯୋଗାଇଦିଆଯିବ ବୋଲି ଜିଏଫ୍‌ଏଲ୍‌ର ଡେପୁଟି ଜେନେରାଲ ମ୍ୟାନେଜର ଜିଗ୍ନେଶ ପରମାର କହିଛନ୍ତି।

## ୨୦୨୪ ଲୋକ ସଭା ନିର୍ବାଚନ: ଭୋଟ ଦେଇଥିଲେ ୨,୯୫୮ ପ୍ରବାସୀ ଭାରତୀୟ

ନୂଆଦିଲ୍ଲୀ, ୨୯।୧୨

**କେବଳ କେରଳରେ ୨୬୭୦ ଜଣଙ୍କ ମତଦାନ**

୨୦୨୪ ଲୋକ ସଭା ନିର୍ବାଚନରେ ବିଦେଶରେ ରହୁଥିବା ଭାରତୀୟମାନେ କମ୍ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ନିର୍ବାଚନ ଆୟୋଗ(ଇସି)ଙ୍କ ଦ୍ୱାରା ଜାରି ହୋଇଥିବା ତଥ୍ୟ ଅନୁଯାୟୀ, ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ବିଦେଶରେ ରହୁଥିବା ୧,୧୯,୩୭୪ ଜଣ ଭାରତୀୟ ଭୋଟର ତାଲିକାରେ ସେମାନଙ୍କର ନାମକୁ ପଞ୍ଜୀକୃତ କରାଇଥିଲେ। ତେବେ ସେମାନଙ୍କ ମଧ୍ୟରୁ କେବଳ ୨,୯୫୮ ଜଣ ପ୍ରବାସୀ ଭାରତୀୟ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଭାରତ ଆସି ନିଜର ମତାଧିକାରକୁ ସାବ୍ୟସ୍ତ କରିଥିଲେ। କେବଳ କେରଳରୁ ୮୯,୮୩୯ ଜଣ ପ୍ରବାସୀ ଭାରତୀୟ ଭୋଟର ତାଲିକାରେ ନିଜର ନାମକୁ ପଞ୍ଜୀକୃତ କରିଥିବାବେଳେ ସେଥିମଧ୍ୟରୁ କେବଳ ୨,୬୭୦ ଜଣ ଭୋଟ ଦେଇଥିଲେ। ପ୍ରକାଶ ଯେ, ୨୦୧୯ ଲୋକ ସଭା ନିର୍ବାଚନରେ ୯୯,୮୪୪ ଜଣ ପ୍ରବାସୀ ଭାରତୀୟ ସେମାନଙ୍କର ନାମକୁ ଭୋଟର ତାଲିକାରେ ପଞ୍ଜୀକୃତ କରାଇଥିଲେ।

## ୭ ମହାଦେଶର ସର୍ବୋଚ୍ଚ ଶିଖରରେ ଚଢ଼ି ରେକର୍ଡ

ମୁମ୍ବାଇ, ୨୯।୧୨

**ସର୍ବକନିଷ୍ଠ ମହିଳା ଭାବେ ଇତିହାସ ରଚିଲେ ଭାରତର କାମ୍ୟା କାର୍ତ୍ତିକେୟନ**



ଭାରତର ୧୭ ବର୍ଷିୟା ପର୍ବତାରୋହୀ କାମ୍ୟା କାର୍ତ୍ତିକେୟନ ଇତିହାସ ରଚିଛନ୍ତି। ସେ ବିଶ୍ୱର ସର୍ବ କନିଷ୍ଠ ମହିଳା ଭାବେ ୭ ମହାଦେଶର ସର୍ବୋଚ୍ଚ ଶିଖରରେ ଚଢ଼ି ରେକର୍ଡ ସୃଷ୍ଟି କରିଛନ୍ତି। ଗତ ୨୪ରେ ଆଣ୍ଟାର୍କଟିକାର ମାଉଣ୍ଟ ଭିନ୍‌ସନ୍ ଶିଖରରେ ପହଞ୍ଚି କାମ୍ୟା ଏହି ସଫଳତା ହାସଲ କରିଛନ୍ତି। ୧୩ ବର୍ଷ ବୟସରୁ କାମ୍ୟା ନିଜର ଏହି ଯାତ୍ରା ଆରମ୍ଭ କରିଥିଲେ। ପୂର୍ବରୁ ସେ ଆଫ୍ରିକା ମହାଦେଶର ମାଉଣ୍ଟ କିଲ୍‌ମଞ୍ଜାରୋ, ୟୁରୋପର ମାଉଣ୍ଟ ଏଲ୍‌ବ୍ରୁସ୍, ଅଷ୍ଟ୍ରେଲିଆର ମାଉଣ୍ଟ କୋସ୍କିଉସ୍‌ଜକୋ, ଦକ୍ଷିଣ ଆମେରିକାର ମାଉଣ୍ଟ ଆକୋଁକାଗୁଆ, ଉତ୍ତର ଆମେରିକାର ମାଉଣ୍ଟ ଡେନାଲି, ଏସିଆର ମାଉଣ୍ଟ ଏଭରେଷ୍ଟ ଶିଖରରେ ପହଞ୍ଚି ସଫଳତା ପାଇଥିଲେ। ଏହା ଐତିହାସିକ ଯାତ୍ରାରେ କାମ୍ୟାଙ୍କ ସହ ତାଙ୍କ ବାପା ତଥା ଭାରତୀୟ ନୌସେନାର କମାଣ୍ଡର ଏସ୍. କାର୍ତ୍ତିକେୟନ ମଧ୍ୟ ସାମିଲ ଥିଲେ। ମୁମ୍ବାଇସ୍ଥିତ ଭାରତୀୟ ନୌସେନା ବାଲ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀରେ ପଢୁଥିବା କାମ୍ୟା ନିଜର ଏହି ଐତିହାସିକ ଉପଲବ୍ଧି ପାଇଁ ଭାରତୀୟ ନୌସେନା ବାପା କାର୍ତ୍ତିକେୟନଙ୍କୁ ଧନ୍ୟବାଦ ଦେଇଛନ୍ତି।

## ୧୩ ବର୍ଷରେ ୧୮ ଲକ୍ଷ ଭାରତୀୟ ନାଗରିକତ୍ୱ ଛାଡ଼ିଛନ୍ତି

ନୂଆଦିଲ୍ଲୀ,୨୯।୧୨

ଗତ ୧୩ ବର୍ଷ ମଧ୍ୟରେ ୧୮ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ସେମାନଙ୍କ ନାଗରିକତ୍ୱ ତ୍ୟାଗ କରି ୧୩୫ଟି ଦେଶର ନାଗରିକତ୍ୱ ଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ରାଜ୍ୟ ସଭାରେ ଉପସ୍ଥାପନ କରିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ବିକାଶ ଏବଂ ବୈଶ୍ୱିକ ପ୍ରଭାବରେ ଭାରତଠାରୁ ବହୁ ପଛରେ ପଡ଼ିଥିବା ପାକିସ୍ତାନ, ବାଂଲାଦେଶ, ଫିଜି, ମ୍ୟାନ୍‌ମାର, ଥାଇଲାଣ୍ଡ, ନାମିବ୍ୟା, ନେପାଳ ଏବଂ ଶ୍ରୀଲଙ୍କା ଭଳି ଦେଶର ନାଗରିକତ୍ୱ ଗ୍ରହଣ କରିବାକୁ ଏମାନେ ବିକଳ୍ପ ଚୟନ କରିଛନ୍ତି। ଅନ୍ୟ ପସନ୍ଦର ଦେଶ ମଧ୍ୟରେ ରହିଛି ଆମେରିକା, କାନାଡା, ରୁଷିଆ, ଚାଇନା, ଇଜିପ୍ଟ, ନ୍ୟୁଜିଲାଣ୍ଡ, ସିଙ୍ଗାପୁର, ଦକ୍ଷିଣ ଆଫ୍ରିକା, ସ୍ପେନ୍, ସୁଦାନ, ସୁଇଜରଲାଣ୍ଡ, ତ୍ରିନିଦାଦ ଏବଂ ଟବାଗୋ, ବ୍ରିଟେନ୍, ତୁର୍କୀ, ୟୁଏଇ ଏବଂ ଭିଏତ୍‌ନାମ।

ବହିର୍ବ୍ୟାପାର ମନ୍ତ୍ରଣାଳୟ ପ୍ରଦତ୍ତ ଉକ୍ତ ତଥ୍ୟ ଅନୁଯାୟୀ, ୨୦୨୨ରେ ୨,୨୫,୬୨୦ ଭାରତୀୟ ନାଗରିକତ୍ୱ ଛାଡ଼ିଥିବାବେଳେ ୨୦୨୩ରେ ୨,୧୬,୨୧୯ ଜଣ ଛାଡ଼ିଛନ୍ତି। ୨୦୧୫ରୁ ୨୦୨୩ ମଧ୍ୟରେ ମୋଟ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ନାଗରିକତ୍ୱ ଛାଡ଼ିବା ସହ ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଉଚ୍ଚ ସଦନରେ ଏକ ପ୍ରଶ୍ନର ଉତ୍ତରରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଜଣାଇଥିଲା ଯେ, ନାଗରିକତ୍ୱ ଛାଡ଼ିବା କିମ୍ବା ଗ୍ରହଣ କରିବା ବ୍ୟକ୍ତିଗତ ବ୍ୟାପାର। ଜ୍ଞାନ ଅର୍ଥନୀତିର ଯୁଗରେ ବୈଶ୍ୱିକ କାର୍ଯ୍ୟସ୍ଥଳ ସମ୍ଭାବନାକୁ ସରକାର ସ୍ୱୀକୃତି ଦେଇଛନ୍ତି। ଅନ୍ୟପକ୍ଷରେ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଉତ୍ତମ କ୍ୟାରିୟର ସୁଯୋଗ, ଉନ୍ନତ ଜୀବନଧାରଣ ମାନ, ବ୍ୟାପକ ଶିକ୍ଷା ସମ୍ଭାବନା ଏବଂ ବୈଶ୍ୱିକ ଗମନାଗମନ ସୁବିଧା ଆଦି କାରଣରୁ ଲୋକେ ଭାରତୀୟ ନାଗରିକତ୍ୱ ଛାଡୁଛନ୍ତି। ଏହା ବ୍ୟତୀତ ସେମାନେ ବିକଶିତ ରାଷ୍ଟ୍ରଗୁଡ଼ିକର ମଜଭୁତ ସାମାଜିକ ସୁରକ୍ଷା ବ୍ୟବସ୍ଥା ଏବଂ ଦ୍ୱୈତ ନାଗରିକତ୍ୱ ସୁବିଧା ଦ୍ୱାରା ପ୍ରଲୋଭିତ ହେଉଛନ୍ତି।

## ଫୁରସତ୍

### ୯୦ ଦେଶ ଭ୍ରମଣ କରିଛନ୍ତି ୧୯ ବର୍ଷୀୟା ସୋଫିଆ

**ଭାରତ ଭ୍ରମଣ ପାଇଁ ଶ୍ରେଷ୍ଠ ଦେଶ ବୋଲି କହିଲେ**

ନ୍ୟୁୟର୍କ



୧୯ ବର୍ଷୀୟା ଆମେରିକୀୟ କଣ୍ଟେଣ୍ଟ କ୍ରିଏଟର ସୋଫିଆ ଲି ବର୍ତ୍ତମାନ ସୁଦ୍ଧା ୯୦ଟି ଦେଶ ଭ୍ରମଣ ଶେଷ କରି ସମସ୍ତଙ୍କୁ ଚକିତ କରିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ସବୁଠୁ କମ୍ ବୟସ୍କ ଭାବେ ସର୍ବାଧିକ ଦେଶ ଭ୍ରମଣ କରିବା ବର୍ଗରେ ଗିନିଜ୍ ୱାର୍ଲଡ୍ ରେକର୍ଡ ହାସଲ କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଏହି ଭିଡିଓରେ ସେ ଭ୍ରମଣ କରିସାରିଥିବା ତାଙ୍କର ୬ ପସନ୍ଦଯୋଗ୍ୟ ଦେଶର ତାଲିକାକୁ ମଧ୍ୟ ପ୍ରକାଶ କରିଛନ୍ତି। ଉକ୍ତ ତାଲିକାରେ ସେ ତାଞ୍ଜାନିଆକୁ ଷଷ୍ଠ ସ୍ଥାନରେ ରଖିଛନ୍ତି। ସେହିପରି ସେ ଫ୍ରାନ୍ସକୁ ପଞ୍ଚମ ସ୍ଥାନରେ, କୋଷ୍ଟାରିକାକୁ ଚତୁର୍ଥ ସ୍ଥାନରେ, ଜର୍ଜିଆକୁ ତୃତୀୟ ସ୍ଥାନରେ ଏବଂ ଥାଇଲାଣ୍ଡକୁ ଦ୍ୱିତୀୟ ସ୍ଥାନରେ ରଖିଛନ୍ତି। ଅନ୍ୟପକ୍ଷରେ ଭ୍ରମଣ ପାଇଁ ଭାରତ ତାଙ୍କର ସର୍ବୋତ୍ତମ ପସନ୍ଦଯୋଗ୍ୟ ଦେଶ ବୋଲି ସୋଫିଆ କହିଛନ୍ତି।

### ରାମଚରଣଙ୍କ ୨୫୬ ଫୁଟ ଉଚ୍ଚ କଟ୍‌ଆଉଟ

ହାଇଦ୍ରାବାଦ




ସାଉଥ୍ ସୁପରଷ୍ଟାର ରାମଚରଣଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଗେମ୍ ଚେଞ୍ଜର' ଆସନ୍ତା ଜାନୁଆରୀ ୧୦ରେ ରିଲିଜ୍ ହେବାକୁ ଯାଉଛି। ଶଙ୍କର ସନ୍‌ମୁଗମଙ୍କ ନିର୍ଦ୍ଦେଶିତ ଏହି ପଲିଟିକାଲ ଡ୍ରାମା ଫିଲ୍ମରେ ରାମଚରଣ ଡବଲ ରୋଲ କରୁଥିବାର ନଜରକୁ ଆସିବେ। ରବିବାର ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାଠାରେ ରାମଚରଣଙ୍କ ଏକ ୨୫୬ ଫୁଟ ଉଚ୍ଚ ବିଶାଳକାୟ କଟ୍‌ଆଉଟ୍ ସ୍ଥାପନ କରାଯାଇଛି। 'ଗେମ୍ ଚେଞ୍ଜର' ଫିଲ୍ମର ପ୍ରମୋଶନ ନିମନ୍ତେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହି କଟ୍‌ଆଉଟ୍‌ର ଉନ୍ମୋଚନ କରାଯାଇଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା କୌଣସି ଭାରତୀୟ ଫିଲ୍ମ ଷ୍ଟାର୍‌ଙ୍କର ଏହା ହେଉଛି ସର୍ବବୃହତ୍ କଟ୍‌ଆଉଟ। ରାମଚରଣଙ୍କ କଟ୍‌ଆଉଟ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ତାଙ୍କ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି। ୨୦୨୨ରେ 'ଆର୍‌ଆର୍‌ଆର୍' ଫିଲ୍ମକୁ ବିପୁଳ ସଫଳତା ମିଳିବା ପରେ 'ଗେମ୍ ଚେଞ୍ଜର' ହେଉଛି ରାମଚରଣଙ୍କର ପ୍ରଥମ ଫିଲ୍ମ। ଫିଲ୍ମରେ ରାମଚରଣଙ୍କ ବିପକ୍ଷରେ ଅଭିନେତ୍ରୀ କିଆରା ଆଡ୍‌ଭାନୀ ନଜରକୁ ଆସିବେ।

# ଟ୍ରାଙ୍କୁଲାଇଜ୍ ହେଲା ଜିନ୍ନତ

## ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶିମିଳିପାଳ ଅଣାଯାଉଛି

**ବାରିପଦା,୨୯।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ବାହାରି ପଶ୍ଚିମବଙ୍ଗ ରାଜ୍ୟରେ ବୁଲୁଥିବା ମହାବଳ ବାଘୁଣୀ ଜିନ୍ନତକୁ ବନବିଭାଗ ଅକ୍ତିଆର କରିଛି। ରବିବାର ଅପରାହ୍ନରେ ବାଘୁଣୀକୁ ଟ୍ରାଙ୍କୁଲାଇଜ କରାଯିବା ପରେ ଯନ୍ତାରେ ରଖାଯାଇଛି। ଦୀର୍ଘ ୨୨ ଦିନ ପରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ବନବିଭାଗ ଓ ସୁନ୍ଦରବନର ବାଘଧରାଳି ଟିମ୍ ବ୍ୟତୀତ ଅନ୍ୟାନ୍ୟ ଟିମ୍‌ର ଉଦ୍ୟମ ପରେ ବାଘୁଣୀକୁ କାବୁ କରାଯାଇଛି। ଆଲିପୁର ଚିଡ଼ିଆଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଏକ ସ୍ୱତନ୍ତ୍ର ଯନ୍ତାରେ ଜିନ୍ନତକୁ ଶିମିଳିପାଳ ଅଭୟାରଣ୍ୟ ଅଭିମୁଖେ ଅଣାଯାଉଛି ବୋଲି ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ନଭେମ୍ବର ୧୪ରେ ମହାରାଷ୍ଟ୍ର ରାଜ୍ୟ ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ୩ ବର୍ଷର ବାଘୁଣୀ ଜିନ୍ନତକୁ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଥିଲା। ଶିମିଳିପାଳର ଚହଲା ଅଞ୍ଚଳରେ ନିର୍ମିତ ଏନ୍‌କ୍ଲୋଜରରେ ତାକୁ ଛାଡ଼ିବା ପରେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୧୦ ଦିନ ରହିବା ପରେ ନଭେମ୍ବର ୨୪ରେ ଜିନ୍ନତକୁ ଏନ୍‌କ୍ଲୋଜରରୁ ଛଡ଼ାଯାଇଥିଲା। ବାଘ ବଂଶରେ ଜେନେଟିକ ଡାଇଭର୍ସିଟି ପରିବର୍ତ୍ତନ ଲକ୍ଷ୍ୟ ନେଇ ବନବିଭାଗ ପକ୍ଷରୁ ୨ ବାଘୁଣୀ ଜିନ୍ନତ ଓ ଯମୁନା ଉପରେ ନଜର ରଖାଯାଇଥିଲା। ତେବେ ଡିସେମ୍ବର ୯ ରାତିରେ ଶିମିଳିପାଳ ପାର ହୋଇ ଜିନ୍ନତ ଝାଡ଼ଖଣ୍ଡ ଜଙ୍ଗଲରେ ପହଞ୍ଚିଥିଲା। ଦେହରେ ଲାଗିଥିବା ରେଡିଓକଲାର ମାଧ୍ୟମରେ ତା'ର ଗତିବିଧିକୁ ଅନୁଧ୍ୟାନ କରାଯାଇଥିଲା। ଝାଡ଼ଖଣ୍ଡ ଚକୁଲିଆ ରେଞ୍ଜ ଜଙ୍ଗଲରେ ୧୦ଦିନ ରହିବା ପରେ ହାତୀକୁ ଦେଖି ସେ ସ୍ଥାନ କରିବର୍ତ୍ତନ କରିଥିଲା। ସେଠାରେ ବାଘୁଣୀକୁ ଧରିବା ପାଇଁ



ଝାଡ଼ଖଣ୍ଡ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀମାନେ ଟ୍ରାଙ୍କୁଲାଇଜ୍ କରିବାକୁ ବହୁଚେଷ୍ଟା କରି ବିଫଳ ହୋଇଥିଲେ। ଡିସେମ୍ବର ୨୦ରେ ଜିନ୍ନତ ଝାଡ଼ଖଣ୍ଡ ଛାଡ଼ି ପଶ୍ଚିମବଙ୍ଗର ଝାଡ଼ଗ୍ରାମ ଜଙ୍ଗଲରେ ପ୍ରବେଶ କରିଥିଲା। ତାକୁ ବନବିଭାଗ ଧରିବା ପାଇଁ ଏକ ଅପରେଶନ ଚଳାଇଥିଲା। ଏଥିରେ ୩ ରାଜ୍ୟର ବନବିଭାଗ କର୍ମଚାରୀ, ସୁନ୍ଦରବନର ସ୍ୱତନ୍ତ୍ର ବାଘଧରାଳି ଓ ହୁଲା ପାର୍ଟି ନିୟୋଜିତ ହୋଇଥିଲେ। ଦୀର୍ଘ ୨୨ଦିନର ଅପରେଶନ ପରେ ପଶ୍ଚିମବଙ୍ଗ ରାଜ୍ୟ ବାଙ୍କୁରା ଜିଲା କନସାଇ ଜଙ୍ଗଲରୁ ବାଘୁଣୀକୁ ଠାବ କରାଯାଇଥିଲା। ବନକର୍ମଚାରୀମାନେ ବାଘୁଣୀର ସ୍ଥିତି ନୀରିକ୍ଷଣ କରି ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରିଛନ୍ତି। ୪ ଥର ଉଦ୍ୟମ ପରେ ନିଶ୍ଚେତକ ଇଞ୍ଜେକ୍ସନ ଦେଇଥିଲେ। ପରେ ବାଘୁଣୀକୁ ଯନ୍ତାରେ ରଖାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସୁସ୍ଥ ହେବା ପରେ ଏକ ସ୍ୱତନ୍ତ୍ର ଗାଡ଼ିରେ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଉଛି। ମୁଖ୍ୟ ବନ୍ୟପ୍ରାଣୀ ସଂଗ୍ରକ୍ଷକ ପ୍ରେମ କୁମାର ଝା କହିଛନ୍ତି, ବାଘୁଣୀକୁ ଟ୍ରାଙ୍କୁଲାଇଜ ପରେ ଆଲିପୁର ଚିଡ଼ିଆଖାନାକୁ ନିଆଯାଇଥିଲା। ସେଠାରେ ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ପଶ୍ଚିମବଙ୍ଗ ବନ ବିଭାଗ ପକ୍ଷରୁ ଆବଶ୍ୟକ ଦସ୍ତାବିଜ୍ ଶେଷ ହେବା ପରେ ଶିମିଳିପାଳ ଅଭିମୁଖେ ଅଣାଯାଉଛି।

# ଧନୁଯାତ୍ରା ଓଡ଼ିଆ ଅସ୍ମିତାର ଜୟଯାତ୍ରା: ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର, ୨୯।୧୨ (ବନ୍ଦନା ସେଠୀ)**

- ଯୋଗଦେବେ ଅରୁଣ ଗୋଭିଲ୍, ନୀତୀଶ ଭରଦ୍ୱାଜ ଓ ହେମାମାଳିନୀ
- ପ୍ରଥମଥର ପାଇଁ ଏଲ୍‌ଇଡି ପରଦାରେ ହେବ ସିଧାପ୍ରସାରଣ

ଧନୁଯାତ୍ରା ହେଉଛି ଓଡ଼ିଆ ଅସ୍ମିତାର ଜୟଯାତ୍ରା। ଜାନୁଆରୀ ୩ରୁ ୧୩ ଯାଏ ବରଗଡ଼ ଜିଲାରେ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଅନୁଷ୍ଠିତ ହେବ। ଓଡ଼ିଆ ସଂସ୍କୃତି ଏବଂ ଐତିହ୍ୟର ପ୍ରତୀକ ଭାବେ ଧନୁଯାତ୍ରା ମହୋତ୍ସବକୁ ଦିବ୍ୟ, ଭବ୍ୟ ଏବଂ ଆଡମ୍ବର ସହକାରେ ପାଳନ କରିବା ସହ ଏହାକୁ ଅନ୍ତର୍ଜାତୀୟସ୍ତରରେ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଧନୁଯାତ୍ରାକୁ ୟୁନେସ୍କୋ ଇନ୍‌ଟାଞ୍ଜିବୁଲ୍ କଲ୍‌ଚରାଲ ହେରିଟେଜ୍‌ର ମାନ୍ୟତା ଦେବାକୁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ। 'ରାମାୟଣ' ଧାରାବାହିକରେ ରାମ ଭୂମିକାରେ ଅଭିନୟ କରିଥିବା ଅଭିନେତା ତଥା ଏମ୍‌ପି ଅରୁଣ ଗୋଭିଲ୍ ଓ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିଥିବା ଅଭିନେତା ନୀତୀଶ ଭାରଦ୍ୱାଜ, ଅଭିନେତ୍ରୀ ତଥା ମଥୁରା ଏମ୍‌ପି ହେମାମାଳିନୀଙ୍କୁ ଧନୁଯାତ୍ରା ପାଇଁ ଆମନ୍ତ୍ରଣ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।



ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, ଯାତ୍ରା ସମୟରେ ବରଗଡ଼ର ବିଭିନ୍ନ ଅଞ୍ଚଳ ମଥୁରା ନଗରୀ, ଗୋପପୁର, କଂସଙ୍କ ଦରବାର ଆଦିରେ ରୂପାନ୍ତରିତ ହୋଇଥାଏ। ଯାତ୍ରା ପାଇଁ ପୂର୍ବରୁ ପ୍ରଦାନ କରାଯାଉଥିବା ୧୦ଲକ୍ଷ ଟଙ୍କାରୁ ୧କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାବାଦ୍ ଧନୁଯାତ୍ରାର ସିଧାପ୍ରସାରଣ, ସ୍ୱତନ୍ତ୍ର ୱେବସାଇଟ୍ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ ୫୦ଲକ୍ଷ ଟଙ୍କାର ବ୍ୟୟ ବରାଦ ଲାଗି ନିଷ୍ପତ୍ତି ନିଆଯାଇଛି। ଏଥିସହ ଧନୁଯାତ୍ରାରେ ଭାଗନେଉଥିବା ପ୍ରାୟ ୧୭୦ଜଣ କଳାକାରମାନଙ୍କୁ ୧୦ହଜାର ଟଙ୍କା ଲେଖାଏ ସମ୍ମାନ ସୂଚକ ରାଶି ପ୍ରଦାନ କରାଯିବ। ସେହିପରି ପୂର୍ବବର୍ଷଗୁଡିକରେ ଧନୁଯାତ୍ରାରେ ଅଂଶଗ୍ରହଣ କରିଥିବା ଅଭିନେତାମାନଙ୍କୁ ସମ୍ମାନିତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ଧନୁଯାତ୍ରାର ବ୍ୟାପକ ପ୍ରଚାର-ପ୍ରସାର ନିମନ୍ତେ ପ୍ରଥମଥର ପାଇଁ ଏଲ୍‌ଇଡି ପରଦାରେ ଭୁବନେଶ୍ୱର ସମେତ ରଜ୍ୟର ପ୍ରମୁଖ ସ୍ଥାନଗୁଡିକରେ ସିଧାପ୍ରସାରଣ କରାଯିବ। ଏଥିସହିତ ଧନୁଯାତ୍ରା ମହୋତ୍ସବ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ ନିମନ୍ତେ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ଶୁକନାଳ ଘାଟିରେ ପିକ୍‌ନିକ୍ ବସ୍ ଓଲଟି ୩ ମୃତ

**ବୈପାରୀଗୁଡ଼ା/ କୋରାପୁଟ,୨୯।୧୨ (କଳ୍ପତରୁ ମହାନ୍ତି/ଅମିତାଭ ବେହେରା)**



## ଅଧୁରା ରହିଲା ଗୁପ୍ତେଶ୍ୱର ଦର୍ଶନ

- ୨୦ରୁ ଉର୍ଦ୍ଧ୍ୱ ଆହତ, ୯ ଗୁରୁତର କଟକ ସ୍ଥାନାନ୍ତର
- ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ପୁରୁଣା ବର୍ଷ ଶେଷହୋଇ ଆସୁଥିବା ବେଳେ କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପୀଠ ଅଭିମୁଖେ ଯାଉଥିବା ଓମ୍ ମା'ନାମକ ଏକ ଘରୋଇ ବସ୍ ନଂ.( ଓଆର୍୦୫ଏଜି୨୮୯୯) ରବିବାର ଭାରସାମ୍ୟ ହରାଇ ଭୋର ପ୍ରାୟ ୫ଟାରେ ଶୁକନାଳ ଘାଟିରେ ଓଲଟି ପଡିଛି। ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ମୃତକ ହେଲେ କଟକ ବାସିନ୍ଦା ତ୍ରିନାଥ ପୃଷ୍ଟିଙ୍କ ପୁଅ ସୋମନାଥ (୬), ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଡାବରଡୁଆ ପଞ୍ଚାୟତ ଖଡ଼ିପାଟଣାର ସୁଶାନ୍ତ ଚନ୍ଦ୍ର ମହାପାତ୍ରଙ୍କ ଝିଅ ଭାଗ୍ୟଶ୍ରୀ ମହାପାତ୍ର (୨୧) ଓ ଡ୍ରାଇଭର ଜଗତସିଂହପୁର ଜିଲା ବାଲିକୁଦାର ରଞ୍ଜନ ମହାନ୍ତି (୫୯)। ଅନ୍ୟ ଆହତମାନଙ୍କୁ ବୈପାରୀଗୁଡା, ଜୟପୁର ମୁଖ୍ୟ ଚିକିତ୍ସାଳୟ ଓ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୃତକଙ୍କ ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଆହତମାନଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ବୈପାରୀଗୁଡ଼ା ଥାନାରେ ମାମଲା ନଂ.(୨୮୬/୨୪)ରୁଜୁକରି ପୋଲିସ ଘଟଣାର ତଦନ୍ତ କରୁଛି। ସେହିପରି ବସ୍ ଡ୍ରାଇଭର କାଳନ୍ଦୀ ବେହେରାଙ୍କ ସମେତ ଜଣେ ନାବାଳିକା ଗୁରୁତର ହୋଇଛନ୍ତି। ସେ ହେଲେ ମିଠି ସେଠୀ(୬)। ତାଙ୍କ ଡାହାଣପଟ ହାତ ଓ ଗୋଡ଼ ଶରୀରରୁ ଅଲଗା ହୋଇଯାଇଛି। ମୃତ ଡ୍ରାଇଭର ରଞ୍ଜନ ବିଶ୍ରାମ ନେଉଥିଲା ବେଳେ କାଳନ୍ଦୀ ଗାଡି ଚଳାଉଥିଲେ, ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଓମ୍ ମା'ନାମକ ଏକ ଘରୋଇ ବସ୍ ନଂ.( ଓଆର ୦୫ ଏଜି ୨୮୯୯)କଟକରୁ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଗୁପ୍ତେଶ୍ୱର ଓ କୋରାପୁଟ ଶାବର ଶ୍ରୀକ୍ଷେତ୍ର ଦର୍ଶନ ପାଇଁ ବାହାରିଥିଲା। ଶନିବାର ରାତିରେ ଯାତ୍ରୀମାନେ ଜୟପୁରରେ କିଛି ସମୟ ବସ୍‌ରେ ବିଶ୍ରାମ ନେବାପରେ ରବିବାର ଭୋରରୁ ଗୁପ୍ତେଶ୍ୱର ଅଭିମୁଖେ ଯାଉଥିଲେ। ଗନ୍ତବ୍ୟସ୍ଥଳର ମାତ୍ର ୩ କି.ମି. ପୂର୍ବ ଶୁକନାଳଠାରେ ଭୋର ପ୍ରାୟ ୫ଟାରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁସାରେ ବସ୍‌ଟି ଘାଟି ତଳକୁ ଖସିବା ବେଳେ ଏକ ବୁଲାଣି ରାସ୍ତାରେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା । ଚାଳକଙ୍କ ଉଦ୍ୟମ ସତ୍ତ୍ୱେ ବ୍ରେକ୍ ଫେଲ ହେବାରୁ ବସ୍‌ଟି ଗୋଟିଏ ପଟକୁ ଢଳି କିଛି ବାଟ ଘୋଷାରି ହୋଇଯାଇଥିଲା। ଲୋକଙ୍କ ଚିତ୍କାର ଶୁଣି ସ୍ଥାନୀୟ ବାସିନ୍ଦାଙ୍କ ସମେତ ପଥଚାରୀ ବସ୍‌ରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ । କିଛି ସମୟ ଭିତରେ ରାମଗିରି ୧୮୦ ଏସ୍‌ଏଫ୍ ଯବାନ ଓ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାରକରି ମେଡିକାଲ ନେବା ବ୍ୟବସ୍ଥା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସ୍ଥାନୀୟ ତହସିଲଦାର ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ସମ୍ପର୍କୀୟମାନଙ୍କୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଘଟଣା ଜଣାପଡ଼ିବା ପରେ କୋରାପୁଟ ଏସ୍‌ପି ରୋହିତ ବର୍ମା ଯାତ୍ରୀଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ । ଭିତରେ କେତେକ ଯାତ୍ରୀ ରହିଯାଇଥିବାରୁ ବସ୍‌କୁ କ୍ରେନ୍ ଦ୍ୱାରା ଉଠାଇ ଉଦ୍ଧାର ବ୍ୟବସ୍ଥା କରିଥିଲେ। ଖବରପାଇ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଏବଂ କେତେକ ଜିଲାସ୍ତରୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ମେଡିକାଲ ଯାଇ ଚିକିତ୍ସିତ ଆହତମାନଙ୍କୁ ସାକ୍ଷାତ କରିଥିବା ଜଣାପଡ଼ିଛି।

# ଓସିଏ ସଭାପତି ପଦ ଛାଡ଼ିଲେ ବବି ଦାସ

**କଟକ,୨୯।୧୨(କାର୍ତ୍ତିକ ସାହୁ)**

## ୪୫ ଦିନ ମଧ୍ୟରେ ନୂଆ ସଭାପତି ନିଯୁକ୍ତି ହେବେ: ଓସିଏ ସମ୍ପାଦକ

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ)ର ସଭାପତି ପଦ ଛାଡ଼ିଛନ୍ତି ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି । ଓସିଏ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ତାଙ୍କ ଇସ୍ତଫାପତ୍ର ଗୃହୀତ ହୋଇଥିବା ସୂଚନା ମିଳିଛି। ସେ ବ୍ୟକ୍ତିଗତ କାରଣ ଦର୍ଶାଇ ସଭାପତି ପଦରୁ ଇସ୍ତଫା ଦେଇଥିବା ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି। ବବି ୨୦୨୨ ଅକ୍ଟୋବରରେ ଓସିଏ ସଭାପତି ଭାବେ ଦାୟିତ୍ୱ ନେଇଥିଲେ। ଦୁଇ ବର୍ଷ ଦାୟିତ୍ୱ ସମ୍ଭାଳିବା ପରେ ଅପ୍ରତ୍ୟାଶିତ ଭାବେ ପଦ ଛାଡ଼ିଛନ୍ତି ବବି। ଦୀର୍ଘବର୍ଷ ଧରି ଓସିଏ ସହ ଅନ୍ୟାନ୍ୟ କ୍ରୀଡ଼ା ସଂଗଠନ ବିଜେଡି



ଅକ୍ତିଆରରେ ଥିଲା। ଦଳ କ୍ଷମତାରୁ ଯିବା ପରେ କ୍ରୀଡ଼ା ସଂଗଠନଗୁଡ଼ିକ ଉପରେ ମଧ୍ୟ ଏହାର ପ୍ରଭାବ ହ୍ରାସ ପାଉଥିବା ଦେଖିବାକୁ ମିଳିଛି। କିଛିଦିନ ପୂର୍ବରୁ ଫୁଟବଲ୍ ଆସୋସିଏଶନ୍ ଅଫ୍ ଓଡ଼ିଶା(ଫାଓ) ସଭାପତି ପଦରୁ ବିଜେଡି ନେତା ଦେବାଶିଷ ସାମନ୍ତରାୟ ଇସ୍ତଫା ଦେଇଥିଲେ। ସମାନ ଢଙ୍ଗରେ ବବି ମଧ୍ୟ ଓସିଏ ସଭାପତି ପଦ ଛାଡ଼ିଛନ୍ତି। ଏବେ ଓସିଏର ନୂଆ ସଭାପତି ପଦକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଦୌଡ଼ରେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ଆଗରେ ଥିବା ଚର୍ଚ୍ଚା ହେଉଛି। ତେବେ ଓସିଏ ସମ୍ପାଦକ ବେହେରା କହିଛନ୍ତି, ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ବବି ପଦକୁ ଆସିଥିଲେ। ତେବେ ସେ ଓଡ଼ିଶା କ୍ରିକେଟ୍ ଆସୋସିଏଶନକୁ ବେଶି ସମୟ ଦେଇପାରୁ ନ ଥିଲେ। ଏବେ ୪୫ ଦିନ ଭିତରେ ନୂଆ ସଭାପତି ନିର୍ବାଚନ ହେବ। ସେପର୍ଯ୍ୟନ୍ତ ଉପସଭାପତି ପଙ୍କଜଲୋଚନ ମହାନ୍ତି ସଭାପତି ଭାବେ ଦାୟିତ୍ୱ ସମ୍ଭାଳିବେ।

# ବର୍ଷର ଶେଷ ରବିବାରରେ ଭିତରକନିକାରେ ୩,୬୮୬ ପର୍ଯ୍ୟଟକ



ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼।

**ରାଜନଗର,୨୯।୧୨ (ଭାସ୍କର ରାଉତରାୟ)**

ଚଳିତ ବର୍ଷର ଶେଷ ରବିବାର ଭିତରକନିକା ଜାତୀୟ ଉଦ୍ୟାନ ସମେତ ପେଣ୍ଠ ବେଳାଭୂମିରେ ପର୍ଯ୍ୟଟକମାନେ ମଜା ନେଇଛନ୍ତି। ଭିତରକନିକାରେ ୩,୬୮୬ ଜଣ ପର୍ଯ୍ୟଟକ ପ୍ରାକୃତିକ ଶୋଭା ଉପଭୋଗ କରିବା ସହ ନଦୀପଠାରେ ଖରା ପୋଉଁଥିବା ବଉଳା କୁମ୍ଭୀରଙ୍କୁ ଦେଖିଥିଲେ। ସ୍ଥଳପଥରେ ଭିତରକନିକାକୁ ୨,୦୯୨ ପର୍ଯ୍ୟଟକ ଆସିଥିବାବେଳେ ଜଳପଥରେ ୧,୫୯୪ ଜଣ ପର୍ଯ୍ୟଟକ ଆସି ଭିତରକନିକାର ଶୋଭାକୁ ଉପଭୋଗ କରିଛନ୍ତି। ଏଠାରେ ବିଭିନ୍ନ ପ୍ରଜାତିର ହେନ୍ତାଳ ବଣ, ବଉଳା କୁମ୍ଭୀର, ଅନ୍ୟ ଜୀବଜନ୍ତୁଙ୍କୁ ପର୍ଯ୍ୟଟକ ବୁଲି ଦେଖିଥିଲେ। ଚଳିତବର୍ଷ ୧୫ରୁ ୨୦ ଫୁଟ ଉଚ୍ଚ କାଠରେ ନିର୍ମାଣ ହୋଇଥିବା ୬୦୦ ମିଟର ଲମ୍ବର ସ୍କାଏ ୱାକ୍ ଏବେ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି। ଏଥିସହ ପେଣ୍ଠ ବେଳାଭୂମିରେ ପ୍ରାୟ ୨ ହଜାର ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ସକାଳର ସୂର୍ଯ୍ୟୋଦୟ ଏବଂ ବରୁଣେଇ ମୁହାଣରେ ସୂର୍ଯ୍ୟାସ୍ତକୁ ମନଭରି ଉପଭୋଗ କରିଥିଲେ। ଏହାଛଡ଼ା ପେଣ୍ଠଠାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା ଓଡ଼ିଶାର ପ୍ରଥମ ଓ ଭାରତର ଦ୍ୱିତୀୟ ଜିଓ ସିନ୍ଥେଟିକ୍ ସାମୁଦ୍ରିକ ପ୍ରାଚୀରକୁ ମଧ୍ୟ ଦେଖିଥିଲେ। ବେଳାଭୂମିରୁ ପ୍ରାୟ ୧ କି.ମି. ପୋତି ହୋଇଥିବା ବାଲୁକାରାଶିରେ ପର୍ଯ୍ୟଟକମାନେ ସ୍ନାନ କରିବା ସହ ବଣଭୋଜିର ମଜା ନେଇଥିଲେ। ସମୁଦ୍ରର ନୀଳ ଜଳରାଶିରେ ବିରଳ ଡଲ୍‌ଫିନ୍‌ଙ୍କ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ବିମୋହିତ କରିଥିଲା। ପର୍ଯ୍ୟଟକଙ୍କ ଭିଡ଼କୁ ଆଖିରେ ରଖି ପୋଲିସ ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ସଡ଼କ ଦୁର୍ଘଟଣାରେ ପୋଲିସ ଏସ୍‌ଆଇ ମୃତ



ହରିଶ କୁମାର ବାରିକ

**ନୂଆପଡ଼ା,୨୯।୧୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା ସଦର ଥାନାରେ କାର୍ଯ୍ୟରତ ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ହରିଶ କୁମାର ବାରିକ(୩୩)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ଘର ଖଡ଼ିଆଳ ଫୋକଟପଡାରେ। ଶନିବାର ରାତି ୧୦ଟା ପରେ ସେ ପାଟ୍ରୋଲିଂ ସାରି ବାଇକ୍‌ରେ ଥାନାକୁ ଫେରୁଥିବା ସମୟରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ପାଢୀ ପେଟ୍ରୋଲ ପମ୍ପଠାରେ ଛିଡା ହୋଇଥିବା ଏକ ଟ୍ରକ୍ ଉପରେ ଭାରସାମ୍ୟ ହରାଇ ପିଟି ହୋଇଥିଲେ। ଫଳରେ ଗୁରୁତର ଅବସ୍ଥାରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

# କୁହୁଡ଼ି ପାଇଁ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୨୯।୧୨(ଅନୁରାଧା ମହାରଣା)**

ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟରେ ସୋମବାର ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଦେବଗଡ଼, ନୂଆପଡ଼ା, ବଲାଙ୍ଗୀର ଓ ନବରଙ୍ଗପୁରରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପରେ ପରବର୍ତ୍ତୀ ୩ ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ଘନ କୁହୁଡ଼ି ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି ଓ କନ୍ଧମାଳ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର ଆଦି ଜିଲାରେ ମଧ୍ୟ ହାଲୁକା କୁହୁଡ଼ି ଦେଖାଯାଇପାରେ। ସେହିଭଳି ୩୧ ତାରିଖରେ ବିଭିନ୍ନ ସ୍ଥାନରେ କୁହୁଡ଼ିର ପ୍ରଭାବ ରହିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# କଳାହାଣ୍ଡି ଚାଷୀଙ୍କୁ ମୋଦିଙ୍କ ପ୍ରଶଂସା

## ମନ୍ କି ବାତ୍ କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା,୨୯।୧୨ (ବଟକୃଷ୍ଣ ପଣ୍ଡା)**

ଆଜିର ଆଧୁନିକ ଯୁଗରେ ଯୁବ ଗୋଷ୍ଠୀ ଚାଷ କାର୍ଯ୍ୟପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବାବେଳେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ଜଣେ ଯୁବ ଚାଷୀ ଟମାଟୋ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଅଞ୍ଚଳର ୧୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ କାମ ଯୋଗାଇ ସ୍ୱାବଲମ୍ବୀ ହେବାର ରାସ୍ତା ଦେଖାଇଛନ୍ତି। ସେ ଅନ୍ୟ ଚାଷୀମାନଙ୍କୁ ନେଇ କୃଷକ ଉତ୍ପାଦନ ସଂଗଠନ (ଏଫ୍‌ପିଓ) ପ୍ରତିଷ୍ଠା କରିବା ସହ କଳାହାଣ୍ଡି ଜିଲାରେ ପରିବା ବିପ୍ଳବ ଆଣିବା ପାଇଁ ଆଧୁନିକ ପ୍ରଯୁକ୍ତିର ଉପଯୋଗ କରୁଛନ୍ତି। ତାଙ୍କର ଏହି ପ୍ରୟାସକୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧୭ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଶଂସା କରିଛନ୍ତି। ସେହି ଯୁବ ଚାଷୀ ହେଉଛନ୍ତି ଗୋଲାମୁଣ୍ଡା ବ୍ଲକ ସାନଚେରଗାଁର କୃଷ୍ଣଚନ୍ଦ୍ର ନାଗ।

୨୦୦୮ରେ କୃଷ୍ଣଚନ୍ଦ୍ର ପ୍ରଥମେ ୨୦ ରୁ ୨୫ ଡିସିମିଲ୍ ଜମିରେ ଟମାଟୋ ଚାଷ ଆରମ୍ଭ କରିଥିଲେ। ସେତେବେଳେ ସେ ୭୨ କୁଇଣ୍ଟାଲ



ଗୋଲାମୁଣ୍ଡା ବ୍ଲକର ଯୁବ ଚାଷୀ କୃଷ୍ଣଚନ୍ଦ୍ର ନାଗ

ଟମାଟୋ ପାଇଥିଲେ। ନିଜ ଖାଲୁଆ ଜମିକୁ ସମତୁଲ କରି ଚଳିତବର୍ଷ ୨୦୦ ଏକର ଜମିରେ ଆଧୁନିକ ପ୍ରଣାଳୀରେ ଟମାଟୋ ଚାଷ କରି ୧.୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରିବା ଲକ୍ଷ୍ୟରେ ଅଛନ୍ତି। ଚଳିତବର୍ଷ ସେ ୧୫୦ ଏକର ଜମିରେ କଲରା ଚାଷ କରି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରିଛନ୍ତି। କମ୍ ସାରରେ ଜୈବିକ ପଦ୍ଧତିରେ ଚାଷ କରୁଥିବାରୁ ତାଙ୍କ ଟମାଟୋର ପଶ୍ଚିମ ଓଡ଼ିଶା ଓ ପୂର୍ବ ଓଡ଼ିଶାରେ ବେଶ୍ ଚାହିଦା ଥିବାବେଳେ ପଡୋଶୀ ରାଜ୍ୟ ଛତିଶଗଡ଼ର ବ୍ୟବସାୟୀମାନେ ତାଙ୍କ ବଗିଚାକୁ ଆସି ଟମାଟୋ ଓ କଲରା ନେଇଥାନ୍ତି। କୃଷ୍ଣଚନ୍ଦ୍ରଙ୍କ ଚାଷ କାର୍ଯ୍ୟ ପ୍ରଣାଳୀକୁ ଦେଖିବାକୁ ବିଭିନ୍ନ କୃଷି ମହାବିଦ୍ୟାଳୟର ଛାତ୍ରୀଛାତ୍ର, ରାଜ୍ୟ ତଥା ରାଜ୍ୟ ବାହାର କୃଷି ବିଭାଗର ଟିମ୍ ଆସୁଛନ୍ତି। ଗୋଲାମୁଣ୍ଡା ବ୍ଲକର ଲୋକେ ବାହାର ରାଜ୍ୟକୁ ଦାଦନ ଖଟି ଯାଉଥିବାବେଳେ ସାନଚେରଗାଁ ଭଳି ଏକ ଗ୍ରାମରେ ସେ ଜଣେ ଉଚ୍ଚ ଶିକ୍ଷିତ ଯୁବକ ହୋଇ ଚାଷ କାର୍ଯ୍ୟକୁ ଜୀବିକା କରିବା ସହିତ ୧୫୦ରୁ ଉର୍ଦ୍ଧ୍ୱ ପରିବାରକୁ ପ୍ରତିପୋଷଣ କରି ପାରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କର ଚାଷ କାର୍ଯ୍ୟକୁ ପ୍ରଶଂସା କରିଥିବାରୁ କୃଷ୍ଣଚନ୍ଦ୍ର ବେଶ୍ ଉତ୍ସାହିତ ହୋଇଥିବା ପ୍ରକାଶ କରିଛନ୍ତି। କୃଷି ଉତ୍ପାଦନ ସଙ୍ଗଠନକୁ ପ୍ରୋତ୍ସାହିତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

# ଜଗଦ୍‌ଗୁରୁଙ୍କ ତାଳଚେର ଆଗମନ କାର୍ଯ୍ୟକ୍ରମ ସ୍ଥଗିତ

**ତାଳଚେର,୨୯।୧୨ (ମନୋଜ ନନ୍ଦ)**

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଜାନୁଆରୀ ୧ ତାରିଖ ତାଳଚେର ଆଗମନ କାର୍ଯ୍ୟକ୍ରମ ସ୍ଥଗିତ ହୋଇଛି। ଅନୁଗୋଳ ଜିଲା ତାଳଚେରସ୍ଥିତ ଦେଉଳବେଡ଼ା ଡିସିଆଇ କ୍ଲବଠାରେ ଶଙ୍କରାଚାର୍ଯ୍ୟ ସ୍ୱାଗତ ସମିତି ପକ୍ଷରୁ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସମିତି ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ ଆଦିତ୍ୟ ବାହିନୀ ରାଜ୍ୟ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର କହିଛନ୍ତି, ସ୍ୱାସ୍ଥ୍ୟଗତ କାରଣ ଯୋଗୁ ଜଗଦ୍‌ଗୁରୁଙ୍କ ତାଳଚେର ଆଗମନ କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ପରବର୍ତ୍ତୀ ସମୟରେ ଜଗତଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ତାଳଚେର ଆସି ହିନ୍ଦୁରାଷ୍ଟ୍ର ମହାଧିବେଶନରେ ଯୋଗଦେବେ। ଆଗାମୀ କିଛିଦିନ ପର୍ଯ୍ୟନ୍ତ ହିନ୍ଦୁରାଷ୍ଟ୍ର ମହାଧିବେଶନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସ୍ୱାଗତ ସମିତି ସଂଯୋଜକ ପର୍ଶୁରାମ ବାରିକ, ପୀଠ ପରିଷଦ ଉପାଧ୍ୟକ୍ଷ ପଣ୍ଡିତ ରୋହିତ ଦାସ, ଜିଲା କ୍ଷେତ୍ରୀୟ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ପ୍ରମୁଖ ଉପସ୍ଥିତ ଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରାଜଭବନ ଛକ, ସମୟ: ସକାଳ ୮ଟା ୪୫।
- ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ୍) ଲିବରେସନ ଏବଂ ଅଲ୍ ଇଣ୍ଡିଆ ଫରଓ୍ୱାର୍ଡ ବ୍ଲକ ପକ୍ଷରୁ ମିଳିତ ଶୋଭାଯାତ୍ରା, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ଟି ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ୟୁଟୋପିଆ-୨୦୨୪', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା ୩୦।
- ବିରୂପାକ୍ଷ ତ୍ରିପାଠୀଙ୍କ ପୁସ୍ତକ 'ନିର୍ବାଚିତ ସମ୍ପାଦକୀୟ'ର ଉନ୍ମୋଚନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଜଳସମ୍ପଦ ବିଭାଗ ସାଂସ୍କୃତିକ ପରିଷଦର ଏକବିଂଶ ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୨୪ତମ ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରଦାନ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବର ଅଧିବାସ ଉପାସନା, ସ୍ଥାନ: ପ୍ଲଟ ନଂ. ୧୭୮, ରୋଡ୍ ନମ୍ବର-୮, ୟୁନିଟ-୯, ସମୟ: ସନ୍ଧ୍ୟା ୭ଟା।

## କଟକ
- ୩୩ତମ ଛତ୍ରପତି ଶିବାଜୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସ, ସ୍ଥାନ: ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ନୂଆପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ୩୫ତମ ଚନ୍ଦ୍ରଭାଗା ଉତ୍ସବର ତୃତୀୟ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।
- ସାହିତ୍ୟ ସଭା, ସ୍ଥାନ: ବାଲିଖଣ୍ଡ, ସିମୁଳିଆ, ସମୟ: ସକାଳ ୯ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିରର ସପ୍ତମ ଦିବସ, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିମୁଳିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ସର୍ବଭାରତୀୟ ଚରମ୍ପା କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: ଚରମ୍ପା ହାଇସ୍କୁଲ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହିଳା ମହାବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଆଗରପଡ଼ା ଯୁବ ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ମା' ଗଡ଼ଚଣ୍ଡୀଙ୍କ ପୀଠରେ ଅମାବାସ୍ୟା ବିହିତ ପୂଜା ଏବଂ ହୋମ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୬ ଟା।
- ମା' ବିଶ୍ୱ ତାରିଣୀଙ୍କ ମନ୍ଦିରରେ ଅମାବାସ୍ୟା ଉପଲକ୍ଷେ ସ୍ୱତନ୍ତ୍ର ପୂଜା ଏବଂ ଭଜନ, ସ୍ଥାନ: ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୬ ଏବଂ ସନ୍ଧ୍ୟା ୬ ଟା ୩୦।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ସହରପଡ଼ା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମୟୂରଭଞ୍ଜ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଠାକୁରମୁଣ୍ଡା ପଞ୍ଚାୟତ ସମିତି ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଦିଲ୍ଲୀ ପବ୍ଲିକ ସିନିୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ ପ୍ରତିଭା-୨୦୨୪, ସ୍ଥାନ: ସ୍କୁଲ ପରିସର, ଲାଞ୍ଜିପଲ୍ଲୀ,ବ୍ରହ୍ମପୁର, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଚାଷଜମି କ୍ଷୟକ୍ଷତି ପରିଦର୍ଶନ, ସ୍ଥାନ- ବରଗାଁ ପଞ୍ଚାୟତ, ଆସିକା ବ୍ଲକ, ସମୟ: ମଧ୍ୟାହ୍ନ ୧ ଘଣ୍ଟା।

## କନ୍ଧମାଳ
- ପଞ୍ଚାୟତ ସମିତିର ନବମ ଅଧିବେଶନ, ସ୍ଥାନ: ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ୩୩ତମ ଛତ୍ରପତି ଶିବାଜୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସ: ସ୍ଥାନ: ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ଖେଳ ପଡ଼ିଆ ନୂଆପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ତାଳଚୁଆ ପଞ୍ଚାୟତ କାର୍ଯ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ମହାକାଳପଡ଼ା ରାମନଗରର ମା' ରାମଚଣ୍ଡୀଙ୍କ ଜମି ଉଦ୍ଧାର ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଡେରାବିଶ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- କୁଆଖିଆ ମହୋତ୍ସବ ସାଂସ୍କୃତିକ ମଞ୍ଚର ସପ୍ତମ ସନ୍ଧ୍ୟା, ସ୍ଥାନ: ସାରଙ୍ଗପୁର ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ନୂଆଗାଁ ବ୍ଲକର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ବିଶ୍ୱ ବିଖ୍ୟାତ ଅର୍ଥନୀତି ବିଶାରଦ ମନମୋହନ ସିଂହଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା , ସ୍ଥାନ:ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ:ଅପରାହ୍ନ ୩ଟା।
- ଖଣ୍ଡପଡା ମହୋତ୍ସବର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ମିନି ଷ୍ଟାଡିୟମ, ସମୟ:ସନ୍ଧ୍ୟା ୬ଟା।
- ବଉଳ ଅମାବାସ୍ୟା , ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।

## ରାୟଗଡ଼ା
- ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟରେ, ଗୁଣପୁର, ସମୟ: ସକାଳ ୯ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋଲନରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ମାଲକାନଗିରି
- ଲୟର୍ସ ଆସୋସିଏଶନ ଉଦ୍‌ଯାପନୀ, ସ୍ଥାନ-ଡିଏନ୍‌କେ ଖେଳପଡିଆ, ମାଲକାନଗିରି, ସମୟ-ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ବଳିଦାନ ଦିବସ ଅବସରରେ ମଶାଲ ଶୋଭାଯାତ୍ରା, ସ୍ଥାନ: ସମଲେଇ ମନ୍ଦିର, ସମୟ : ସକାଳ ୭ ଟା।
- ବୀର ଛବିଳ ସାଏ ଏବଂ ସହଯୋଗୀ ସଂଗ୍ରାମୀଙ୍କ ବଳିଦାନ ଦିବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି, ସ୍ଥାନ: କୁଦୋପାଲି ସ୍ଥିତ ବୀର ଛବିଳ ସାଏ ସହୀଦ ସଂଗ୍ରହାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ୫୭ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଦିବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପଦଯାତ୍ରା, ସ୍ଥାନ: କୁଦୋପାଲି ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା ୩୦।
- ବଳିଦାନ ଦିବସରେ ଶ୍ରଦ୍ଧାଞ୍ଜଳି, ସ୍ଥାନ: କୁଦୋପାଲି ପାହାଡ, ସମୟ: ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁବର୍ଣ୍ଣପୁର
- ତରଭା ବ୍ଲକ ସରଗଜ ଗ୍ରାମପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସରଗଜ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।

## ବରଗଡ଼
- ରକ୍ତଦାନ ଶିବିର, ସ୍ଥାନ: ବରପାଲି କଲେଜ, ସମୟ: ସକାଳ ୯ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ମହୁଲପାଲି, ଭେଡେନ, ସମୟ: ସକାଳ ୯ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧୀଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବରପାଲି ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ବରପାଲି କଲେଜ ପରିସର, ବରପାଲି, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ଷୋହଳ ଉପଚାର ପୂଜା ଓ ଆଳତି, ସ୍ଥାନ: ବୃନ୍ଦାମାଳ ଶିବ ମନ୍ଦିର, ସମୟ: ସକାଳ ୭ଟା।
- ଶ୍ୟାମବାବାଙ୍କ ଉତ୍ସବ ପାଳନ, ସ୍ଥାନ: ମାରୱାରୀ ପଡ଼ା, ଝଣ୍ଡାଛକ, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: କିର୍ମିରା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- କିଶୋର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିସଭା, ସ୍ଥାନ: ମଙ୍ଗଳବଜାରସ୍ଥିତ ଅଡିଟରିୟମ, ସମୟ: ଅପରାହ୍ନ ୨ଟା।

## ରାଉରକେଲା
- ଦୁଇଦିନିଆ ଜିରୋ ନାଇଟ୍ ଆରମ୍ଭ, ସ୍ଥାନ: ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୭ଟା।
- ହକି ଇଣ୍ଡିଆ ପ୍ରୋ ଲିଗ୍ ମ୍ୟାଚ୍‌ର ତୃତୀୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ନବବର୍ଷ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଝିରପାଣି, ସମୟ: ସନ୍ଧ୍ୟା ୬ଟା।
- ଝିଲ୍‌ମିଲ୍ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧ କଲ୍ୟାଣୀ ବସ୍ତି, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, କଣ୍ଡଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାଇକେଲ ମ୍ୟାଜିକ୍ ଶୋ', ସ୍ଥାନ: ରିଆମାଳ ବ୍ଲକ, ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ଥାୟୀ ଘରଡିହ ପଟ୍ଟା ଦାବିରେ ଧାରଣା, ସ୍ଥାନ: କର୍ଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସିନାପଲି, ସମୟ: ପୂର୍ବାହ୍ନ ୧୦ଟା।
- କୋଶଲୀ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଷଷ୍ଠ ରଜନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା
- ଧନୁଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ସରାବଙ୍ଗ ଧନୁଯାତ୍ରା ପଡିଆ, ସମୟ ରାତି ୮ଟା।

## ବୌଦ୍ଧ
- ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଧଳପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ହରଭଙ୍ଗା ବ୍ଲକ . ସମୟ: ଦିନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମଦକ୍ଷତା ହେତୁ ସାମାଜିକ ସ୍ତରରେ ସମ୍ମାନିତ ହେବେ। ଆଜି ସ୍ଥିର ନିଷ୍ପତ୍ତି ନେବାରେ ବନ୍ଧୁଙ୍କ ପୃଷ୍ଠପୋଷକତା ସହାୟକ ହେବ। ସବିଶେଷ ଆଲୋଚନାପୂର୍ବକ ପୂର୍ବ ସ୍ଥିରିକୃତ ଯାନ, ଯାନ୍ତ୍ରିକ ଜିନିଷ, ଗୃହୋପକରଣ କିଣିବା ପାଇଁ ମନବଳାଇବେ। ଫେରିବା ବାଟରେ ବନ୍ଧୁଙ୍କୁ ଭେଟି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟ କରିବେ।

**ବୃଷ** କର୍ମଜଞ୍ଜାଳଜନିତ ଟେନ୍ସନ ହେତୁ ଘରୁ ବରାଦ ପାଇଥିବା ଜିନିଷଟି ନେବା ସକାଶେ ଭୁଲିଯାଇପାରନ୍ତି। ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିନେବେ। ରୋହିଣୀ ଖଳ ଲୋକଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କାମ କରିପାରନ୍ତି। ମାଙ୍ଗଳିକ କାମ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିବେ।

**ମିଥୁନ** ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ସ୍ତ୍ରୀଙ୍କୁ ଦାୟୀ କରି ବିଭିନ୍ନ ପ୍ରକାର କଥା କହିପାରନ୍ତି। ମନ ଭଲ ନ ଥିବା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପଡୋଶୀ ଅର୍ଥ ସାହାଯ୍ୟର ଦୃଢ ପ୍ରତିଶ୍ରୁତି ଦେଇ ମନକୁ ଖୁସି କରିଦେଇପାରନ୍ତି।

**କର୍କଟ** ମଙ୍ଗଳଙ୍କ ପ୍ରଭାବରେ ବିରକ୍ତିଜନିତ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବ। ନିର୍ମାଣ କାର୍ଯ୍ୟ ସକାଶେ ପାରିବାରିକ ସହଯୋଗ ସେତେଟା ଉତ୍ସାହଜନକ ହେବନାହିଁ। ଆର୍ଥିକ ଦିଗଟି ମନ୍ଦ ହେବନାହିଁ, କିନ୍ତୁ ଆବଶ୍ୟକତା ପୂରଣ ହୋଇ ନ ପାରେ।

**ସିଂହ** ରାଶିକୁ ଶନି ଦୃଷ୍ଟିଥିବାରୁ ସବୁ ଦିଗରୁ ହଇରାଣ ହୋଇପାରନ୍ତି। କେତେକ କ୍ଷେତ୍ରରେ ଅନୁତାପ କରିବେ ସିନା କିଛି ଲାଭ ମଧ୍ୟ ହେବନି। ବନ୍ଧୁଙ୍କ ମିଥ୍ୟା ଅଭିଯୋଗକୁ ପରୋକ୍ଷ ସମର୍ଥନ ଦେବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ନୂତନ କର୍ମାରମ୍ଭ ସକାଶେ ପରିବାର ସହ ଆଲୋଚନା କରିପାରନ୍ତି।

**କନ୍ୟା** କୌଣସି ଭୂମିକା ନ ଥାଇ ମଧ୍ୟ ସବୁ କ୍ଷେତ୍ରରେ ଦୋଷୀ ରୂପେ ପରିଗଣିତ ହୋଇପାରନ୍ତି। କଠିନ ଶ୍ରମ ଓ ଅନିଦ୍ରାଜନିତ ପୁରାତନ ରୋଗ ପୀଡା ଅନୁଭବ କରିବେ। ବନ୍ଧୁଙ୍କ ମାଧ୍ୟମରେ କୌଣସି ଖବର ପାଇ ହତଚକିତ ହେବେ। ଅଧ୍ୟୟନ, ଅଧ୍ୟାପନା, ପ୍ରକାଶନ, ପ୍ରଶାସନ, କଳା ଓ ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତ ବିବ୍ରତ ରହିପାରନ୍ତି। ଆର୍ଥିକ ଦିଗଟି ଦୁର୍ବଳ ରହିଥିବାରୁ ସବୁ କାମରେ ପଛେଇ ଯିବେ। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ରହିପାରନ୍ତି। ସୁସ୍ଥତା ବଳବତ୍ତର ରହିବାରୁ ଖୁସି ଅନୁଭବ କରିବେ।

**ବିଛା** ମନ କଥା ମନଭିତରେ ରଖି ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ବ୍ୟବସାୟ ଓ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଦୂରାଗତ ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ଧନୁ** କୌଣସି କ୍ଷେତ୍ରରେ ଅତ୍ୟଧିକ ପ୍ରତିକ୍ରିୟା ପ୍ରକାଶ କଲେ ନୂତନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଭୁଲ ବୁଝାମଣା କାରଣରୁ ଅତି ଭଲ ପାଉଥିବା ବ୍ୟକ୍ତିଟି ସହିତ ସମ୍ପର୍କ ହାନି ଘଟିପାରେ। ପରିବାରରେ ମତାନ୍ତରଜନିତ ଆଲୋଚନାର ସିଦ୍ଧାନ୍ତରେ ଉପନୀତ ହୋଇପାରିବେ ନାହିଁ।

**ମକର** ହାତକୁ ନେଇଥିବା କାମଟି ସହଜରେ ସମ୍ପନ୍ନ ହେବାରୁ ଖୁସି ଅନୁଭବ କରିବେ। ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରେ ସରକାରୀ କ୍ଷେତ୍ରରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ସମ୍ପର୍କୀୟଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଅଫିସ୍ କାମରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ସାମାଜିକ ସ୍ତରରେ କିଛି ନ ବୁଝି କାହା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଭିତରେ ଭିତରେ ଶତ୍ରୁତା ଆଚରଣ କରୁଥିବା ବନ୍ଧୁଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ପ୍ରେସ୍, ପବ୍ଲିକେଶନ, ଆଇନ ଅଦାଲତ, ଗବେଷଣା, ଅନୁସନ୍ଧାନ, ନିର୍ମାଣ କାମରୁ ସୁଫଳ ମିଳିବ। ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା କାରଣରୁ ମନ ଖୁସି ରହିବ।

**ମୀନ** ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ। ବନ୍ଧୁଙ୍କ ବିରୋଧାତ୍ମକ କଥାକୁ ଶୁଣି କୌଣସି ମନ୍ତବ୍ୟ ଦେବା କାରଣରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆକସ୍ମିକ ଭାବେ ସୃଷ୍ଟି ହୋଇଥିବା ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତିତ ରହିପାରନ୍ତି।

ଆଜି ଡିସେମ୍ବର ୩୦ ତାରିଖ, ପୌଷ ମାସର ବକୁଳ ଅମାବାସ୍ୟା ସୋମବାର, ଶ୍ରୀଜୀଉଙ୍କର ବକୁଳ ଲାଗି, ବିରଜା କ୍ଷେତ୍ରରେ ବରାହ ମହାପ୍ରଭୁଙ୍କର ସପ୍ତଦିନବ୍ୟାପୀ ଜନ୍ମୋତ୍ସବ ପାଳନ, ସୋମମହତୀ ଗୋସହସ୍ରୀ ଗଙ୍ଗାସ୍ନାନ ଯୋଗ, ରାଶିନକ୍ଷତ୍ର-ମୂଳା/ଧନୁ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୪ ଗତେ, ଘ.୦୭।୪୫ ମଧ୍ୟେ, ଘ.୦୯।୧୭ ଗତେ, ଘ.୧୧।୨୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୪୫ ମି. ଗତେ, ଘ. ୦୯।୦୬ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ବିମାନ ଦୁର୍ଘଟଣା...

ବୋଲି ଜଣାପଡ଼ିଛି। ଅନେକ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇପାରି ନାହିଁ। ରେସ୍କ୍ୟୁ ଟିମ୍ ୨ କ୍ରିଉ ମେମ୍ବରଙ୍କୁ ଉଦ୍ଧାର କରିଥିବା ନ୍ୟାଶନାଲ ଫାୟାର ଏଜେନ୍ସିପକ୍ଷରୁ କୁହାଯାଇଛି। ଉଭୟଙ୍କ ଜୀବନ ପ୍ରତିବିପଦ ନ ଥିବା ସ୍ୱାସ୍ଥ୍ୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ଦୁର୍ଘଟଣାସ୍ଥଳରୁ ଉଠିଥିବା କଳାଧୂଆଁ ଆକାଶକୁ ଆଚ୍ଛାଦିତ କରି ରଖିଥିଲା, ଯାହାର ଦୃଶ୍ୟ ସ୍ଥାନୀୟ ଟିଭି ଚ୍ୟାନେଲଗୁଡ଼ିକରେ ପ୍ରସାରିତ ହୋଇଛି।

ମୁଆନ୍ ଫାୟାର ଷ୍ଟେଶନ୍ ମୁଖ୍ୟ ଲି ଜେଓଙ୍ଗ୍ ହେଇଓନ୍ କହିଛନ୍ତି, ବିମାନଟି ଜଳି ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଛି। ଭଗ୍ନାବଶେଷର କେବଳ ଏହାର ଟେଲ୍ ଅଂଶକୁ ଚିହ୍ନଟ କରାଯାଇପାରୁଛି। ପକ୍ଷୀ ସହ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିବା କୁହାଯାଉଥିବାବେଳେ ଏହା ପଛର ପ୍ରକୃତ କାରଣ ସ୍ପଷ୍ଟ କରିବା ପାଇଁ ତଦନ୍ତ ଜାରି ରହିଥିବା ସେ କହିଛନ୍ତି। ପରିବହନ ମନ୍ତ୍ରଣାଳୟ ଅଧିକାରୀମାନେ କହିଛନ୍ତି, ବିମାନ ଠିକ୍ ଲ୍ୟାଣ୍ଡିଂ ପୂର୍ବରୁ ଏକ ପକ୍ଷୀ ସହ ଧକ୍କା ହୋଇଥିବା କମ୍ୟୁନିକେଶନ୍ ରେକର୍ଡରୁ ପ୍ରାରମ୍ଭିକ ଭାବେ ଜଣାପଡ଼ିଥିଲା। ତେଣୁ ଏହାକୁ ଭିନ୍ନ ଅଞ୍ଚଳରେ ଅବତରଣ ପାଇଁ ଅନୁମତି ନିଆଯାଇଥିଲା। ପାଇଲଟ୍ ଡିଷ୍ଟ୍ରେସ୍ ସିଗ୍ନାଲ ଦେବା ପରେ ରନ୍‌ୱେରେ ଅବତରଣ କରାଇଥିଲେ। କିନ୍ତୁ ଏହା ରନ୍‌ୱେର ଏକ ବାଡ଼ରେ ଧକ୍କା ହୋଇ ଜଳିଯାଇଥିଲା। ପରିବହନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଜୁ ଜୋଙ୍ଗ୍-ୱାନ୍ କହିଛନ୍ତି, ବିମାନ ବ୍ଲାକ୍‌ବକ୍ସର ଫ୍ଲାଇଟ୍ ଡେଟା ଏବଂ କକ୍‌ପିଟ୍ ଭଏସ୍ ରେକର୍ଡର୍‌କୁ ଠାବ କରାଯାଇଛି। ପରୀକ୍ଷାନିରୀକ୍ଷା ବେଳେ ସରକାରୀ ବିଶେଷଜ୍ଞମାନଙ୍କୁ ଏହା ସହାୟକ ହେବ। ମୁଆନ୍ ଏୟାରପୋର୍ଟକୁ ଜାନୁଆରୀ ୧ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ଜୁ ସୂଚନା ଦେଇଛନ୍ତି। ସେହିପରି ବିମାନର ଲ୍ୟାଣ୍ଡିଂ ଗିଅର ଭଲଭାବେ କାର୍ଯ୍ୟ କରୁ ନ ଥିବା ନେଇ ଏମର୍ଜେନ୍ସି ଅଧିକାରୀମାନେ ପ୍ରକାଶ କରିଛନ୍ତି।

ଦୁର୍ଘଟଣାରେ ୨ ଜଣ ଥାଇଲାଣ୍ଡ ନାଗରିକଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପାଏଟୋଙ୍ଗ୍‌ଟର୍ନ ଶିନାୱାତ୍ରା ଏକ୍ସ'ରେ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଥାଇଲାଣ୍ଡ ଏୟାରପୋର୍ଟ ନିର୍ଦ୍ଦେଶକ କେରାଟି କିଜିମାନାୱତ୍ କହିଛନ୍ତି, ଜେଜୁ ଏୟାର୍ ଫ୍ଲାଇଟ୍ ୭ସି ୨୨୧୬ ସୁବର୍ଣ୍ଣଭୂମି ଏୟାରପୋର୍ଟରୁ ଉଡ଼ାଣ ଆରମ୍ଭ ବେଳେ ଏଥିରେ କୌଣସି ଅସ୍ୱାଭାବିକତା ପରିଲକ୍ଷିତ ହୋଇ ନ ଥିଲା। ଇତିମଧ୍ୟରେ ଜେଜୁ ଏୟାର ଏକ ବିବୃତି ଜାରିକରି ଦୁର୍ଘଟଣା ପାଇଁ କ୍ଷମା ମାଗିଛି। ତଦନ୍ତରେ ସହଯୋଗ ଓ ମୃତକଙ୍କ ପରିବାରକୁ ସହଯୋଗ କରାଯିବ ବୋଲି ଏଥିରେ କୁହାଯାଇଛି। ଦକ୍ଷିଣ କୋରିଆରେ ସାମରିକ ଆଇନ ଲାଗୁକରି ୟୁନ୍ ସୁକ୍ ୟେଓଲ୍ ରାଷ୍ଟ୍ରପତି ପଦରୁ ବିଦାହେବା ପରେ ରାଜନୈତିକ ସଙ୍କଟ ଲାଗିରହିଥିବାବେଳେ ଏହି ବିମାନ ଦୁର୍ଘଟଣା ଘଟିଛି। କାର୍ଯ୍ୟକାରୀ ରାଷ୍ଟ୍ରପତି ଦାୟିତ୍ୱ ସମ୍ଭାଳୁଥିବା ଉପପ୍ରଧାନମନ୍ତ୍ରୀ (ଅର୍ଥମନ୍ତ୍ରୀ) ଚିଓ ସାଙ୍ଗ୍ ମୋକ୍ ଏହାର ତଦନ୍ତ ଓ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ପାଇଁ ଦକ୍ଷିଣ କୋରିଆର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଏହା ପୂର୍ବରୁ ୧୯୭୭ରେ ଏକ କୋରିଆନ୍ ଏୟାରଲାଇନ୍ ପ୍ଲେନ୍ ଗୁଆମ୍‌ରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୮୮ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୩ରେ ଆସିଆନା ଏୟାରଲାଇନ୍ସର ଏକ ପ୍ଲେନ୍ ସାନ୍‌ଫ୍ରାନ୍ସିସ୍କୋରେ କ୍ରାଶ୍‌ଲ୍ୟାଣ୍ଡିଂ କରିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୨୦୦ ଯାତ୍ରୀ ଆହତ ହୋଇଥିଲେ। ସେହିପରି ୨୦୦୭ ଜୁଲାଇରେ ଏୟାରବସ୍ ଏ୩୨୦ ସାଓ ପାଓଲୋ ଏୟାରଷ୍ଟ୍ରିପ୍‌ରେ ଖସିପଡ଼ିବାରୁ ୧୯୯ ଜଣ ପ୍ରାଣ ହରାଇଥିଲେ।

### କାରଣ ଅସ୍ପଷ୍ଟ...

ଡିସେମ୍ବର ୨୫ ବୁଧବାର ସକାଳେ ଆଜରବୈଜାନ ଏୟାରଲାଇନ୍ସର ଜେ୨-୮୨୪୩ ନମ୍ବର ବିଶିଷ୍ଟ ଏମ୍ବ୍ରାଏର ୧୯୦ ଏୟାରକ୍ରାଫ୍ଟ ରାଜଧାନୀ ବାକୁରୁ ୬୨ ଯାତ୍ରୀ ଓ ୫ କ୍ରିଉ ମେମ୍ବରଙ୍କୁ ନେଇ ରୁଷିଆର ଚେଚନ୍ୟାସ୍ଥିତ ଗ୍ରୋଜ୍‌ନି ଅଭିମୁଖେ ଯାତ୍ରା କରୁଥିବାବେଳେ ଘନ କୁହୁଡ଼ି ଯୋଗୁ କାଜାଖସ୍ତାନର ଅକାଟଉକୁ ଉଡ଼ାଣ କରିଥିଲା। ଅକାଟଉରେ ପହଞ୍ଚିବାର ୩ କି.ମି. ପୂର୍ବରୁ ବିମାନ ଏୟାରପୋର୍ଟ ନିକଟରେ ଅନେକ ଥର ଚକ୍କର କାଟିବା ପରେ ଶେଷରେ ଏକ ଖୋଲା ପଡ଼ିଆରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣାରେ ୩୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୯ ଆହତ ହୋଇଥିଲେ। ସେତେବେଳେ ମଧ୍ୟ ପକ୍ଷୀ ଧକ୍କା ଯୋଗୁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ଭାବେ କୁହାଯାଇଥିଲା। ଶନିବାର ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏହି ଦୁର୍ଘଟଣା ପାଇଁ କ୍ଷମା ମାଗିଥିଲେ। ଏହାର ଦିନକ ପରେ ଆଜରବୈଜାନ୍ ରାଷ୍ଟ୍ରପତି ଇଲହାମ୍ ଅଲିୟେଭ୍ ରୁଷିଆ ଏହାକୁ ଖସାଇଦେଇଥିବା କହି ସମାଲୋଚନା କରିଛନ୍ତି। ତେଣୁ ଦକ୍ଷିଣ କୋରିଆ ବିମାନ ଦୁର୍ଘଟଣା ପଛରେ ବାହ୍ୟଶକ୍ତିର ହସ୍ତକ୍ଷେପକୁ ଅଣଦେଖା କରାଯାଇ ନ ପାରେ ବୋଲି ସନ୍ଦେହ ଉପୁଜିଲାଣି।

### ସହାୟତା ଭରସା...

ଚାଷଜମିକୁ ଯାଇ ଧାନ ଫସଲର କ୍ଷୟକ୍ଷତି ବୁଲି ଦେଖିଥିଲେ। ଏହି ଅବସରରେ କାଣ୍ଡପଡ଼ା ହାଇସ୍କୁଲ ପଡ଼ିଆରେ ଏକ ଚାଷୀ ସମାବେଶ ହୋଇଥିଲା। ସେଥିରେ ୫ହଜାରରୁ ଊର୍ଦ୍ଧ୍ୱ ଚାଷୀ ଗଜା ଓ ପଚିଥିବା ପାଚିଲା ଧାନ ଫସଲକୁ ମୁଖ୍ୟମନ୍ତ୍ରୀଙ୍କୁ ଦେଖାଇ ନିଜର ଦୁଃଖ ଜଣାଇଥିଲେ। ମଝିଆଖଣ୍ଡ ପଞ୍ଚାୟତର ଡିମରିଆ କଲେଜ ରାସ୍ତାରେ ଠିଆ ହୋଇ କେତେଜଣ ଚାଷୀ ମୁଖ୍ୟମନ୍ତ୍ରୀଙ୍କୁ ପଚିଯାଇଥିବା ଧାନ ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ଗାଡ଼ି ଅଟକାଇ ଚାଷୀମାନଙ୍କୁ ସମବେଦନା ଜଣାଇବା ପାଇଁ କ୍ଷତିପୂରଣ ଯୋଗାଇବାର ପ୍ରତିଶ୍ରୁତି ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଗତ ୨୪ ତାରିଖରେ ନୟାଗଡ଼ ଜିଲା ମହୋତ୍ସବକୁ ସେ ଆସିଥିବାବେଳେ ନୟାଗଡ଼ ଜିଲାରେ ପ୍ରବଳ ବର୍ଷା ହୋଇଥିବା ଅନୁଭବ କରିଥିଲେ। ଅଦିନିଆ ବର୍ଷା ଦ୍ୱାରା ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ସରକାର ଏବଂ ସରକାରୀ କଳ ଚାଷୀଙ୍କ ସହ ଅଛନ୍ତି ଏବଂ ସେମାନଙ୍କୁ ସହଯୋଗ ଓ ସେବା ନିମନ୍ତେ ସର୍ବଦା ପ୍ରସ୍ତୁତ ଅଛନ୍ତି। ନୟାଗଡ଼ ଜିଲାରେ ୬,୩୫୦ ଏବଂ ରଣପୁର ଅଞ୍ଚଳରେ ୩୯୦୭ ପ୍ଲଟ ଚାଷ ଜମି କ୍ଷୟକ୍ଷତି ହୋଇଥିବାର ପୋର୍ଟାଲରେ ପଞ୍ଜୀକୃତ ହୋଇଛି। ତେବେ ଯାହା କିଛି କ୍ଷୟକ୍ଷତି ହୋଇଛି ସରକାର ଭରଣା କରିବାକୁ ଉଦ୍ୟମ କରୁଛନ୍ତି। କ୍ଷୟକ୍ଷତିର ତଥ୍ୟ ପଞ୍ଚାୟତ, ବ୍ଲକ, ଜିଲା କୃଷି ଅଧିକାରୀ, ଆରଆଇ ଓ ତହସିଲଦାର ପ୍ରମୁଖଙ୍କ ମାଧ୍ୟମରେ ଦରଖାସ୍ତ କରିପାରିବେ। ପ୍ରଧାନମନ୍ତ୍ରୀ କୃଷି ବୀମା ଅନ୍ତର୍ଭୁକ୍ତ ଚାଷୀମାନେ ଟୋଲ ଫ୍ରି ନମ୍ବର ୧୪୪୪୭ ଦ୍ୱାରା କଲ୍ କରିପାରିବେ। ସେହିପରି କୃଷି ରକ୍ଷକ ପୋର୍ଟାଲରେ ପଞ୍ଜୀକରଣ କରି ଅଦିନିଆ ଫସଲ କ୍ଷୟକ୍ଷତିର ଦାବି ଉପସ୍ଥାପନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହା ପରେ ମୁଖ୍ୟମନ୍ତ୍ରୀ ଗଜପତି ଜିଲା ଗସ୍ତକରି ଗୋସାଣି ବ୍ଲକ ଗୁରାଣ୍ଡି ଗ୍ରାମକୁ ଯାଇଥିଲେ। ସେଠାରେ ଚାଷଜମିରେ ଚାଷୀଙ୍କ ସହ ସିଧାସଳଖ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲା ଗସ୍ତ କରି ବ୍ରହ୍ମପୁର ଉପକଣ୍ଠରେ ଥିବା କ୍ଷତିଗ୍ରସ୍ତ ଚାଷଜମି ବୁଲି ଦେଖିଥିଲେ। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏହି ସମୟରେ ଚାଷୀମାନେ ନଷ୍ଟ ହୋଇଯାଇଥିବା ଗଜାଧାନ ଗଛକୁ ମୁଖ୍ୟମନ୍ତ୍ରୀଙ୍କୁ ଦେଖାଇଥିଲେ। ଚାଷୀଙ୍କୁ ଇନ୍ସୁରାନ୍ସ କ୍ଲେମ କରିବାକୁ ମୁଖ୍ୟମନ୍ତ୍ରୀ କହିବା ସହ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଲୋକଙ୍କ ନିକଟକୁ ଯାଇ କ୍ଷତି ସମ୍ପର୍କରେ ବୁଝିଥିବାରୁ ଚାଷୀମାନେ ଅତ୍ୟନ୍ତ ଖୁସି ପ୍ରକଟ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ଏମକେସିଜିରୁ ୪ ଡାକ୍ତର...

ଅସ୍ଥିଶଲ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡା.ପୁରୁଷୋତ୍ତମ ସ୍ୱାଇଁ, ସିନିୟର ରେସିଡେଣ୍ଟ (ଏସ୍‌ଆର) ଡା.ଆର୍ଯ୍ୟନ କୁମାର ମହାନ୍ତି, ଡା.ଚିନ୍ମୟ ପ୍ରଧାନ (ଏମାନେ ଠିକାରେ ନିଯୁକ୍ତି ପାଇଥିଲେ) ଏବଂ ଶଲ୍ୟ ଚିକିତ୍ସା ବିଭାଗର ଏସଆର ଡା. ଯଶୋବନ୍ତ ବିରା। ଅସ୍ଥିଶଲ୍ୟ ବିଭାଗର ଦ୍ୱିତୀୟ ବର୍ଷ ପିଜି ରେସିଡେଣ୍ଟ ଡାକ୍ତର ଡା. ପ୍ରିୟଜିତ ସାହୁଙ୍କୁ ୬ ମାସ ହଷ୍ଟେଲ ବାରଣ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶିଶୁ ବିଭାଗର ପିଜି ଡାକ୍ତର ଭି.ରଜନୀକାନ୍ତଙ୍କୁ ଗତ ୨୧ ତାରିଖରେ ପିଜି ହଷ୍ଟେଲ-୩କୁ ଡାକି ଉପରୋକ୍ତ ଡାକ୍ତରମାନେ ମାଡ଼ ମାରିଥିଲେ। ଶିଶୁବିଭାଗ ମୁଖ୍ୟ ତଥା ମେଡିକାଲ କଲେଜ ଉପାଧ୍ୟକ୍ଷ ବୁଝାଶୁଝା କରିବାକୁ ଯାଇଥିବାବେଳେ ଉପରୋକ୍ତ ଡାକ୍ତରମାନେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଘଟଣାକୁ ନେଇ କଲେଜ ଏକାଡେମିକ କାଉନସିଲ ବୈଠକ ବସିବା ସହ ସମସ୍ତ ଡାକ୍ତରଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ମାମଲା ରୁଜୁ ହୋଇଥିଲା।

ତେବେ ଏହି ଘଟଣା ପରେ ତତ୍କ୍ଷଣାତ ପଦକ୍ଷେପ ନିଆଯାଇଥିଲା। ଉକ୍ତ ୫ ଡାକ୍ତରଙ୍କୁ ପିଜି ହଷ୍ଟେଲ ବାରଣ କରାଯାଇଥିଲା। ହଷ୍ଟେଲ କ୍ୟାଣ୍ଟିନ ରାତିରେ ବନ୍ଦ ରହିବ ବୋଲି କନିଷ୍ଠ ଡାକ୍ତର ସଂଘ(ଜେଡିଏ) ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଡିଏମଇଙ୍କୁ ଲିଖିତ ଅବଗତ କରାଯିବ ବୋଲି କୁହାଯାଇଥିଲା। ଏହାକୁ ନେଇ ମେଡିକାଲ କଲେଜ ଓ ହସ୍ପିଟାଲ ଅଧ୍ୟକ୍ଷ ତଥା ଡିନ ପ୍ରଫେସର ଡା.ସୁଚିତ୍ରା ଦାଶଙ୍କ ତତ୍ତ୍ୱାବଧାନରେ ଟେଲିମେଡିସିନ କକ୍ଷରେ ସମସ୍ତ ବିଭାଗର ମୁଖ୍ୟ, ପୋଲିସ ଅଧିକାରୀ, ଏମ୍‌କେସିଜିର ବରିଷ୍ଠ ଅଧିକାରୀ, ହଷ୍ଟେଲ ୱାର୍ଡେନ, ପରିଷଦର ଅଧ୍ୟକ୍ଷ, ଛାତ୍ର ସଂସଦ ସଭାପତିଙ୍କୁ ନେଇ ଏକ ଯୁଗ୍ମ ସମନ୍ୱୟ କମିଟି ବୈଠକ ହୋଇଥିଲା। ସମ୍ପୃକ୍ତ ୫ ଡାକ୍ତରଙ୍କୁ ଡାକି ବୈଠକରେ ପଚରାଉଚରା କରାଯାଇଥିଲା। ବିଭାଗୀୟ ମୁଖ୍ୟ ଓ ପ୍ରତ୍ୟକ୍ଷଦର୍ଶୀ ଡାକ୍ତରଙ୍କ ମତ ଅନୁସାରେ ଡିଏମଇଙ୍କୁ ଲିଖିତଭାବେ ଅବଗତ କରାଯିବା ସହ ସେହି ବୈଠକରେ ହିଁ ଡାକ୍ତରମାନଙ୍କୁ ହଷ୍ଟେଲକୁ ଯିବାକୁ ବାରଣ କରାଯାଇଥିଲା ବୋଲି ଡିନ ଡାକ୍ତର ଦାଶ କହିଛନ୍ତି।

### ବିଶ୍ୱ ରାପିଡ ଚେସ୍...

ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଥିଲା। ଏଠାରେ ପରାଜୟରୁ ଅଭିଯାନ ଆରମ୍ଭ କରିଥିବା ହମ୍ପି ୧୧ଶ ତଥା ଅନ୍ତିମ ରାଉଣ୍ଡରେ ଏକମାତ୍ର ଖେଳାଳିଭାବେ ବିଜୟୀ ହୋଇ ୮.୫ ପଏଣ୍ଟ ସହିତ ମହିଳା ବିଭାଗରେ ଶୀର୍ଷସ୍ଥାନ ହାସଲ କରିଥିଲେ। ଚାଇନାର ୱେନ୍ ଜୁନ୍ ଜୁ ଓ ଭାରତର ଡି. ହାରିକାଙ୍କ ସମେତ ୬ ଜଣ ୮ ପଏଣ୍ଟ ଲେଖାଏ ପାଇ ୨ୟରୁ ୭ମ ସ୍ଥାନରେ ରହିଥିଲେ। ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ୬.୫ ପଏଣ୍ଟ ସହିତ ପ୍ରତିଯୋଗିତା ଶେଷ କରିଥିଲେ। ଫିଡେ ପତାକାରେ ରୁଷିଆ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଭୋଲୋଡର ମୁର୍ଜିନ ୧୦ ପଏଣ୍ଟ ପାଇ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଥିଲେ। ଅନ୍ୟ ଦୁଇ ରୁଷୀୟ ପ୍ରତିଯୋଗୀ ଆଲେକଜାଣ୍ଡର ଗ୍ରିଶ୍ଚୁକ ଓ ଇଆନ ପେପୋମନିଆଚି ୯.୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିଲେ।

### ମୋବାଇଲ ଚୋରଙ୍କୁ...

ବୋଲି ଜଣାପଡ଼ିଛି। ମୀନା କହିଛନ୍ତି, ମନୋଜ ନିଜ ଗାଁ ସାହେବଗଞ୍ଜରେ ଟଙ୍କା ରୋଜଗାର କରିବାକୁ ଚାହୁଁଥିବା ଯୁବକମାନଙ୍କୁ ଠାବ କରୁଥିଲା। ଗ୍ୟାଙ୍ଗ୍‌ର ସଦସ୍ୟମାନଙ୍କୁ ସବୁବେଳେ ଚକାଚକ୍ ଡ୍ରେସ୍ ପିନ୍ଧିବାକୁ ସେ କହୁଥିଲା, ଯାହାଫଳରେ ଗ୍ୟାଙ୍ଗ୍‌ର ସଦସ୍ୟମାନଙ୍କ ଉପରେ କେହି ବି ସନ୍ଦେହ କରୁ ନଥିଲେ। ପ୍ରଥମେ ମନୋଜ ୩ ମାସ ଯାଏ ଗ୍ୟାଙ୍ଗ୍‌ର ନୂଆ ସଦସ୍ୟମାନଙ୍କୁ ଚୋରିର ତାଲିମ ଦେଉଥିଲା। ଛୁରି କେମିତି ଚଲାଇବାକୁ ହେବ, ସେଥିପ୍ରତି ମଧ୍ୟ ଗ୍ୟାଙ୍ଗର ସଦସ୍ୟମାନଙ୍କୁ ତାଲିମ ଦିଆଯାଉଥିଲା। ଗ୍ୟାଙ୍ଗ୍‌ର ନୂତନ ସଦସ୍ୟଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଛୋଟ ଛୋଟ ଚୋରି କରି ଟାର୍ଗେଟ ପୂରଣ ପାଇଁ ଟାସ୍କ ଦିଆଯାଉଥିଲା। ଯେଉଁମାନେ ଏହି ଟାର୍ଗେଟକୁ ସଫଳତାର ସହ ପୂରା କରିପାରୁଥିଲେ, ସେମାନଙ୍କୁ ମନୋଜ ନିଜ ଗ୍ୟାଙ୍ଗ୍‌ର ସ୍ଥାୟୀ ସଦସ୍ୟ ଭାବେ ନିଯୁକ୍ତି ଦେଇ ମାସିକ ୧୫ ହଜାର ଟଙ୍କା ଦରମା ଦେଉଥିଲେ। ପ୍ରଦର୍ଶନ ହିସାବରେ ଦରମା ବଢ଼ାଯିବ ବୋଲି ମନୋଜ ନିଜ ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଆଶ୍ୱାସନା ଦେଉଥିଲେ। ସେହିପରି ନାବାଳକ ସଦସ୍ୟମାନଙ୍କର ଖାଇବା ଖର୍ଚ୍ଚ ଏବଂ ଚୋରି ପାଇଁ ଯିବା ଆସିବା ଖର୍ଚ୍ଚ ମଧ୍ୟ ମନୋଜଙ୍କ ଗ୍ୟାଙ୍ଗ୍ ପକ୍ଷରୁ ବହନ କରାଯାଉଥିଲା। ଗ୍ୟାଙ୍ଗ୍‌ର ସଦସ୍ୟମାନେ ଗୋରଖପୁର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଜନଗହଳିପୂର୍ଣ୍ଣ ବଜାର ଏବଂ ରେଲୱେ ଷ୍ଟେଶନରେ ନିଜର ଟାର୍ଗେଟ ସେଟ୍ କରି ମୋବାଇଲ ଫୋନ୍ ଚୋରି କରୁଥିଲେ। ଏହାପରେ ଏହି ମୋବାଇଲଗୁଡ଼ିକୁ ପାକିସ୍ତାନ ଓ ନେପାଳରେ ବିକ୍ରି କରି ମନୋଜ ବିପୁଳ ଅର୍ଥ ରୋଜଗାର କରୁଥିଲେ ବୋଲି ମୀନା କହିଛନ୍ତି।


DSPL-282
ODISHA
NEW OPPORTUNITIES
Shri Narendra Modi
Prime Minister
Shri Mohan Charan Majhi
Chief Minister, Odisha
UTKARSH
ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025
REGISTER NOW
TO BE PART OF ODISHA'S JOURNEY
AS THE GROWTH ENGINE OF THE NATION
NETWORKING OPPORTUNITIES
CULTURAL EVENTS
B2B AND B2G MEETINGS
MAKE IN ODISHA EXPO
START-UP ODISHA
VISION VIKSIT ODISHA 2036
OIPR-14005/13/0019/2425
Scan to Register
Investment Intention Form
Schedule a Meeting
INVEST IN ODISHA, INVEST IN FUTURE
Or visit us at https://mio.investodisha.gov.in/
Follow us on @InvestInOdisha /InvestOdisha

ଯେ ନିଜ ଚେତନା ଭିତରେ ସର୍ବଦା ସମସ୍ତଙ୍କ ଲାଗି ଶୁଭେଚ୍ଛା ପୋଷଣ କରିଥାଏ- ସେଇ କେବଳ ସବୁ ଜିନିଷରେ ଲୁଚିରହିଥିବା ଶୁଭେଚ୍ଛାକୁ ଦେଖିପାରେ। ତାରି ଅନ୍ତର୍ଦୃଷ୍ଟିରେ ହିଁ ଶୁଭେଚ୍ଛା ପ୍ରତିଭାତ ହୁଏ। -ଶ୍ରୀମା

-ବକୁଳ ଅମାବାସ୍ୟା, ଶ୍ରୀମନ୍ଦିରରେ ଗୃହିଣୀଂ ବକୁଳ ଲାଗି, ସୋମମହତୀ ସ୍ନାନ ଓ ଚନ୍ଦ୍ରକ୍ଷୟ



# ଏଚ୍‌-୧ବି

ଆମେରିକାର ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଜିତାଇବାରେ ଅନ୍ୟତମ ପ୍ରମୁଖ ବ୍ୟକ୍ତି ଭାବେ ଟେସ୍‌ଲା ଓ ସ୍ପେସ୍‌ଏକ୍ସ ସିଇଓ ତଥା 'ଏକ୍ସ' (ପୂର୍ବରୁ ଟୁଇଟର ଭାବେ ପରିଚିତ)ର ମାଲିକ ଏଲନ୍ ମସ୍କଙ୍କ ଭୂମିକା ସର୍ବାଗ୍ରେ ଥିବା ସମସ୍ତେ ଜାଣନ୍ତି। ଟ୍ରମ୍ପ କିଭଳି ଜିତାପଟ ନେବେ ସେଥିପାଇଁ ମସ୍କ ତାଙ୍କ ସୋସିଆଲ ମିଡିଆକୁ ବହୁଳ ଭାବେ ବ୍ୟବହାର କରିଥିଲେ। ହେଲେ ଏବେ ମସ୍କ ଓ ଟ୍ରମ୍ପଙ୍କ ସମର୍ଥକଙ୍କ ମଧ୍ୟରେ ସେହି 'ଏକ୍ସ'ରେ ଆଉ ଗୋଟିଏ ପ୍ରସଙ୍ଗ ଆପ୍ରବାସନ ବା ଇମିଗ୍ରେଶନକୁ ନେଇ ବିତର୍କ ସର୍ବୋଚ୍ଚରେ ପହଞ୍ଚିଛି। ଏହାର ମୂଳ ବିନ୍ଦୁରେ ଅଛନ୍ତି ନିକଟରେ ଟ୍ରମ୍ପଙ୍କ ନବନିଯୁକ୍ତ ସରକାରୀ ଦକ୍ଷତା ବିଭାଗର ସହ-ଅଧ୍ୟକ୍ଷ ବିବେକ ରାମସ୍ୱାମୀ। ତାଙ୍କ ନିଯୁକ୍ତିକୁ ନେଇ ମେକ୍ ଆମେରିକା ଗ୍ରେଟ୍ ଏଗେନ୍ (ମାଗା) ଅଭିଯାନରେ ଫାଟ ସୃଷ୍ଟି ହୋଇଛି। ପ୍ରବାସୀଙ୍କୁ ଆମେରିକାରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଟ୍ରମ୍ପ ସମର୍ଥକମାନେ ତାହାକୁ ବିରୋଧ କରିଛନ୍ତି। ଭାରତୀୟ ପ୍ରବାସୀଙ୍କ ପୁଅ ରାମସ୍ୱାମୀ କୁଶଳୀ ପ୍ରବାସୀଙ୍କ ପ୍ରତିଭା ସପକ୍ଷରେ କହି ଆସୁଥିବାରୁ ଟ୍ରମ୍ପ ସମର୍ଥକମାନେ ତାଙ୍କୁ ବିରୋଧ କରୁଛନ୍ତି। ଆମେରିକୀୟଙ୍କ ଆଶଙ୍କା ହେଉଛି ଯେ, ପ୍ରବାସୀମାନେ ସେମାନଙ୍କ ଚାକିରି ଛଡ଼ାଇ ନେଉଛନ୍ତି। ତେଣୁ ଏଚ୍-୧ବି ଭିଜା ଉପରେ କଟକଣା ରଖିବାକୁ ନୂଆ ଟ୍ରମ୍ପ ସରକାର ଉପରେ ଚାପ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଆମେରିକୀୟ କମ୍ପାନୀଗୁଡ଼ିକ ସ୍ୱତନ୍ତ୍ର କ୍ଷେତ୍ରରେ ବିଦେଶୀ ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବା ଲାଗି ଉପରୋକ୍ତ ଭିଜାଧାରୀଙ୍କୁ ଗ୍ରହଣ କରିଥାଆନ୍ତି। ବିଶେଷକରି ବୈଷୟିକ ତଥା ପ୍ରଯୁକ୍ତି କ୍ଷେତ୍ରରେ କାର୍ଯ୍ୟରତ କମ୍ପାନୀ ଦକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାରେ ଏଚ୍-୧ବି ଭିଜାକୁ ଅନୁମତି ମିଳିଥାଏ। ଏହାର ସମର୍ଥନକାରୀଙ୍କ ଯୁକ୍ତି ହେଉଛି ଯେ, ଏହାଦ୍ୱାରା ଆମେରିକାକୁ ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନେ ଆସିପାରିଥାଆନ୍ତି। ଏଠାରେ ମନେରଖିବାକୁ ହେବ ଯେ, ପୃଥିବୀର ପ୍ରତ୍ୟେକଟି ଦେଶରୁ ସବୁଠାରୁ ଅଧିକ ବୁଦ୍ଧିମାନ, କୁଶଳୀ ଏବଂ ଗବେଷଣାକାରୀ ଯୁବକମାନେ ଆମେରିକା ଯିବାକୁ ପସନ୍ଦ କରିଥାନ୍ତି। ଏହି ଉଚ୍ଚକୋଟୀର ଲୋକମାନେ 'ଆମେରିକା ସ୍ୱପ୍ନ' ଦେଖିଥାନ୍ତି, ଯେଉଁଥିପାଇଁ ଅନ୍ୟ କୌଣସି ଦେଶ ଆମେରିକା ସହିତ ଭବିଷ୍ୟତରେ ମଧ୍ୟ ସମକକ୍ଷ ହୋଇପାରିବ ନାହିଁ। ଅନେକ ଲୋକ କୁହନ୍ତି ଯେ ଆସନ୍ତା କିଛି ଦଶନ୍ଧି ମଧ୍ୟରେ ଚାଇନାର ଶକ୍ତି ଯେଉଁମାତ୍ରାରେ ବୃଦ୍ଧି ପାଇବ ସେଥିରେ ଆମେରିକା ଦବିଯିବ। କିନ୍ତୁ ତାହା ସମ୍ଭବପର ଏଇଥିପାଇଁ ହେବନାହିଁ କାରଣ ବୁଦ୍ଧି ଓ ଗବେଷଣାରେ ଆମେରିକା ସବୁବେଳେ ଆଗରେ ରହିଆସିଛି ଓ ଆଗରେ ରହିବ। ଏହା ପଛରେ ଏକମାତ୍ର କାରଣ ହେଉଛି ପୃଥିବୀର ସବୁଠାରୁ ଭଲ ମସ୍ତିଷ୍କ ସବୁବେଳେ ଆମେରିକାକୁ ଆକର୍ଷିତ ହେବେ, ଚାଇନା କିମ୍ବା ରୁଷିଆ ଭଳି ଦେଶକୁ ନୁହେଁ।

ଅନ୍ୟପକ୍ଷରେ ଏଭଳି ଇମିଗ୍ରେଶନ ପଲିସି ଦ୍ୱାରା ଆମେରିକୀୟ ବ୍ୟକ୍ତିମାନେ ନିଯୁକ୍ତି ହରାଉଛନ୍ତି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି। ଏହି ସନ୍ଧିକ୍ଷଣରେ ଦକ୍ଷିଣ ଆଫ୍ରିକାରେ ଜନ୍ମିତ ଆମେରିକୀୟ ଉଦ୍ୟୋଗପତି ମସ୍କଙ୍କ ଯୁକ୍ତି ହେଲା କୌଣସି ଦେଶରେ ଅଭିନବତ୍ୱ ଓ ଅର୍ଥନୈତିକ ଅଭିବୃଦ୍ଧି ଆଣିବାକୁ ହେଲେ କୁଶଳୀ ପ୍ରବାସୀଙ୍କ ଆବଶ୍ୟକତା ରହିଥାଏ। ଯେଉଁମାନେ ପ୍ରତିଭାଧାରୀ ସେହିମାନଙ୍କୁ ବ୍ୟବହାର କରାଗଲା ଉନ୍ନତି ସମ୍ଭବ ହୋଇଥାଏ। ମସ୍କଙ୍କ ଯୁକ୍ତି ପଛରେ ତାଙ୍କ ନିଜସ୍ୱ ଉଦାହରଣ ମଧ୍ୟ ଦଣ୍ଡାୟମାନ। ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ଜନ୍ମିତ ମସ୍କ ଆମେରିକା ଆସି ତାଙ୍କ ପ୍ରଯୁକ୍ତି ସମ୍ବନ୍ଧୀୟ ପ୍ରଜ୍ଞାର ବଳୟ ବିସ୍ତାରିତ କରି ନ ଥିଲେ ଆମେରିକା ମଧ୍ୟ ତାଙ୍କୁ ନେଇ ଗର୍ବ କରିବାର ସୁଯୋଗ ପାଇ ନ ଥାଆନ୍ତା।

ମେଧାବୀଙ୍କ ସମ୍ପର୍କରେ ମସ୍କଙ୍କ ଉପରିଲିଖିତ ଯୁକ୍ତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ବିଶେଷକରି କର୍ପୋରେଟ ବା କମ୍ପାନୀଗୁଡ଼ିକରେ ସେମାନଙ୍କ ଚାହିଦା ରହିଥାଏ। ଭାରତ ଭଳି ଦେଶରେ ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା ରହିଥିବାରୁ କମ୍ ଦକ୍ଷ ବ୍ୟକ୍ତି ପଦବୀ ମାଡ଼ି ବସିଥାଆନ୍ତି। ଫଳରେ ସମ୍ପୃକ୍ତ ବ୍ୟକ୍ତିଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠୁଥିଲେ ମଧ୍ୟ କିଛି କରାଯାଇପାରି ନ ଥାଏ। ଘରୋଇ ସଂସ୍ଥାରେ ଦକ୍ଷତା ଆଗ। ଆମେରିକାରେ ଯେଉଁମାନେ ନିଜ ନାଗରିକଙ୍କ ସପକ୍ଷରେ ଯୁକ୍ତି ବାଢୁଛନ୍ତି, ସେମାନେ ଅନ୍ୟ ବିଦେଶୀ ପ୍ରତିଭାଧାରୀଙ୍କ ସହ ସମକକ୍ଷ ହେବାକୁ ଚେଷ୍ଟା କରିବା ଦରକାର। ଆଜିର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବିଶ୍ୱରେ ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ତତ୍ତ୍ୱର ଏକ ବାକ୍ୟାଂଶ 'ସର୍ଭାଇଭାଲ ଅଫ୍ ଦି ଫିଟେଷ୍ଟ' ବା ଯୋଗ୍ୟତମର ଉତ୍ତରଜୀବିତ କଥା ଉଦ୍ଧାର କରାଯାଇପାରେ। ଯିଏ ସର୍ବଦା ନିଜକୁ କୌଣସି କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ରଖିପାରିବେ ସେ ହିଁ ତିଷ୍ଠି ରହିପାରିବେ।

ଆମେରିକାରେ ପ୍ରବାସୀ ପ୍ରସଙ୍ଗକୁ ନେଇ ଆଗକୁ କେଉଁଭଳି ସ୍ଥିତି ସୃଷ୍ଟି ହେବ ତାହା ଟ୍ରମ୍ପ ପ୍ରଶାସନର ଦ୍ୱିତୀୟ ଶାସନ କାଳରେ ଜଣାପଡ଼ିବ। ହେଲେ ଯେଉଁ ବିଷୟ ଆର୍ଗୁମେଣ୍ଟେଟିଭ୍ ଇଣ୍ଡିଆନ୍ସ ବା ଯୁକ୍ତିସକଳ ଭାରତୀୟଙ୍କୁ ଚିନ୍ତା କରିବାକୁ ସୁଯୋଗ ଦେଇଛି ତାହା ହେଲା, ନିଜ ପ୍ରିୟ ବ୍ୟକ୍ତିଙ୍କୁ ସମ୍ମାନ ଦେଉଥିବା ସମର୍ଥନକାରୀ ଅନ୍ଧ ଭକ୍ତ ପାଲଟିବା ଉଚିତ କି ନୁହେଁ। ଅର୍ଥାତ୍ ଜଣଙ୍କ ଆଦର୍ଶକୁ ଅନୁସରଣ କରାଯାଇପାରେ, କିନ୍ତୁ ତାଙ୍କଠାରେ ତ୍ରୁଟିବିଚ୍ୟୁତି ଦେଖାଦେଲେ ଦୋଷ ମଧ୍ୟ ଦର୍ଶାଯିବା କଥା। ଭାରତୀୟ ସମାଜରେ ସେଭଳି ମୂଲ୍ୟବୋଧକୁ ଗ୍ରହଣ କରାଯାଏ ନାହିଁ। ଆମେରିକାରେ ଟ୍ରମ୍ପଙ୍କୁ ମସ୍କ ସମର୍ଥନ କରୁଥିଲେ ମଧ୍ୟ 'ପ୍ରବାସୀ' ପ୍ରସଙ୍ଗରେ ଭିନ୍ନ ମତ ରଖିବା ସେଠାକାର ସ୍ୱାଧୀନଚେତା ଚିନ୍ତାଧାରାକୁ ଦର୍ଶାଉଛି। ଯେଉଁ ଦେଶରେ ନେତାଙ୍କ ଦୋଷତ୍ରୁଟିକୁ ସମାଲୋଚନା କରିବାର ସୁଯୋଗ ଦିଆଯାଏ ନାହିଁ, ସେହି ରାଷ୍ଟ୍ର ସବୁବେଳେ ପଛୁଆ ହୋଇରହିବ। ପ୍ରଶ୍ନ ପଚାରିବା ହେଉଛି ସ୍ୱାଧୀନତାର ମୂଳ। ସେହିଭଳି ସ୍ୱାଧୀନତାକୁ ପ୍ରୋତ୍ସାହିତ କରିପାରିଲେ ଅର୍ଥନୈତିକ ଏବଂ ସାମାଜିକ ଉନ୍ନତି ସମ୍ଭବପର ହୋଇଥାଏ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | 1 | 3 | |
| | | | 1 | | | 4 | | |
| | 6 | 3 | 5 | | | | | |
| | 5 | 8 | | 2 | | | | |
| | | | | 1 | 6 | | | |
| 7 | | | 4 | | | | 2 | |
| 5 | | 6 | 2 | | 4 | | 1 | |
| | | 2 | 7 | 8 | | | | 3 |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 4 | 6 | 3 | 7 | 5 | 9 | 2 |
| 3 | 5 | 9 | 8 | 1 | 2 | 4 | 7 | 6 |
| 2 | 7 | 6 | 9 | 4 | 5 | 1 | 8 | 3 |
| 9 | 2 | 5 | 1 | 8 | 4 | 3 | 6 | 7 |
| 8 | 6 | 7 | 2 | 5 | 3 | 9 | 1 | 4 |
| 4 | 3 | 1 | 7 | 6 | 9 | 2 | 5 | 8 |
| 5 | 1 | 2 | 4 | 7 | 6 | 8 | 3 | 9 |
| 7 | 4 | 8 | 3 | 9 | 1 | 6 | 2 | 5 |
| 6 | 9 | 3 | 5 | 2 | 8 | 7 | 4 | 1 |

ଗତକାଲିର ଉତ୍ତର

# ପାହାଡ଼ ସୁରକ୍ଷା ଓ ଗୋବର୍ଦ୍ଧନରୁ ଗନ୍ଧମାର୍ଦ୍ଦନ



ଡ. ପ୍ରଫୁଲ୍ଲ କୁମାର ସାହୁ

ପାହାଡ଼ ହେଉଛି ସମଗ୍ର ଜୀବଜଗତର ରକ୍ଷାକବଚ। ଜଳବାୟୁ ଓ ଋତୁଚକ୍ରର ସେ ନିୟାମକ। ପାହାଡ଼ର ଏହି ମହତ୍ତ୍ୱକୁ ହଜାର ହଜାର ବର୍ଷ ପୂର୍ବରୁ ଭାରତୀୟ ମୁନିଋଷିମାନେ ବୁଝିଥିଲେ ଏବଂ ତା'ର ସୁରକ୍ଷା ପାଇଁ ସୃଷ୍ଟି କରିଥିଲେ ଏକ ପରିବେଶ ସମ୍ବେଦୀ ସାଂସ୍କୃତିକ ପରମ୍ପରା। ପାହାଡ଼କୁ ସୁରକ୍ଷା ଦେଲେ ସେ ଆମକୁ ସୁରକ୍ଷା ଦେବ ଓ ପାହାଡ଼କୁ ନଷ୍ଟ କଲେ ସେ ଆମକୁ ନଷ୍ଟ କରିବ - ଏହି ଶାସ୍ତ୍ରବାଣୀ ଥିଲା ଭାରତୀୟ ଦର୍ଶନର ଅନ୍ତଃସ୍ୱର, ଯା'ର ଏକ ଶାସ୍ତ୍ରୀୟ ଦୃଷ୍ଟାନ୍ତ ହେଉଛି ଇନ୍ଦ୍ରଙ୍କ ପରିବର୍ତ୍ତେ ଗୋବର୍ଦ୍ଧନ ପର୍ବତକୁ ପୂଜା କରିବା ପାଇଁ ଗୋପବାସୀଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କ ପରାମର୍ଶ। ଭାଗବତରେ କବି ଜଗନ୍ନାଥ ଦାସ ଲେଖିଛନ୍ତି -'ପୂଜିବା ଗୋବର୍ଦ୍ଧନ ଶିରେ, ଯେ ଇନ୍ଦ୍ର ଯଜ୍ଞର ସମ୍ଭାରେ। ଦ୍ୱିଗୁଣ କରଇ ବଳିଭୋଜା, ସୁଖେ କରିବା ଗିରି ପୂଜା'। ଏଥିରେ ଥିବା ପ୍ରକୃତି ଉପରେ ଆଧ୍ୟାତ୍ମିକତାର ଆରୋପକୁ କେହି କବିର କଳ୍ପନା କହିପାରେ, ମାତ୍ର ଏହା ଅନ୍ତରାଳରେ ରହିଛି ଏକ ବିଜ୍ଞାନସମ୍ମତ ପାରିବେଶିକ ଦୃଷ୍ଟିକୋଣ।

ସମାଜବିଜ୍ଞାନୀଙ୍କ ମତରେ ବିକାଶ ହେଉଛି ପରିବେଶ ତନ୍ତ୍ରର ସୁରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ତଥା ସାମାଜିକ ପ୍ରଗତିର ଏକ ସୁସଙ୍ଗତ ଓ ସନ୍ତୁଳିତ ମିଶ୍ରଣ। ମାତ୍ର ଏକବିଂଶ ଶତାବ୍ଦୀରେ ପ୍ରଗତି ପ୍ରେକ୍ଷାପଟରେ ବଦଳି ଯାଇଛି ବିକାଶର ସଂଜ୍ଞା। ଶିଳ୍ପ ସଭ୍ୟତାର ଦ୍ରୁତ ଅଗ୍ରଗତି ଫଳରେ ବିକାଶ ଓ ପ୍ରକୃତି ଏବେ ମୁହାଁମୁହିଁ। ଖଣିଜ ସମ୍ପଦ ଲୁଟିବା ପାଇଁ କଟା ଚାଲିଛି ଜଙ୍ଗଲ। ଦିନରାତି ଭଙ୍ଗା ହେଉଛି ପାହାଡ଼। ଏହି କାରଣରୁ ବିଶ୍ୱ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତ ଉପରେ ପଡ଼ିଛି ମୁନାଫାଖୋର ବେପାରୀଙ୍କ ଆଖି।

ଓଡ଼ିଶାର ସୌନ୍ଦର୍ଯ୍ୟ ହେଉଛି ତା'ର ଘନ ସବୁଜ ବନଭୂମି ଓ ତରଙ୍ଗାୟିତ ନୀଳ ପର୍ବତମାଳା। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଜାତୀୟ ସଙ୍ଗୀତରେ ଲେଖିଛନ୍ତି-'ଘନଘନ ବନଭୂମି ରାଜିତ ଅଙ୍ଗେ,ନୀଳ-ଭୂଧରମାଳା ସାଜି ତରଙ୍ଗେ'। ଚିର ମଉନ ମୁଦ୍ରାରେ ଛିଡ଼ା ହୋଇଥିବା ପାହାଡ଼ଗୁଡ଼ିକ କେବଳ ନୈସର୍ଗିକ ଶୋଭାରାଜିର ଭଣ୍ଡାର ନୁହେଁ, ସେସବୁର ବୁକୁରେ ଲିପିବଦ୍ଧ ହୋଇ ରହିଛି ଆମ ଐତିହ୍ୟ, ପରମ୍ପରା ଓ କୀର୍ତ୍ତିରାଜିର ଅସରନ୍ତି ସ୍ମୃତି। ବରୁଣେଇ ପାହାଡ଼ ଯେମିତି ପାଇକ ବିଦ୍ରୋହର ସ୍ମୃତି ବହନ କରିଛି, ଧଉଳି ପାହାଡ଼ ସେମିତି ଗାଇ ଚାଲିଛି କଳିଙ୍ଗ ସେନାର ବୀରତ୍ୱର ଗାଥା। ପାହାଡ଼ର ସାମଗ୍ରିକ ସୌନ୍ଦର୍ଯ୍ୟ କଥା ବିଚାର କଲେ ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ ହେଉଛି ସୁନ୍ଦର ପ୍ରକୃତି, ସୁନ୍ଦର ସଂସ୍କୃତି ସହ ସୁନ୍ଦରତାର ଏକ ଗନ୍ତାଘର।

ସମୁଦ୍ର ପତ୍ତନଠାରୁ ୧୨ଶହ ମିଟର ଉଚ୍ଚତା ଓ ସମତଳ ଅଞ୍ଚଳଠାରୁ ୭ଶହ ମିଟର ଉଚ୍ଚରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ହେଉଛି ବରଗଡ଼ ଓ ବଲାଙ୍ଗୀର ଜିଲାର ପ୍ରାକୃତିକ ପ୍ରାଚୀର। ଉଭୟ ଜିଲାକୁ ଯୋଡୁଥିବା ଏହି ପାହାଡ଼ର ବଲାଙ୍ଗୀର ପଟରେ ରହିଛି ପବିତ୍ର ହରିଶଙ୍କର ପୀଠ ଓ ବରଗଡ଼ ପଟରେ ନୃସିଂହ ନାଥ ମନ୍ଦିର। ରାମାୟଣର ବର୍ଣ୍ଣନା ଅନୁସାରେ ରାମ-



ରାବଣ ଯୁଦ୍ଧ ସମୟରେ ହିମାଳୟରୁ ବିଶଲ୍ୟକରଣି ଆଣିବାକୁ ଯାଇ ସମଗ୍ର ଗନ୍ଧମାର୍ଦ୍ଦନ ପର୍ବତକୁ ଉଠେଇ ଆଣିଥିଲେ ଭକ୍ତ ହନୁମାନ। ଏହି ପୌରାଣିକ ଉପାଖ୍ୟାନ ସହିତ ଯୋଡ଼ି ହୋଇଯାଇଛି ଆଉ ଏକ ଜନଶ୍ରୁତି। ହନୁମାନ ଗନ୍ଧମାର୍ଦ୍ଦନ ପର୍ବତ ନେଇ ଲଙ୍କା ଫେରିବା ବେଳେ ପାହାଡ଼ର କିଛି ଅଂଶ ଓଡ଼ିଶାର ବରଗଡ଼ ଓ ବଲାଙ୍ଗୀର ଜିଲା ସୀମାରେ ଥିବା ବିନ୍ଧ୍ୟଗିରି ଉପରେ ଖସି ପଡ଼ିଥିଲା ଏବଂ ବିନ୍ଧ୍ୟଗିରିର ପରିବର୍ତ୍ତିତ ନାମ ହେଲା ଗନ୍ଧମାର୍ଦ୍ଦନ। ଘଟଣା ହୋଇପାରେ କିମ୍ବଦନ୍ତୀୟ, ମାତ୍ର ତା'ର ପ୍ରାସଙ୍ଗିକତାକୁ ସିଦ୍ଧ କରୁଛି ଆୟୁର୍ବେଦର ସ୍ୱର୍ଗ ଭାବେ ପରିଚିତି ଗନ୍ଧମାର୍ଦ୍ଦନର ଅସଂଖ୍ୟ ଔଷଧୀୟ ବୃକ୍ଷଲତା। ତଥ୍ୟ ଅନୁସାରେ ଏଠାରେ ପ୍ରାୟ ୨୪୦ ପ୍ରକାର ଜୀବନ ରକ୍ଷାକାରୀ ଔଷଧୀୟ ଗୁଳ୍ମ ଓ ୫ଶହ ପ୍ରକାର ଦୁର୍ଲ୍ଲଭ ଔଷଧୀୟ ଗଛ ଉପଲବ୍ଧ। ଏଠାରୁ ଜଡ଼ିବୁଟି ସଂଗ୍ରହ କରି ଉପଚାର କରନ୍ତି ପାହାଡ଼ ପାଦଦେଶରେ ଥିବା ଶହଶହ ବଇଦ। କେବଳ ସ୍ଥାନୀୟ ବଇଦ ନୁହନ୍ତି, ଗନ୍ଧମାର୍ଦ୍ଦନ ଉପରେ ନିର୍ଭର କରନ୍ତି ଦେଶର ଅନେକ ବଡ଼ବଡ଼ ଔଷଧ ପ୍ରସ୍ତୁତକାରୀ ସଂସ୍ଥା। ଆୟୁର୍ବେଦ ବିଜ୍ଞାନର ସଫଳ ଗବେଷଣା ଓ ଅଧ୍ୟୟନ ନିମନ୍ତେ ଏଠାରେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଗବେଷଣା ପ୍ରତିଷ୍ଠାନ। ଇତିହାସ କହେ ବହୁ ବର୍ଷ ପୂର୍ବରୁ ଏଠାରେ ପରିମଳଗିରି ନାମରେ ଏକ ବିଶ୍ୱବିଦ୍ୟାଳୟ ଥିଲା, ଯେଉଁଠି ଜ୍ଞାନ ଆହରଣ କରୁଥିଲେ ଦେଶ ବିଦେଶର ଅନେକ ବିଦ୍ୟାର୍ଥୀ। ସପ୍ତମ ଶତାବ୍ଦୀରେ ଏଠାକୁ ଆସିଥିବା ଚାଇନା ପରିବ୍ରାଜକ ହୁଏନସାଂ ଏକଥା ଲିପିବଦ୍ଧ କରିଛନ୍ତି ତାଙ୍କ ଭାରତ ଭ୍ରମଣ ବିବରଣୀରେ।

ବୌଦ୍ଧତନ୍ତ୍ରର ଆଦିପୀଠ ଗନ୍ଧମାର୍ଦ୍ଦନ। ଏଇଠି ସାଧନା କରି ସିଦ୍ଧିଲାଭ କରିଥିଲେ ବୌଦ୍ଧ-ମହାଯାନୀ ସମ୍ପ୍ରଦାୟର ତନ୍ତ୍ର ଶିରୋମଣି ତଥା ବୌଦ୍ଧତନ୍ତ୍ରର ପ୍ରବର୍ତ୍ତକ ନାଗାର୍ଜୁନ। ତାଙ୍କରି ଲେଖନୀରୁ ଏଠାରେ ନିସୃତ ହୋଇଥିଲା ବୌଦ୍ଧତନ୍ତ୍ରର ମୂଳଶାସ୍ତ୍ର 'ମଞ୍ଜୁଶ୍ରୀ ମୂଳକଳ୍ପ'। ଏହି ସିଦ୍ଧପୀଠରୁ ହିଁ ପ୍ରଜ୍ଞାପାରମିତା ସାହିତ୍ୟର ଉନ୍ମେଷ ଓ ବିକାଶ ହୋଇଛି ଏବଂ ଏଇଠି ଲେଖାଯାଇଛି ପାରମିତାବାଦର ଆଦିଗ୍ରନ୍ଥ 'ଅଷ୍ଟସାହସ୍ରିକପ୍ରଜ୍ଞାପାରମିତା' ତଥା ଅଷ୍ଟସାହସ୍ରିକ, ପଞ୍ଚବିଂଶତି ସାହସ୍ରିକ ଓ ଶତ ସାହସ୍ରିକ ଇତ୍ୟାଦି ରାଶିରାଶି ଗ୍ରନ୍ଥ। କିମ୍ବଦନ୍ତୀ ଅନୁସାରେ ଏହି ପାହାଡ଼ ଉପରେ ସାଧନା କରୁଥିଲେ ମହର୍ଷି କପିଳ।

ନୃସିଂହ ଉପାସନାର ଆଦିପୀଠ ଗନ୍ଧମାର୍ଦ୍ଦନ।ଦୈନିକ ଏଠାରେ ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ହେଉଥିବାରୁ ପ୍ରାକୃତିକ ଶୋଭାରାଜିରେ ସୁଶୋଭିତ ଏହି ଦୁଇ ପୀଠକୁ ମିଳିଛି ପର୍ଯ୍ୟଟନ ସ୍ଥଳର ମାନ୍ୟତା। ୧୯୮୦ରେ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ (ଜିଏସ୍‌ଆଇ), ଓଡ଼ିଶା ଡାଇରେକ୍ଟୋରେଟ ଅଫ ସାଇନ୍ସ (ଓଡିଏମ୍) ଓ ମିନେରାଲ୍‌ସ କର୍ପୋରେଶନ ଲିମିଟେଡ(ଏମ୍‌ସିଏଲ୍) ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାଗଲା ଯେ ଗନ୍ଧମାର୍ଦ୍ଦନ ପର୍ବତର ଉପରି ଭାଗରେ ରହିଛି ପ୍ରଚୁର ପରିମାଣରେ ଉନ୍ନତ ମାନର ବକ୍ସାଇଟ। ପ୍ରାୟତଃ ୭ କି.ମି. ବ୍ୟାପୀ ଲମ୍ବରେ ୭୩୫ ହେକ୍ଟର ଜମିରେ ବକ୍ସାଇଟ ଖଣି ଥିବା କଥା ଜାଣିଲା ପରେ ଗନ୍ଧମାର୍ଦ୍ଦନ ଉପରେ ପଡ଼ିଲା ମୁନାଫାଖୋର ବେପାରୀଙ୍କ ଲୋଲୁପ ଦୃଷ୍ଟି। ଆରମ୍ଭ ହୋଇଗଲା ଓଡ଼ିଶା ସରକାରଙ୍କୁ ପ୍ରଭାବିତ କରି ପ୍ରକୃତିକୁ ସଉଦା କରିବାର ପ୍ରତିଯୋଗିତା। ବିକାଶର ଗୋଲାପୀ ଚିତ୍ର ଆଙ୍କିବାକୁ ଯାଇ ଓଡ଼ିଶା ସରକାର ଭୁଲିଗଲେ ପାହାଡ଼ର ପାରିବେଶିକ ମୂଲ୍ୟ। ସ୍ଥାନୀୟ ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରି ଭାରତ ଆଲୁମିନିୟମ କମ୍ପାନୀ (ବାଲ୍‌କୋ) ହାତରେ ଟେକିଦେଲେ(୧୯୮୫) ଗନ୍ଧମାର୍ଦ୍ଦନର ଭାଗ୍ୟ। ମାତ୍ର ଖଣି ଖନନର ପ୍ରସ୍ତୁତି ଆରମ୍ଭରୁ ଦାନା ବାନ୍ଧିଲା ଜନଆନ୍ଦୋଳନ। ସରକାରଙ୍କ ଦମନମୂଳକ ନୀତି ସତ୍ତ୍ୱେ ବାଲ୍‌କୋ ହଟାଓ ଆନ୍ଦୋଳନ ଏତେ ତୀବ୍ର ହେଲା ଯେ ପଛଘୁଞ୍ଚା ଦେବାକୁ ବାଧ ହେଲା କମ୍ପାନୀ। ଏହା ସତ୍ତ୍ୱେ ମଧ୍ୟ ସରକାର ମୁଣ୍ଡରୁ ଉତୁରିଲା ନାହିଁ ଏହି ଦୁର୍ମୂଲ୍ୟ ପ୍ରାକୃତିକ ସମ୍ପଦକୁ ଭିନ୍ନ ଭିନ୍ନ କମ୍ପାନୀ ହାତରେ ଟେକିଦେବାର ନିଶା। ବିଶେଷକରି ଉଦାରୀକରଣ ଅର୍ଥନୀତି ଆପଣେଇବା ପରେ (୧୯୯୧) ସରକାରଙ୍କୁ ଉଲ୍ଲସିତ କଲା ବହୁଦେଶୀୟ କମ୍ପାନୀମାନଙ୍କ ଲୋଭନୀୟ ପ୍ରତିଶ୍ରୁତି। ଆମେରିକାର କଣ୍ଟିନେଣ୍ଟାଲ ରିସୋର୍ସେସ ଲିମିଟେଡ ପକ୍ଷରୁ ଦିଆ ଯାଇଥିବା ବିପୁଳ ପୁଞ୍ଜି ବିନିଯୋଗର ପ୍ରତିଶ୍ରୁତି ଆଗରେ ଆଣ୍ଠେଇ ପଡ଼ିଥିଲେ ସରକାର। ମାତ୍ର ସନନ୍ଦ ଲେଖିବା ପାଇଁ ବାଧା ଦେଇଥିଲା ଜନଆନ୍ଦୋଳନର ଭୟ।

ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟରେ ଜନଆନ୍ଦୋଳନକୁ ସରକାର କେମିତି ପରିଚାଳନା କରିବେ ତାହା ଭିନ୍ନ କଥା, କିନ୍ତୁ ଗନ୍ଧମାର୍ଦ୍ଦନ ପାଦଦେଶରେ ଆଦାନୀର ଜମି କିଣାକୁ କେନ୍ଦ୍ରକରି ସ୍ଥାନୀୟ ଲୋକଙ୍କ ମନରେ ବଢୁଛି ଆଶଙ୍କା। କମ୍ପାନୀର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପ୍ରତିବାଦ ପାଇଁ ସଜବାଜ ହେଲେଣି ସ୍ଥାନୀୟ ଅଧିବାସୀ ଏବଂ ପରିବେଶପ୍ରେମୀ। କମ୍ପାନୀ ବିରୋଧରେ ରଣହୁଙ୍କାର ଦେଲାଣି ଗନ୍ଧମାର୍ଦ୍ଦନ ସୁରକ୍ଷା ପରିଷଦ। ଏମାନଙ୍କୁ କେହି ବିକାଶ ବିରୋଧୀ ବୋଲି କହିପାରେ, ମାତ୍ର ଏମାନେ ପରିବେଶ ସୁରକ୍ଷାର ଅସଲ ସୈନିକ ସାଜି ପ୍ରତିବାଦ ନ କଲେ ଲୁଟପାଟ ହୋଇଯିବ ମାଟିତଳେ ଥିବା ଅମୂଲ୍ୟ ଖଣିଜ ସମ୍ପଦ। ଉଜୁଡ଼ିଯିବ ଔଷଧୀୟ ବୃକ୍ଷଲତାରେ ପରିପୂର୍ଣ୍ଣ ସବୁଜ ଅରଣ୍ୟ। ଅସ୍ତିତ୍ୱ ହରେଇ ବସିବ ସୁକତେଲ ଓ ଅଙ୍ଗ ଆଦି ନଦୀ ତଥା ୨୨ଟି ଚିରସ୍ରୋତା ଝରଣା। ବିପର୍ଯ୍ୟସ୍ତ ହୋଇଯିବ ଐତିହ୍ୟସ୍ଥଳୀର ଜୈବବିବିଧତା। ଜୀବିକା ହରେଇ ବସିବେ ଏହି ପାହାଡ଼ ଉପରେ ନିର୍ଭର କରି ବଞ୍ଚୁଥିବା ହଜାର ହଜାର ଲୋକ। ଅଳିଆ ସଫାକଲା ଭଳି ହଟେଇ ଦିଆଯିବ ପାହାଡ଼ ଚାରିପାଖରେ ଥିବା ଶହଶହ ଆଦିବାସୀ ବସ୍ତି। ବିକାଶର ରଥ ଚକତଳେ ଚାପି ହୋଇ ଶ୍ୱାସରୁଦ୍ଧ ହୋଇଯିବ ଗୋଟେ ସ୍ୱୟଂ ସଂପୂର୍ଣ୍ଣ ସଂସ୍କୃତି।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଶିକ୍ଷା ନା ବିଦ୍ୟା



ବୈଷ୍ଣବ ମେହେର

ଶିକ୍ଷା ଓ ବିଦ୍ୟା ଏକାଭଳି ଲାଗୁଛି। କିନ୍ତୁ ଶିକ୍ଷା ଗ୍ରହଣ କରିବା ଓ ବିଦ୍ୟା ଗ୍ରହଣ କରିବା ଆଦୌ ସମାନ ନୁହେଁ। କାରଣ ଶିକ୍ଷା ବ୍ୟକ୍ତିକୁ ଶିକ୍ଷିତ କରିଥାଏ, କିନ୍ତୁ ବିଦ୍ୟା ବ୍ୟକ୍ତିକୁ ବିଚାରବନ୍ତ କରେ। ଅପରପକ୍ଷେ ସମସ୍ତ ଶିକ୍ଷିତ ବିଚାରବନ୍ତ ନୁହନ୍ତି, କିନ୍ତୁ ସମସ୍ତ ବିଚାରବନ୍ତ ବ୍ୟକ୍ତିଙ୍କୁ ଶିକ୍ଷିତ କୁହାଯାଇପାରେ। ଚିରାଚରିତ ଢଙ୍ଗରେ ବି.ଏ., ଏମ୍.ଏ., ଏମ୍.ଫିଲ୍ କିମ୍ବା ପିଏଚ୍.ଡି. କରିଥିବା ବ୍ୟକ୍ତିଟିଏ ଉଚ୍ଚ ଶିକ୍ଷିତ ହେବାର ପ୍ରମାଣପତ୍ର ରଖିଥାଇପାରେ, କିନ୍ତୁ ସେ ଯେ ଅନେକ ସମସ୍ୟା ସମାଧାନର ସୂତ୍ର ଜାଣିଥିବ ତା'ର କିଛି ମାନେ ନାହିଁ। ଗାଁମାନଙ୍କରେ ଏମିତି ଅନେକ ଉଚ୍ଚ ଶିକ୍ଷିତ ଅଛନ୍ତି, ଯେଉଁମାନେ ନା ନିଜର କାମକୁ ଆସୁଛନ୍ତି କି ଅନ୍ୟ ପାଇଁ କିଛି କରିପାରୁଛନ୍ତି। କିଛି ତ ଛୋଟବେଳୁ ଶ୍ରେଣୀରେ ଫାଷ୍ଟକ୍ଲାସ ହେଉଥିଲେ ଓ ସେମାନଙ୍କ ଭବିଷ୍ୟତକୁ ନେଇ ମାତାପିତା, ଗୁରୁଜନ ଏପରିକି ଗାଁ ଲୋକ ଅନେକ ଆଶା ବି କରିଥିଲେ, କିନ୍ତୁ ପାଠ ସରିଲା ପରେ ସେମାନେ ଏଭଳି କିଛି କାମ କରନ୍ତି, ଯାହା ସମସ୍ତଙ୍କ ମୁଣ୍ଡ ତଳକୁ କରିଦିଏ। ବୋଧେ ଏମାନେ କେବଳ ଶିକ୍ଷା ଗ୍ରହଣ କରିଥା'ନ୍ତି, ବିଦ୍ୟା ଏମାନଙ୍କୁ ଛୁଇଁ ପାରି ନଥାଏ। ଆଉ କିଛି ଉଚ୍ଚ ଶିକ୍ଷିତ ଅଛନ୍ତି, ଯେଉଁମାନେ ପାଠ ପଢ଼ି ବଡ଼ ଚାକିରିଆ କିମ୍ବା ଭଲ ବ୍ୟବସାୟୀ ହୋଇପାରନ୍ତି, କିନ୍ତୁ ବଞ୍ଚନ୍ତି କେବଳ ନିଜ ପାଇଁ। ସେମାନେ ଏତେ ସ୍ୱାର୍ଥକେନ୍ଦ୍ରିକ ହୋଇଯାଆନ୍ତି ଯେ ନିଜ ଜନ୍ମକଲା ମା'ବାପାଙ୍କୁ ସୁଦ୍ଧା ଭୁଲିଯାଆନ୍ତି। ଅପରପକ୍ଷେ ଏମିତି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଜୀବନରେ କେବେ ସ୍କୁଲ ବାରଣ୍ଡା ମାଡ଼ି ନାହାନ୍ତି ଅଥଚ ଗାଁସାରା ଯାହା ଘରେ, ଯେଉଁଠି ଯାହା ସମସ୍ୟା ଦେଖାଦେଲେ ସେମାନେ ହିଁ ସେସବୁ ସମାଧାନର ସୂତ୍ର ଅଚିରେ ବାହାର କରିପାରନ୍ତି। ଭାଇ-ଭାଇ ଭିତରେ ପୈତୃକ ସମ୍ପତ୍ତିକୁ ନେଇ ପଟୁନଥିବ କିମ୍ବା ବୃଦ୍ଧ ମାତାପିତାଙ୍କ ଭରଣପୋଷଣ ନେଇ ବିବାଦ ଥିବ ଅବା ଗାଁରେ ସାଇ-ସାଇ ମଧ୍ୟରେ କି ଜାତି-ଜାତି ମଧ୍ୟରେ କିଛି ଅସୂୟା ଭାବ ଥିବ, ତେବେ ଏଭଳି ବ୍ୟକ୍ତିମାନେ ସାମୂହିକ ହିତ ପାଇଁ ଶାନ୍ତି ଓ ସଦ୍ଭାବ ଫେରାଇ ଆଣିପାରନ୍ତି। ସେମାନଙ୍କ କଥାବାର୍ତ୍ତା, ଆଚାର ବ୍ୟବହାରରେ ଏତେ ସରଳତା, ଶିଷ୍ଟତା ଥାଏ ଯେ ସମସ୍ତଙ୍କ ମନକୁ ଜିଣିବାରେ ସେମାନେ ସଦା ସମର୍ଥ ହୁଅନ୍ତି। ଯେତେ ବଦମାସ କି ରାଗି ପ୍ରକୃତିର ବ୍ୟକ୍ତି ହେଉନା କାହିଁକି ଏଭଳି ବ୍ୟକ୍ତିର ସାମ୍ନାକୁ ଆସିଲେ ନିମିଷକେ ଶାନ୍ତ ପଡ଼ିଯାଆନ୍ତି। ସେଭଳି କିଛି ବ୍ୟକ୍ତି ହିଁ ସମାଜର ସ୍ୱାଭିମାନ ଓ ଗୌରବ ହୋଇ ପାରନ୍ତି।

କହିବାକୁ ଗଲେ ଶିକ୍ଷା ପ୍ରାପ୍ତିରେ କିଛି ହୁଏ ନାହିଁ, ବିଦ୍ୟା ହିଁ ମଣିଷ ଭିତରେ ମାନବିକତାର ପରିପ୍ରକାଶ



କରାଏ। ଶିକ୍ଷା ଅଧିକାର ପ୍ରତି ସଚେତନ କରାଏ ଆଉ ବିଦ୍ୟା କର୍ତ୍ତବ୍ୟ କରିବାକୁ ପ୍ରେରଣା ଯୋଗାଏ। ନିଜ କର୍ତ୍ତବ୍ୟ ମାଧ୍ୟମରେ ଦେଶ ପାଇଁ, ସମାଜ ପାଇଁ, ମନୁଷ୍ୟତା ପାଇଁ ଆମେ କିଛି ଯୋଗଦାନ କରୁଛେ ବୋଲି ଆମ ଭିତରେ ଯେଉଁ ଦିନ ଏହି ବିନମ୍ର ଭାବର ପରିପ୍ରକାଶ ଘଟିବ ସେଦିନଠାରୁ ଆମ ସମାଜ, ଦେଶ ମହାନତା ଆଡ଼କୁ ଅଗ୍ରସର ହେବା ପ୍ରାରମ୍ଭ କରିଦେବ ଏବଂ ଏହି ଭାବ ଜଣେ ବିଦ୍ୟାବନ୍ତ ବ୍ୟକ୍ତି ହିଁ ନିଜ ଭିତରେ ସୃଷ୍ଟି କରିପାରିବ। ଏହା ସ୍ୱୀକାର କରିବାକୁ ହେବ ଯେ, ଶିକ୍ଷିତ ହେବାର ଆବଶ୍ୟକତା, ବୌଦ୍ଧିକ ଶିକ୍ଷାର ଆବଶ୍ୟକତା ନିହାତି ରହିଛି। କିନ୍ତୁ ଯେଉଁ ମୂଳ ସଂସ୍କାର ବିଦ୍ୟାରେ ନିହିତ ଅଛି, ତା'ର ଆବଶ୍ୟକତା ଅତି ଜରୁରୀ। କାହିଁକିନା ବିଶ୍ୱରେ ଘଟୁଥିବା ଅନେକ ବଡ଼ ସମସ୍ୟା ଅଧିକ ଶିକ୍ଷିତ କରୁଛନ୍ତି କି ଅଶିକ୍ଷିତ ସମସ୍ତଙ୍କୁ ଜଣା। ଯଦି ପ୍ରଦୂଷଣକୁ ଦେଖିବା, ତେବେ ଗାଁ ଅପେକ୍ଷା ଏହାର ଢେର ଅଧିକ ମାତ୍ରା ଭୁବନେଶ୍ୱର, ଦିଲ୍ଲୀରେ ରହିଛି। ଭାଇଚାରା ଗାଁରେ ଅଛି କି ସହରରେ ଅଛି। ଗାଁରେ କାହାର ଯଦି ମୃତ୍ୟୁ ଘଟେ, ତେବେ ଶବ ସଂସ୍କାର ନ କଲା ଯାଏ ଗାଁର ବରିଷ୍ଠ ଲୋକମାନେ ଅନ୍ନ ଗ୍ରହଣ କରନ୍ତି ନାହିଁ। ଏହା ଗାଁର ଅଶିକ୍ଷିତ ଲୋକଙ୍କ ପରମ୍ପରା ରହିଛି। ଏଥିରେ ହିଁ ଭାଇଚାରା ନିହିତ ଅଛି। ଅପରପକ୍ଷେ ସହରର ଉଚ୍ଚଶିକ୍ଷିତ ମହଲରେ କାହାର ଯଦି ପରଲୋକ ଘଟେ, ତେବେ କାହା ନିକଟରେ ଖବର ବି ନଥାଏ। ଦୁର୍ନୀତି, ଭ୍ରଷ୍ଟାଚାର ବେଶି ଗାଁରେ ହୁଏ କି ସହରରେ ସମସ୍ତଙ୍କୁ ଜଣା। କୋଟି କୋଟି ଟଙ୍କା ବ୍ୟାଙ୍କରୁ ଲୋନ ନେଇ କିମ୍ବା ଟିକସ ଫାଙ୍କି କିଏ ବିଦେଶ ପଳାଉଛି, ଶିକ୍ଷିତ ନା ଅଶିକ୍ଷିତ। ଏସବୁ ଶିକ୍ଷା ପାଇଁ ହେଉଛି କି ଅଶିକ୍ଷା ପାଇଁ। ଏହାର ଅର୍ଥ ହେଉଛି ଗାଁର ଲୋକ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ପାଠ ପଢ଼ି ଶିକ୍ଷିତ ହୋଇ ନଥାଇ ପାରନ୍ତି, କିନ୍ତୁ ସେମାନେ ନିଶ୍ଚିତ ଭାବରେ ବିଦ୍ୟାସମ୍ପନ୍ନ। ତେଣୁ ସେମାନେ ଭଲ ଭାବେ ଜାଣନ୍ତି ଯେ ଭଲ କ'ଣ ଆଉ ମନ୍ଦ କ'ଣ, ପାପ କ'ଣ ଆଉ ପୁଣ୍ୟ କ'ଣ। ତାଙ୍କୁ ଠିକ୍ ଜଣାଅଛି କ'ଣ କରାଯିବ ଓ କ'ଣ କରାଯିବା ଉଚିତ ନୁହଁ। ବିଦ୍ୟାସମ୍ପନ୍ନ ଶଯ୍ୟାଶାୟୀ ବୁଢ଼ା ବାପା ହିଁ ନିଜ ପୁଅମାନଙ୍କୁ ଡାକି ଅସ୍ପଷ୍ଟ ସ୍ୱରରେ କହିପାରେ ଯେ ଅମୁକ କିରାନା ଦୋକାନର, ଦୁଧବାଲାର, ପେପରବାଲାର ଏତିକି ଏତିକି ଟଙ୍କା ବାକି ଅଛି ସମସ୍ତଙ୍କୁ ଦେଇଦେବ। ତା'ର କହିବା କଥା ଯେ ପୃଥିବୀ ଛାଡ଼ିବା ସମୟରେ ନିଜ ମୁଣ୍ଡରେ କାହାର ଯେମିତି ଏକ ଟଙ୍କା ମଧ୍ୟ ରହି ନ ଯାଉ। ଏମିତିରେ ଦେଖିଲେ ଶିକ୍ଷା ମଣିଷକୁ ଜୀବିକା ସମ୍ପନ୍ନ କରୁଥିବା ବେଳେ ବିଦ୍ୟା ଜୀବନସମ୍ପନ୍ନ କରିଥାଏ।

**ସିନାପାଲି, ନୂଆପଡ଼ା**
**ମୋ: ୯୭୭୭୭୫୩୯୩୫**

## ଏଇ ଭାରତରେ

ହିନ୍ଦୁ ଧର୍ମରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ଦାହ ସଂସ୍କାରର ପରମ୍ପରା ରହିଛି। ହେଲେ ଗଛଟିଏ କଟାଗଲେ ଅବା ମରିଗଲେ ଦାହ ସଂସ୍କାର କରିବା କେବେ ଶୁଣିଛନ୍ତି! ଏକଥା ହୁଏତ ଅବାସ୍ତବ ମନେହୋଇପାରେ। କିନ୍ତୁ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବିହାରର ଭାଗଲପୁରରେ। ଏହି ଅଞ୍ଚଳର ମୋହନପୁର ଗାଁର ଓମ୍‌ପ୍ରକାଶ ଜୟସ୍ୱାଲ ଗାଁ ପାଖରେ ଶହ ଶହ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରୁଛନ୍ତି। ହେଲେ ତାଙ୍କର ଏଭଳି କାମକୁ କିଛି ସ୍ୱାର୍ଥପର ବ୍ୟକ୍ତି ବିରୋଧ କରି ପ୍ରାୟ ୭୦୦ରୁ ଅଧିକ ଗଛ କାଟି ଦେଇଥିଲେ। ଏହା ଦେଖି ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଏହାପରେ ଗଛକୁ ନିଜ ସନ୍ତାନ ଭାବି ତା'ର ଅନ୍ତିମ ସଂସ୍କାର କରିବା ପାଇଁ ଯୋଜନା କଲେ। ଏଥିପାଇଁ ଶବ ସତ୍କାର ବିଧିରେ କୋକେଇ ବାନ୍ଧି ଗଛର କିଛି ଡାଳକୁ ରଖି କାନ୍ଧରେ ନେଇ ଦାହ ସଂସ୍କାର କରିଥିଲେ। ପରିବେଶ ପ୍ରତି ତାଙ୍କର ଏଭଳି ଭଲପାଇବା ଦେଖି ଗାଁ ଲୋକେ ତାଙ୍କୁ ସମର୍ଥନ କରିଥିଲେ। ତେବେ ଜମି ଉପରେ କବ୍‌ଜା କରିବା ପାଇଁ କିଛି ଅସାମାଜିକ ବ୍ୟକ୍ତି ଏଭଳି ଗଛ କାଟୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ଡିସେମ୍ବର ୧୯୭୫

- ପୂର୍ବ ରେଳପଥର ପ୍ରଧାନ ଲାଇନ୍‌ରେ ମୋକାମେ ରେଳ ଜଙ୍କସନଠାରୁ ୫ କିଲୋମିଟର ଦୂର ଏକ ଛକ ସ୍ଥାନରେ ୮୬-ଡାଉନ୍ ଆସାମ ମେଲ ସହିତ ୧୧-ଅପ ହାଓ୍ୱଡ଼ା ଦିଲ୍ଲୀ ଏକ୍ସପ୍ରେସ୍ ଧକ୍କା ହେବା ଫଳରେ ୧୮ ଜଣଙ୍କ ମୃତ୍ୟୁ।
- ଧାନବାଦ ନିକଟବର୍ତ୍ତୀ ଚାସନଲା କୋଇଲା ଖଣି ଭିତରେ ଏକ ଅକାମୀ ହୋଇପଡ଼ିଥିବା ଖଣିରୁ ବନ୍ୟାଜଳ ମାଡ଼ିଆସିବା ଫଳରେ ୩୭୨ ଖଣି ଶ୍ରମିକ ଆବଦ୍ଧ।

## ପାଠକ ଶ୍ରେଷ୍ଠ ବିଚାରକ

### ଅଗ୍ରାଧିକାର କ୍ଷେତ୍ର ପ୍ରତି ଅବହେଳା

ମହାଶୟ,
କେନ୍ଦ୍ରର ଏନ୍‌ଡିଏ ସରକାର ଗତ ୧୦ ବର୍ଷ ମଧ୍ୟରେ ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ଓ ନ୍ୟାୟିକ କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି। ଏହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ମାତ୍ର କେତେକ ଅଗ୍ରାଧିକାର କ୍ଷେତ୍ର ରହିଛି, ଯାହା ପ୍ରତି ସରକାର କ୍ରମାଗତ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ଏହିସବୁ ଅଗ୍ରାଧିକାର କ୍ଷେତ୍ର ମଧ୍ୟରେ ଅତ୍ୟାବଶ୍ୟକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର କ୍ରମବର୍ଦ୍ଧିଷ୍ଣୁ ମୂଲ୍ୟବୃଦ୍ଧିକୁ ରୋକିବା, ମୁଦ୍ରାସ୍ଫୀତି ହ୍ରାସ କରିବା, ଧନୀ ଓ ଗରିବଙ୍କ ମଧ୍ୟରେ ଆର୍ଥିକ ବୈଷମ୍ୟର ବିଲୋପ, ନିର୍ବାଚନ ସଂସ୍କାର, ରାଜନୀତିରେ ଅପରାଧୀକରଣକୁ ବନ୍ଦ କରିବା, ଅତି ଧନୀଙ୍କ ଉପରେ ଅଧିକ ଟିକସ ବୃଦ୍ଧି କରିବା, ଗରିବଙ୍କ କ୍ରୟ ଶକ୍ତି ବୃଦ୍ଧି ଓ ଜନସଂଖ୍ୟା ନିୟନ୍ତ୍ରଣ ପ୍ରଭୃତି ମୁଖ୍ୟ। ଏହିସବୁ କ୍ଷେତ୍ର ପ୍ରତି ଦୃଷ୍ଟି ଦେବାକୁ ବିରୋଧୀ ଦଳ, ବୁଦ୍ଧିଜୀବୀ, ଅର୍ଥନୀତିଜ୍ଞ, ନାଗରିକ ସମାଜ ଓ ଜନସାଧାରଣଙ୍କଠାରୁ ବାରମ୍ବାର ଦାବି ହେଉଥିବା ସତ୍ତ୍ୱେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଏହା ଫଳରେ ତୃଣମୂଳରେ ଥିବା ସାଧାରଣ ଲୋକ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇ ପାରୁନାହାନ୍ତି ଓ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଏହିସବୁ ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ।

**- ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ପାଉଁ ବାରତା ମୋର
ପଠାଏଁ ପବନେ
ଲାଗଇ କି ସେ ବାରତା
ତା'ର ଅପଘନେ।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ**

**କଣ୍ଟାବାଞ୍ଜି (ଗୁରୁ ଦୟାଲ ହଂସ):** ଶନିବାର ଦିନ ଟିଟିଲାଗଡ କେଶିଙ୍ଗା ରେଳ ସେକ୍ସନର କତରକେଲା ନିକଟରେ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ପରିଚୟ ମିଳିନି । ଟିଟିଲାଗଡ ଜିଆର୍‌ପି ମୃତଦେହ ଜବତ କରିଛି । ଏନେଇ ଏକ ମାମଲା (ନଂ ୬୨/୨୦୨୪) ରୁଜୁ କରି ତଦନ୍ତ ଚାଲିଥିବା ସବ୍ ଇନ୍ସପେକ୍ଟର ରାମ କିଶୋରଙ୍କ ଠାରୁ ସୂଚନା ମିଳିଛି ।

## ସଂକ୍ଷେପରେ

### କାର୍ ଧକ୍କାରେ ୩ ଆହତ

ଲୋଇସିଂହା,୨୯।୧୨(ସୁଶାନ୍ତ ବାରିକ) ବଲାଙ୍ଗୀର ବରଗଡ ୨୬ନଂ ଜାତୀୟ ରାଜପଥର ମାଧିଆପାଲି ନିକଟରେ ଏକ ବାଇକ୍‌କୁ କାର ଧକ୍କା ଦେବାରୁ ୩ ଜଣ ବାଇକ୍ ଆରୋହୀ ଆହତ ହୋଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆହତମାନେ ହେଲେ ମୁକେଶ ମଚକିଆ, ତାଙ୍କ ସ୍ତ୍ରୀ ଓ ପୁଅ ମଞ୍ଜନ । ସେମାନଙ୍କ ଘର ଆଗଲପୁର ବ୍ଲକ ରିନବଚନ ଗ୍ରାମରେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମେଡ଼ିକାଲକୁ ନେଇଥିଲେ। ଖବର ପାଇ ପୋଲିସ ଘଟଣସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌କୁ ଅଟକ ରଖିଛି।

### ଅବକାରୀ ବିଭାଗ ପକ୍ଷରୁ ଚଢାଉ: ମଦ ଜବତ

କଣ୍ଟାବାଞ୍ଜି,୨୯।୧୨(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ମହଖଣ୍ଡ ଗ୍ରାମର ହୃଦାନନ୍ଦ ପଣ୍ଡା (୪୮)ଙ୍କ ଘରେ ଶନିବାର ଅପରାହ୍ନରେ ଚଢାଉ କରାଯାଇ ୧୮ ଲିଟର ଦେଶୀ ମଦ ଜବତ ହୋଇଛି । ହୃଦାନନ୍ଦ ନିଜ ଘର ପଛପଟେ ବେଆଇନ ଭାବେ ଉକ୍ତ ମଦ ଲୁଚାଇ ରଖିଥିଲେ । କଣ୍ଟାବାଞ୍ଜି ଅବକାରୀ ଥାନା କର୍ମଚାରୀ ପାଟ୍ରୋଲିଂ ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢାଉ କରିଥିଲେ । ଚଢାଉ ବେଳେ ଘଟଣାସ୍ଥଳରୁ ହୃଦାନନ୍ଦଙ୍କୁ ଗିରଫ କରାଯାଇ ସ୍ଥାନୀୟ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ କଣ୍ଟାବାଞ୍ଜି ଉପକାରାଗାରକୁ ପଠାଯାଇଥିବା ଅବକାରୀ ଥାନା ଅଧିକାରୀ ପ୍ରବୀଣ କୁମାର ସାହୁଙ୍କଠାରୁ ପ୍ରକାଶ ।

### ବରିଷ୍ଠ ନାଗରିକ ସଂଘର ସମାବେଶ

**ଟିଟିଲାଗଡ଼,୨୯।୧୨(ଶରତ ମିଶ୍ର):** ବରିଷ୍ଠ ନାଗରିକ ସଂଘ ଟିଟିଲାଗଡ଼ର ବାର୍ଷିକ ସମାବେଶ ସ୍ଥାନୀୟ ଜୈନ ଭବନ ପରିସରରେ ସଭାପତି ଡ. ଘନଶ୍ୟାମ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟଅତିଥି ଭାବେ ବିଧାୟକ ନବୀନ କୁମାର ଜୈନ ଓ ଅନ୍ୟତମ ଅତିଥି ଭାବେ ଟିଟିଲାଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନ ମମତା ଦେବୀ ଜୈନ ଯୋଗଦେଇଥିଲେ। ପ୍ରଥମେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନ ମୋହନ ସିଂଙ୍କ ଉଦ୍ଦେଶ୍ୟରେ ଅତିଥି ଓ ସଭ୍ୟବୃନ୍ଦ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମାଜ ଓ ରାଷ୍ଟ୍ର ନିର୍ମାଣ ତଥା ଗଠନମୂଳକ ବିକାଶରେ ବରିଷ୍ଠ ନାଗରିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବରିଷ୍ଠ ନାଗରିକମାନଙ୍କର ସୁରକ୍ଷା, ସ୍ୱାସ୍ଥ୍ୟ ତଥା ଅବସର ବିନୋଦନକୁ ପ୍ରାଥମିକତା ଦିଆଯିବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ସଂଘର କୋଷାଧ୍ୟକ୍ଷ ବୃନ୍ଦାବନ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଉପ ସଭାପତି ବୈରୀ ଗଞ୍ଜନ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବରିଷ୍ଠ ପରାମର୍ଶଦାତା ରାଜୀବ ଲୋଚନ ପାଢ଼ୀ ବିଧାୟକ ଏବଂ ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଭାପତି ଡ. ଜୈନ ବରିଷ୍ଠ ନାଗରିକ ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଉପ ସଭାପତି ଘିନୁ ଆଡଯୁଆଡ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ସଂପାଦକ ଭିକାରୀ ଚରଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସହ ସଂପାଦକ ବନମାଳୀ ଦାଶ ଓ ଅକ୍ଷୟ କୁମାର ବେହେରା ସହଯୋଗ କରିଥିଲେ।

### ବିଂଝାଲ ସମାଜ ପକ୍ଷରୁ ବୀରତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଖପ୍ରାଖୋଲ,୨୯।୧୨ (ଅଜୟ ତ୍ରିପାଠୀ) ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜ ପକ୍ଷରୁ ବୀରତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉପସଭାପତି କେଶବ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ତଥା ଉପଲାଟ ସଭାପତି ଚନ୍ଦ୍ରଶେଖର ବାଗ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା, ସଂପାଦକ ଗନ୍ଧର୍ବ ବରିହା , ଯଶୋବନ୍ତ ବରିହା,ଜିଲା ମିଡ଼ିଆ ସେଲ ସଂଯୋଜକ ଗୋରେଖନାଥ ବରିହା, ବିପିନ ବରିହା ଯୋଗ ଦେଇଥିଲେ। ବୈଠକରେ ଡିସେମ୍ବର ୩୧ରେ ସ୍ୱାଧୀନତା ସଂଗ୍ରାମୀ ସହିଦ ବୀର ମାଧୋ ସିଂ ବରିହାଙ୍କ ବୀରତା ଦିବସ ହରିଶଙ୍କରଠାରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିପିନ ବରିହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୁଟୁଲୁ ବରିହା, ହୃଷୀକେଶ ବରିହା, ମହେଶ ବରିହା,ଉଦ୍ଧବ ବରିହା, ହାଡୁ ବରିହା,ଟିକେଶ୍ୱର ବରିହା, ପିଛାଲୁ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଗୋରେଖନାଥ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ନିରୋଜଙ୍କ ପାଇଁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଲୋଇସିଂହା,୨୯।୧୨(ସୁଶାନ୍ତ ବାରିକ)**



ମା'ଙ୍କ ସହିତ ନିରୋଜ ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ସଦର ଗ୍ରାମର ନିରୋଜ ନାଗ। ବୟସ ୩୩। ଗତ ୩ ବର୍ଷ ହେଲା ତାଙ୍କ ଦେହ, ହାତ ଓ ଗୋଡ ଥରୁଛି। ଠିକ୍ ଭାବେ ଛିଡା ହେବା କଷ୍ଟକର ହେଉଛି। କୌଣସି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ ହେଁ ସ୍ୱାସ୍ଥ୍ୟରେ ସେଭଳି ଉନ୍ନତି ହେଉନାହିଁ। ଫଳରେ ସେ କୌଣସି କାମ କରି ପାରୁନାହାନ୍ତି। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଉପଯୁକ୍ତ ଭାବେ ଚିକିତ୍ସିତ ହେବା ପାଇଁ ଅର୍ଥ ବାଧକ ସାଜିଛି।

ନିରୋଜଙ୍କ ବାପା ମାର୍କଣ୍ଡଙ୍କ ୧୫ ବର୍ଷ ପୂର୍ବରୁ ଦେହାନ୍ତ ହୋଇଯାଇଛି। ଘରେ ମା' ଜନ ନାଗ (୬୨)। ମା'ଙ୍କୁ ନେଇ ଦୁଃଖ ସୁଖେ ଚାଲିଥିଲା ସଂସାର। ଜମିବାଡି କିଛି ନାହିଁ। ଏଠାରେ କାମ ନ ମିଳିବାରୁ ସୁସ୍ଥ ଥିବା ବେଳେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ରୋଜଗାର କରି ନିଜେ ଚଳି ମା'ଙ୍କ ନିକଟକୁ ଟଙ୍କା ପଠାଉଥିଲେ। ହେଲେ ୩୦ ବର୍ଷ ପୁରିବା ବେଳକୁ ତାଙ୍କଠାରେ ରୋଗର ଲକ୍ଷଣ ଜଣାପଡିଥିଲା । ଏହି ରୋଗରେ ଆକ୍ରାନ୍ତ ପରେ ଆଉ କାମ କରିବା ସମ୍ଭବପର ହୋଇ ନ ଥିଲା। ଏଣୁ ନିରୋଜ ଗାଁକୁ ଫେରି ଆସିଥିଲେ। ୩ ବର୍ଷ ହେଲା ସେ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଚିକିତ୍ସିତ ହୋଇ ଔଷଧ ଖାଉଛନ୍ତି । ମେଡିକାଲରୁ ମାଗଣାରେ କିଛି ଔଷଧ ମିଳୁଥିବା ବେଳେ ଆଉ କେତେକ ଔଷଧ ବାହାରୁ କିଣିବାକୁ ପଡୁଛି । ଏଥିପାଇଁ ମାସକୁ ପ୍ରାୟ ୨ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ସେ କହିଛନ୍ତି। ଉଭୟ ମା'ପୁଅଙ୍କୁ ଅନ୍ତୋଦୟ ଯୋଜନାରେ ଚାଉଳ ମିଳୁଛି । ମା'ଙ୍କୁ ବିଧବା ଭତ୍ତା ମିଳୁଥିବା ବେଳେ ଏବେ ୬ ମାସ ହେବ ନିରୋଜଙ୍କୁ ଭିନ୍ନକ୍ଷମ ଭତ୍ତା ବାବଦକୁ ୧ ହଜାର ଟଙ୍କା ମିଳୁଛି । ଘରେ ଆଉ କେହି ରୋଜଗାରକ୍ଷମ ବ୍ୟକ୍ତି ନ ଥିବାରୁ ଭତ୍ତା ଟଙ୍କାରେ ତାଙ୍କର ଔଷଧ କିଣାଯାଉଥିବା ବେଳେ ଭାରି କଷ୍ଟରେ ମା' ପୁଅ ଚଳୁଛନ୍ତି। ମାର୍କଣ୍ଡ ଏହି ରୋଗରେ ପୀଡିତ ଥିବାରୁ ଏହା ତାଙ୍କ ବଂଶଗତ ରୋଗ ବୋଲି ନିରୋଜ କହିଛନ୍ତି । ମା' ଜନ ବାର୍ଦ୍ଧକ୍ୟ ଯୋଗୁ ପୂର୍ବଭଳି ଆଉ ମୂଲଲାଗି ପାରୁନାହାନ୍ତି। ଏଣେ ଭେଣ୍ଡିଆ ପୁଅର ଏପରି ଅବସ୍ଥା ଦେଖି ସେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏକ ଆଜବେସ୍‌ଷ୍ଟସ ଘରେ ଉଭୟ ଦିନ କାଟୁଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ନିରୋଜଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବା ସହ ତାଙ୍କର ଉନ୍ନତ ଚିକିତ୍ସା ପାଇଁ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# 'ଭୀମଡୁଙ୍ଗ୍‌ରିର ଦାୟିତ୍ୱ ବନସୁରକ୍ଷା ସମିତିକୁ ଦିଅ'


ଏସ୍‌ପି ଅଫିସକୁ ଦାବିପତ୍ର ଦେବାକୁ ଆସିଥିବା ଭୀମଡୁଙ୍ଗୁରି ବନସୁରକ୍ଷା ସମିତି ସଦସ୍ୟମାନେ ।

**ବଲାଙ୍ଗୀର,୨୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଭୀମଡୁଙ୍ଗୁରି ବନ ସୁରକ୍ଷା ସମିତି ପକ୍ଷରୁ ନିକଟରେ ଜିଲାପାଳ, ଏସ୍‌ପି ଏବଂ ଡିଏଫ୍‌ଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଏହି ପର୍ଯ୍ୟଟନସ୍ଥଳୀର ବିଭିନ୍ନ ଅର୍ଥ ଲାଭକାରୀ ପ୍ରକଳ୍ପକୁ ପରିଚାଳନା କରିବା ପାଇଁ ଭୀମଡୁଙ୍ଗୁରି ବନସୁରକ୍ଷା ସମିତିକୁ ଦାୟିତ୍ୱ ଦିଆଯାଉ ବୋଲି ଦାବି କରାଯାଇଛି। ସମିତି ସଦସ୍ୟମାନଙ୍କ କହିବା କଥା ହେଲା ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭୀମଡୁଙ୍ଗୁରୀଠାରେ ସେମାନେ ଜଙ୍ଗଲ ସୁରକ୍ଷା କରିଆସୁଛନ୍ତି। କିନ୍ତୁ ସେମାନଙ୍କୁ ବିଭିନ୍ନ ଅର୍ଥଲାଭକାରୀ ପ୍ରକଳ୍ପର ପରିଚାଳନା ଦିଆଯାଉନାହିଁ। ଏନେଇ ଫରେଷ୍ଟର, ରେଞ୍ଜର ଏବଂ ଡିଏଫ୍‌ଓଙ୍କୁ ସେମାନେ ଭେଟି ଅନେକ ଥର ଦାବି କରିଛନ୍ତି । କିନ୍ତୁ କୌଣସି ସୁଫଳ ନ ମିଳିବାରୁ ସେମାନେ ବଲାଙ୍ଗୀର ଆସି ଜିଲାପାଳ କାର୍ଯ୍ୟାଳୟ, ଜିଲା ପୋଲିସ କାର୍ଯ୍ୟାଳୟ ଓ ଡିଏଫ୍‌ଓଙ୍କୁ ଦାବିପତ୍ର ଦେଇଥିବା ଜଣାଇଥିଲେ। ବଲାଙ୍ଗୀର ସହର ଠାରୁ ପ୍ରାୟ ୨୨ କିଲୋମିଟର ଦୂର ଭୀମଡୁଙ୍ଗରୀରେ ୬୩ଟି ପ୍ରାକୃତିକ ଗୁମ୍ଫା ରହିଛି। ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ଏହି ସ୍ଥଳ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ସରକାର ଏହାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବା ପରେ ପ୍ରତିଦିନ ଏଠାକୁ ଶତାଧିକ ପର୍ଯ୍ୟଟକ ପରିଭ୍ରମଣ ଉଦ୍ଦେଶ୍ୟରେ ଆସୁଛନ୍ତି। ନୂଆବର୍ଷରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥାଏ। ବଲାଙ୍ଗୀର ବନବିଭାଗ ପକ୍ଷରୁ ଏଠାରେ ଏକ ସୁନ୍ଦର ପାର୍କ, ପାହାଡ ଉପରକୁ ପାହାଚ, ବୋଟିଂ କମ୍ପ୍ଲେକ୍ସ ନିର୍ମାଣ ହୋଇଛି। ଏସ୍‌ଏଚ୍‌ଜି ସଦସ୍ୟାମାନେ ଏଠାରେ ମିଶନ୍ କାଫେ ଏବଂ ରେଷ୍ଟୁରାଣ୍ଟ ଚଳାଉଛନ୍ତି। ଏହିସବୁ ପ୍ରକଳ୍ପ ମଧ୍ୟରୁ କୌଣସି ଗୋଟିଏ କିମ୍ବା ଏକାଧିକ ପ୍ରକଳ୍ପକୁ ବନସୁରକ୍ଷା ସମିତିକୁ ଦେବାକୁ ସେମାନେ ଦାବି କରିଛନ୍ତି।

# ମା' ଜାଡେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ପାତଲପଡା ଚାମ୍ପିୟନ

**ମୁରିବାହାଲ,୨୯।୧୨(ଶ୍ରୀବତ୍ସ ବେହେରା):** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଚୁଲିଫୁଙ୍କା ପଞ୍ଚାୟତ କନାବିରା ଗାଁରେ ଚାଲିଥିବା ମା' ଜାଡେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଖଗସା ଓ ପାତଲପଡା ଦଳ ଫାଇନାଲ ମ୍ୟାଚକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଖଗସା ଦଳକୁ ପରାସ୍ତ କରି ପାତଲପଡା ଦଳ ଚାମ୍ପିୟନ ହୋଇଛି। ଭରତ କାଣ୍ଡ ଓ କରନ ଭାଟି ଖେଳ ପରିଚାଳନା ବେଳେ ଦୀନବନ୍ଧୁ ଟାକରି ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ବେହେରା, ସାମାଜିକ କର୍ମୀ ପ୍ରତାପ ଭାଟି, ନାଏବ ସରପଞ୍ଚ କୁନୁ ଭରାସଗରିଆ, ଅଶୋକ ଛୁରା, ଅବସରପ୍ରାପ୍ତ ଯବାନ ଉମାଶଙ୍କର ଘିଭେଲା, ଧନସିଂ ନାଗ,ହେମନ୍ତ ସାହୁ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଆୟୋଜକ କମିଟିର ସଭାପତି ହୃଷୀ କାଣ୍ଡ, ପରମାନନ୍ଦ ଭାଟି, ହେମରାଜ ଭାଟି, ଆଶିଷ ଭାଟି, ନରେନ୍ଦ୍ର ଭରାସଗରିଆ, ଗଙ୍ଗା ଭାଟି, ଦେବାଶିଷ ଭାଟି, ସଞ୍ଜୀବ କାଣ୍ଡ, ଟୁନା ଭାଟି, ମୁକେଶ କାଣ୍ଡ, ଜିତେନ ଘିଭେଲା, ବନ୍ତ ଭାଟି, କେବଳ କାଣ୍ଡ,ଚୂଡ଼ାମଣି ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବୁଢ଼ିଆଇ ଫୁଟବଲ ଟୁର୍ଣ୍ଣାମେଣ୍ଟ : ଅର୍ଜୁନପୁର ଚାମ୍ପିୟନ


ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଅବସରରେ ଚାମ୍ପିୟନ ଦଳ ସହ ଅତିଥିବୃନ୍ଦ ।

**ଦେଓଗାଁ,୨୯।୧୨ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁର ଖେଳପଡିଆଠାରେ ବୁଢ଼ିଆଇ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅର୍ଜୁନପୁର ଓ କନ୍ଧକେଲ ଗାଁ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ଅର୍ଜୁନପୁର ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଖେଳକୁ ଅନିଲ କୁମାର ନନ୍ଦ, ସୂର୍ଯ୍ୟପ୍ରକାଶ ନାଏକ, ବବୁଲୁ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ । ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର , ସମ୍ମାନିତ ଅତିଥି ଭାବେ ତହସିଲଦାର ବିକ୍ରମ କେଶରୀ ନାୟକ ଯୋଗଦେଇ ଚାମ୍ପିୟନ ଓ ରନରଅପ ଦଳକୁ ପୁରସ୍କୃତ କରିଥିଲେ । ଲିଟୁ ସିଂ, ଫକିର ଭୋଇ, ଶୁଭମ ସୁନା, ରାଜ ନନ୍ଦ, ସାହିଲ ଦଣ୍ଡସେନା ତଥା ବୁଢ଼ିଆଇ ଫୁଟବଲ କମିଟିର କର୍ମକର୍ତ୍ତା ସହଯୋଗ କରିଥିଲେ ।

### ଶିବରାତ୍ରି ଉପଲକ୍ଷେ ପ୍ରସ୍ତୁତି ବୈଠକ

**କଣ୍ଟାବାଞ୍ଜି,୨୯।୧୨(ଗୁରୁ ଦୟାଲ ହଂସ):** ବଲାଙ୍ଗୀର ଜିଲାର ସର୍ବ ପୁରାତନ ଶୈବ ପୀଠ ତଥା ଯୋଗିନୀ ପୀଠ ରାଣୀପୁର ଝରିଆଲରେ ଶିବରାତ୍ରି ଉପଲକ୍ଷେ ପ୍ରସ୍ତୁତି ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀ, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀରଙ୍କ ସହ ପୂଜା କମିଟିର ସଭ୍ୟ ଓ ଅଞ୍ଚଳବାସୀ ସାମିଲ ହୋଇଥିଲେ ।

# ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର: ଶୌଚାଳୟରେ ଝୁଲୁଛି ତାଲା

**ଲୋଇସିଂହା,୨୯।୧୨(ସୁଶାନ୍ତ ବାରିକ)**




ବର୍ତ୍ତମାନ ସମୟରେ ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ପରିସ୍ରା ସଂକ୍ରମଣ ଏକ ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି। ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର କାରଣ ଜାଣିବା ପାଇଁ ଡାକ୍ତର ପ୍ରଥମେ ପରିସ୍ରା ପରୀକ୍ଷା କରାଇ ନେବାକୁ ପରାମର୍ଶ ଦେଉଛନ୍ତି। ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀଙ୍କ ପାଇଁ ପରିସ୍ରାଗାର ଥାଇ ସୁଦ୍ଧା ଲୋକଙ୍କ କାମରେ ଆସୁନାହିଁ। ବିଶେଷ କରି ମହିଳାଙ୍କୁ ଅପଦସ୍ଥ ହେବାକୁ ପଡୁଛି। ଏଥିପ୍ରତି ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କୋଭିଡ ସମୟରେ ସ୍ଥାନୀୟ ଜଣେ ଜନପ୍ରତିନିଧିଙ୍କ ଦ୍ୱାରା ସରକାରୀ ଅନୁଦାନରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଔଷଧ ଦୋକାନ ପଛପଟେ କେତୋଟି ପରିସ୍ରାଗାର ନିର୍ମାଣ ହୋଇଛି। ନିମ୍ନମାନର କାମ ଯୋଗୁ ସେସବୁ ଅଳ୍ପଦିନ ମଧ୍ୟରେ ଶୋଚନୀୟ ହୋଇପଡିଛି । ଅପରପକ୍ଷେ ରକ୍ଷଣାବେକ୍ଷଣ ଅଭାବରୁ ତାହା ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଏହାଛଡା ସ୍ୱାସ୍ଥ୍ୟକେନ୍ଦ୍ର ସମନ୍ୱିତ ପରୀକ୍ଷାଗାର ପାର୍ଶ୍ୱରେ ଏମସିଏଲ ପାଣ୍ଠିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ଅତ୍ୟାଧୁନିକ ଶୌଚାଳୟ ଓ ପରିସ୍ରାଗାର ନିର୍ମାଣ ହୋଇଛି। ହେଲେ ତାହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ନବ ନିର୍ମିତ ଶୌଚାଳୟରେ ତାଲା ଝୁଲୁଛି।

### ମହିଳା ହେଉଛନ୍ତି ହଟହଟା

ବାରମ୍ବାର ଜ୍ୱର ହେବା, ମୁଣ୍ଡବ୍ୟାଥା ଆଦି କାରଣ ଜାଣିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ପରାମର୍ଶକ୍ରମେ ନିୟମିତ ଭାବେ ରୋଗୀ ପରିସ୍ରା ପରୀକ୍ଷା ପାଇଁ ସମନ୍ୱିତ ପରୀକ୍ଷାଗାରକୁ ଆସୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସ୍ରାଗାର କାମରେ ଆସୁ ନ ଥିବାରୁ ରୋଗୀଙ୍କୁ ପାଖରେ ଥିବା ଖୋଲା ସ୍ଥାନକୁ ଯିବାକୁ କୁହାଯାଉଛି। ବାଧ ହୋଇ ମହିଳାମାନେ ଉକ୍ତ ସ୍ଥାନରେ ପରିସ୍ରାକୁ ସଂଗ୍ରହ କରି ଆଣି ସମନ୍ୱିତ ପରୀକ୍ଷାଗାରରେ ଦେଉଛନ୍ତି । ଏଥିପାଇଁ ମହିଳାମାନେ ହଟହଟା ହେଉଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଶେଖରଲାଲ ପଧାନଙ୍କୁ ପଚାରିବାରେ ତାଲା ପଡିଥିବା ଶୌଚାଳୟ ଖୋଲାଇବାର ବ୍ୟବସ୍ଥା ଖୁବଶୀଘ୍ର କରାଯିବ ବୋଲି କହିଛନ୍ତି।

# ସ୍ୱାସ୍ଥ୍ୟକର ଖାଦ୍ୟ ପାଇଁ ପାଚିକା, ସହାୟିକାଙ୍କୁ ପ୍ରଶିକ୍ଷଣ


ଗଇଁତଲା ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ପାଚିକା ଓ ସହାୟିକାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ଶିବିର ।

**ବଲାଙ୍ଗୀର, ୨୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ପୁଇଁତଲା ବ୍ଲକ ଅଧୀନରେ ନିୟୋଜିତ ଥିବା ପାଚିକା ଓ ସହାୟିକାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିକଟରେ ତିନି ଦିନ ଧରି ପ୍ରଶିକ୍ଷଣ ଶିବିର ଗଇଁତଲା ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଲୋକନାଥ ସୁନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ପରିଷ୍କାର ପରିଚ୍ଛନ୍ନତା, ହାତ ଧୁଆ କୌଶଳ, ମଧ୍ୟାହ୍ନ ଭୋଜନ ରୋଷେଇ ପ୍ରଣାଳୀ, ଖାଦ୍ୟର ପୋଷକ ତତ୍ତ୍ୱ ବିଷୟରେ ଆଲୋଚନା ମାଧ୍ୟମରେ ତାଲିମ ଦିଆଯାଇଥିଲା। ପ୍ରତ୍ୟେକ ପାଚିକା ଓ ସହାୟିକାମାନଙ୍କୁ ଆପ୍ରନ ଯୋଗାଇ ଦିଆଯାଇଥିଲା। ଶିବିରରେ ମଧ୍ୟାହ୍ନ ଭୋଜନର ଡାଟା ଏଣ୍ଟ୍ରି ଅପରେଟର ବାଗଦତ୍ତା ମିଶ୍ରଙ୍କ ସମେତ ତାଲିମଦାତା ଭାବେ ରଞ୍ଜିତ ମିଶ୍ର ଓ ପ୍ରମୋଦ ପଟେଲ ଯୋଗ ଦେଇଥିଲେ। ନିରୀକ୍ଷକ ଭାବେ ଲଛମନ ପଧାନ, ନୀଳମଣି ପଣ୍ଡା ଓ ଗୋପାଳ ବୁଡେକ ଯୋଗ ଦେଇଥିଲେ। କ୍ଲଷ୍ଟରର ମୋଟ ୩୦୫ ଜଣ ପାଚିକା ଓ ସହାୟିକା ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖାଦ୍ୟକୁ ନେଇ ରନ୍ଧନ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ଲାଠୋର ଧନୁଯାତ୍ରା ମହୋତ୍ସବର ୬ଷ୍ଠ ସନ୍ଧ୍ୟା


ଧନୁଯାତ୍ରା ମଞ୍ଚରେ କଂସଙ୍କ ସହ ଅତିଥି ବୃନ୍ଦ ।

**ଲାଠୋର,୨୯।୧୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ଜୟ ମା' ବସ୍ତ୍ରେନ ଧନୁଯାତ୍ରା କମିଟି ପକ୍ଷରୁ ସଭାପତି ହରି ବାରିକଙ୍କ ତତ୍ତ୍ୱାବଧାନରେ ଚାଲିଥିବା ୧୫ ତମ ଧନୁଯାତ୍ରାର ଶନିବାର ଥିଲା ୬ଷ୍ଠ ସନ୍ଧ୍ୟା । କଂସ ଦରବାରରେ ରାଜଅତିଥି ଭାବେ ଲାଠୋର ଥାନା ଅଧିକାରୀ ରାକେଶ ବେହେରା,ରେଞ୍ଜର ଶୈଳେଶ କୁମାର ବିଶି, ଖବରଦାତା ଭୁବନେଶ୍ୱର ବାରିକ, ପ୍ୟାକ୍ସ ସଭାପତି ଈଶ୍ୱର ଖର୍ସେଲ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ନୃତ୍ୟ ପରିବେଷଣ କରି ସ୍ୱାଗତ କରାଯାଇଥିଲା। ବର୍ତ୍ତମାନର ପ୍ରତିଯୋଗିତାମୂଳକ ଡିଜିଟାଲ ଦୁନିଆରେ ନିଜକୁ ଖାପ ଖୁଆଇ ଚଳିବାକୁ ହେଲେ ଶିକ୍ଷାର ନିତାନ୍ତ ଆବଶ୍ୟକତା ରହିଛି। ଗୋଟେ ଶିଶୁକୁ ଭଲ ସଂସ୍କାର ଦେଇ ତାକୁ ପାଠ ପଢାଇ ସମାଜରେ ଭଲ ମଣିଷ ଭାବେ ଗଢି ତୋଳିବା ଉଭୟ ମା' ବାପା ଏବଂ ଗରୁଜନଙ୍କ ଗୁରୁ ଦାୟିତ୍ୱ ବୋଲି ଖବରଦାତା ବାରିକ କହିଥିଲେ। ରେଞ୍ଜର ବିଶି ତାଙ୍କ ବକ୍ତବ୍ୟରେ ପ୍ରାୟ ଏକ ମାସ ହେବ ଲାଠୋର ଅଞ୍ଚଳରେ ବଣୁଆ ହାତୀ ବୁଲୁଛି। ଆମେ ନିଜେ ସତର୍କ ରହିବା ସହ ତାକୁ ସୁରକ୍ଷା ଦେବା ଆମର ନୈତିକ କର୍ତ୍ତବ୍ୟ ବୋଲି କହିଥିଲେ। ଥାନା ଅଧିକାରୀ ବେହେରା ଧନୁଯାତ୍ରା ଶାନ୍ତିଶୃଙ୍ଖଳାର ସହ ଆୟୋଜନ ହେଉଥିବାରୁ କମିଟି ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ୬ଷ୍ଠ ସନ୍ଧ୍ୟା ମଞ୍ଚରେ ପଦ୍ମାବତୀଙ୍କ ଧନ୍ୱନ୍ତରୀ ଓଷା ଦୃଶ୍ୟ ଦର୍ଶକଙ୍କ ମନ ମୋହିଥିଲା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ମିନାବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଦୋଳିର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଉପଦେଷ୍ଟା ରମାକାନ୍ତ ମହାନ୍ତିଙ୍କ ସହ ଉପସଭାପତି କ୍ଷୀର ଭଇଁଷାଲ,ସମ୍ପାଦକ ସଚ୍ଚିକାନ୍ତ ଦାସ,ସହସମ୍ପାଦକ ନୀଳମଣି ବେହେରା,କୋଷାଧ୍ୟକ୍ଷ ବିଦ୍ୟାଧର ଗୁର୍ଲା, ରୋହିତ ମେହେରଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

**ARADHYA JEWELLERY**
(TATA TANISHQ)
WALK-IN INTERVIEW FOR
Retail Sales Officer / Sr. Retail Sales Officer
(Both Male & Female)
Eligibility - Minimum 10th Pass
(Both freshers and experienced candidates can apply)
Skills - Fluency in local Language, Odia & Hindi
Date - 04.01.2025 & 07.01.2025 / Time - 11 A.M. to 2 P.M.
VENUE
Tanishq, Infront of Hanuman Temple, Bahadur Bagicha Pada, Bhawanipatana, Odisha - 766001

No.A-791
ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର- (06856)-291081 & ଇ-ମେଲ୍: eemirgd@ymail.com
ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ -୦୮/କ୍ଷୁ:ଜ:ବି ରାୟଗଡ଼ା / ୨୦୨୪-୨୫
(BID IDENTIFICATION NO. ONLINE- 08 / MID RGD/ 2024-25)
ପତ୍ର ସଂଖ୍ୟା: ୪୯୩୬// କ୍ଷୁ:ଜ:ବି ରାୟଗଡ଼ା//ତାରିଖ ୨୬।୧୨।୨୦୨୪
ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି ।

| | | | |
|---|---|---|---|
| ୧ | କାମର ନାମ | : | ରାୟଗଡ଼ା ଜିଲ୍ଲାରେ କାପେକ୍ସ ଲାଇନିଙ୍ଗ (CAPEX Lining) ଯୋଜନାରେ ବାରିଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ସିଙ୍ଗୁବାଇ ମାଇନର କେନାଲର ସିମେଣ୍ଟ କଂକ୍ରିଟ୍ ଲାଇନିଂ ନିର୍ମାଣ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୧ (ଏକ) ମାତ୍ର |
| ୩ | ଅକଟଳ ମୂଲ୍ୟ | : | ଆନୁମାନିକ ୫୮.୫୦ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | : | ତା୦୧।୦୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | : | ତା୧୩।୦୧।୨୦୨୫ରିଖ ଦିବା ୧୧.୦୦ ଘଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | : | ଅନ୍‌ଲାଇନ |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
OIPR-32524/11/0012/2425

# ରିହର୍ସାଲରୁ ଦୃଶ୍ୟାଭିନୟ ଝଲକ

**ବରଗଡ଼,୨୯।୧୨(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉ ମାତ୍ର ୫ ଦିନ ବାକି ରହିଲା। ମହୋତ୍ସବକୁ ଉପଭୋଗ କରିବା ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଦେଖାଯାଇଛି। ସେହିପରି କଳାକାରମାନେ ମଧ୍ୟ ଅନ୍ୟବର୍ଷ ତୁଳନାରେ ଏଥର ନିଖୁଣ ଅଭିନୟ କରିବା ପାଇଁ ସେମାନଙ୍କ ରିହର୍ସାଲ ଜାରି ରଖିଛନ୍ତି। ସୋମବାର କଳାକାରଙ୍କ ରିହର୍ସାଲ ସରିବ ବୋଲି ଧନୁଯାତ୍ରା ମହୋତ୍ସବ ସମିତି କଳାକାର ସମନ୍ୱୟ ସମିତିର ସହ ଆବାହକ ଅଶୋକ ବେହେରା କହିଛନ୍ତି। କଳାକାରଙ୍କ ଅଭିନୟ ଅନ୍ୟବର୍ଷଠାରୁ ଏଥର ଅଧିକ ଆକର୍ଷଣୀୟ ଏବଂ ଚିତ୍ତାକର୍ଷକ ହେବ ବୋଲି ବେହେରା କହିଛନ୍ତି।

୨୦୨୫ ଜାନୁଆରୀ ୩ତାରିଖରୁ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ। ଏହା ୧୧ଦିନ ବ୍ୟାପୀ ଜାନୁଆରୀ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ଗତବର୍ଷ ଧନୁଯାତ୍ରାର ଅନେକ କଳାକାର ଏଥର ବଦଳିଛନ୍ତି। ସେମାନଙ୍କ ମଧ୍ୟରେ କଂସ, ଶ୍ରୀକୃଷ୍ଣ, ବଳରାମ ଅଭିନେତା ମଧ ରହିଛନ୍ତି। ଭୁବନେଶ୍ୱର ପ୍ରଧାନ କଂସ, ସ୍ୱପ୍ନିଳ ମହାପାତ୍ର କୃଷ୍ଣ, ଦିବ୍ୟାଂଶୁ ବିଡ଼ିଆ ବଳରାମ ଏବଂ ସାଇନା ପ୍ରଧାନ ଶ୍ରୀରାଧା ଭୂମିକାରେ ଅଭିନୟ କରିବେ। ଏଥର ଧନୁଯାତ୍ରା ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ମନ୍ତ୍ରୀମଣ୍ଡଳର ଅନେକ ମନ୍ତ୍ରୀ ଏବଂ ରାଜ୍ୟ ବାହାର ବିଶିଷ୍ଟ ଅଭିନେତା ମଧ୍ୟ ରାଜ ଅତିଥି ଭାବେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଦୃଷ୍ଟିରୁ କଳାକାରଙ୍କ ଦୃଶ୍ୟାଭିନୟ ଯେଭଳି ଅଧିକ ଉଚ୍ଚକୋଟୀର ହେବ ସେଥିପ୍ରତି ଧନୁଯାତ୍ରା ମହୋତ୍ସବ ସମିତି ଗୁରୁତ୍ୱ ଦେଇଛି।

ଏହି କ୍ରମରେ ଗତ ୧୬ତାରିଖରୁ ବରଗଡ଼ ଗାନ୍ଧୀଛକ କଲ୍ୟାଣ ମଣ୍ଡପରେ ଧନୁଯାତ୍ରା କଳାକାରଙ୍କ ରିହର୍ସାଲ ଆରମ୍ଭ ହୋଇଛି। ଏଥିରେ ଧନୁଯାତ୍ରାର ସମସ୍ତ ଦୃଶ୍ୟାଭିନୟ ଉପରେ କଳାକାର ନିଜ ଅଭିନୟର ଯାଦୁ ଦେଖାଉଛନ୍ତି। ଉଗ୍ରସେନ ମହାରାଜଙ୍କ ରାଜାଭିଷେକ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସଙ୍କ ସିଂହାସନ ଆରୋହଣଠାରୁ ଆରମ୍ଭ କରି ଶ୍ରୀକୃଷ୍ଣ, ବଳରାମଙ୍କ ଦ୍ୱାରା କଂସବଧ ପର୍ଯ୍ୟନ୍ତ ସମସ୍ତ ଦୃଶ୍ୟାଭିନୟରେ କଳାକାରମାନେ ରିହର୍ସାଲ କରିଛନ୍ତି। ସୋମବାର ଏହାର ଶେଷ ଦିବସ ରହିଛି ବୋଲି ଧନୁଯାତ୍ରା କଳାକାର ସମନ୍ୱୟ ସମିତିର ସହ ଆବାହକ ବେହେରା କହିଛନ୍ତି। ପୂର୍ବାଭ୍ୟାସରେ ଧନୁଯାତ୍ରା କଳାକାର ସମନ୍ୱୟ ସମିତିର ସହ ଆବାହକ ବେହେରାଙ୍କ ସମେତ ଭୁବନ ଭୋଇ, ନକୁଳ ବାଦୀ ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ଦିଗ୍‌ଦର୍ଶନ ଦେଉଛନ୍ତି।


କଳାକାରଙ୍କ ପୂର୍ବାଭ୍ୟାସରେ କଂସ ବଧ ଦୃଶ୍ୟାଭିନୟ।

**ବରଗଡ଼ ଧନୁଯାତ୍ରା ମହୋତ୍ସବ**
- ଆଜି ସରିବ କଳାକାରଙ୍କ ରିହର୍ସାଲ
- ଏଥର ଦୃଶ୍ୟାଭିନୟକୁ ସଭିଙ୍କ ନଜର

# ୧୨ରେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

**ପଦ୍ମପୁର,୨୯।୧୨ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ପଦ୍ମପୁର ବ୍ୟାଡ୍‌ମିଣ୍ଟନ ଉନ୍ନୟନ କମିଟି ପକ୍ଷରୁ ଜାନୁଆରୀ ୧୨ ତାରିଖରେ ସନ୍ତୋଷ କୁମାର ବୈକାରଙ୍କ ସ୍ମୃତିରେ ପ୍ରଥମ ରାଜ୍ୟସ୍ତରୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଅବସରରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖେଳାଳିମାନଙ୍କ ମଧ୍ୟରେ ବ୍ୟାଡମିଣ୍ଟନ ଖେଳ ପ୍ରତି ଆଗ୍ରହ ବୃଦ୍ଧି କରିବା ଏବଂ ସେମାନଙ୍କୁ ରାଷ୍ଟ୍ରୀୟ ମଞ୍ଚ ମଧ୍ୟରେ ଆଣିବା ଲକ୍ଷ୍ୟରେ ବରଗଡ଼ ଜିଲା ପଦ୍ମପୁରରେ ୧୫ରୁ ୧୯ ବର୍ଷ ବର୍ଗର ଖେଳାଳିମାନଙ୍କୁ ନେଇ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ଆୟୋଜନ କମିଟି ସଭାପତି ହରି ସିଂ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ପ୍ରତାପ ମିଶ୍ର, ବିଷ୍ଣୁ ମାଧବ ଦୋରା, ରାଜେଶ ଅଗ୍ରୱାଲ, ନିପନ ସାହୁ, ଦୀପକ ଅଗ୍ରୱାଲ, ଦିନେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ବରଗଡ଼ ଚାମ୍ପିୟନ

**ଗାଇସିଲେଟ,୨୯।୧୨(ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଗାଇସିଲେଟ ଆଥଲେଟିକ ଆସୋସିଏଶନ ତରଫରୁ ୨୭ତମ ମା ବହଲତଲିଏନ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ପ୍ରଥମ ଦିନ ଗାଇସିଲେଟ ଓ ଖରମୁଣ୍ଡା ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଖରମୁଣ୍ଡା ଦଳ ବିଜେତା ହୋଇ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ବରଗଡ (ସରତ) ଓ ବଲାଙ୍ଗୀର ଜିଲା ଖପ୍ରାଖୋଲ ମଧ୍ୟରେ ଅନୁଷ୍ଠିତ ହୋଇ ବରଗଡ଼ ଦଳ ବିଜୟୀ ହୋଇ ସେମି ଫାଇନାଲକୁ ଯାଇଥିଲା। ଦ୍ୱିତୀୟ ଦିବସରେ ଭେଡେନ ଓ ବଲାଙ୍ଗୀର ଦଳ ମଧ୍ୟରୁ ବଲାଙ୍ଗୀର ବିଜୟୀ ହୋଇଥିଲା। ସମ୍ବଲପୁର ଓ କଟାବାଞ୍ଜି ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ବଲପୁର ଦଳ ବିଜୟୀ ହୋଇ ସେମି ଫାଇନାଲକୁ ଯାଇଥିଲା। ସେହିପରି ସେମିଫାନାଲ ଖରମୁଣ୍ଡା ଓ ବରଗଡ ମଧ୍ୟରେ ହୋଇ ବରଗଡ ଦଳ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ବଲାଙ୍ଗୀର ଓ ସମ୍ବଲପୁର ମଧ୍ୟରୁ ବଲାଙ୍ଗୀର ବିଜୟୀ ହୋଇ ଫାଇନାଲକୁ ଯାଇଥିଲା। ଫାଇନାଲ ମ୍ୟାଚ୍ ବରଗଡ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ବରଗଡ଼ ଦଳ ୫–୧ରେ ବିଜେତା ହୋଇ ନଗଦ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ଉପ ବିଜେତା ବଲାଙ୍ଗୀର ଦଳ ୧୦ ହଜାର ଟଙ୍କା ସହ କପ୍ ପାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ତ୍ରିବେଦୀ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷ ପ୍ରଣୟ କୁମାର ସାହୁ ମୁଖ୍ୟ ଅତିଥି, ୟୁଥ୍ କ୍ଲବ ସଭାପତି ରଞ୍ଜନ କୁମାର ପଣ୍ଡା, ସରପଞ୍ଚ ଶରତ କାଲୋ, ସମିତି ସଭ୍ୟ ଦେବେନ୍ଦ୍ର ଯୋଷୀ, ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ମଦନ ଦୀପ, ଜିଲା ଭାଜପା ଉପସଭାପତି ପ୍ରବୀଣ କୁମାର ପାଣିଗ୍ରାହୀ, ମଣ୍ଡଳ ସଭାପତି ଆନନ୍ଦ ମଟାରୀ, ପୂର୍ବତନ ସରପଞ୍ଚ ଭାରତ ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଗୌରାଙ୍ଗ ପାଣ୍ଡେ, ସୁରେଶ ନାୟକ, ମୋହନ ମହାଲିଙ୍ଗ ଓ ଅଜୟ ପଧାନ ଖେଳ ପରିଚାଳନା କରିଥିଲେ। ମୁନ୍ନା ସେଠ ଓ ପ୍ରମୋଦ କଲେତ ବିବରଣୀ ପ୍ରଦାନ କରିଥିଲେ। ଆସୋସିଏଶନର ପ୍ରକାଶ ଚନ୍ଦ୍ର କଲେତ, ଲିପୁ ସେଟ, କୈଳାଶ କଲେତ ଓ ଅଶୋକ ପାଇକ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା କଲେଜର ନବମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥିଗଣ।

**ବରପାଲି,୨୯।୧୨(ଚିତ୍ତରଞ୍ଜନ ସାହୁ)**

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ନବମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ଅଧ୍ୟାପିକା ପୁନମ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଲେଣ୍ଡା ସରପଞ୍ଚ ସୁଜାତା ବେହେରା ମୁଖ୍ୟ ଅତିଥି, ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା, ନାଟ୍ୟକାର ପ୍ରଭୁ ଚରଣ ମହାନ୍ତି, ନାଟ୍ୟକାର ଅମିତ କୁମାର ପଧାନ, ପୂର୍ବତନ ସରପଞ୍ଚ ଦଶରଥ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥବଲେ। କ୍ରୀଡା ପ୍ରଶିକ୍ଷକ ଲୋକନାଥ ମେହେରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷା ବିଭାଗ ଅଧାପିକା ଶୋଭାବତୀ ଥପା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ନୀଳିମା ନାୟକ, ପିଙ୍କି ବାରିକ, ଜ୍ୟୋତି ସାହୁ, ପରିଣୀତା ପଧାନ, ମନୀଷା ଭୋଇ, ସସ୍ମିତା ମେହେର, ଅଧାପକ ନେପାଳ ବିଶ୍ୱାଳ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# କ୍ରିଷ୍ଣା କପ୍ ଉଦ୍‌ଯାପିତ: ମହୁଲପାଲି ଚାମ୍ପିୟନ

**ପଦ୍ମପୁର,୨୯।୧୨(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ମହୁଲପାଲି ସ୍କୁଲ ପଡ଼ିଆରେ କେସିସି ପକ୍ଷରୁ ଆୟୋଜିତ ୨୧ତମ କ୍ରିଷ୍ଣା କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ମହୁଲପାଲି ଦଳ ଝାଙ୍କରପାଲି ଦଳକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଆନନ୍ଦ ବେହେରା ମୁଖ ଅତିଥି, ଚୈତନ୍ୟ ଲୁହା, ଝସକେତନ ସାହୁ, ସୁନୀଲ ବେହେରା, ମୁରାରି ସାହୁ, ଜୟନ୍ତ ସେଠ ଓ ତୃପ୍ତିମୟ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ମହୁଲପାଲିର ପ୍ରଶାନ୍ତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାପତି ମତିଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ମାଁ ଦୁର୍ଗେଇ ଦେବୀଙ୍କ ପୂଜା ପରିଚାଳନା କମିଟି ବୈଠକ

**ପାଇକମାଲ,୨୯।୧୨(ବଡ଼ ଶତପଥୀ)**

ବରଗଡ ଜିଲା ପାଇକମାଲ ବ୍ଲକ ମିଠାପାଲି ପଞ୍ଚାୟତ ମନଭଙ୍ଗ ଡ୍ୟାମସ୍ଥିତ ଯମୁନା କନ୍ଧୁଣୀ ଶକ୍ତିପୀଠରେ ଗତ ୧୪ ଓ ୧୫ ତାରିଖରେ ମାଁ ଦୁର୍ଗେଇ ଦେବୀଙ୍କ ପୂଜାକାର୍ଯ୍ୟର ଏକ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ମଧୁସୂଦନ ପାଣ୍ଡେ ସଭା ପରିଚାଳନା କରିଥିଲେ। ସମ୍ପାଦକ ବେଣୁଧର ମଲ୍ଲିକ ଚଳିତ ବର୍ଷ ମାଁ ଦୁର୍ଗେଇ ଦେବୀ ଯାତ୍ରାର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ମାଁ ଦୁର୍ଗେଇ ଦେବୀଙ୍କ ପୂଜା କିପରି ସରସ ସୁନ୍ଦର ହେବ, ମନଭଙ୍ଗ ଡ୍ୟାମ ନିକଟସ୍ଥ ମାଣ୍ଡିଆ ଗ୍ରାମରେ ୫ ଏକର ଜମିକୁ ମଧୁବନ ତୋଟା କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ବୈଠକରେ ମନଭଙ୍ଗ, ପିପଲଖୁଣ୍ଟା, ଲଉଡମାଳ, ମୋତିଲାଲ, କୁଢେରଫସା ଆଦି ଗ୍ରାମର ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ପୂଜା କମିଟି ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ଭୁଏ, ସହ ସମ୍ପାଦକ ତ୍ରିନାଥ ମଲ୍ଲିକ, କୋଷାଧକ୍ଷ ହିରଣ୍ୟ ମଲ୍ଲିକ, ପୂଜାରୀ ସୁବାଷ ମଲ୍ଲିକ, ରଣଜିତ ମଲ୍ଲିକ, ସଚ୍ଚିଦାନନ୍ଦ ମଲ୍ଲିକ, ବଜାରୁ ଧରୁଆ, ନାରାୟଣ ମଲ୍ଲିକ, ସ୍ୱେଚ୍ଛାସେବୀ ରାଧେଶ୍ୟାମ ମାହାର, ଝସକେତନ କନ୍ଧ, ବ୍ରଜକିଶୋର ବିଶି, ହେମନ୍ତ ମଲ୍ଲିକ, ଡମ୍ବରୁଧର ଭୁଏ, ନୂତନ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ତ୍ରିନାଥ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବନାଗ୍ନି ନିରାକରଣ ସଚେତନତା ଶିବିର


ଶିବିରରେ ଉପସ୍ଥିତ ବନ ଅଧିକାରୀ ଓ କର୍ମଚାରୀ।

**ପଦ୍ମପୁର,୨୯।୧୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲାଙ୍କ ସଭାପତିତ୍ୱରେ ସ୍ଥାନୀୟ ପୁରୋହିତ କଲ୍ୟାଣ ମଣ୍ଡପରେ ରବିବାର ବନାଗ୍ନି ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲରେ ନିଆଁ ଲାଗିବାର କାରଣ ଓ ଏହାଦ୍ୱାରା ହେଉଥିବା ବ୍ୟାପକ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରାଯାଇ ନିରାକରଣ ବିଷୟରେ ଆଲୋକପାତ କରାଯାଇଥିଲା। ଶିବିରରେ ଜଗଦଲପୁର ସେକ୍ସନ ବନପାଳ ରାଧାକାନ୍ତ କୁମ୍ଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରକାଶ ହୋତା ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତି ମିତ୍ର ସୁବାଷ ସାହୁ, ଅଗ୍ନିଶମ ବିଭାଗର ଗୌରୀଶଙ୍କର ପ୍ରଧାନ, ଗାଇସିଲାଟ କେନ୍ଦୁପତ୍ର ବିଭାଗ ବନପାଳ ପ୍ରଦୀପ ଭୋଇ, ଜମରତଲା ସରପଞ୍ଚ ବିବିଭୂଷଣ ଚାନ୍ଦ, ପଦ୍ମପୁର ବନାଞ୍ଚଳ କର୍ମଚାରୀ ସରୋଜ ସାହୁ, ଦିବାକର ପ୍ରଧାନ, ଅଶ୍ୱିନୀ ଭୋଇଙ୍କ ସମେତ ଗଜସାଥୀ ସ୍କ୍ୱାଡ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବଚକ ଯୁଧିଷ୍ଠିର ମହନ୍ତଙ୍କ ଶ୍ରାଦ୍ଧବାର୍ଷିକୀ

**ବରପାଲି,୨୯।୧୨ (ଚିତ୍ତରଞ୍ଜନ ସାହୁ)**

ବିଶିଷ୍ଟ ପ୍ରବଚକ ଇଂ. ଯୁଧିଷ୍ଠିର ମହନ୍ତଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପରେ ସୁନୀତା ମୁଣ୍ଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରାଦ୍ଧ ସଭାରେ ଡାକ୍ତର ଶ୍ରୀଧର ବିଶ୍ୱାଳ, ଦୀପ୍ତି କୁମାର ସିଂ, ସୁରେଶ ପରିଚ୍ଛା, ସୁବଳ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱର୍ଗତ ମହନ୍ତ ଜଣେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ ମଧ ରାମାୟଣ ପ୍ରବଚକ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରତିଭାବାନ କଳାକାରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଏକ ସ୍ମରଣିକାକୁ ଅତିଥି ଗଣ ଉନ୍ମୋଚନ କରିଥିଲେ। ସରୋଜ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନିବେଦିତା ସ୍ୱାଇଁ ମାନପତ୍ର ପଠନ କରିଥିଲେ।

**ARADHYA JEWELLERY**
(TATA TANISHQ)
WALK-IN INTERVIEW FOR
Retail Sales Officer / Sr. Retail Sales Officer
(Both Male & Female)
Eligibility - Minimum 10th Pass
(Both freshers and experienced candidates can apply)
Skills - Fluency in local Language, Odia & Hindi
Date - 04.01.2025 & 07.01.2025 / Time - 11 A.M. to 2 P.M.
VENUE
Tanishq, Infront of Hanuman Temple, Bahadur Bagicha Pada, Bhawanipatana, Odisha - 766001

# ଭାଗବତ ପାରାୟଣ ଉଦ୍‌ଯାପିତ

**ବରଗଡ଼,୨୯।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ–୨ ତଳିପଡ଼ା ନିଲିବନ୍ଧ ଛକରେ ଚାଲିଥିବା ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ପଣ୍ଡା ପାରାୟଣ କରିଥିଲେ। ସେହିପରି ପଣ୍ଡିତ ରୋହିତ ହୋତା ହୋମଯଜ୍ଞ କରିଥିଲେ। ଉଦ୍‌ଯାପନୀ ଦିବସରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶେଷରେ ଅନ୍ନଭୋଗ ବଣ୍ଟନ କରାଯାଇଥିଲା। ବୁଧରାମ ସାହୁ, ଅଟଳ ସାହୁ, ଟିଙ୍କୁ କାଲସେ, ପୂର୍ଣ୍ଣ ମେହେର, ଆସ୍ଥା ସାହୁ, ପୁଷ୍ପାଞ୍ଜଳି ସାହୁ, ପଦ୍ମାସିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ତୋଷ ସାହୁ, ଅଶ୍ୱିନୀ ସାହୁ, ଶିବା ସାହୁ, ଦୁର୍ଗେଶ ସାହୁ, ଅଭିଷେକ ସାହୁ, ସୁବାଷ ବେହେରା, ପ୍ରଶାନ୍ତ ସାହୁ, ଉଦୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ରାୟଗଡ଼ାକୁ ହରାଇ ଫାଇନାଲରେ ରାଞ୍ଚି



ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

**ଛିନ୍ଦେଇକେଲା କ୍ରିକେଟ କପ୍**

**ପାଇକମାଲ,୨୯।୧୨(ବଡ଼ ଶତପଥୀ)**

ବରଗଡ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲାସ୍ଥିତ ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ୨୮ତମ ସର୍ବଭାରତୀୟ ସାଧୁଚରଣ ମେମୋରିଆଲ ଛିନ୍ଦେଇକେଲା କ୍ରିକେଟ କପ୍ ସେମିଫାଇନାଲରେ ରାୟଗଡାକୁ ୧୦୪ ରନରେ ହରାଇ ରାଞ୍ଚି ଫାଇନାଲରେ ପ୍ରବେଶ କରିଛି। ଆଜି ମ୍ୟାଚ୍‌ରେ ମନୋଜ କୁମାର ସାହୁ ମୁଖ୍ୟ ଅତିଥି ଓ ମାଳତୀ କୁଅଁର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ରାଞ୍ଚି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୫ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଆକାଶ କୁମାର ସିଂ ୬୯, ଯୁବରାଜ ସିଂହ ୬୨, ଶୀତ କୁମାର ୨୭ ଓ ଭୀଷ୍ମ କୁମାର ୧୧ ରନ ସଂଗ୍ରହ କରିଥିଲେ। ରାୟଗଡା ଦଳର ଅଭିଜିତ ହୋତା ୪, ହରସତ ବୁଙ୍ଗା ୨, ଆଶିଷ କୁମାର ଓ ସଞ୍ଜୟ ବାତଲିଆ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ୧୯୬ ରନ୍ ବିଜୟ ଲକ୍ଷ୍ୟ ନେଇ ରାୟଗଡ଼ା ଦଳ ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାଜେଶ ଶିକା ସର୍ବାଧିକ ୨୫ ରନ୍ କରିଥିଲେ। ରାଞ୍ଚି ଦଳର ଅନୁଜ ସିଂ ୪, ସଙ୍କଟ ମୋଚନ ତ୍ରିପାଠୀ ୨, ଶୀତ କୁମାର ଓ ଭୀଷ୍ମ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରାଞ୍ଚି ୧୦୪ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଓସିଏ ଅମ୍ପାୟର ଅମୀୟ ସାହୁ ଓ ବିସିସିଆଇ ଅମ୍ପାୟର ମହେସ ମୁନସୀ ଖେଳ ପରିଚାଳନା କରିଥିଲେ। ସତ୍ୟ ସାହୁ ଓ ଶୋଭିତ ସାହୁ ସ୍କୋରର ଥିବାବେଳେ ରମେଶ ଚନ୍ଦ୍ର ସାହୁ ଓ ପତିତପାବନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ମୁଖ୍ୟ ଅତିଥି ଓ ସମାଜସେବୀ ମହେନ୍ଦ୍ର କୁମାର ଖୁଣ୍ଟିଆ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରାଞ୍ଚି ଦଳର ଅନୁଜ ସିଂଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଆୟୋଜକ ସମ୍ପାଦକ କାହ୍ନୁଚରଣ ସାହୁ, କୋଷାଧକ୍ଷ ମଣ୍ଟୁ ସାହୁ, ଉପଦେଷ୍ଟା ପ୍ରଶାନ୍ତ ସାହୁ, ହେମସାଗର ସାହୁ, ରୋହିତ ସାହୁ, ବିନନ୍ଦ ସାହୁ, ଆନନ୍ଦ ସାହୁ, ଶୁଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୋମବାର କଣ୍ଟାବାଞ୍ଜି ଓ ରାଞ୍ଚି ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କମିଟି ସଭାପତି ଜତୀନ ସାହୁ ସୂଚନା ଦେଇଛନ୍ତି।

No.A-791
ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର- (06856)-291081 & ଇ-ମେଲ୍: eemirgd@ymail.com
ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ -୦୮/କ୍ଷୁ:ଜ:ବି ରାୟଗଡ଼ା / ୨୦୨୪-୨୫
(BID IDENTIFICATION NO. ONLINE- 08 / MID RGD/ 2024-25)
ପତ୍ର ସଂଖ୍ୟା: ୪୯୩୬// କ୍ଷୁ:ଜ:ବି ରାୟଗଡ଼ା//ତାରିଖ ୨୬।୧୨।୨୦୨୪

ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି।

| | | | |
|---|---|---|---|
| ୧ | କାମର ନାମ | : | ରାୟଗଡ଼ା ଜିଲ୍ଲାରେ କାପେକ୍ସ ଲାଇନିଙ୍ଗ (CAPEX Lining) ଯୋଜନାରେ ବାରିଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ସିଙ୍ଗୁବାଇ ମାଇନର କେନାଲର ସିମେଣ୍ଟ କଂକ୍ରିଟ୍ ଲାଇନିଂ ନିର୍ମାଣ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୧ (ଏକ) ମାତ୍ର |
| ୩ | ଅକଟଳ ମୂଲ୍ୟ | : | ଆନୁମାନିକ ୫୮.୫୦ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | : | ତା୦୧।୦୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | : | ତା୧୩।୦୧।୨୦୨୫ରିଖ ଦିବା ୧୧.୦୦ ଘଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | : | ଅନ୍‌ଲାଇନ |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
OIPR-32524/11/0012/2425

# ବ୍ୟୟ ହେବ ୧୦୪ କୋଟି ଟଙ୍କା

ରାଉରକେଲା, ୨୯।୧୨(ବିପ୍ଳବ ରଞ୍ଜନ ଦାଶ)



ଆର୍‌ଏମ୍‌ସି କମିଶନର ସୂଚନା ଦେଉଛନ୍ତି।

**ରାଉରକେଲାର ବିକାଶ ପାଇଁ ୫୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ**

ରାଉରକେଲା ମହାନଗର ନିଗମ, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ରାଉରକେଲା ଓ ଆଖପାଖ ଅଞ୍ଚଳରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଗୁଡିକ ଉପରେ ରବିବାର ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀ ସୂଚନା ଦେଇଛନ୍ତି। ମହାନଗର ନିଗମ ସଭାକକ୍ଷରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ କହିଥିଲେ, ଆର୍‌ଏମ୍‌ସି ପକ୍ଷରୁ ଜୁଲାଇ ଓ ଅଗଷ୍ଟ ମଧ୍ୟରେ ବିଭିନ୍ନ ୱାର୍ଡରେ ଆପତ୍ତି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରେ ପାଖାପାଖି ୫୦୦ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରେ ମୁଖ୍ୟତଃ ଡ୍ରେନ୍ ସମସ୍ୟା, ଷ୍ଟ୍ରିଟ ଲାଇଟ, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ ଆଦି ଅଭିଯୋଗ ରହିଥିଲା। ସେଥିରୁ ଅଧିକାଂଶ ସମସ୍ୟାର ସମାଧାନ କରାଯାଇଛି। ଚଳିତ ବର୍ଷ ଆର୍‌ଏମ୍‌ସି ପକ୍ଷରୁ ୫୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପାଇଁ ୧୦୪ କୋଟି ଟଙ୍କାର ବାର୍ଷିକ ବ୍ୟୟ ଅଟକଳ ରଖାଯାଇଛି। ଏଥିରେ ନିଗମରେ ସାମିଲ ହୋଇଥିବା ନୂତନ ୱାର୍ଡ ଫର୍ଟିଲାଇଜର, ଜଗଦା ଓ ଝାରତରଙ୍ଗର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହାବ୍ୟତୀତ ଭଣ୍ଡାଟୋଲା, ତନ୍ତିଟୋଲା, ବୁରୁଟୋଲା, ସିଂଟୋଲା, ନଦିଟୋଲା, ବାଲିଯୋଡି ଓ ଜେକେ ନଗରରେ ମୁଖ୍ୟତଃ ଡ୍ରେନ୍ ସମସ୍ୟା, ଷ୍ଟ୍ରିଟ ଲାଇଟ, ରାସ୍ତା ନିର୍ମାଣ କରାଯିବ। ସେହିପରି କୁଲକର୍ଣ୍ଣୀ ସୂଚନା ଦେଇଥିଲେ, ମହାନଗର ନିଗମ ଅଞ୍ଚଳରେ ମୋଟ ୫୨ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୧୦ଟି ବିଦ୍ୟାଳୟର ଉନ୍ନତୀକରଣ କରାଯାଇଛି। ଆଗାମୀ ଦିନରେ ଆରଏମ୍‌ସି ପକ୍ଷରୁ ୭ଟି ବିଦ୍ୟାଳୟକୁ ଭଙ୍ଗାଯାଇ ନୂତନ ବିଲ୍ଡିଂ ନିର୍ମାଣ କରାଯିବ। ଏଥିପାଇଁ ୭ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ଇଡବ୍ଲ୍ୟୁଏସ୍ ଆବାସ ଗୃହ ବିଷୟରେ ସେ କହିଛନ୍ତି, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷରୁ ଛେଣ୍ଡ ନିକଟରେ ମନଟୋଲା, ବିପିଯୁଟି ବସ୍ତି, ବିଦ୍ୟୁତ୍ ବସ୍ତିର ବାସିନ୍ଦାମାନଙ୍କ ଥଇଥାନ ପାଇଁ ସୁଲଭ ମୂଲ୍ୟର ୫୦୦ ଫ୍ଲାଟ୍ ନିର୍ମାଣ କରାଯାଇଛି। ସେମାନଙ୍କର ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି। ଫେବୃଆରୀ ଶେଷ ସୁଦ୍ଧା ସ୍ଥାନାନ୍ତରଣ ପ୍ରକ୍ରିୟା ସାରିବାର ଲକ୍ଷ୍ୟ ରଖାଯାଇଛି। ଆଜି ପର୍ଯ୍ୟନ୍ତ ବେଆଇନ୍ ଭାବେ ନିର୍ମାଣାଧୀନ ୬୦ଟି ବିଲ୍ଡିଂରେ ଆର୍‌ଏମ୍‌ସିର ପ୍ଲାନିଂ ଓ ଏନଫୋର୍ସମେଣ୍ଟ ଟିମ୍ ପହଞ୍ଚି ନୋଟିସ ଲଗାଇଛନ୍ତି। ବେଆଇନ କାମକୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସେହିପରି ୪ କୋଟି ଟଙ୍କା ବ୍ୟୟରେ ଟିସିଆଇ ଚୌକରୁ ଇଡ୍‌କୋ ଗେଟ୍ ରୋଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଦୟାନନ୍ଦ ନଗର, ବୁରୁଟୋଲା, ପିକେଦାସ କୋଲୋନି, ଫାଦର କୋଲୋନିରେ ଡ୍ରେନେଜ ବ୍ୟବସ୍ଥା କରାଯିବ। ଜଗଦା, ଶକ୍ତିନଗର, ଝିରପାଣି, କୋଏଲ ନଗର ଅଞ୍ଚଳରେ ସ୍ୱେରେଜ ବ୍ୟବସ୍ଥା କରିବାର ମଧ୍ୟ ଯୋଜନା ରହିଛି। ସେହିପରି ଟିସ୍କୋ ହିଲ, କଳିଙ୍ଗ ବିହାର, ପ୍ରଧାନପାଲି ଅଞ୍ଚଳ ପାଇଁ ଏକ ମାର୍କେଟ ନିର୍ମାଣ କରାଯିବ। ଏଥିରେ ୪୦୦ ଭେଣ୍ଡର ବସିବା ବ୍ୟବସ୍ଥା ରହିବ। ବାଲୁଘାଟରେ ହୋଲସେଲ ମାର୍କେଟ ନିର୍ମାଣ ଯୋଜନା ରହିଛି। ଖୁବ୍‌ଶୀଘ୍ର ଏଥିପାଇଁ ସର୍ଭେ ଆରମ୍ଭ କରାଯିବ। କୁଲକର୍ଣ୍ଣୀ ଆହୁରି କହିଥିଲେ, ଆରଜିଏଚ୍‌ରେ ଏନ୍‌ଏସ୍‌ପିସିଏଲ ପକ୍ଷରୁ ପୋଷ୍ଟମର୍ଟମ ସେଣ୍ଟର ସ୍ଥାପନ କରାଯିବ। ମୃତ ପଶୁ ପୋତିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ବିପିୟୁଟି ନିକଟରେ ଥିବା ଅଳିଆ ଆବର୍ଜନା ଜାଗାକୁ ସଫା କରାଯିବ। ରାଉରକେଲା ବସଷ୍ଟାଣ୍ଡର ନବୀକରଣ ଖୁବ୍‌ଶୀଘ୍ର ହେବ। ସେହିପରି ଆଇସିସିସି ସର୍ଭିଲାନ୍ସରେ ଜନଜାତୀୟ ମ୍ୟୁଜିୟମ, ବିଗ୍ ରିକ୍ରେଶନାଲ ପାର୍କ, ପ୍ଲାନେଟୋରିୟମ ମଧ୍ୟ ୩ ମାସ ମଧ୍ୟରେ ଶେଷ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି କୁଲକର୍ଣ୍ଣୀ କହିଥିଲେ।

# ସଡ଼କ ଦୁର୍ଘଟଣା ୨ମୃତ, ୩ ଗୁରୁତର



ବଣାଇଁ,୨୯।୧୨(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ ଜିଲା ବଣାଇଁ ଉପଖଣ୍ଡର ଚାନ୍ଦିପୋଷ ନିକଟ ୧୪୩ ନମ୍ବର ଜାତୀୟ ରାଜପଥରେ ସଡକ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଏକ ସ୍କର୍ପିଓ ନମ୍ବର ଓଡ଼ି୧୪ କେ ୦୦୨୭ରେ ପାଞ୍ଚ ଜଣ ଯୁବକ ରାଉରକେଲାରୁ ଲହୁଣୀପଡ଼ା ଫେରୁଥିବା ବେଳେ ୧୪୩ ନମ୍ବର ଜାତୀୟ ରାଜପଥର ଚାନ୍ଦିପୋଷ ନିକଟରେ ଭାରସାମ୍ୟ ହରାଇ ଡିଭାଇଡରକୁ ପିଟିବା ପରେ ଅପରପଟ ରାସ୍ତାରେ ଓଲଟି ପଡ଼ିଥିଲା। ଅପର ରାସ୍ତାରେ ଏକ ହାଇୱା ସମ୍ମୁଖରେ ପଡିବା ଯୋଗୁଁ ଧକ୍କା ହୋଇ ସ୍କର୍ପିଓ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ୩ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡ଼ିଛି। ଚିକିତ୍ସିତଙ୍କ ଅବସ୍ଥା ସଙ୍କଟାପନ ରହିଛି। ସ୍କର୍ପିଓଟି ଲହୁଣୀପଡ଼ା ଅଞ୍ଚଳର ଜଣେ ଠିକାଦାରଙ୍କର ଓ ମୃତକମାନେ ତାଙ୍କ ଷ୍ଟାଫ ବୋଲି ପ୍ରାରମ୍ଭିକ ସୂଚନା ମିଳିଛି।

# ପରିବାର ଲୋକଙ୍କୁ ଭେଟିଲେ ବିଧାୟକ



ବିଧାୟକ ଡାକ୍ତର ରାଜନ ଏକ୍କା ରୋଗୀଙ୍କ ସମସ୍ୟା ବୁଝିବାକୁ ଆସିଛନ୍ତି।

**ଭିମସାରରୁ ରୋଗୀ ଡିସ୍‌ଚାର୍ଜ ଘଟଣା**

ବଡ଼ଗାଁ, ୨୯।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବୈଦିକ ବ୍ରାହ୍ମଣ ପରିଷଦର ଉପ ସଭାପତି ବଡ଼ଗାଁର ତୁଷାର ରଞ୍ଜନ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ଲିସା ପଣ୍ଡା ଗତ ଜୁନ ୧ ତାରିଖ ବାଇକରେ ସମ୍ବଲପୁର ଯାଉଥିଲାବେଳେ ରେଙ୍ଗାଲି ନିକଟରେ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ତୁଷାର ରଞ୍ଜନ ପାଣିଗ୍ରାହୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ତ୍ରୀ ଲିସା ଗୁରୁତର ଆହତ ହୋଇଥିଲେ। ତାଙ୍କୁ କୋମା ଅବସ୍ଥାରେ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଥିଲା। ଗତ ୨୩ ତାରିଖ ଲିସାଙ୍କୁ ଦେଖାରେଖା କରୁଥିବା ତାଙ୍କ ବାପା ନିବାସ ପଣ୍ଡାଙ୍କୁ ଜିମା ଦେଇ ମେଡିକାଲ କର୍ତ୍ତୃପକ୍ଷ ଡିସଚାର୍ଜ କରିଦେଇଥିଲେ ଓ ବଡ଼ଗାଁକୁ ଏକ ଆମ୍ବୁଲାନ୍ସରେ ପଠାଇ ଦେଇଥିଲେ। ତାଙ୍କୁ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରବିବାର ରାଜଗାଙ୍ଗପୁର ବିଧାୟକ ଡାକ୍ତର ରାଜନ ଏକ୍କା, ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ରାମଚନ୍ଦ୍ର ନାୟକ ଓ ବଡ଼ଗାଁ ଡିଗ୍ରୀ କଲେଜର ଅଧ୍ୟାପକ ହେମନ୍ତ ପଣ୍ଡା ବଡ଼ଗାଁ ଡାକ୍ତରଖାନାକୁ ଆସି ଲିସା ପଣ୍ଡାଙ୍କ ଶ୍ୱଶୁର ପରମାନନ୍ଦ ପାଣିଗ୍ରାହୀ ଓ ତାଙ୍କ ବାପା ନିବାସ ପଣ୍ଡାଙ୍କ ସହିତ ଆଲୋଚନା କରିଥିଲେ। ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଶ୍ୱରଞ୍ଜନ ସାହୁଙ୍କୁ ଲିସାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବଡ଼ଗାଁ ଡାକ୍ତରଖାନାରେ କଫ ନିଷ୍କାସନ ଯନ୍ତ୍ର ନ ଥିବା ଜାଣି ବିଧାୟକ ଏକ୍କା ତାଙ୍କ ବ୍ୟକ୍ତିଗତ ଖର୍ଚ୍ଚରେ କଫ ନିଷ୍କାସନ ଯନ୍ତ୍ର ଆଣି ବଡ଼ଗାଁ ଡାକ୍ତରଖାନାରେ ଦେବାକୁ ଫୋନରେ ଦୋକାନୀଙ୍କୁ ଅଡର୍ ଦେଇଥିଲେ। ସେ ବିଭାଗୀୟ ଅଧିକାରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ଏ ନେଇ ଫୋନରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ଲିସା ପଣ୍ଡାଙ୍କୁ ଆଉକିଛି ମାସ ବୁର୍ଲା ଭୀମାସାରରେ ରଖିବାକୁ ତାଙ୍କ ଶ୍ୱଶୁର ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ଆଉ କିଛି ମାସ ମେଡିକାଲରେ ରଖିବାକୁ ଚିଠି ଲେଖିଥିଲେ।

# ବନାଗ୍ନି ପରିଚାଳନା ପ୍ରଶିକ୍ଷଣ, ଅଭ୍ୟାସ ଶିବିର



ବନାଗ୍ନି ପରିଚାଳନା ପ୍ରଶିକ୍ଷଣ ଶିବିରରେ ବନ କର୍ମଚାରୀ ଓ ସ୍ୱେଚ୍ଛାସେବୀ।

ସୁନ୍ଦରଗଡ,୨୯।୧୨(ଜୟ ନାରାୟଣ ମେଣ୍ଟୁଲି)

ଆଗକୁ ଆସୁଛି ମହୁଲ ଋତୁ। ଏହି ସମୟରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା। ଏହାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର ସେଣ୍ଟ୍ରାଲ ନର୍ସରୀ (ବନ ଚେତନା କେନ୍ଦ୍ର)ଠାରେ ରବିବାର ଆଗଧାଡି ବନ କର୍ମଚାରୀ, ଅଗ୍ନି ନିର୍ବାପକ ଦଳଙ୍କ ବନାଗ୍ନି ପରିଚାଳନା ପ୍ରଶିକ୍ଷଣ ଏବଂ ଅଭ୍ୟାସ ଶିବିର ଆୟୋଜିତ ହୋଇଥିଲା। ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଜ୍ଜଳପୁର ବନାଞ୍ଚଳର ୪ଟି ସେକ୍ସନ ନୂଆଁ ଉଜ୍ଜଳପୁର, ସାନପତ୍ରାପାଲି ଓ କିଞ୍ଜିରକେଲା ସେକ୍ସନର ବନ କର୍ମଚାରୀ ତଥା ବନ ସୁରକ୍ଷା ସମିତି ସଭ୍ୟାସଭ୍ୟମାନେ ଯୋଗଦାନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ବରିଷ୍ଠ କାର୍ଯ୍ୟକ୍ରମ ପ୍ରବନ୍ଧକ ଦିଗାମ୍ବର ଉପାଧ୍ୟାୟ ସ୍ୱତନ୍ତ୍ର ବକ୍ତା ଭାବେ ଯୋଗଦେଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ଗାଁ ଗାଁରେ ବ୍ୟାପକ ଜନଜାଗରଣ ସୃଷ୍ଟି କରିବା ସହିତ ମହୁଲ ଗଛ ମୂଳରେ ନିୟନ୍ତ୍ରଣ ମୂଳକ ଅଗ୍ନି ସଂଯୋଗ, ଧାନ ବିଲରେ ନିଆଁ ନ ଲଗାଇବାକୁ ଲକ୍ଷ୍ୟ ଆଧାରିତ ଗୋଷ୍ଠୀଙ୍କ ସଚେତନତା ବୈଠକ, ଧାନ ନଡାକୁ ଛତୁ ଚାଷରେ ବ୍ୟବହାର ଦ୍ୱାରା ଧାନବିଲ ନିଆଁକୁ ରୋକିବା ସଙ୍ଗେ ସଙ୍ଗେ ଜୀବିକାରେ ଉନ୍ନତି ଆଣିବା ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ ଉପସ୍ଥିତ ବନ କର୍ମଚାରୀ ଓ ଅଗ୍ନି ନିର୍ବାପକ ଦଳଙ୍କ ଅନୁଭୂତି ଓ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଉଜ୍ଜଳପୁର ପଞ୍ଚାୟତ ସରପଞ୍ଚ ଚିତ୍ରାଙ୍ଗଦା ଘଡେଇ ଯୋଗଦେଇ ସମସ୍ତେ ମିଳିମିଶି ଜଙ୍ଗଲ ନିଆଁକୁ ରୋକିପାରିବା ସହିତ ଆମର ବହୁମୂଲ୍ୟ ଜଙ୍ଗଲ ସମ୍ପଦର ସୁରକ୍ଷା କରିପାରିବା ବୋଲି କହିଥିଲେ। ଉଜ୍ଜଳପୁର ବନପାଳ ହେମବତୀ ସିଂହ, ନୂଆଁ ବନପାଳ ବିନୋଦ ପଟ୍ଟନାୟକ ଓ କିଞ୍ଜିରକେଲା ବନପାଳ ରାଜୀବ ସାହୁ ବନାଗ୍ନିକୁ ରୋକିବା ନିମନ୍ତେ ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟଯୋଜନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନିଆଁ ଲିଭା ମେଶିନ ଓ ଘାସ କଟା ମେଶିନ ପ୍ରଦର୍ଶନ କରାଯାଇ ଉପସ୍ଥିତ ବନ କର୍ମଚାରୀ ତଥା ଅଗ୍ନି ନିର୍ବାପକ ଦଳଙ୍କୁ ଏହାର ପରିଚାଳନା ଶୈଳୀ ଉପରେ ବିସ୍ତୃତ ଭାବେ ବୁଝାଯାଇଥିଲା।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ଅଧିବେଶନ

ସୁନ୍ଦରଗଡ,୨୯।୧୨(ଜୟ ନାରାୟଣ ମେଣ୍ଟୁଲି)

**ବିଦ୍ୟାର୍ଥୀ ପରିଷଦ ସୁନ୍ଦରଗଡ଼ର ସଞ୍ଜୀବ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଭାପତି**



ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୪୯ତମ ରାଜ୍ୟ ଅଧିବେଶନ କଟକର ଜବାହର ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିଲା। ଅଧିବେଶନ ଗତ ୨୬ରୁ ୨୮ତାରିଖ ଯାଏ ୩ଦିନ ଧରି ଚାଲିଥିଲା। ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗଦେଇଥିଲେ। ପରିଷଦରେ କାମ କରିଥିବା ପୁରାତନ କାର୍ଯ୍ୟକର୍ତ୍ତା ମଧ୍ୟ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ରାଷ୍ଟ୍ର ପ୍ରତି ଭଲପାଇବା, ନିଷ୍ଠା, କର୍ତ୍ତବ୍ୟବାନ ଓ ଶିକ୍ଷା କ୍ଷେତ୍ରରେ କିଭଳି ବିକାଶ ହେବ ତାହା ଉପରେ ଆଲୋଚନା ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟ କରୁଥିବା ବିଭିନ୍ନ କାର୍ଯ୍ୟକର୍ତ୍ତାମାନଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇ ସେମାନଙ୍କ ନାମ ଘୋଷାଣ କରାଯାଇଥିଲା। ଏହି ନୂତନ ଦାୟିତ୍ୱ ଘୋଷଣାରେ ଡାକ୍ତର ସଞ୍ଜୀବ କୁମାର ନାଏକଙ୍କୁ ଓଡ଼ିଶା ପଶ୍ଚିମ ପ୍ରାନ୍ତର ନୂତନ ଓ ପ୍ରଥମ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଏହା ପୂର୍ବରୁ ଡାକ୍ତର ନାଏକ ସୁନ୍ଦରଗଡ଼ ଜିଲା ପ୍ରମୁଖ ସମେତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପ୍ରାନ୍ତର ଉପସଭାପତି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଅନେକ ଛାତ୍ରଙ୍କୁ ନଗରଠାରୁ ରାଜ୍ୟସ୍ତରୀୟ ପର୍ଯ୍ୟନ୍ତ ଛାତ୍ର ନେତା ସୃଷ୍ଟି କରିଛନ୍ତି। ଏହି ଅଧିବେଶନରେ ସୁନ୍ଦରଗଡ଼ ବିଭାଗ ସଂଯୋଜକ ଗୋପାଳ ନାଏକଙ୍କୁ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସୋସିଆଲ ମିଡ଼ିଆ ସଂଯୋଜକ, ସୁନ୍ଦରଗଡ଼ ଜିଲା ସଙ୍ଗଠନ ସମ୍ପାଦକ ନାରାୟଣ ବେହେରାଙ୍କୁ ଛାତ୍ର ସନ୍ଦେଶ ପ୍ରମୁଖ, ମହୁଲପାଲି ମହାବିଦ୍ୟାଳୟ ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜିକା ଚୁମୁକି ନାଏକ ଓ ସୁନ୍ଦରଗଡ ନଗର ସମ୍ପାଦିକା ହ୍ରିତିକା ପଟେଲଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଳି ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ଡାକ୍ତର ସଞ୍ଜୀବ କୁମାର ନାଏକ ସୁନ୍ଦରଗଡ ବାସିନ୍ଦା ହୋଇଥିବାରୁ ଏହା ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ବୋଲି ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଛନ୍ତି।

# ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ପଠାଗଲା

ସୁନ୍ଦରଗଡ,୨୯।୧୨(ଜୟନାରାୟଣ ମେଣ୍ଟୁଲି)

**ସର୍ଗିପାଲିରେ ସ୍କୁଟି ସହ ଜାଳିଦେବା ଘଟଣା**

ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ସର୍ଗିପାଲି ଫାଣ୍ଡି ନିକଟସ୍ଥ ଏକ ଧାନ ବିଲ ପାଳଗଦାରେ ଗତ ୨୬ତାରିଖ ରାତିରେ ଜଣଙ୍କୁ ସ୍କୁଟିସହ ଜାଳିଦେବା ଘଟଣାରେ ପୋଲିସ ତନାଘନା ତଦନ୍ତ ଚଳାଇଛି। ପୋଲିସ ଘଟଣାସ୍ଥଳରୁ ପୋଡା ମୃତଦେହ ଓ କଙ୍କାଳ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଘଟଣାର ୭୨ଘଣ୍ଟା ବିତିଯିବା ପରେ ମଧ୍ୟ ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରିପାରି ନାହିଁ। ହେଲେ ସେହି ଅଞ୍ଚଳର ଜଣେ ଯୁବକ ନିଖୋଜ ଥିବା ନେଇ ତହିଁ ପରଦିନ ସକାଳେ ଯୁବକଙ୍କ ପରିବାର ପକ୍ଷରୁ ରିପୋର୍ଟ ହୋଇଛି। ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୋଡା ମୃତଦେହର ବୟସ ୧୮-୧୯ ବର୍ଷ ମଧ୍ୟରେ ହେବ ବୋଲି ଡାକ୍ତର ରିପୋର୍ଟ ଦେଇଥିବାବେଳେ ନିଖୋଜ ହୋଇଥିବା ଯୁବକଙ୍କ ବୟସ ମଧ୍ୟ ସେତିକି ଥିବାରୁ ସ୍କୁଟି ସହ ଜଳାଇ ଦିଆଯାଇଥିବା ଯୁବକ ହୋଇଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ବର୍ତ୍ତମାନ ସୁଦ୍ଧା ଏହି ପୋଡା ମୃତଦେହ ଓ କଙ୍କାଳର ପରିଚୟ ନେଇ ପୋଲିସ ସ୍ପଷ୍ଟ କରି ନ ଥିବାବେଳେ ପରିଚୟ ନ ମିଳିବା ପର୍ଯ୍ୟନ୍ତ ନିୟମ ଅନୁଯାୟୁ ୯୬ ଘଣ୍ଟା ମର୍ଗ ହାଉସରେ ରଖାଯିବ ଏବଂ ପରିଚୟ ଜାଣିବା ପାଇଁ ଏହି ପୋଡା ମୃତଦେହ ଓ କଙ୍କାଳର ନମୂନା ଡିଏନଏ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି ବୋଲି ଭାରପ୍ରାପ୍ତ ସଦର ଏସଡିପିଓ ସୋମନାଥ ଜେନା କହିଛନ୍ତି।

# ଜର୍କୈକେଲା ଗ୍ରାମରେ ହାତୀ ଆତଙ୍କ

- ଘର ଭାଙ୍ଗିଲା, ଅଳ୍ପକେ ବର୍ତ୍ତିଗଲେ ପରିବାର ଲୋକେ
- ବନବିଭାଗ ଉପରେ ତେଜୁଛି ଅସନ୍ତୋଷ

ବଣାଇଁ, ୨୯।୧୨(ପ୍ରଦୀପ ତ୍ରିପାଠୀ)



ଗତ ସାତ ଦିନ ତଳର ଘଟଣା ମନରୁ ନ ଲିଭୁଣୁ ପୁଣି ଥରେ ରବିବାର ଜର୍କୈକେଲା ଗ୍ରାମରେ ହାତୀ ଉପଦ୍ରବ ନେଇ ଉତ୍ତେଜନା ପ୍ରକାଶ ପାଇଛି। ବଣାଇଁ ବନାଞ୍ଚଳର ଜର୍କୈକେଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଉପେନ୍ଦ୍ର କିଷାନ ଓ ତାଙ୍କ ପରିବାର ଘରେ ଶୋଇ ଥିବାବେଳେ ପ୍ରତ୍ୟୁଷରେ ହାତୀ ଘର ଭାଙ୍ଗି ଥିବା ଜଣାପଡିଛି। ଘର ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି ଓ ଶବ୍ଦ ଶୁଣି ପରିବାର ଲୋକେ ଦୌଡ଼ି ପଳାଇ ଜୀବନ ରକ୍ଷା କରିଛନ୍ତି। ଗତ ୭ଦିନ ତଳେ ସମ୍ପୃକ୍ତ ଅଞ୍ଚଳରେ ଏକ ଗୋଠ ଛଡା ଦନ୍ତା ଆକ୍ରମଣରେ ଜଣେ ଯୁବକ ଧରଣୀଧର ପାତ୍ରଙ୍କ ମୃତ୍ୟୁ ଘଟିବା ଯୋଗୁ ଉତ୍ୟକ୍ତ ଲୋକେ ତୁମ୍ବି ତୋଫାନ କରିଥିଲେ। ଏପରିକି ଜଣେ ଗଜସାଥୀ ତପନ ନାଏକଙ୍କୁ ଉତ୍ୟକ୍ତ ଲୋକେ ମାଡ ମାରିବା ନେଇ ବଣାଇଁ ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ବନବିଭାଗ ସେହି ହାତୀକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିଥିଲେ ହେଁ ପୁଣି ଏକ ଗୋଠ ଛଡା ଆସି ଏହି କାଣ୍ଡ ଘଟାଇଛି ବୋଲି ବନାଞ୍ଚଳ ଅଧିକାରୀ ଦେବାଶିଷ ନାଏକ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ବନବିଭାଗ କର୍ମଚାରୀ ପହଞ୍ଚି ଥିଲେ। ବନବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଛି ଓ ବିଭାଗ ପକ୍ଷରୁ ଆବଶ୍ୟକୀୟ କ୍ଷତିପୂରଣ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ସମ୍ପୃକ୍ତ ଅଞ୍ଚଳରେ ବାରମ୍ବାର ଏଭଳି ଘଟଣା ନେଇ ଉତ୍ତେଜନା ବଳବତ୍ତର ରହିଛି ।

**ARADHYA JEWELLERY**
(TATA TANISHQ)
WALK-IN INTERVIEW FOR
Retail Sales Officer / Sr. Retail Sales Officer
(Both Male & Female)
Eligibility - Minimum 10th Pass
(Both freshers and experienced candidates can apply)
Skills - Fluency in local Language, Odia & Hindi
Date - 04.01.2025 & 07.01.2025 / Time - 11 A.M. to 2 P.M.
VENUE
Tanishq, Infront of Hanuman Temple, Bahadur Bagicha Pada, Bhawanipatana, Odisha - 766001

# ଜାନୁଆରୀ ୨ରୁ ହେବ ଜିଲା ମହୋତ୍ସବ ଯତରା ୨୦୨୫

ସୁନ୍ଦରଗଡ଼,୨୯।୧୨(ଜୟ ନାରାୟଣ ମେଣ୍ଟୁଲି): ପୂର୍ବତନ ପ୍ରଧାନମନ୍ତ୍ରୀ ଡା. ମନମୋହନ ସିଂଙ୍କ ପରଲୋକ ଖବର ସମ୍ପର୍କିତ କେନ୍ଦ୍ର ସରକାରଙ୍କ ବାର୍ତ୍ତା ସଂଖ୍ୟା ୩।୨।୨୪, ତାରିଖ ୨୬/୧୨/୨୪ ଏବଂ ଗୃହ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା ୨୮୮୨୪, ତାରିଖ ୨୭।୧୨।୨୪ ଅନୁଯାୟୀ ୭ ଦିନ ଧରି ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲା ସଂସ୍କୃତି ପରିଷଦ ଓ ଜିଲା ପ୍ରଶାସନର ନିଷ୍ପତି ଅନୁଯାୟୀ ଜିଲା ମହୋତ୍ସବ 'ଯତରା-୨୦୨୫' ଜାନୁଆରୀ ୧ ତାରିଖ ପରିବର୍ତ୍ତେ ୨ ତାରିଖରେ ଆରମ୍ଭ ହେବ ଏବଂ ଏହା ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି।

# ମଦ ବନ୍ଦ ପାଇଁ ଏକତ୍ରିତ ହେଲେ ମହିଳା, ଯୁବକ

- ରାଲି କରି ସଚେତନତା ସୃଷ୍ଟି କଲେ
- ମଦ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଶପଥ ନେଲେ

ବଣାଇଁ, ୨୯।୧୨(ପ୍ରଦୀପ ତ୍ରିପାଠୀ)




ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ବଡପୋଷ ଗ୍ରାମରେ ଗାନ୍ଧୀ କ୍ଲବ ଆନୁକୂଲ୍ୟରେ ରବିବାର ଉଭୟ ଯୁବ ସମାଜ ଓ ମହିଳା ନିଶାମୁକ୍ତ ଅଭିଯାନ ଆରମ୍ଭ କରିଛନ୍ତି। ଗ୍ରାମରେ ସବୁଦିନ ପାଇଁ ମଦ ବିକ୍ରି ବନ୍ଦ କରିବା ନେଇ ଶପଥ ନେଇଛନ୍ତି। କ୍ଲବ ସଭ୍ୟ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏକତ୍ରିତ ହୋଇ ସଚେତନତା ସୃଷ୍ଟି କରିବା ସହ ନିଶାମୁକ୍ତ ଆଦର୍ଶ ଗ୍ରାମ କରି ଶିକ୍ଷା, କୃଷିକୁ ଗୁରୁତ୍ୱ ଦେବା ପାଇଁ ଘର ଘର ବୁଲି ନିବେଦନ କରିଛନ୍ତି। ପ୍ରଥମେ ଏକ ରାଲିରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ବଡ଼ପୋଷ କ୍ଲବଠାରେ ଆୟୋଜିତ ବୈଠକରେ ମଦ ସମ୍ପୂର୍ଣ୍ଣ ବନ୍ଦ ଓ ଯିଏ ବ୍ୟତିକ୍ରମ ସୃଷ୍ଟି କରିବ ତାକୁ କ୍ଲବ ଓ କମିଟି ଦଣ୍ଡିତ କରିବ ବୋଲି ନିଷ୍ପତ୍ତି ହୋଇଛି। ଗ୍ରାମରେ ମଦ୍ୟପାନ ଯୋଗୁ ଅକାଳ ମୃତ୍ୟୁ ଘଟୁଥିବା, ସ୍କୁଲ ଯାଉଥିବା କୋମଳମତି ବାଳକମାନେ ମଧ୍ୟ ଗ୍ରାମରେ ମଦ ବିକ୍ରି ଯୋଗୁ ମଦ୍ୟପାନ କରୁଥିବା, ମଦ୍ୟପାନ ଯୋଗୁ ପାରିବାରିକ ହିଂସା ବୃଦ୍ଧି ପାଇ ଅଶାନ୍ତ ପରିବେଶ ସୃଷ୍ଟି ହେବା ଇତ୍ୟାଦି ଦର୍ଶାଇ ମହିଳା ଓ ଯୁବକଙ୍କ ଏଭଳି ପଦକ୍ଷେପକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

No.A-791

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର- (06856)-291081 & ଇ-ମେଲ୍: eemirgd@ymail.com
ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ -୦୮/କ୍ଷୁ:ଜ:ବି ରାୟଗଡ଼ା / ୨୦୨୪-୨୫
(BID IDENTIFICATION NO. ONLINE- 08 / MID RGD/ 2024-25)
ପତ୍ର ସଂଖ୍ୟା: ୪୯୩୬// କ୍ଷୁ:ଜ:ବି ରାୟଗଡ଼ା//ତାରିଖ ୨୬।୧୨।୨୦୨୪

ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧମରେ ଟେଣ୍ଡର ଆହ୍ୱାନ କରାଯାଉଛି।

| | | | |
|---|---|---|---|
| ୧ | କାମର ନାମ | : | ରାୟଗଡ଼ା ଜିଲ୍ଲାରେ କାପେକ୍ସ ଲାଇନିଙ୍ଗ (CAPEX Lining) ଯୋଜନାରେ ବାରିଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ସିଙ୍ଗୁବାଇ ମାଇନର କେନାଲର ସିମେଣ୍ଟ କଂକ୍ରିଟ୍ ଲାଇନିଂ ନିର୍ମାଣ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୧ (ଏକ) ମାତ୍ର |
| ୩ | ଅଟକଳ ମୂଲ୍ୟ | : | ଆନୁମାନିକ ୫୮.୫୦ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | : | ତା୦୧।୦୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | : | ତା୧୩।୦୧।୨୦୨୫ରିଖ ଦିବା ୧୧.୦୦ ଘଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | : | ଅନ୍‌ଲାଇନ |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
OIPR-32524/11/0012/2425

## ସଂକ୍ଷେପରେ

### ଭିଜିଲାନ୍ସକୁ ବଦଳି ହେଲେ ଦେବଗଡ଼ ଥାନା ଅଧିକାରୀ
#### ଜିଲାର ୨ ଉପନିରୀକ୍ଷକଙ୍କ ପଦୋନ୍ନତି

ଦେବଗଡ଼,୨୯।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅଧିକାରୀ ସରତୋଜ କୁମାର ସେଠୀଙ୍କର ଭିଜିଲାନ୍ସ ବିଭାଗକୁ ବଦଳି ହୋଇଥିବା ବେଳେ ଦେବଗଡ ଜିଲା ପୋଲିସରେ କାର୍ଯ୍ୟରତ ୨ଉପ ଆରକ୍ଷୀ ନିରୀକ୍ଷକ (ଏସ୍ଆଇ)ଙ୍କ ପଦୋନ୍ନତି ହୋଇଥିବା ଜଣାପଡିଛି। ଏ ନେଇ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଜାରି କରାଯାଇଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ ଦେବଗଡ଼ ଥାନାର ଥାନା ଅଧିକାରୀ ଇନ୍ସପେକ୍ଟର ସରୋଜ କୁମାର ସେଠୀଙ୍କ ଭିଜିଲାନ୍ସକୁ ବଦଳି କରାଯାଇଛି। ଅନୁରୂପ ଭାବେ କୁଣ୍ଢେଇଗୋଲା ଥାନା ଖଇରପାଲି ପୋଲିସ ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟରତ ଉପ ଆରକ୍ଷୀ ନିରୀକ୍ଷିକା ବିଦ୍ୟୁଲତା ନାୟକଙ୍କ ଆରକ୍ଷୀ ନିରୀକ୍ଷକ (ଇନ୍ସପେକ୍ଟର) ଭାବେ ପଦୋନ୍ନତି ହେବା ସହ ଭିଜିଲାନ୍ସ ବିଭାଗକୁ ବଦଳି ହୋଇଛି। ଅନ୍ୟପକ୍ଷରେ ବାରକୋଟ ଥାନାରେ କାର୍ଯ୍ୟରତ ଉପ ଆରକ୍ଷୀ ନିରୀକ୍ଷକ ଆମୁନସେନ କିଡୋଙ୍କ ଆରକ୍ଷୀ ନିରୀକ୍ଷକ(ଇନ୍ସପେକ୍ଟର)ଭାବେ ପଦୋନ୍ନତି ହେବାସହ ସମ୍ବଲପୁର ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଥିବା ଜଣାପଡିଛି।

### ଜାତୀୟ ଖାଉଟି ଦିବସ ପାଳିତ

ଝାରସୁଗୁଡ଼ା,୨୯।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ମହିଳା ମହାବିଦ୍ୟାଳୟରେ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ରବିବାର ଅପରାହ୍ନରେ ଜାତୀୟ ଖାଉଟି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଯୋଗାଣ ଅଧିକାରୀ ପୀତାମ୍ବର ସେଠି ମୁଖ୍ୟଅତିଥି, ଜିଲା ଓଜନ ମାପ ନିୟନ୍ତ୍ରକ ଅଧିକାରୀ ଆଶା ମିଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ମାନବାଧିକାର ଫାଉଣ୍ଡେସନ ସଭାପତି ମାନସୀ ପଣ୍ଡା, ଉପସଭାପତି ଅଞ୍ଜଳି ପଟ୍ଟନାୟକ, ସଂଯୋଜିକା ପ୍ରିୟା ରାୟଙ୍କ ତତ୍ତ୍ୱାଧାନରେ ସଭା ପରିଚାଳନା ହୋଇଥିଲା। ଖାଉଟି ମାନେ ଯେପରି ଠକାମୀ ର ଶିକାର ନ ହେବେ ଏବଂ କୌଣସି ଦୋକାନୀ ତଥା ବ୍ୟବସାୟୀ ଠକାମୀ କରନ୍ତି ତାହା ହେଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ମୁଖ୍ୟଅତିଥି ସେଠି କହିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ତଥା ବହୁ ଛାତ୍ରୀ ଯୋଗଦାନ କରିଥିଲେ।

### ବଦଳିଲା ଅଭିଯୋଗ ଶୁଣାଣି ସ୍ଥାନ

ଝାରସୁଗୁଡ଼ା,୨୯।୧୨(ଆଶିଷ ରଞ୍ଜନ ଦାଶ)

ଡିସେମ୍ବର ୩୦ ତାରିଖ (ସୋମବାର)ରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଅଭିଯୋଗ ଶୁଣାଣି ଲଖନପୁର ବ୍ଲକ ମୁଖ୍ୟାଳୟ ପରିବର୍ତ୍ତେ କିର୍ମିରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହେବ। ଏହି କ୍ରମରେ ଜିଲାର ସମସ୍ତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜଣାଇ ଦିଆଯିବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ପୌର ପାଳିକା ନିର୍ବାହୀ ଅଧିକାରୀମାନଙ୍କୁ ଜନ ଅଭିଯୋଗ ଶୁଣାଣି ପରିବର୍ତ୍ତିତ ସ୍ଥାନ ସମ୍ପର୍କରେ ନିଜ ଅଞ୍ଚଳରେ ଜନସାଧାରଣଙ୍କୁ ସୂଚିତ କରାଇବା ଉଦ୍ଦେଶ୍ୟରେ ପ୍ରଚାର ପ୍ରସାର ପାଇଁ ଜଣାଇ ଦିଆଯାଇଛି।

### ଆର୍ଥିକ ଦୁର୍ବଳ ୧୦୦ ଜଣଙ୍କ ବିବାହ କଲା ଖିଦମତ କମିଟି

ଝାରସୁଗୁଡ଼ା,୨୯।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାର ସାମାଜିକ ଅନୁଷ୍ଠାନ ଖିଦମତ କମିଟି ସହାୟତାରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ୧୦୦ଜଣଙ୍କ ବିବାହ ସମ୍ପନ୍ନ ହୋଇଛି। ଯେଉଁ ପରିବାରମାନେ ନିଜର ଆର୍ଥିକ ଅଭାବ ଯୋଗୁ ପୁଅଝିଅମାନଙ୍କୁ ବିବାହ କରାଇ ପାରୁନଥିଲେ। ସେମିତି ଆର୍ଥିକ ଅନଗ୍ରସର ପରିବାରର ୧୦୦ଜଣ ପୁଅ ଓ ଝିଅଙ୍କ ବିବାହ ଖିଦମତ କମିଟି ସମସ୍ତ ଖର୍ଚ୍ଚ ବହନ କରି ସମାଜର ସମସ୍ତଙ୍କ ଉପସ୍ଥିତିରେ ମଙ୍ଗଳବଜାରଠାରେ ବିବାହ ସମ୍ପନ୍ନ କରିଛି। ଏହା ସହିତ ଖିଦମତ କମିଟି ଆମ୍ବୁଲାନ୍ସ ସେବା, ବେରୋଜଗାର ୨୦୦ରୁ ଅଧିକ ଯୁବକଯୁବତୀଙ୍କୁ ମାଗଣା ସିଲାଇ ମେଶିନ ପ୍ରଦାନ, ଭୁବନେଶ୍ୱରର ଯେ କୌଣସି ଡାକ୍ତରଖାନାରେ ମାଗଣା ଚିକିତ୍ସା, ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଆଗାମୀ ଦିନରେ ନିସ୍ୱାର୍ଥପର ସେବା ସହଯୋଗ ସହ ସାମାଜିକ ଦାୟିତ୍ୱ ଜାରି ରହିବ ବୋଲି ଖିଦମତ କମିଟି ପକ୍ଷରୁ ରାଜୁ କ୍ୟୁରାଶୀ, ବଡ଼ସା ଖାନ, ସକିଲ ଖାନ, ମିନେତ ରାଉତ, ଏମ୍ଡି ନାସିର, ଶେଖ କାଳିମ, ସେକ ମୁସ୍ତଫା, ଶେଖ ଫାରୁକ, ମିନା ଭୌମିକ, ଜ୍ୟୋତି ଶଙ୍କର ନନ୍ଦେ, ହୀନା ରୁପାରଲ ସୂଚନା ଦେଇଛନ୍ତି।

# ଚାଷୀଙ୍କ ଅର୍ଥନୈତିକ ବିକାଶରେ ଦେଶର ଉନ୍ନତି



ମନ୍ତ୍ରୀ ରବିନାରାୟଣ ନାଏକ ମହିଳା ଏସ୍ଏଚ୍ଜିଙ୍କୁ କୃଷି ଯନ୍ତ୍ରପାତି ବଣ୍ଟନ କରୁଛନ୍ତି ।

## କୁଚିଣ୍ଡା କୃଷି ଯନ୍ତ୍ରପାତି ମେଳା ଉଦ୍ଯାପିତ

କୁଚିଣ୍ଡା, ୨୯।୧୨(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପଡିଆରେ ତିନିଦିନ ଧରି ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ରବିବାର ଉଦ୍ଯାପିତ ହୋଇଯାଇଛି। କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତବ୍ୟ ରଖି ମନ୍ତ୍ରୀ ନାଏକ କହିଥିଲେ, କୁଚିଣ୍ଡାର ଚାଷ ଓଡ଼ିଶାକୁ ଦିଗ୍‌ଦର୍ଶନ ଦେଇଛି। ତେଣୁ ଚାଷ ଜମିକୁ ଜଳସେଚନ କରି ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଚାଷୀଙ୍କ ଅର୍ଥନୈତିକ ବିକାଶ ହେଲେ ଦେଶ ଆଗକୁ ବଢିପାରିବ ବୋଲି ସେ କହିଥିଲେ। ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୁରୁଆ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ,ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ତହସିଲଦାର ମିତାଲି ମଧୁମିତା ଦଲେଇ,ବିଡିଓ ଜୟନ୍ତ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ଭାସ୍କର ଚନ୍ଦ୍ର ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାଷୀଙ୍କୁ ଅଧିକ ପ୍ରୋତ୍ସାହିତ କଲେ କୁଚିଣ୍ଡା ଅଞ୍ଚଳର କୃଷିରେ ଅଭିବୃଦ୍ଧି ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ମା' ଶାରଳା ମହିଳା ଏସ୍ଏଚ୍‌ଜି, ମା' ତାରିଣୀ ମହିଳା ଏସ୍ଏଚ୍‌ଜିଙ୍କୁ ପାୱାର ଟିଲର, ନୀଳମଣି ସାହୁ, ସୁବୋଧ ନାଏକ, ଜଗତରାମ କୁଜୁର, ଜୟଦେବ କିଷାନଙ୍କୁ ୱିଡର, ସନ୍ତୋଷ କାଲୋଙ୍କୁ ରିପର ଏବଂ ନବରତ୍ନ ନାୟକ, ସହଦେବ କୁଞ୍ଜ, ଭକ୍ତ ନାଏକ, ଲଳିତ ପୃଷେଠ ଓ ସୌଭାଗ୍ୟ ପଟେଲଙ୍କୁ ରିହାତି ମୂଲ୍ୟରେ ଟ୍ରାକ୍ଟର ବଣ୍ଟନ କରାଯାଇଥିଲା। ତିନିଦିନ ଧରି ଚାଲିଥିବା କୃଷି ଯନ୍ତ୍ରପାତି ମେଳାରେ ୧୩୩ଜଣ ଚାଷୀ ଓ ମହିଳା ଏସ୍ଏଚ୍‌ଜିଙ୍କୁ ବିଭିନ୍ନ ବିଭାଗରୁ କୃଷି ଯନ୍ତ୍ରପାତି ବିତରଣ କରି ଚାଷୀଙ୍କ ଆକାଉଣ୍ଟକୁ ସିଧା ସଳଖ ୩କୋଟି ୫୮ଲକ୍ଷ ଟଙ୍କାର ସବ୍‌ସିଡି ଯାଇଥିବା କୃଷିବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଳୟ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ କୃଷି ଜିଲା ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ କୃଷି ଅଧିକାରୀ ତନୟ କୁମାର ମୁର୍ମୁ, ଚନ୍ଦ୍ରଭାନୁ ମାଝି, କାଦମ୍ବିନୀ ଶତପଥୀ, ପଥୀରାଜ ଭୋଇ, ସୁଧାଂଶୁ ଶେଖର ପ୍ରଧାନ, ସଞ୍ଜୁ ମୁଣ୍ଡାରୀ, ଗଗନ ବିହାରୀ ନାୟକ, ରୋଜାଲିନ ପ୍ରଧାନ, ସ୍ନେହଲତା ସେଠ, ସସ୍ମିତା ଗଡନାୟକ, ଦେବଜାନୀ ଅର୍କ, ମନୋଜ ବାଘ ସହଯୋଗ କରିଥିଲେ। ଏହି ମେଳାରେ ବିଭିନ୍ନ ବିଭାଗ, କମ୍ପାନୀ ଓ ମହିଳା ଏସ୍ଏଚ୍‌ଜି ପକ୍ଷରୁ ୩୫ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା।

## ଓପିଜିସି ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର




ଶିବିରରେ ଚକ୍ଷୁ ପରୀକ୍ଷା ପାଇଁ ପଞ୍ଜୀକରଣ କରାଯାଉଛି।

ଝାରସୁଗୁଡ଼ା,୨୯।୧୨ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁଶ୍ରାଲୋଇ ପଞ୍ଚାୟତ କାର୍ଯ୍ୟାଳୟରେ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ଼ (ଓପିଜିସି) ପକ୍ଷରୁ ଶନିବାର ପୂର୍ବାହ୍ନରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଓପିଜିସି ସିନିୟର ଭିପି ସୁକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ମାନବ ସମ୍ବଳ ବିଭାଗ ମୁଖ୍ୟ ରତିକାନ୍ତ ଦାଶ ଓ କୁଶ୍ରାଲୋଇ ସରପଞ୍ଚ ରଘୁମଣୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ତ୍ରିଲୋଚନ ନେତ୍ରାଳୟର ଡାକ୍ତର ଡାନିଶ ତାହିଁର, ସୁଦର୍ଶନ ଚନ୍ଦୁଆଳ, ଟଙ୍କଧର କହ୍ନର, ରନୁ ମାଟୁଆରୀ, ଆଦ୍ୟାଶା ପ୍ରଧାନ, ଝରଣା ନାୟକ ପ୍ରମୁଖ ଯୋଗଦେଇଥିଲେ। ନେଗୀପାଲି, ତେଲେନପାଲି, କଣ୍ଟାଟିକ୍ରା, ଅଡାପଡା, ରେମଣ୍ଡା, ପଣ୍ଡରି, ଇତ୍ୟାଦି ଗ୍ରାମର ମୋଟ ୨୨୪ଜଣଙ୍କ ଲୋକଙ୍କ ଚକ୍ଷୁ ପରୀକ୍ଷା କରି ୧୨୮ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୨୩ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଶିବିରରେ ଓପିଜିସିର ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ରମିୟାନ ଛତ୍ରିଆ, ରାଜେନ୍ଦ୍ର ସା, ଅମର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକ, ଆବର୍ଜନା ଖାଇ ଜୀବନ ହରାଉଛନ୍ତି ଗୋରୁ

ଝାରସୁଗୁଡ଼ା,୨୯।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରର ବିଭିନ୍ନ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଏଣେ ତେଣେ ପଡ଼ିଥିବା ପ୍ଲାଷ୍ଟିକ ଓ ଆବର୍ଜନା ଖାଇ ବହୁ ଗୋରୁ ମୃତ୍ୟବରଣ କରିବା ସଙ୍ଗେ ସଙ୍ଗେ ନାନାଦି ରୋଗର ଶିକାର ହେଉଛନ୍ତି। ମ୍ୟୁନିସିପାଲିଟି ପକ୍ଷରୁ ସହର ସଫା ପାଇଁ ସଫେଇ କର୍ମଚାରୀ, ସଫେଇ ଗାଡି ଥିଲେ ମଧ ପୂର୍ବାହ୍ନ ୧୦ଟା ସମୟରେ ନିଜର କାମ ସାରି ଦେଉଛନ୍ତି। ଏହା ପରେ ବିଭିନ୍ନ ହୋଟେଲ, ଚାହା ଦୋକାନ ତଥା ବିଭିନ୍ନ ଦୋକାନ ବଜାରରୁ ବାହାରୁ ଥିବା ପଲିଥିନ, ଚା କପ, ପ୍ଲାଷ୍ଟିକରେ ନିର୍ମିତ ଦନା, ଖଲି ଦୋକାନୀମାନେ ଦୋକାନ ଆଗରେ ପକାଉଛନ୍ତି। ତାହା ପୁଣି ପନିପରିବା ଡାଲାରେ ପକାଉଛନ୍ତି। ପ୍ରାୟ ଦୋକାନରେ ମ୍ୟୁନିସିପାଲିଟିର ଡଷ୍ଟବିନ ନାହିଁ। ଗାଈଗୋରୁମାନେ ଖାଦ୍ୟ ଅନ୍ୱେଷଣରେ ଆସି ଏହି ହୋଟେଲ, ଚା ଦୋକାନ ତଥା ବିଭିନ୍ନ ଦୋକାନ ଆଗରେ ପଡ଼ିଥିବା ପ୍ଲାଷ୍ଟିକ ତିଆରି ବର୍ଜ୍ୟବସ୍ତୁ ଖାଉଛନ୍ତି। ଯାହା କି ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରି ବିଭିନ୍ନ ରୋଗ ସୃଷ୍ଟି କରିବା ସହିତ ଜୀବନ ହରାଉଛନ୍ତି। ଝାରସୁଗୁଡା ସହରର ସରବାହାଲ, ଝଣ୍ଡାଛକ, ପୁରୁଣା ବସଷ୍ଟାଣ୍ଡ, ମଙ୍ଗଳବଜାର, ବିଟିଏମ୍ ଛକ ତଥା ବଡ଼ମାଳ ଅଞ୍ଚଳରେ ବହୁ ଗାଈଗୋରୁ ଜୀବନ ହରାଇ ସାରିଲେଣି। ସୂଚନା ମୁତାବକ ଗତ ୧୫ ଦିନ ମଧ୍ୟରେ ସରବାହାଲ ଅଞ୍ଚଳରେ ୨ଟି ଗାଈ ଗୋଟିଏ ବଳଦ, ମଙ୍ଗଳବଜାରରେ ଦୁଇଟି ବଳଦ, ଏପରିକି ୩ ମାସ ମଧ୍ୟରେ ଝାରସୁଗୁଡା ସହରରେ ପାଖାପାଖି ୨୦ରୁ ୨୫ଟି ଗୋରୁ ମୃତ୍ୟୁବରଣ କରିଛନ୍ତି। ସରବାହାଲର ରାମହରି ପୂଜାରୀ କହିଛନ୍ତି ଯେ, ଗାଈଗୋରୁଙ୍କ ସୁରକ୍ଷା ପାଇଁ ସଚେତନତା ତଥା ବିଭିନ୍ନ ଦୋକାନରୁ ବାହାରୁଥିବା ପ୍ଲାଷ୍ଟିକ ଜାତୀୟ ଆବର୍ଜନାକୁ ବାହାରେ ନ ପକାଇ ବଡ଼ ବଡ଼ ଡଷ୍ଟବିନ ପକାଇବା ପାଇଁ ଦୋକାନୀମାନଙ୍କୁ ମ୍ୟୁନିସିପାଲିଟି କଡା ନିର୍ଦ୍ଦେଶ ଦେବାପାଇଁ ଆମେ ଜଣାଇଛୁ। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବୁ ବୋଲି କହିଛନ୍ତି।



ଗୋରୁ ଏକ ଚା ଦୋକାନରୁ ଆବର୍ଜନା ଓ ପ୍ଲାଷ୍ଟିକ କପ ଖାଉଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା, ପ୍ରଥମ ବ୍ୟାଚ୍ ଛାତ୍ରଙ୍କ ସମାବେଶ

ଝାରସୁଗୁଡ଼ା,୨୯।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ଉଚ୍ଚ ବିଦ୍ୟାଳୟର ପ୍ରଥମ ବ୍ୟାଚ୍ ଛାତ୍ରଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା। ଭାରପାପ୍ତ ପ୍ରଧାନ ଶିକ୍ଷକ କିଶୋର କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଓ ଲେଖକ ସୀତାରାମ ବିରତିଆ ଏବଂ ସମ୍ମାନିତ ଅତିଥି ଭାବେ ପ୍ରସନ୍ନ କୁମାର ପାତ୍ର, ବିରପ୍ରତାପ ସିଂ, ବିପଦ ଭଞ୍ଜନ ସାହୁ, ଆଶୁତୋଷ ନାୟକ, ଅସର୍ପି ସାହୁ, ଗିରିଧାରୀ ପଟେଲ, ପ୍ରଦୀପ ପ୍ରଧାନ, କୃଷ୍ଣଦାଶ ସାହୁ, ଚନ୍ଦ୍ରକାନ୍ତି ଦାଶ, ଓ ବିଦ୍ୟାଳୟ ସଭାପତି ରାଜେନ୍ଦ୍ର ଘୁସି ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଶିବଶଙ୍କର ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଗତ ନଭେମ୍ବରରେ ଅବସର ନେଇଥିବା ସଂସ୍କୃତ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଏବଂ ମଞ୍ଚାସୀନ ସମସ୍ତ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଗୁରୁପୂଜା ସହିତ ଉପଢୌକନ ଓ ପ୍ରଶଂସା ପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ରୀମାନେ ନିଜକୁ ସୁନାଗରିକ ଭାବେ ଗଢି ତୋଳିବାକୁ ମାର୍ଗ ଦର୍ଶନ କରିଥିଲେ। ପୁରୁଣା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜଗନ୍ନାଥ ସାହୁ, ଗୁଣ ସାହୁ, କମଳା ସାହୁ, ଥବିର ରାଉତ, ଲକ୍ଷ୍ମଣ ପାଣିଗ୍ରାହୀ, ବିନୋଦ ରାଉତ, ଜୋସ୍ନା ପଧାନ ପ୍ରମୁଖ ନିଜର ପୁରୁଣା ସ୍ମୃତି ମନେ ପକାଇଥିଲେ। ଶେଷରେ ଶିକ୍ଷକ ଗିରିଧାରୀ ପଟେଲ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ
## କେଲଡ଼ା ଦଳକୁ ଟାଇଟଲ



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

ଦେବଗଡ଼,୨୯।୧୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଉଁରା ଗ୍ରାମପଞ୍ଚାୟତ ଝୁମ୍ପୁରା ଗ୍ରାମରେ ଆୟୋଜିତ ପଞ୍ଚଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି । ୧୬ଟି ଦଳକୁ ନେଇ ଚାଲିଥିବା ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଟେଣ୍ଡରା ଦଳକୁ ପରାସ୍ତ କରି କେଲଡା ଦଳ ଚାମ୍ପିୟନ ହୋଇଛି। ଟେଣ୍ଡରା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ କେଲଡା ଦଳ ଖେଳ ଆରମ୍ଭ କରି ୩ ଉଇକେଟ ବିନିମୟରେ ଶେଷ ବଲରେ ୧୧୭ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମନୋଜ କୁମାର ସାହୁ ଏବଂ ରୁଦ୍ର ନାରାୟଣ ସ୍ୱାଇଁ ଖେଳ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ସାହୁ ଏବଂ ବିର କାଲୋ ସ୍କୋରିଂ ଏବଂ ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜକ ଅନୁଷ୍ଠାନର ସଭାପତି ଲୋକନାଥ ବେହେରାଙ୍କ ସଭାପତିତ୍ୱରେ ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ, ଜିଲା ପରିଷଦ ସଭ୍ୟ ସମରେନ୍ଦ୍ର ଜିତ, ଗୋପୀନାଥ ପ୍ରଧାନ, ବିଶ୍ୱନାଥ ସ୍ୱାଇଁ ମଞ୍ଚାସୀନ ରହି ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମାନସ କିଷାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ରାଜା ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନ ସମ୍ପାଦକ ନିରଞ୍ଜନ ସାହୁଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଜବାହର ନବୋଦୟ ବିଦ୍ୟାଳୟ ଆଲୁମ୍ନି ଛାତ୍ରୀଛାତ୍ରଙ୍କ ସମାବେଶ

ଦେବଗଡ଼,୨୯।୧୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ସୁନମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟଠାରେ ଶନିବାର ପୁରାତନ ଛାତ୍ର ସଂଘର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ବିଦ୍ୟାଳୟର ଶତାଧିକ ପୁରାତନ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପରୀକ୍ଷିତ ପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ଗୌରୀ ନନ୍ଦିନୀ ବେହେରା ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ୧୮ଜଣ ଡାକ୍ତର, ୩୫ଜଣ ଇଞ୍ଜିନିୟର, ୫ଜଣ ପ୍ରଫେସର, ୨୦ଜଣ କୃଷି ବୈଜ୍ଞାନିକ, ୧୮ଜଣ ପଶୁ ଡାକ୍ତର, ୧୫ଜଣ ଓଡ଼ିଶା ପ୍ରଶାସନିକ ସେବା, ୪୦ଜଣ ସରକାରୀ ଶିକ୍ଷକ ଏବଂ ଅନ୍ୟାନ୍ୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସରକାରୀ ସେବାରେ ନିଯୁକ୍ତ ଥିବା ଜଣାପଡିଛି। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଶିକ୍ଷକ ଦିନେଶ ଚନ୍ଦ୍ର ତ୍ରିବେଦୀ, ବଡ଼ଦେବ ମେହେର ଏବଂ ସୁଜିତ୍ କୁମାର ସାମଲ ପୁରାତନ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ଅନ୍ତରେ ଆଲୁମ୍ନି ସଭାପତି ଭାସ୍କର ମାଝି ଧନ୍ୟବାଦ୍ ଦେଇଥିଲେ।

# ଇଷ୍ଟକୋଷ୍ଟ ରେଲ୍‌ୱେ ଖୋର୍ଦ୍ଧା ଚାମ୍ପିୟନ

## ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ




ଚାମ୍ପିୟନ ଇଷ୍ଟକୋଷ୍ଟ ରେଲ୍‌ୱେ ଖୋର୍ଦ୍ଧା ଦଳର ଖେଳାଳିଙ୍କ ସହ ଅତିଥିବୃନ୍ଦ।

ଦେବଗଡ଼,୨୯।୧୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଇନ୍ଦିରା ଗାନ୍ଧି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେଉଥିବା ୩୪ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍ଯାପିତ ହୋଇଯାଇଛି। ମେକାନ ଧାନବାଦ ବନାମ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ଦଳ ୬୪ ରନ ରେଧାନବାଦକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଧାନବାଦ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ଖୋର୍ଦ୍ଧା ଦଳକୁ ଆମନ୍ତ୍ରଣ କରିଥିଲା। ଖୋର୍ଦ୍ଧା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ଉଇକେଟ୍ ହରାଇ ୨୩୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନାଟରାଜ ବେହେରା ୧୦୨, ସୂର୍ଯ୍ୟକାନ୍ତ ପ୍ରଧାନ ୬୦ ଓ ସୁପ ସୁମିତ ଭୂୟାଁ ୩୭ ରନ୍ ସଂଗ୍ରହ କରିଥିବା ବେଳେ ଧାନବାଦ ଦଳର ଅଭିଷେକ ମାହାତ ୨ଟି ଉଇକେଟ ନେଇଥିଲେ। ଏହାର ଜବାବରେ ଧାନବାଦ ଦଳ ବ୍ୟାଟିଂ କରି ୧୬.୪ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୬୯ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଇସୁ ଆର୍ଯ୍ୟନ ୧୩୪ ରନ୍ ସଂଗ୍ରହ କରିଥିଲା ବେଳେ ଖୋର୍ଦ୍ଧା ଦଳର ସୂର୍ଯ୍ୟକାନ୍ତ ପ୍ରଧାନ ୪ ଓ ମଳୟ ଜେନା ୩ଟି ଉଇକେଟ୍ ନେଇଥିଲେ। ମ୍ୟାଚରେ ଅମ୍ପାୟର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋମି ନାୟକ ଓ ରିତିକ୍ ଦେହୁରୀ ଏବଂ ରମାକାନ୍ତ ପ୍ରଧାନ, ବେଣୁଧର ଗଡନାଏକ ଧାରାବିବରଣି ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଭଲ ଖେଳ ପଦର୍ଶନ ପାଇଁ ଖୋର୍ଦ୍ଧା ଦଳର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍, ଟୁର୍ଣ୍ଣାମେଣ୍ଟର ବେଷ୍ଟ ବୋଲୋର ଭାବେ ଦେବଗଡ଼ ଦଳର ଆଲୋକ ପାତ୍ର, ଧାନବାଦ ଦଳର ଈଶୁ ଆର୍ଯ୍ୟନଙ୍କୁ ବେଷ୍ଟ ବ୍ୟାଟସମ୍ୟାନ୍, ବେଷ୍ଟ ଫିଲଡ଼ର ଦେବଗଡ଼ ଦଳର ସୌମ୍ୟ ଭଞ୍ଜ ଏବଂ ଖୋର୍ଦ୍ଧା ଦଳର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ମଧ୍ୟ ଚାମ୍ପିୟନ ଖୋର୍ଦ୍ଧା ଦଳକୁ ଟ୍ରଫି ସହିତ ନଗଦ ୫୦ ହାଜର ଅର୍ଥ ରାଶି ଏବଂ ଉପବିଜେତା ଧାନବାଦ ଦଳକୁ ଟ୍ରଫି ସହିତ ନଗଦ ୩୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କ୍ଲବ୍ ସଭାପତି ପ୍ରଣବ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣି ଉତ୍ସବରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ ଭୋଜ, ନବୀନ କୁମାର ପାଣି, ପ୍ରଦୀପ ମହାପାତ୍ର ଓ ସୁଧୀର କୁମାର ବ୍ରହ୍ମା ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ ଉପ ସଭାପତି ଅଶୋକ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ସମ୍ପାଦକ ସତ୍ୟ ନାରାୟଣ ପାଣି ସ୍ୱାଗତ ଭାଷଣ ଓ ଉପ ସଭାପତି ସୁଜିତ କୁମାର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। କ୍ଲବ୍ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସକ୍ରିୟ ସୋହଯୋଗ କରିଥିଲେ।

**ARADHYA JEWELLERY**
(TATA TANISHQ)
WALK-IN INTERVIEW FOR
Retail Sales Officer / Sr. Retail Sales Officer
(Both Male & Female)
Eligibility - Minimum 10th Pass
(Both freshers and experienced candidates can apply)
Skills - Fluency in local Language, Odia & Hindi
Date - 04.01.2025 & 07.01.2025 / Time - 11 A.M. to 2 P.M.
VENUE
Tanishq, Infront of Hanuman Temple, Bahadur Bagicha Pada, Bhawanipatana, Odisha - 766001

No.A-791

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର- (06856)-291081 & ଇ-ମେଲ୍: eemirgd@ymail.com
ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ -୦୮/କ୍ଷୁ:ଜ:ବି ରାୟଗଡ଼ା / ୨୦୨୪-୨୫
(BID IDENTIFICATION NO. ONLINE- 08 / MID RGD/ 2024-25)
ପତ୍ର ସଂଖ୍ୟା: ୪୯୩୬// କ୍ଷୁ:ଜ:ବି ରାୟଗଡ଼ା//ତାରିଖ ୨୬।୧୨।୨୦୨୪

ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି।

| | | | |
|---|---|---|---|
| ୧ | କାମର ନାମ | : | ରାୟଗଡ଼ା ଜିଲ୍ଲାରେ କାପେକ୍ସ ଲାଇନିଙ୍ଗ (CAPEX Lining) ଯୋଜନାରେ ବାରିଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ସିଙ୍ଗୁବାଈ ମାଇନର କେନାଲର ସିମେଣ୍ଟ କଂକ୍ରିଟ୍ ଲାଇନିଂ ନିର୍ମାଣ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୧ (ଏକ) ମାତ୍ର |
| ୩ | ଅଟକଳ ମୂଲ୍ୟ | : | ଆନୁମାନିକ ୫୮.୫୦ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | : | ତା୦୧।୦୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | : | ତା୧୩।୦୧।୨୦୨୫ରିଖ ଦିବା ୧୧.୦୦ ଘଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | : | ଅନ୍‌ଲାଇନ |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
OIPR-32524/11/0012/2425

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ଜୁନାଗଡ଼,୨୯ା୧୨(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ସହର ସ୍ଥିତ ଅନ୍ତରାବନ୍ଦ ପଡାରେ ରବିବାର ଦୁଃଖଦ ଘଟଣା ଘଟିଛି। ଘରେ ଇଲେକ୍ଟ୍ରି ଗାଡି ପାଇଁ ଚାର୍ଜ କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ ନାମ ରାହୁଲ ଝାଙ୍କର (୨୪) ବୋଲି ଜଣାପଡିଛି।

### ଧନୁଯାତ୍ରା ଉପଲକ୍ଷେ ରକ୍ତଦାନ ଶିବିର

**ନୂଆପଡା,୨୯ା୧୨ (ମକାରୁ ବେମାଲ):** ନୂଆପଡା ସଦର ବ୍ଲକ ସାରାବଙ୍ଗ ବିରାଟ ଆଞ୍ଚଳିକ ଧନୁଯାତ୍ରା ଉପଲକ୍ଷେ ଧନୁଯାତ୍ରା କମିଟି ଅନୁକୂଲ୍ୟରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଗୋପାଲ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସାରାବଙ୍ଗ ସରପଞ୍ଚ ରଥବାଇ ପଟେଲ, ସାମାଜିକ କର୍ମୀ ଧନୀରାମ ସାହୁ, ଲାଲ ସିଂ ମାଝି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ମୋଟ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ଆସି ଶିବିର ପରିଚାଳନା କରିଥିଲେ। ଧନୁଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର ଆୟୋଜନ କରିଥିବାରୁ ଧନୁଯାତ୍ରା କମିଟିକୁ କଂସ ଭୂମିକାରେ ଅଭିନୟ କରୁଥିବା ମଧୁସୂଦନ ପାଣିଗ୍ରାହୀ ପ୍ରଶଂସା କରିଥିଲେ। ରକ୍ତଦାତାମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟର ୯୯ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**ବେହେରା,୨୯ା୧୨(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ମା' ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟର ୯୯ ମାଟ୍ରିକ ବ୍ୟାଚଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଗୋତମୁଣ୍ଡା ମା ସର୍ବମଙ୍ଗଳା ଘାଟି ମୁଣ୍ଡିଆଣିଙ୍କ ମନ୍ଦିର ସନ୍ନିକଟ ଅଠର ନଳା ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ମୋହିତ କୁମାର ରାଉତିଙ୍କ ଆବାହନ କ୍ରମେ କାର୍ଯ୍ୟକ୍ରମରେ ୪୯ ଜଣ ପୁରାତନ ଛାତ୍ର ଉପସ୍ଥିତ ରହିଥିଲେ ଓ ପୁରୁଣା ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ସର୍ବପ୍ରଥମେ ଗୁରୁ ବନ୍ଦନା କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଗୁରୁଙ୍କ ଆଶୀର୍ବାଦ ଓ ପ୍ରେରଣାରେ ସେମାନଙ୍କ ଭବିଷ୍ୟତ କିପରି ଉଜ୍ଜ୍ୱଳମୟ ହୋଇପାରିଛି ଛାତ୍ରମାନେ ବଖାଣି ଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରେମରାଜ ନିଏଲ, ଅଭୟ ସିଂହ ରାଜପୁତ, ମିହିର ପ୍ରଧାନ, ସୁଶିଲ ସାହୁ, କିଶନ ନାଗ, ଇନ୍ଦ୍ର ନାୟକ, ଦେବରାଜ ସୁନାନି, ମଣି ସାହୁ, ସୁରେନ୍ଦ୍ର ଗୋପାଳ, ଭିକାରୀ ନାଗ, ରୁଦ୍ର ମେହେର, ନରେନ୍ଦ୍ର ନାୟକ, କ୍ଷୀର ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ।

# କଳାହାଣ୍ଡି ଚେସ୍ ଏକାଡେମୀ ଉଦ୍‌ଘାଟିତ

**ଭବାନୀପାଟଣା,୨୯ା୧୨(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ରବିବାର କଳାହାଣ୍ଡି ଚେସ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। କଳାହାଣ୍ଡି ଚେସ ଏକାଡେମୀର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଚେସ ଆରବିଟର ଦେବେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର ବିଶି, ମୁକୁନ୍ଦ ରେଡ୍ଡୀ, କ୍ରୀଡ଼ାବିତ ଦେବେନ୍ଦ୍ର ରାଉତ, ଚେସ ପ୍ରଶିକ୍ଷକ ବିଜୟ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଚେସ ହେଉଛି ମସ୍ତିକର ବ୍ୟାୟାମଶାଳା। ପ୍ରତ୍ୟେକ ଛାତ୍ରୀଛାତ୍ର ଚେସ ଖେଳିଲେ ମସ୍ତିକ ସୁସ୍ଥ ରହିବା ସହ ଏକାଗ୍ରତା ବୃଦ୍ଧି ପାଏ ବୋଲି ବୋଲି ଉପସ୍ଥିତ ଅତିଥିଗଣ



ଉଦ୍‌ଘାଟନୀ ସମାରୋହରେ ଅତିଥିଗଣ।

**ଶନିବାର, ରବିବାରରେ ଚେସ୍ ପ୍ରଶିକ୍ଷଣ**

ଉଦ୍‌ବୋଧନ ଦେଇଥିଲେ। ଉଦ୍‌ଘାଟନୀ ଉପଲକ୍ଷେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍କୁଲରୁ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହି ନିଜ ଖେଳ କୌଶଳ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀଛାତ୍ରଙ୍କୁ ଆସନ୍ତା ଜାନୁଆରୀ ୧୨ ଜାତୀୟ ଯୁବ ଦିବସରେ ପୁରସ୍କୃତ କରାଯିବ ଏବଂ ପ୍ରତ୍ୟେକ ଶନିବାର ଓ ରବିବାର ଅପରାହ୍ନରେ ଚେସ ପ୍ରଶିକ୍ଷଣ ଦେବା ପାଇଁ ସ୍ଥିର କରାଯାଇଛି ବୋଲି ଏକାଡେମୀର ମୁଖ୍ୟ ନାୟକ ସୂଚନା ଦେଇଥିଲେ।

# ପୋଲିସ ଗାଡ଼ିକୁ ଧକ୍କା ଦେଲା ଟ୍ରକ୍

**ଭବାନୀପାଟଣା,୨୯ା୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ବୋର୍ଡା ଫାଣ୍ଡି ସାପସିଲେଟ ନିକଟରେ ଶନିବାର ରାତିରେ ପୋଲିସ ଗାଡିକୁ ଏକ ଛତିଶଗଡ ଟ୍ରକ ଧକ୍କା ଦେଇଥିବା ଜଣାପଡିଛି। ଫଳରେ ପୋଲିସ ଗାଡ଼ିରେ ବସିଥିବା ବୋର୍ଡା ଫାଣ୍ଡି ଅଧିକାରୀ ଚନ୍ଦ୍ରହାସ୍ୟ ସାହୁସମେତ ୪ ଜଣ କନଷ୍ଟେବଲ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଦୁର୍ଘଟଣାରେ ସେମାନେ ଆହତ ହୋଇଥିବାବେଳେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଅଛନ୍ତି। ଧକ୍କା ଦେଇଥିବା ଛତିଶଗଡ଼ ଟ୍ରକ ନଂ. ସିଜି ୨୨ଜେ –୮୧୦୨) ହୋଇଥିବାବେଳେ ପୋଲିସ ଗାଡି ଜିପର ନଂ. ଓଆର୦୫ ଏକେ–୬୬୩୭ ବୋଲି ଜଣାପଡିଛି।

# ପ୍ରଗତି ପ୍ରତିଭା ପରୀକ୍ଷା ଦେଲେ ୧୬୬୩ ଛାତ୍ରୀଛାତ୍ର

**ଭବାନୀପାଟଣା,୨୯ା୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଉପକଣ୍ଠସ୍ଥ ପ୍ରଗତି ଶିକ୍ଷାନୁଷ୍ଠାନରେ ରବିବାର ପ୍ରଗତି ପ୍ରତିଭା ପରୀକ୍ଷା–୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ତଥା ଜିଲା ବାହାରରୁ ୧୬୬୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷାର ଫଳାଫଳକୁ ଆଧାରକରି ପରବର୍ତ୍ତୀ ସମୟରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀଙ୍କୁ ପ୍ରଗତି ପ୍ରତିଭା ପୁରସ୍କାରରେ ପୁରସ୍କୃତ କରାଯିବା ସହିତ ଆଗାମୀ ଶିକ୍ଷା ବର୍ଷରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ ଦୁଇ ବର୍ଷ ପର୍ଯ୍ୟନ୍ତ ବିନା ଶୁଳ୍କରେ ପଢ଼ିବାର ସୁଯୋଗ ଦିଆଯିବ ବୋଲି ଅନୁଷ୍ଠାନର ମୁଖ୍ୟ ଅଜୟ ପଣ୍ଡା ଘୋଷଣା କରିଥିଲେ। ଏହା ସହିତ ଶ୍ରେଷ୍ଠ ୫୦ ମେଧାବୀ ଛାତ୍ରୀଛାତ୍ର ମେଧାବୃତ୍ତି ପାଇବା ସଙ୍ଗେ ଉକ୍ତ ଅନୁଷ୍ଠାନରେ ପଢ଼ିବାର ସୁବିଧା ପାଇ ପାରିବେ ବୋଲି ସେ ସୂଚନା ଦେଇଥିଲେ । ଏହି ଅବସରରେ ସମସ୍ତ ଅଭିଭାବକ ଓ ଅଭିଭାବିକାଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ସ୍କୁଲ ସ୍ତରରେ ଅନୁଷ୍ଠିତ ହୋଇଥିବା ଟ୍ୟାଲେଣ୍ଟ ହଣ୍ଟ ପରୀକ୍ଷାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିବା ସହିତ ଏହି ପ୍ରତିଭା ପରୀକ୍ଷାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗତ ଶିକ୍ଷାବର୍ଷଗୁଡ଼ିକରେ ପଶ୍ଚିମ ଓଡିଶା ତଥା ଦକ୍ଷିଣ ଓଡ଼ିଶାର ସମଗ୍ର ୧୨ଟି



ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଜିଲା ମଧ୍ୟରେ ସର୍ବାଧିକ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ପ୍ରଗତି ଅନୁଷ୍ଠାନରୁ ଛାତ୍ରୀଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅନୁଷ୍ଠାନର ଅନବରତ ପ୍ରଚେଷ୍ଟା ଓ ସଫଳତାଦ୍ୱାରା ଅଭିଭାବକ ମହଲରେ ଏକ ସନ୍ତୋଷଜନକ ବାତାବରଣ ସୃଷ୍ଟି କରିପାରିଛି ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଗତି ଶିକ୍ଷାନୁଷ୍ଠାନର ମୁଖ୍ୟ ଇଂ ଅଜୟ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ପରିଚାଳନା ସମିତିର ସଦସ୍ୟ ଲକ୍ଷ୍ମୀକାନ୍ତ ବେହେରା, ଅଧ୍ୟକ୍ଷ ଶେଷଦେ ମୁଣ୍ଡ, ଉପାଧ୍ୟକ୍ଷ ଅଶୋକ କୁମାର ସାହୁ, ମୁଖ୍ୟ ଶିକ୍ଷା ସଂଯୋଜକ ଅଞ୍ଜନ କୁମାର ରଣା, କଂସେପ୍ଟ ସ୍କୁଲ ଅଧ୍ୟକ୍ଷ ଚିନ୍ମୟ ଗୁରୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ପ୍ରଗତି ପ୍ରତିଭା ପରୀକ୍ଷାରେ ବିନୋଦ ବିହାରୀ ପ୍ରଧାନ, ଶଶିଭୂଷଣ ଦାସ, ସସ୍ମିତା ସାହୁ, ବିଦ୍ୟାସାଗର ମୁଣ୍ଡ, ଶୁକଦେବ ସାହୁ, ଗୌତମ ଟୋଲିଆ, ଅମ୍ଳାନ ପ୍ରସାଦ ଅଗସ୍ତି, ଇପ୍ସିତା ସ୍ୱାଇଁ, ନିର୍ଲିପ୍ତା ଯୋଶୀ, ନିକିତା ମେହେର, ଜୟପ୍ରକାଶ ଖୁରା, ବସନ୍ତ କାଲସାଇ, ଶିବାଙ୍ଗୀ ପଣ୍ଡା, ପ୍ରଫୁଲ୍ଲ ନାଏକ, ରମେଶ କୁଅଁର, ଅଭିଷେକ ପଟ୍ଟନାୟକ, ହେମନ୍ତ ବାଗ, ଗିରିଶ ଚନ୍ଦ୍ର ଭୋଇ, ନିର୍ମଳ ମହାନ୍ତି, ଇଭି ଆନି ଫିଲିପ, ଇକ୍ସିତା ପଟ୍ଟଯୋଶୀ, ନମ୍ରତା ପଟ୍ଟନାୟକ, ପ୍ରିୟଙ୍କା ପ୍ରଧାନ, ବାବୁଲା ମେହେର, ଜିତେନ୍ଦ୍ର ନାଏକ, ଅବନୀ କୁମାର ଦାସ, ଶୁଭେନ୍ଦୁ ଶେଖର ସାହୁ, ବିରେନ୍ଦ୍ର କୁମାର ପଟ୍ଟନାୟକ, ଗୁଣସାଗର ସାହୁ, ଚିନ୍ମୟ ବିଶି ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ରମେଶ କୁଅଁର ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ ଶେଷଦେବ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

### ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ବିୟୋଗରେ ଶୋକସଭା

**କୋମନା, ୨୯ା୧୨(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ସଦର ବ୍ଲକ ବସଷ୍ଟାଣ୍ଡ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଡ. ମନମୋହନ ସିଂଙ୍କ ବିୟୋଗରେ କୋମନା ବ୍ଲକ ସାମ୍ବାଦିକ ସଂଘ ତରଫରୁ ଶନିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସରୋଜ କୁମାର ଦାସଙ୍କ ନେତୃତ୍ୱରେ କୋମନା ବ୍ଲକ ସାମ୍ବାଦିକମାନେ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱର୍ଗତ ପ୍ରଧାନମନ୍ତ୍ରୀଙ୍କ ସ୍ମୃତିଚାରଣ କରି ୨ମିନିଟ ନିରବ ପ୍ରାର୍ଥନା କରି ମହାନ ଆତ୍ମାଙ୍କ ସଦ୍‌ଗତି କାମନା କରିଥିଲେ। ଏଥିରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀ, ଛାତ୍ର ଉପସ୍ଥିତ ଥିଲେ।

### ଗୁରୁ ଘାସିଦାସଙ୍କ ଜୟନ୍ତୀ, ଜୟସ୍ତମ୍ଭ ଲୋକାର୍ପଣ ଉତ୍ସବ

**ଖଡ଼ିଆଳ,୨୯ା୧୨(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳସ୍ଥିତ ଜୟ ସତନାମ ସମାଜ ପକ୍ଷରୁ ଗୁରୁ ଘାସିଦାସଙ୍କ ୨୬୮ ତମ ଜୟନ୍ତୀ ସହ ଜୟ ସ୍ତମ୍ଭ ଲୋକାର୍ପଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା ଖଡିଆଳ ନଗର ପରିକ୍ରମା କରିଥିଲା। ଏହି ଜୟ ସ୍ତମ୍ଭ ଗିରେଦ ପୁରୀ ଧାମର ଅବିକଳ ସ୍ତମ୍ଭ ରୂପେ ଲୋକାର୍ପିତ ହୋଇଥିବାବେଳେ ତିନି ଦିନ ବ୍ୟାପୀ ଉତ୍ସବ ପାଳିତ ହେଉଛି। ଏହି ଉତ୍ସବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇଛନ୍ତି।

# ସର୍ବଶ୍ରୀ ସାଖିଆ ସାହିତ୍ୟ ସଂସଦର 'କୁହୁଡ଼ି କାବ୍ୟୋତ୍ସବ'


କୁହୁଡି କାବ୍ୟୋତ୍ସବରେ ଉପସ୍ଥିତ କବୟିତ୍ରୀ କବିମାନେ।

**ଭବାନୀପାଟଣା,୨୯ା୧୨(ଉତ୍ତମ କୁମାର ଦାଶ)**

ମଣିଷ ବାଟ ଖୋଜୁଥିବାବେଳେ ସାହିତ୍ୟ ବାଟୋଇ ସାଜିଥାଏ। ଅସହାୟ ବେଳେ ସାଥୀ ହୁଏ ଏବଂ ଜୀବନର ସଂଜ୍ଞା ଲେଖି ସପ୍ତରଙ୍ଗର ଇନ୍ଦ୍ରଧନୁ ତୋଳେ। ପ୍ରକୃତି ସହ ଲେଖକଟିଏ ତେଣୁ ସବୁବେଳେ ମାନବିକତାର ମୋହରେ ଭାବ ବାନ୍ଧିବାକୁ ସଦା ବ୍ୟଗ୍ର ଥାଏ ବୋଲି ସର୍ବଶ୍ରୀ ସାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୧୫ ସଂଖ୍ୟା ସାରସ୍ୱତ ଆସର 'କୁହୁଡି କାବ୍ୟୋତ୍ସବ' ଅବସରରେ ମତପ୍ରକାଶ ପାଇଥିଲା। ରବିବାର ଭବାନୀପାଟଣା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ବାଲାଜୀ ବିହାର ପରିସରରେ ବ୍ରହ୍ମାନନ୍ଦ ସାମଲଙ୍କ ପୌରୋହିତ୍ୟରେ ଅଶୋକ କୁମାର ଖମାରୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଯୁବପ୍ରତିଭା ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଆନନ୍ଦିନୀ ପାତ୍ର ସୁତ୍ତମ ନାଏକ, ସାଗର ବୈଠାରୁ, ଦୀପ୍ତି ମୁଣ୍ଡ, ରଚିତା ମେହେର, ପ୍ରତାପ ଚନ୍ଦ୍ର ପଣ୍ଡା, କାଜଲ ମହାରଣା, ବିରଞ୍ଚି ନାରାୟଣ ମୁଣ୍ଡ, କିଶୋର ମହାନନ୍ଦ, ଅଶୋକ କୁମାର ଖମାରୀ, ଦେବେନ୍ଦ୍ର ଦାଶ, ଆଶୁଧନ ପୁରୋହିତ, ତପନ ସାହୁ ପ୍ରମୁଖ କୁହୁଡି କବିତାବୃତ୍ତି ଓ ଗପ ପାଠ କରିଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସମବେତ ଭାବେ ଦେଶପ୍ରେମର ପ୍ରତୀକ ରାଷ୍ଟ୍ରଗାନ କରାଯାଇଥିଲା।

# ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟରେ ନୂଆପଡ଼ା ଚତୁର୍ଥ

**ନୂଆପଡ଼ା,୨୯ ।୧୨ (ମକାରୁ ବେମାଲ)**

ଅନୁଗୋଳ ଜିଲାର ତାଳଚେରଠାରେ ଆୟୋଜିତ ରାଜ୍ୟସ୍ତରୀୟ ୧୧ତମ ହରିଶ୍ଚନ୍ଦ୍ର ମେମୋରିଆଲ କବାଡି ଟୁର୍ନାମେଣ୍ଟରେ ନୂଆପଡା ଦଳ ୪ର୍ଥ ସ୍ଥାନ ଅର୍ଜନ କରିଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ପ୍ରଶଂସାର ସୁଅ ଛୁଟୁଛି। ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ୧୨ଟି ପୁରୁଷ ଦଳ ଭାଗ ନେଇଥିଲେ। ନୂଆପଡ଼ା ଜିଲାର ସିନିୟର ପୁରୁଷ କବାଡି ଦଳର ଅଧିନାୟକ ହରିଶ କୁମାର ଅହିରଙ୍କ ନେତୃତ୍ୱରେ ଡିସେମ୍ବର ୨୪ରେ ନୂଆପଡ଼ାରୁ ବାହାରି ତାଳଚେର ଯାଇଥିଲେ। ସୁନ୍ଦରଗଡ, ପିପିଲି, ପୁରୀ, ଓଡିଶା ପୋଲିସ ଟିମ୍‌କୁ ହରାଇ ପୁଲ ଚାମ୍ପିୟନ ହୋଇଥିଲା। ସେମି ଫାଇନାଲ ମ୍ୟାଚ୍ ପାଇଁ ପ୍ରବେଶ କରିଥିଲେ। ପ୍ରଥମ ସେମି ଫାଇନାଲ କଟକ ଓ ଓଡିଶା ପୋଲିସ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କଟକ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ସେମି ଫାଇନାଲରେ ନୂଆପଡା ଓ ଆସ୍କା ଗଞ୍ଜାମ ଜିଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୂଆପଡା ଓ ଆସ୍କା ମଧ୍ୟରେ କଡା ଟକ୍କରରେ ଖେଳ ଚାଲିଥିଲା। ଶେଷରେ ଆସ୍କା ଦଳ ବିଜୟ ଲାଭ କରିଥିଲା। ନୂଆପଡ଼ା ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ଜିଲାରେ ଖୁସିର ଲହରୀ ଖେଳି ଯାଇଛି। ଖେଳାଳିମାନେ ହେଲେ ଅଧିନାୟକ ଅହିରଙ୍କ ସମେତ ପୀୟୁଷ ଅହିର, ଜିତେନ ରାଉତ, ଭୂପେନ ରାଉତ, ରାଜୁ ଅହିର, ଟିଙ୍କୁ, ମୁକେଶ ଓ ଦ୍ୱାରିକା ମାଝି ପ୍ରମୁଖ ପ୍ରତିନିଧିତ୍ୱ କରୁଛନ୍ତି।


ବିଜୟୀ ହୋଇଥିବା ନୂଆପଡ଼ା କବାଡି ଟିମ୍।

# ବଲାଙ୍ଗୀରର ରାଇଜିଂ ଷ୍ଟୁଡେଣ୍ଟ ୟୁନିୟନ ଚାମ୍ପିୟନ

**ଖଡ଼ିଆଳ,୨୯ା୧୨(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ଖେଳପଡିଆଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ହୋଇଆସୁଥିବା ୨୧ତମ ଖଡ଼ିଆଳ କ୍ରିକେଟ ସ୍ପୋର୍ଟ୍ସ ଆସୋସିଏଶନ (କେସିଏସ୍‌ଏ) କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେସିଏସ୍‌ଏକୁ ହରାଇ ବଲାଙ୍ଗୀର ରାଇଜିଂ ଷ୍ଟୁଡେଣ୍ଟ ୟୁନିୟନ ଚାମ୍ପିୟନ ହୋଇଛ। ବଲାଙ୍ଗୀର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ୯ ଉଇକେଟ ହରାଇ ୧୭୩ ସଂଗ୍ରହ କରିଥିବାବେଳେ ଖଡିଆଳ କେସିଏସଏ ୧୮ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ କରିଥିଲା। ବଲାଙ୍ଗୀର ଦଳ ୩୪ ରନରେ ବିଜୟ ହାସଲ କରିଛି। ମ୍ୟାନ ଅଫ୍ ଦି ମ୍ୟାଚ ପ୍ରିନ୍ସ ସିଂ ହୋଇଥିବା ବେଳେ ଓସିଏ ପେନାଲ ଏମ୍ପାୟାର ବିଶ୍ୱମ୍ଭର ମହାକୁଡ଼, ସାସ୍ୱତୀ ଶତପଥି ଖେଳ ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଧନଞ୍ଜୟ ମଲ୍ଲିକ, ପ୍ରକାଶ ପାତ୍ର, ଆଶିଷ ତ୍ରିବେଦୀ, ଭୀମରାଜ ତାଣ୍ଡି। ଚାମ୍ପିୟନ ବଲାଙ୍ଗୀର ରାଇଜିଂ ଷ୍ଟୁଡେଣ୍ଟ ୟୁନିୟନ ଦଳକୁ ୫୧ ହଜାର ଟଙ୍କା ସହିତ ଟ୍ରଫି, ରନସ ଅପ୍ ଦଳକୁ ୩୧ ହଜାର ଟଙ୍କା ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବରେ କେସିଏସ୍‌ଏ ସଭାପତି ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ଖଡିଆଳ ଏନଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା, ବ୍ଲକ ଅଧ୍ୟକ୍ଷା



କେସିଏସ୍‌ଏ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

**ଖଡ଼ିଆଳ କ୍ରିକେଟ ସ୍ପୋର୍ଟ୍ସ ଆସୋସିଏଶନ ଖେଳ ଉଦ୍‌ଯାପିତ**

ପୁଷ୍ପାଞ୍ଜଳୀ ନନ୍ଦ ଯୋଗ ଦେଇଥିଲେ। କେସିଏସଏ ଉପସଭାପତି ବିଶ୍ୱଜିତ ପାଢୀ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ସନ୍ତୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୁଇ ଜଣ ପୂର୍ବତନ ବରିଷ୍ଠ ଖେଳାଳି ସତ୍ୟ ତାଣ୍ଡି ଏବଂ ବିକ୍ରମ କେଶରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୁ ପଟ୍ଟନାୟକ, ଚିତଭାନୁ ସିଂ ଦେଓ, ତନ୍ମୟ ବାଗ, ସୁରେଶ ଯାଦବ, ପବିତ୍ର ପ୍ରଧାନ, ମିଳନ ଯାଦବ, ଆଦିତ୍ୟ ମହାପାତ୍ର, ଅଶ୍ୱିନୀ ପାଢ଼ୀ, ଟିଟୁ ପାଣ୍ଡେ, ଶିବ ସିଙ୍ଘଲ, ବିନୋଦ ଦୁରିଆ ସହଯୋଗ କରିଥିଲେ।

# ଜରାସିଂହାକୁ ପରାସ୍ତ କରି ନୂଆପଡ଼ା ଚାମ୍ପିୟନ

**କୋମନା, ୨୯ା୧୨(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ଜିତାମିତ୍ର ଉଚ୍ଚବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ୧୮ତମ ଆନ୍ତଃ ରାଜ୍ୟ ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ନୂଆପଡ଼ା ଓ ଜରାସିଂହା (ବଲାଙ୍ଗୀର)ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୂଆପଡ଼ା ୧–୦ଗୋଲରେ ଜରାସିଂହା ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଛବି ନାଏକ, ସାର୍ଜନ କୁଡ଼େଇ, ଶେଷଦେବ ନାଏକ, ବଳରାମ

**ବ୍ୟାସଦେବ ମେମୋରିଆଲ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ୍**

ସରାଫ ଖେଳ ପରିଚାଳନା କରିଥିଲେ। ସନ୍ଧ୍ୟାରେ କୋମନା ଫୁଟବଲ ସଂଘ ସଭାପତି ପ୍ରମୋଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ବିଧାୟକ ତଥା ପୂର୍ବତନମନ୍ତ୍ରୀ ରାଜେନ୍ଦ୍ରପ୍ରସାଦ ଢୋଲକିଆ, ସ୍ୱତନ୍ତ୍ର ଅତିଥି ଭାବେ ଜିଲାପାଳ ମଧୁସୂଦନ ଦାସ, ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୟା କୁମ୍ଭାର, ଆଇନଜୀବୀ ପ୍ରସନ୍ନ ପାଢ଼ୀ, କୋମନା ବିଡିଓ ହେମନ୍ତ ପୁଟା, ଏବିଡିଓ ଭକ୍ତବନ୍ଧୁ ବୁଡ଼େକ, ଅବସରପ୍ରାପ୍ତ ଅଧ୍ୟାପକ ଗଙ୍ଗାଧର ପାଣିଗ୍ରାହୀ, ବିଜେଡି କୋମନା ବ୍ଲକ ସଭାପତି କ୍ଷମାସିଂହ ନିଆଲ, ସାମାଜିକ କର୍ମୀ ମାଧପ୍ରସାଦ ସାହୁ ପ୍ରମୁଖ ମଞ୍ଚସୀନ ଥିଲେ। ଆୟୋଜକ ସମ୍ପାଦକ ଗୁପ୍ତେଶ୍ୱର କୁମ୍ଭାର, ଭୁବନେଶ୍ୱର ନାଏକ, ମଙ୍ଗଳା ପ୍ରସାଦ ବର୍ଗେ, ମିତ୍ରଭାନୁ ପ୍ରଧାନ, ଶାହରୁଖ ଖାନ, ମୋହିତ ମିତ୍ତଲ ଚନ୍ଦ୍ର ନାଗ, ଚିନୁ ପୋଡ଼, ରାହୁଲ ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

# ସଞ୍ଜୟ ଶତପଥୀ ଥିଲେ ପରଶମଣି

**ଭବାନୀପାଟଣା,୨୯ା୧୨(ଉତ୍ତମ କୁମାର ଦାଶ)**

ପ୍ରଫେସର ସଞ୍ଜୟ ଶତପଥୀ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ସେ ଥିଲେ ଏକାଧାରରେ କବି, ଗୀତିକାର, ପ୍ରାବନ୍ଧିକ, ପ୍ରବଚକ, ସଙ୍ଗଠକ, ଗବେଷକ, ପ୍ରଶାସନିକ ଅଧିକାରୀ, ସୁବକ୍ତା, କଣ୍ଠଶିଳ୍ପୀ, ଉଦଘୋଷକ, ଆଧ୍ୟାତ୍ମିକବାଦୀ, ଛାତ୍ର ଉତ୍କଳ, ଏନସିସିର କର୍ଣ୍ଣେଲ, ମାନବ ପ୍ରେମୀ, ଚତୁର୍ଥ ମାଙ୍କଡ଼ର ସ୍ରଷ୍ଟା (ଖରାପ ଚିନ୍ତାକର ନାହିଁ)। ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟାପନା ସମୟରେ ସେଥିଲେ ଯୁବ ରେଡ଼କ୍ରସର ପରାମର୍ଶଦାତା, ଆବାହକ ସମ୍ପାଦକ। କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ହେଲାପରେ କରୋନା ପରବର୍ତ୍ତୀ ସମୟରେ ରକ୍ତଦାନ ପାଇଁ ସଚେତନତା ସଙ୍ଗୀତ, ରକ୍ତଦାନର ସୁବିଧା ପାଇଁ ମୋବାଇଲ ବସ ବ୍ୟବସ୍ଥା, ବୃକ୍ଷ ରୋପଣ, ରକ୍ତଦାନ ଶିବିର ଆୟୋଜନ, ବିଶ୍ୱ ବିଦ୍ୟାଳୟ ଅଧୀନସ୍ଥ ମହାବିଦ୍ୟାଳୟର ଅଣ ତାଲିମପ୍ରାପ୍ତ ପରାମର୍ଶଦାତାଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସମସ୍ତଙ୍କ ପାଇଁ ପ୍ରାଥମିକ ଚିକିତ୍ସାର ଜ୍ଞାନ, ଜିଲାର ସମସ୍ତ ଯୁବ ରେଡକ୍ରସ ୟୁନିଟ ତରଫରୁ ରାଜ୍ୟ ଅଂଶ ପ୍ରଦାନ ଓ ଅଧିକରୁ ଅଧିକ ରେଡ

**ପ୍ରଫେସର ସଞ୍ଜୟ ଶତପଥୀଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଆଭାସୀ ଶ୍ରଦ୍ଧାଞ୍ଜଳି ସଭା**

ରିବନ କ୍ଲବ ଗଠନ ପାଇଁ ଅନବରତ ପ୍ରୟାସ କରିଥିଲେ। କହିବାକୁ ଗଲେ ସଞ୍ଜୟ ଶତପଥୀ ଥିଲେ ପରଶମଣି। ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ଅକାଳ ବିୟୋଗରେ ସାରା ଓଡ଼ିଶା ସ୍ତବ୍ଧ ହୋଇଯାଇଛି। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି କଳାହାଣ୍ଡି ଯୁବ ରେଡକ୍ରସ ତରଫରୁ ଏକ ରାଜ୍ୟସ୍ତରୀୟ ସ୍ମୃତିସଭା ଆୟୋଜନ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ରାଜ୍ୟ ଯୁବ ରେଡକ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ପୂର୍ବତନ ଅବୈତନିକ ସଚିବ ମେଜର ଡ.କଳ୍ପନା ଦାଶ, ରାଜ୍ୟ ଯୁବ ରେଡକ୍ରସ ସଂଯୋଜକ ଗୋପାଳକୃଷ୍ଣ ମିଶ୍ର, ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥ, ଉପ କୁଳସଚିବ ଡ. ଜୟଦେବ ସାହୁ, ଗଞ୍ଜାମ ଜିଲାର ପୂର୍ବତନ ଜିଲା ସଂଯୋଜକ ବି.ଗୋବିନ୍ଦ ରାଓ, ଭୁବନେଶ୍ୱରର ପୂର୍ବତନ ଜିଲା ସଂଯୋଜକ ଡ. ଶୁଶୀଳ କୁମାର ପଟ୍ଟନାୟକ, ବୌଦ୍ଧ ଜିଲାର ପୂର୍ବତନ ଆବାହକ ସମ୍ପାଦକ ଡ. ପ୍ରବୀର କୁମାର ଦାଶ, ଭୁବନେଶ୍ୱରର ନିରଦ ଚରଣ ଖୁଣ୍ଟିଆ, ଭଦ୍ରକ ମହାବିଦ୍ୟାଳୟର ଅଧ୍ୟାପକ ସୁଧିର ଚରଣ ଜେନା, ପଞ୍ଚାୟତ ମହାବିଦ୍ୟାଳୟ ଧର୍ମଗଡର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସତ୍ୟ ପଟ୍ଟନାୟକ, ସରକାରୀ ମହିଳା ମହାବିଦ୍ୟାଳୟ ଭବାନୀପାଟଣାର ଅଧ୍ୟକ୍ଷ ଡ.ତ୍ରିଲୋଚନ ଜେନା ଓ ଅଧ୍ୟାପିକା ଡ.ରାଧାରାଣୀ ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥୁଆମୂଳ ରାମପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ବେହେରା ମହାବିଦ୍ୟାଳୟର ଅଧ୍ୟକ୍ଷ ନିର୍ମଳଚନ୍ଦ୍ର ନାଏକ, ପଞ୍ଚାୟତ ମହାବିଦ୍ୟାଳୟ ଧର୍ମଗଡର ଇଂରାଜୀ ବିଭାଗର ମୁଖ୍ୟ ଲିଙ୍ଗରାଜ ପାତ୍ର, ପଞ୍ଚାୟତ ଡିଗ୍ରି ମହାବିଦ୍ୟାଳୟ, କୋକସରାର ପରାମର୍ଶଦାତା ସୁବ୍ରତ କୁମାର ବେହେରା, ସର୍ବମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟର ପରାମର୍ଶଦାତା ଗୋବିନ୍ଦ ସାହୁ, ମିଳିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁସ୍କୁଟିର ପରାମର୍ଶଦାତା ସୁଧିର କୁମାର ପଣ୍ଡା ପ୍ରମୁଖ ସ୍ୱର୍ଗତ ଶତପଥୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଲିପ୍ସା ମହାରଣା ସ୍ୱର୍ଗତ ଶତପଥୀଙ୍କ ରଚିତ ଶୋକ ସଙ୍ଗତ ଗାନ କରିଥିଲେ। ଏହି ଆଭାସୀ କାର୍ଯ୍ୟକ୍ରମକୁ ଜିଲା ଆବାହକ ସମ୍ପାଦକ ସଞ୍ଜିବ କୁମାର ସାହୁ ସଂଯୋଜନା କରିଥିଲେ। ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ସ୍ୱାଗତ ଅଭିଭାଷଣ ଓ ପରାମର୍ଶଦାତା ମୋହନ ଚରଣ ବିଷି କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ସ୍ମୃତି ସଭାରେ ସୋନପୁରରୁ ଉମାକାନ୍ତ ନାଗ, ବିଶ୍ୱନାଥ ମିଶ୍ର ଓ ବିନିକାରୁ ବୈଜୟନ୍ତୀ ସାହୁ, ବାଲେଶରରୁ ସୁଧୀର ମୁଦୁଲି, ଭଦ୍ରକରୁ ଶୈଳବାଳା ଦାଶ, ବଲାଙ୍ଗୀରରୁ ଡ. ଦୈତାରୀ ପୂଜାରୀ, କଟକରୁ ଡ. ସସ୍ମିତା ପଟ୍ଟନାୟକଙ୍କ ସମେତ ପୂର୍ବତନ ଜିଲା ଆବାହକ ସମ୍ପାଦକ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ, ଅଧ୍ୟକ୍ଷ ଭାରତଭୂଷଣ ମୁଣ୍ଡ, ତ୍ରିଲୋଚନ ସାହୁ, ମାନସ ରଞ୍ଜନ ପଣ୍ଡା, ଡ. ନୃସିଂହା ନନ୍ଦ ସାସମଲ, ଡ.ଅଜିତ କୁମାର ବେହେରା, ଦୀନବନ୍ଧୁ ରାଉତ, ବିରେନ୍ଦ୍ର ସାହୁ, ବିଜୟ କୁମାର କର, ମାନସ ରଂଜନ ପଣ୍ଡା, ସଞ୍ଜିବ ଶଗଡ଼ିଆ, ସରୋଜ କୁମାର ପାଟଯୋଶୀ, ପ୍ରତାପ ଚନ୍ଦ୍ର ନାୟକ, ଘନଶ୍ୟାମ ଭାଟି, କିଶୋର ଚନ୍ଦ୍ର ସାହା, ପଦ୍ମାଳୟା ଦଣ୍ଡସେନା ପ୍ରମୁଖ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଯୁବ ରେଡ୍‌କ୍ରସ ପରାମର୍ଶଦାତା, ଆଜୀବନ ସଦସ୍ୟ ପ୍ରମୁଖ ଯୋଗଦାନ କରିଥିଲେ।

## ଭଗବାନ ସାହୁଙ୍କ ସ୍ମୃତିରକ୍ଷା ନିଷ୍ପତ୍ତି

ବରଗଡ଼,୨୯।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ଏକ ଘରୋଇ ସ୍କୁଲରେ ଗୁରୁ ଭଗବାନ ସାହୁ ସ୍ମୃତି କମିଟିର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଡ. ତପସ୍ୱିନୀ ଗୁରୁ ସଭାପତିତ୍ୱ କରିଥିଲେ। କଣ୍ଠଶିଳ୍ପୀ ଦଧିବାମନ ଶତପଥୀ ସଭା ସଂଯୋଜନା କରିଥିଲେ। କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ଗୁରୁ ଭଗବାନ ସାହୁଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଲୁଲୁ ରବିନ ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଡ. ରବି ନାରାୟଣ ସାହୁ, ଶିବାନନ୍ଦ ମଟାରୀ, ସାରଥୀ ମେହେର, ସନ୍ତୋଷ କୁମାର ଦାଶ, ଅଚ୍ୟୁତାନନ୍ଦ ବାରିକ, ବିମଳକୃଷ୍ଣ ମିଶ୍ର, ଯଶବୀର ସିଂ ସଇନୀ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁ ଭଗବାନ ସାହୁଙ୍କ ସ୍ମୃତିରକ୍ଷା ଲାଗି ପଦକ୍ଷେପ ନିଆଯିବ ବୋଲି ବୈଠକର ନିଷ୍ପତ୍ତି ନିଆଯାଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ, ଶିକ୍ଷାବିତ୍ ଡ. ସୁଦର୍ଶନ ପୂଜାରୀଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା।

# ମିଳିନି ପୂର୍ଣ୍ଣ ସରକାରୀ ମାନ୍ୟତା

**ସୋନପୁର କଲେଜ**

**■ ୮ ଅଧ୍ୟାପକ, ୨୯ ଅଣଶିକ୍ଷକ ପଦ ଖାଲି**



ସୋନପୁର,୨୯।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଗଠନର ୩୧ ବର୍ଷ ବିତିଛି। ହେଲେ ଜିଲାର ସର୍ବ ପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ସୋନପୁର କଲେଜ ଅବହେଳିତ ହୋଇରହିଛି। ଏ ପର୍ଯ୍ୟନ୍ତ ଏହି ଶିକ୍ଷାନୁଷ୍ଠାନକୁ ପୂର୍ଣ୍ଣ ସରକାରୀ ମାନ୍ୟତା ମିଳିପାରିନି। ୧୯୬୪ ମସିହାରେ ସ୍ଥାପିତ ଏହି କଲେଜରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମୌଳିକ ସୁବିଧା ଦୂର ହୋଇ ପାରିନାହିଁ। ବର୍ତ୍ତମାନ ଏକାଧିକ ସମସ୍ୟା ଯୋଗୁ ଏହି ଅନୁଷ୍ଠାନ ନିଜର ଅସ୍ତିତ୍ୱ ଖୋଜୁଛି। ଏଥିନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କଲେଜର ସମସ୍ୟା ନେଇ ଜନ ଆନ୍ଦୋଳନ ଦାନା ବାନ୍ଧୁଥିବା ଦେଖାଯାଇଛି। ବର୍ତ୍ତମାନ କଲେଜର ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗରେ ୨ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ୯୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଯୁକ୍ତ ୩ କଳାରେ ୭୧୬, ବିଜ୍ଞାନରେ ୩୪୪ ଓ ବାଣିଜ୍ୟରେ ୧୬୫ ଜଣ ପଢୁଛନ୍ତି। ୧୨ ଶହରୁ ଉର୍ଦ୍ଧ୍ୱ ପିଲା ପଢୁଥିଲେ ସୁଦ୍ଧା ସେମାନଙ୍କ ପାଇଁ ଏକ ସାଧାରଣ କକ୍ଷ(କମନ ରୁମ୍) ନାହିଁ। ଏପରିକି ସୁରକ୍ଷିତ ସାଧାରଣ ଶୌଚାଳୟ ନାହିଁ। ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଶୌଚାଳୟ କିମ୍ବା ସାଧାରଣ କମନ ରୁମ୍ ନାହିଁ। ୬୦ ବର୍ଷର ପୁରାତନ କଲେଜରେ ସମ୍ମିଳନୀ କକ୍ଷ ନିର୍ମାଣ ହୋଇ ପାରିନାହିଁ। ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ପାଠ ପଢୁଥିଲେ ମଧ୍ୟ ହଷ୍ଟେଲ ନିର୍ମାଣ ହୋଇ ପାରିନାହିଁ। ଫଳରେ ସେମାନେ ବାହାରେ ଭଡା ଘର ନେଇ ରହିବାକୁ ବାଧ ହେଉଛନ୍ତି।

ବିଭିନ୍ନ ବର୍ଗର ୫୧ ଶିକ୍ଷକ ଅଧ୍ୟାପକ ପଦ ମଧ୍ୟରୁ ୮ ପଦ ଖାଲି ରହିଛି। ରସାୟନ ବିଜ୍ଞାନ ବିଭାଗରେ ୨ ଅଧ୍ୟାପକ ପଦ ଖାଲି ରହିଥିବା ବେଳେ ପଦାର୍ଥ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗରେ ଜଣେ ଲେଖାଏ ଅଧ୍ୟାପକ ପଦ ଖାଲି ରହିଛି। ଓଡ଼ିଆ ବିଭାଗରେ ଗୋଟିଏ ଅଧ୍ୟାପକ ପଦ ଖାଲି ଅଛି। ଶିକ୍ଷା, ସଂସ୍କୃତ ଓ ରାଜନୀତି ବିଜ୍ଞାନ ବିଭାଗରେ ଜଣେ ଲେଖାଏଁ ଅଧ୍ୟାପକ ପଦ ଖାଲି ପଡିଛି। ୩୪ଟି ଅଣ ଶିକ୍ଷକ କର୍ମଚାରୀ ପଦ ରହିଥିବା ବେଳେ ମାତ୍ର ୫ ଜଣ କାର୍ଯ୍ୟ କରୁଛନ୍ତି। ମୁଖ୍ୟ କିରାଣୀ, ହିସାବ ନିରୀକ୍ଷକ, କନିଷ୍ଠ କିରାଣୀ ତଥା ଟାଇପିଷ୍ଟ, କନିଷ୍ଠ ଲାଇବ୍ରେରିଆନ ଓ ଷ୍ଟୋର କିପର ଆଦି ପଦ ଖାଲି ରହିଛି। ୬ଟି ଲାବୋରେଟାରି ସହାୟକ ମଧ୍ୟରୁ ଜଣେ ଅଛନ୍ତି। ମାଳି, ମହିଳା ସହାୟିକା, ସଫେଇ କର୍ମଚାରୀ, ପିଅନ, ଜଗୁଆଳି ଓ ଡେମୋନଷ୍ଟ୍ରେଟର ଆଦି ପଦ ଖାଲି ଅଛି। କଲେଜରେ ରହିଥିବା ସମସ୍ୟାକୁ ନେଇ ବିଭିନ୍ନ ସମୟରେ ସଚେତନ ନାଗରିକ ମଞ୍ଚ, ଜିଲା ଓକିଲ ସଂଘ ଆଦି ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବି କରା ଯାଉଥିଲେ ମଧ୍ୟ ସମାଧାନ ହୋଇନାହିଁ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଡ. ରାଜ୍ୟବ ଲୋଚନ ଆଚାର୍ଯ୍ୟ କୁହନ୍ତି, ସମସ୍ୟା ସମ୍ପର୍କରେ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସରକାରଙ୍କ ଦ୍ୱାରା ଆହୂତ ସମୀକ୍ଷା ବୈଠକରେ ସମସ୍ୟା ସମ୍ପର୍କରେ ଉପସ୍ଥାପନ ମଧ୍ୟ କରାଯାଇଛି। ସେଠାରୁ ଆବଶ୍ୟକ ନିର୍ଦ୍ଦେଶ ଆସିବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଉଦ୍ୟମିତା ସଚେତନତା ତାଲିମ ଶିବିର



ଶିବିରରେ କିଶୋରୀ କିଶୋରଙ୍କୁ ତାଲିମ ପ୍ରଦାନ କରାଯାଉଛି।

ସୋନପୁର,୨୯।୧୨(ମୃତ୍ୟୁଞ୍ଜୟ ଶତପଥୀ)

ମାତୃପିତୃ ସ୍ନେହରୁ ବଞ୍ଚିତ ଶିଶୁଙ୍କ ସାବାଳକ କିଶୋରୀକିଶୋର ଭଉଣୀ ଭାଇଙ୍କୁ ଉଦ୍ୟମିତା ସଚେତନତା ତାଲିମ ଶିବିର ରେଆରର ଧୋବାମୁଣ୍ଡାସ୍ଥିତ ପ୍ରଶିକ୍ଷଣ କେନ୍ଦ୍ରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭ଜଣ କିଶୋରୀ ଓ ୭ଜଣ କିଶୋର ତାଲିମ ଗ୍ରହଣ କରିଥିଲେ। କିଶୋରୀକିଶୋରମାନେ ନିଜସ୍ୱ ଉଦ୍ୟମରେ ସ୍ୱାବଲମ୍ବୀ ହେବାକୁ ଅଭିପ୍ରେରିତ ହେବା ସହ ମାନସିକ ପ୍ରସ୍ତୁତି ପାଇଁ ଆବଶ୍ୟକ ଜ୍ଞାନ ହାସଲ ଏହି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ଅନୁଷ୍ଠାନ ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନୁଷ୍ଠାନ ସଦସ୍ୟ ତଥା ଉଦ୍ୟମିତା ବିକାଶ ପତିଷ୍ଠାନ ଅହମଦାବାଦର ଉଦ୍ୟମିତା ପ୍ରଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ ଉଦ୍ୟମ ସ୍ଥାପନର ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସୋନପୁର ଶାଖାର ସାଧାରଣ ପରିଚାଳକ ଲକ୍ଷ୍ମଣ କୁମାର ମାଝି, ଲିଡବ୍ୟାଙ୍କ ମ୍ୟାନେଜର କାର୍ତ୍ତିକେଶର ପଧାନ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଧୀର କୁମାର ପଣ୍ଡା, ସଫଳ ଉଦ୍ୟୋଗପତି ନବ କୁମାର ମେହେର, ହିସାବରକ୍ଷକ ରୋହିତ ବସ୍ତିଆ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷାର୍ଥୀମାନେ କୃଷି ବିଜ୍ଞାନ କେନ୍ଦ୍ର, ଷ୍ଟେଟ ବ୍ୟାଙ୍କ ଗ୍ରାମାଞ୍ଚଳ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର, ସରକାରୀ ଶିଳ୍ପ ତାଲିମ ପତିଷ୍ଠାନ, ବହୁ ବୃତ୍ତିୟ ପ୍ରତିଷ୍ଠାନ, ଜିଲା ଶିଳ୍ପ କେନ୍ଦ୍ର, ଜିଲା ନିଯୋଜନ କାର୍ଯ୍ୟାଳୟକୁ ଶୈକ୍ଷିକ ପରିଭ୍ରମଣରେ ଯାଇ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିଥିଲେ। ପ୍ରକଳ୍ପ ଅଧିକାରୀ ଧନୁର୍ଦ୍ଧର ନାଏକ ଓ କାର୍ଯ୍ୟକ୍ରମ ଅଧିକାରୀ ଝରଣା ପଟ୍ଟନାୟକ ଶିବିର ପରିଚାଳନା କରିଥିଲେ।

## ଜିଲା କଲଚରାଲ ଏକାଡେମୀର ବାର୍ଷିକ ଉତ୍ସବ

ହରଭଙ୍ଗା,୨୯।୧୨ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା କଲଚରାଲ ଏକାଡେମି, ବୌଦ୍ଧର ୨୯ ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ଅନୁଷ୍ଠାନର ସଭାପତି ତଥା ଶିଶୁ ସାହିତ୍ୟିକ ଧ୍ରୁବ ଚରଣ ଘିବେଲା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଡ. ବୈରାଗୀ ଚରଣ ପଟ୍ଟନାୟକ, ବିଭାଗୀୟ ମୁଖ୍ୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ବାଙ୍କୀ ମହାବିଦ୍ୟାଳୟ, ମୁଖ୍ୟବକ୍ତା ଅଧ୍ୟାପକ ମଦନ ସୁନ୍ଦର କ୍ଷେତୀ, ସମ୍ମାନିତ ଅତିଥି ଭାବେ ହରିହର ପ୍ରଧାନ, ସୁଧୀର କୁମାର କର୍ଣ୍ଣ, ବିଦେଶୀ ନାୟକ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ଉପସଭାପତି ଟଙ୍କଧର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରମେଶ ପ୍ରସାଦ ମେହେର ବିବରଣୀ ପାଠ କରିଥିଲେ । ସାହିତ୍ୟ ସମ୍ପର୍କର ସେତୁ ଓ ସମାଜକୁ ସାହିତ୍ୟ ସଚେତନ କରିଥାଏ । ପୁରସ୍କାର ପଛରେ ନ ଧାଇଁ ସାହିତ୍ୟ ସାଧନା କରିବାକୁ ସଭାପତି ଘିବେଲା କହିଥିଲେ । ଶିଶୁ ସାହିତ୍ୟିକ ଧ୍ରୁବ ଚରଣ ଘିବେଲାଙ୍କ ରଚିତ ଜୀବନ ହୋଇବ ଧନ୍ୟ ଓ ବିଦେଶୀ ନାୟକଙ୍କ ପ୍ରଣୟର ପାଣ୍ଡୁଲିପି କବିତା ସଙ୍କଳନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ବିବେକାନନ୍ଦ ପଟ୍ଟନାୟକ ସାହିତ୍ୟ ପୁରସ୍କାର ଦେବେନ୍ଦ୍ର କର , କଟକ, ପ୍ରଫୁଲ୍ଲ ମହକୁଳ ସାହିତ୍ୟ ପୁରସ୍କାର ଦେବରାଜ ନାୟକ, ବାସୁଦେବପୁର ଅନୁଗୋଳ, ଭିକାରୀ ନାୟକ କଳା ଓ ସଙ୍ଗୀତ ପୁରସ୍କାର ଭୂମିସୂତା ବେହେରା, ସରସରା, ବେଣୁଧର ମିଶ୍ର କବିତା ପୁରସ୍କାର ଡ. ଶୁଭେନ୍ଦୁ ମେହେର ଯାଲୋଇ ସୁବର୍ଣ୍ଣପୁର, ଅଭିଷେକ ପ୍ରଧାନ ଯୁବ ପ୍ରତିଭା ପୁରସ୍କାର କାର୍ତ୍ତିକେଶ୍ୱର ନାୟକ,ବୌଦ୍ଧ, ସ୍ୱତନ୍ତ୍ର ସମ୍ମାନ ଅଧ୍ୟାପକ ପ୍ରତାପ କୁମାର ରଥଙ୍କୁ ଦିଆଯାଇ ସମ୍ମାନିତ କରାଯାଇଥିଲା । ୫୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । କବି ନବକିଶୋର ଦୀପ, ରଶ୍ମିତା ବେହେରା, ରାଜକୁମାର ପ୍ରଧାନ ଓ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ କବିତା ସଂଯୋଜନା କରିଥିଲେ । ଅନୁଷ୍ଠାନର କୋଷାଧ୍ୟକ୍ଷ ରାଧାମୋହନ ମହାରଣା ଧନ୍ୟବାଦ ଦେଇଥିଲେ ।



ବୌଦ୍ଧ କଲଚରାଲ ଏକାଡେମୀର ବାର୍ଷିକ ଉତ୍ସବରେ ଅତିଥିମାନେ।

# ସଙ୍ଗୀତ, ନୃତ୍ୟରେ ଦର୍ଶକ ଝୁମିଲେ




କଣ୍ଠଶିଳ୍ପୀ ପଦ୍ମଲୋଚନ ସାହୁଙ୍କୁ ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଚିତ୍ତରଞ୍ଜନ ଦାଶ ସମ୍ବର୍ଦ୍ଧିତ କରୁଛନ୍ତି।

**ସ୍ୱର୍ଗତ ଫକୀର ପଟ୍ଟନାୟକଙ୍କ ସ୍ମୃତିରେ କାର୍ଯ୍ୟକ୍ରମ**

ସୋନପୁର,୨୯।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ପୁରୁଣା ଟାଉନ ହଲ ପରିସରରେ ଭୀମ ଭୋଇ କଳା ପରିଷଦ ପକ୍ଷରୁ ରବିବାର ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ବଲପୁରୀ ସଙ୍ଗୀତ ଜଗତର ବାଦଶାହା ସ୍ୱର୍ଗତ ଫକୀର ପଟ୍ଟନାୟକଙ୍କ ସ୍ମୃତିରେ କଳାକାରମାନେ ଫକୀର ପଟ୍ଟନାୟକଙ୍କ ସଙ୍ଗୀତ ସହିତ ଲୋକ ସଂସ୍କୃତି ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ସଙ୍ଗୀତଜ୍ଞ ନୁର ବେଗମ, ଶତ୍ରୁଘ୍ନ ଲୁହା, ଶାଶ୍ୱତ କୁମାର ତ୍ରିପାଠୀ, ନବୀନ କଅଁର, ପଦ୍ମଲୋଚନ ସାହୁ ଓ ବୁଲୁ ସୁନା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଦର୍ଶକମାନେ ଲୋକସଂସ୍କୃତି ସଙ୍ଗୀତ ଓ ନୃତ୍ୟର ତାଳରେ ଝୁମିଥିଲେ। ଯୁବ ସମାଜସେବୀ ଅରବିନ୍ଦ ବାରିକ୍, ଅଧ୍ୟାପକ ନିଶାନ୍ତ କୁମାର ମହାନ୍ତି, ରାମନାରାୟଣ ମିଶ୍ର, ଶଙ୍କର ମେହେର ଓ ପରେଶ ମେହେର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଲିକତା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଚିତ୍ତରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ମମତା ଫାଉଣ୍ଡେସନର ନିର୍ଦ୍ଦେଶକ ମମତା ଦାଶ, ସମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ଆଶିଷ ବାରିକ୍ ଓ ନାରାୟଣ ଲୁହା ଯୋଗଦେଇଥିଲେ। ଏହି ଅବସରରେ ସିନେ ଅଭିନେତା ଡ. ପୁରୁଷୋତ୍ତମ ମିଶ୍ର, ପ୍ରଦ୍ୟୁମ୍ନ ସାହୁ, ଶ୍ୟାମା ଓଁ ପ୍ରସାଦ ମିଶ୍ର, ଦଣ୍ଡ ନୃତ୍ୟଗୁରୁ ବିପିନ ଜାଲ, ଐତିହାସିକ ସୁଦାମ ନାଏକ, ଶିକ୍ଷାବିତ୍ ଶ୍ରୀଧର ବାଗ୍, ନାଟ୍ୟ ନିର୍ଦ୍ଦେଶକ ମନୋଜ ବାରିକ୍, ସଙ୍ଗୀତଜ୍ଞ ନୁର ବେଗମ୍, ଶତ୍ରୁଘ୍ନ ଲୁହା, ଶାଶ୍ୱତ କୁମାର ତ୍ରିପାଠୀ, ନବୀନ କଅଁର, ପଦ୍ମଲୋଚନ ସାହୁ, ନୃତ୍ୟ ନିର୍ଦ୍ଦେଶକ ଚୌଧୁରୀ ବିଭାର ଓ ସଂସ୍କୃତି ପ୍ରେମୀ ଲଡୁ କିଶୋର ମଲ୍ଲିକ ପ୍ରମୁଖଙ୍କ ସମେତ ଜିଲାର ୩୦ ଜଣ ବିଶିଷ୍ଟ ପ୍ରତିଭାଙ୍କୁ ମୁଖ୍ୟ ଅତିଥି ଦାଶ ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ସଭାପତି ପ୍ରତ୍ୟୁଷ ମେହେର ସଭାରେ ଅଧ୍ୟକ୍ଷତା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ସଂଯୋଜନା କରିଥିଲେ। ଗୁପ୍ତପ୍ରକାଶ ମିଶ୍ର, ମନୋଜ କୁମ୍ଭାର ଓ ଜଗନ୍ନାଥ ଧରୁଆ କାର୍ଯ୍ୟକ୍ରମ ଆୟୋଜନରେ ସଂଯୋଗ କରିଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ବିଶିଷ୍ଟ ବାଦ୍ୟକାର ତଥା ପରିଷଦର ସମ୍ପାଦକ ଉମେଶ କୁମ୍ଭାର।

## ଶିବିରରେ ୭୨ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଯୋଗଦେଇଥିବା ଅତିଥି ଓ କମିଟି କର୍ମକର୍ତ୍ତା।

ଡୁଙ୍ଗୁରିପାଲି, ୨୯।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସର୍ଗୁଲ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରବିବାର ସର୍ଗୁଲ ଶ୍ରୀରାମ କମିଟି ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଓ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସର୍ଗୁଲ ସରପଞ୍ଚ କୁଞ୍ଜିତ ପାଣ୍ଡେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସର୍ଗୁଲ ସମିତି ସଭ୍ୟ ପୁରନ୍ଦର ସାହୁ, ଚୂଡ଼ାମଣି ବେହେରା, ଝସକେତନ ସାହୁ, ଦେବକାନ୍ତ ବନଛୋର, ଶ୍ରୀରାମ କମିଟି ସଭାପତି ପ୍ରଫୁଲ୍ଲ କୁମାର ବାରିକ, ସମ୍ପାଦକ ଜେମିନୀ ସାହୁ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୭୨ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ରକ୍ତ ସଂଗ୍ରହରେ ବୁର୍ଲା ଭୀମସାର ଡାକ୍ତର ଲକ୍ଷ୍ୟପତି ବରିହା ଓ ଟିମ୍ ନିୟୋଜିତ ଥିଲେ। ରକ୍ତଦାତାଙ୍କୁ ଶ୍ରୀରାମ କମିଟି ପକ୍ଷରୁ ପ୍ରମାଣପତ୍ର ଅତିଥିମାନେ ପ୍ରଦାନ କରିଥିଲେ।

**ଚକ୍ଷୁ ପରୀକ୍ଷା ଶିବିରରେ ୨୬ଜଣଙ୍କ ଚକ୍ଷୁ ପରୀକ୍ଷା**

ସେହିପରି ଏହି ଅବସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଡୁଙ୍ଗୁରିପାଲି ଚକ୍ଷୁ ଚିକିତ୍ସା କେନ୍ଦ୍ରରୁ ଆସିଥିବା ଡ଼କ୍ଟର ଅରୂପ ପଧାନ, ରତ୍ନଶ୍ରୀ ଜେସୋ, ମୁରଲୀ ପଧାନ, ପଦ୍ମଳୟା ସେତୁଆ ଚକ୍ଷୁ ପରୀକ୍ଷାରେ ନିୟୋଜିତ ହୋଇଥିଲେ। ୨୬ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୫ ଜଣଙ୍କ ମୋତିଆବିନ୍ଦୁ ଅପେରେଶନ ପାଇଁ ତ୍ରିଲୋଚନ ନେତ୍ରାଳୟ ବଲାଙ୍ଗୀର ପଠାଯାଇଥିଲା। ଶ୍ରୀରାମ କମିଟିର ଦୁର୍ଯ୍ୟୋଧନ ସାହୁ, ଭ୍ରମର ପୁଟେଲ, ପ୍ରତାପ ସାହୁ, ଗଗନ ପଥଲ, ଗଣେଶ ସାହୁ, ସୁରେନ୍ଦ୍ର ସାହୁ, ନୀଳକାନ୍ତ ବାରିକ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ବୌଦ୍ଧ ଜିଲା ବ୍ରାହ୍ମଣ ସମାଜର ବାର୍ଷିକୋତ୍ସବ

ହରଭଙ୍ଗା,୨୯।୧୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ ଓ ଅଖିଳ ଓଡିଶା ବ୍ରାହ୍ମଣ ମହାସଭାର ୨୮ତମ ରାଜ୍ୟ କାର୍ଯ୍ୟକାରିଣୀ ସଭା ବୌଦ୍ଧସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସନ୍ଥ ପର୍ଶୁରାମ ଦାଶ ମହାରାଜ ସଭାପତିତ୍ୱ କରିଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରେମାନନ୍ଦ ଦାଶ ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ବ୍ରହ୍ମଚାରୀ ହରିଚରଣ ଦାଶ ରାଜ୍ୟସଂଘ ଦ୍ୱାରା ପ୍ରକାଶ ପାଉଥିବା ତ୍ରୟ ମାସିକ ପତ୍ରିକା ବ୍ରହ୍ମ ସନ୍ଦେଶର ପୁନଃ ପ୍ରକାଶନ ନିମନ୍ତେ ନିଷ୍ପତ୍ତି ନିଆଗଲା ବୋଲି ସୂଚନା ପ୍ରଦାନ କରିଥିଲେ । ବୌଦ୍ଧ ଜିଲାର ମୀନାରାଣୀ ମିଶ୍ରଙ୍କୁ ରାଜ୍ୟ ଶକ୍ତି ବାହିନୀର ସହ ପ୍ରମୁଖ ଭାବରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ଜିଲାର ବୟୋବୃଦ୍ଧ ବ୍ରାହ୍ମଣମାନଙ୍କୁ ରାଜ୍ୟ ସଭାପତି ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଜିଲା ବ୍ରାହ୍ମଣ ସମାଜର ସଭାପତି ଶିକ୍ଷାବିତ ରାଜେନ୍ଦ୍ର କୁମାର ମିଶ୍ର ଓ ସମ୍ପାଦକ ଶମ୍ଭୁ ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ତୋଷ କୁମାର ପୁରୋହିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜିଲା ବ୍ରାହ୍ମଣ ସମାଜର ପୂର୍ବତନ ସମ୍ପାଦକ ଶଙ୍କର ପ୍ରସାଦ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାନୁୟାରୀ ୬ରୁ ସୁଜନ ନାଗ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ସୋନପୁର,୨୯।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ରୟାଲ ପଡିଆରେ ୧୨ ତମ ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହା ଜାନୁୟାରୀ ୬ରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ୮ ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ୍, ୧୧ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଓ ୧୨ ତାରିଖ ଅପରାହ୍ନରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଆୟୋଜିତ ହେବ। ଏଥିରେ ଓଡିଶାର ବିଭିନ୍ନ ଅଞ୍ଚଳରୁ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିବେ। ପୁଲ୍ ଏ ରେ ବଲାଙ୍ଗୀରର ରୟାଲ ଷ୍ଟାର ଫୁଟବଲ କ୍ଲବ, ତରଭା ରିସୁଲ ଏମ୍‌ଏଫସି, କଳାପଥର ଇଲେଭେନ ଷ୍ଟାର ଓ ସୋନପୁର ଶ୍ରୀୟାଂଶ ସ୍ପୋର୍ଟିଂ ରହିଛନ୍ତି। ପୁଲ୍ ବିରେ ସୋନପୁର ବିଏସ୍‌ଏଫ, ସୁରେଶ୍ୱରୀ ଫୁଟବଲ ଏକାଡେମୀ, ମୟୁରଭଞ୍ଜର ଶିମିଳିପାଳ ୱାଇଲ୍ଡ ଟାଇଗର ଓ ଝାରସୁଗୁଡାର ଶାନ୍ତିନଗର ଟିମ୍ ରହିଥିବା ଜନ୍ମେଜୟ ନାଗ କହିଛନ୍ତି। ଏହି ସମ୍ମିଳନୀରେ ଅରବିନ୍ଦ ବାରିକ୍, ରାଜୀବ ପଟ୍ଟନାୟକ, ସଞ୍ଜିବ ମହାରଣା, ରମଣ ପଧାନ, ଅମିତ ସାହୁ, ଶିରିଶ ଦାସ, ସନ୍ତୋଷ କୁମାର ପୂଜାହାରୀ, ଜୟ କୁମାର ସା, ନିଶାନ୍ତ କୁମାର ମହାନ୍ତି, ହରିଶଙ୍କର ଚୌଧୁରୀ, ଶ୍ରୀରାମ ସୁନା, ଈଶ୍ୱର ମେହେର, ବିକ୍ରମ ନାଏକ, ଗଜାନନ ବନ୍‌ଛୋର, ଆଶିଷ ସାହୁ, ଗୌତମ ପାତ୍ର, ଲୋକନାଥ ରଥ ଓ ଅନିଲ ଭୋଇନା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସୋନପୁର ଭେଟେରାନ ଦଳ ଓ ତରଭା ରିଜୁଲ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୁଦାମ ଜଗଦଲା, ପ୍ରଶାନ୍ତ ସେଠୀ, ସୁମନ୍ତ ରାଉତ ଓ ସୁରଟି ଦୀପ ରେଫେରି ଦାୟିତ୍ୱ ନିର୍ବାହ କରିଥିଲେ।



ଖବରଦାତା ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି।

# କୋଲକାତାକୁ ହରାଇ ଛତିଶଗଡ଼ ଚାମ୍ପିୟନ

**୨୮ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍**

**■ଶଶାଙ୍କ ଚନ୍ଦ୍ରକର ମ୍ୟାନ୍ ଅଫ୍ ମ୍ୟାଚ**

**■ଶଶାଙ୍କ ତିୱାରୀ ମ୍ୟାନ୍ ଅଫ୍ ସିରିଜ**




ଚାମ୍ପିୟନ ଛତିଶଗଡ଼ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ଅମରପାଲି,୨୯।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କରେ ଚାଲିଥିବା ୨୮ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ଫାଇନାଲରେ ବିରାଟ କ୍ରିକେଟ କ୍ଲବ କୋଲକାତାକୁ ହରାଇ କ୍ୟୁସିଆଇ ଛତିଶଗଡ଼ ଚାମ୍ପିୟନ ହୋଇଛି। ମ୍ୟାଚ ଟି-୨୦ ଓ ଟି-୧୦ ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଛତିଶଗଡ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୨୦୭ ରନ କରିଥିଲା। ଦଳର ଯଶ ଠାକୁର ୫୩ ବଲରୁ ୯୬ ରନ ଓ ବିବେକ ବୋରକର ୪୩ ରନ କରିଥିଲେ। କୋଲକାତାର ସୂର୍ଯ୍ୟାଂଶ ତିୱାରୀ ୩ଟି ଉଇକେଟ ନେଇଥିଲେ। ଜବାବରେ କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ପ୍ରଶାନ୍ତ ସିଂଙ୍କ ୬୨ ବଲରୁ ୧୦୦ ଓ ପ୍ରଶାନ୍ତ ରଞ୍ଜନଙ୍କ ୪୪ ରନ ସତ୍ତ୍ୱେ ୮ ଉଇକେଟ ହରାଇ ୧୮୭ ରନ କରିଥିଲା। ବିପକ୍ଷ ଶଶାଙ୍କ ତିୱାରୀ ୩ଟି ଉଇକେଟ ନେଇଥିଲେ। ଟି-୧୦ ଫର୍ମାଟରେ ଛତିଶଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ହରାଇ ୧୭୪ ରନ କରିଥିଲା। ଦଳର ଶଶାଙ୍କ ଚନ୍ଦ୍ରକର ୨୩ ବଲରୁ ୬୭ ଓ କ୍ରିତେଶ ସାହୁ ୧୪ ବଲରୁ ୪୮ ରନ କରିଥିଲେ। ବିପକ୍ଷ ସୁଶାନ୍ତ ସିଂହା ୩ ଟି ଉଇକେଟ ନେଇଥିଲେ। ଜବାବରେ କୋଲକାତା ୧୦ ଓଭରରେ ୪ ଉଇକେଟ ହରାଇ ୧୨୨ ରନ କରିଥିଲା। ଦଳର ପ୍ରଶାନ୍ତ ସିଂ ୩୮ ଓ ବିଶଦୀପ ମୁଖାର୍ଜୀ ୩୫ ରନ କରିଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ଛତିଶଗଡ଼ ଚାମ୍ପିୟନ ହୋଇଥିଲା। ମ୍ୟାଚ ପ୍ରାରମ୍ଭରେ ବହଳପଦର କେନ୍ଦୁପତ୍ର ରେଞ୍ଜ ଅଧିକାରୀ ମାନସ କୁମାର ସାହୁ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ସ୍ଥାନୀୟ ବିଧାୟକ ଇଂ. ରଘୁନାଥ ଜଗଦଲ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ଗ୍ରାମ୍ୟ ପରିଚାଳନା କମିଟି ସଭାପତି କଳ୍ପତରୁ ମହାକୁର, ଆୟୋଜକ ସଭାପତି ସୁଶିଳ କୁମାର ପ୍ରଧାନ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଛତିଶଗଡ଼ର ଶଶାଙ୍କ ତିୱାରୀ ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ ଦି ସିରିଜ ଏବଂ ଶଶାଙ୍କ ଚନ୍ଦ୍ରକର ଶ୍ରେଷ୍ଠ ବ୍ୟାଟର ଓ ମ୍ୟାନ ଅଫ ଦି ମ୍ୟାଚ, ବିବେକ ବୋରକରଙ୍କୁ ଶ୍ରେଷ୍ଠ ଫିଲଡର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ନଗଦ ୫୦ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର ଅପ ଦଳକୁ ନଗଦ ୩୦ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମ ସୁନ୍ଦର ପଣ୍ଡା ଓ ରଜନିକାନ୍ତ ରେଣ୍ଡୀ ମ୍ୟାଚ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ମଶାଣିରେ ବିଜେଡି କର୍ମୀଙ୍କ ସଫେଇ ଅଭିଯାନ

**ବନ୍ଧମୁଣ୍ଡା, ୨୯।୧୨(ସୁବ୍ରତ ଦେ):** ବନ୍ଧମୁଣ୍ଡାର ଡି-ସେକ୍ଟର ସ୍ଥିତ ଶବଦାହରେ ମଇଳା ବ୍ୟାପିବା ଯୋଗୁ ମଶାଣିକୁ ଆସୁଥିବା ଲୋକମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ଯାହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ବିଜେଡି କର୍ମୀମାନେ ରବିବାର ମଶାଣିଠାରେ ଏକ ସ୍ୱଚ୍ଛତା ଅଭିଯାନ ଚଳାଇଥିଲେ। ଏହି ଅଭିଯାନରେ ବିଜେଡି କର୍ମୀମାନେ ହାତରେ ଝାଡୁ ନେଇ ମଶାଣିରେ ବ୍ୟାପିଥିବା ଜଙ୍ଗଲ ବୁଦା ଏବଂ ଅନ୍ୟାନ୍ୟ ଆବର୍ଜନାକୁ ସଫା କରିଥିଲେ। କର୍ମୀମାନେ ବ୍ଲିଚିଂ ପାଉଡର ସ୍ପ୍ରେ କରି ପରିସରକୁ ପରିମଳ ମଧ୍ୟ କରିଥିଲେ। ସୂଚନାଯୋଗ୍ୟ ଯେ ମଶାଣି ସ୍ଥଳରେ ଦୀର୍ଘ ସମୟ ଧରି ମଇଳା ଗଦା ହୋଇପଡ଼ି ଥିଲା। ଏହାକୁ ଦୃଷ୍ଟିରେ ରଖି ରାଉରକେଲା ବିଧାୟକ ଶାରଦା ନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି କର୍ମୀମାନେ ମଶାଣିକୁ ସଫା କରିଥିଲେ। ଏହି ଅବସରରେ ଡି ଅଭିବ କୁମାର, ଚନ୍ଦନ ତରାଇ, ଅବିନାଶ ଯାଦବ, ସନ୍ତୋଷ କୁମାର ଦାସ, ନୀତିଶ ମୁଖୀ, ଆକାଶ ଏକ୍କା, ପଦ୍ମା ରାଓ, ସୁପ୍ରିୟା ତନ୍ତୀ, ଲକ୍ଷ୍ମୀ ମହାନ୍ତି, ରିଶଭ ଘୋଷ, ରାଜା ଚୌଧୁରୀ,ନିକୁ ତନ୍ତୀ, ସରଫରାଜ ଖାନ, ପ୍ରମୋଦ ଠାକୁର ଇତ୍ୟାଦି ଉପସ୍ଥିତ ଥିଲେ।



ରାଉରକେଲା ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସେକ୍ଟର-୧୩ ମେଳଣ ପଡିଆରେ ଚାଲିଥିବା ସ୍ୱଦେଶୀ ମେଳା ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

# ସ୍ୱଦେଶୀ ଦ୍ରବ୍ୟର ବହୁଳ ବ୍ୟବହାରକୁ ଗୁରୁତ୍ୱ

**ରାଉରକେଲା,୨୯।୧୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସେକ୍ଟର-୧୩ ମେଳଣ ପଡିଆରେ ଚାଲିଥିବା ସ୍ୱଦେଶୀ ମେଳା ଉପଲକ୍ଷେ ବିକଶିତ ଓଡ଼ିଶା-୨୦୩୬ ଶୀର୍ଷକ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି, ବରିଷ୍ଠ ସ୍ତମ୍ଭକାର ପ୍ରତାପ କୁମାର ସାମଲ, ଥିଙ୍କର୍ସ ଫୋରମ୍‌ର ଆବାହକ ନଳିନୀକାନ୍ତ ଧର, ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରାନ୍ତ ସମ୍ପର୍କ ପ୍ରମୁଖ ପ୍ରତୀକ କୁମାର ଯୋଶୀ, ସ୍ୱଦେଶୀ ଜାଗରଣ ମଞ୍ଚ ପ୍ରାନ୍ତ ସଂଯୋଜକ ରମାକାନ୍ତ ପାତ୍ର ଓ ରାଉରକେଲା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରବିନ୍ଦ୍ର କୁମାର ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚର ଆବାହକ ବିମଳ ବିଶି କହିଥିଲେ, ୨୦୦୨ରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଦ୍ୱାରା ରାଉରକେଲାରେ ସ୍ୱଦେଶୀ ଜାଗରଣ ମଞ୍ଚ ପ୍ରତିଷ୍ଠା ହୋଇଥିଲା। ଏହାପରଠାରୁ ରାଉରକେଲାର ସ୍ୱଦେଶୀ ଜାଗରଣ ମଞ୍ଚ ସହରରେ ସ୍ୱଦେଶୀ ଦ୍ରବ୍ୟର ଉତ୍ଥାନ ପାଇଁ ପ୍ରୟାସ କରିଆସୁଛି ବୋଲି ବିଶି କହିଥିଲେ। ସେହିପରି ସ୍ୱଦେଶୀ ମନୋଭାବ ରଖି ସମସ୍ତେ ପରସ୍ପର ସହ ମିଳିମିଶି କାର୍ଯ୍ୟ କଲେ ବିକଶିତ ଓଡ଼ିଶା-୨୦୩୬ ବେଶୀ ଦୂର ନୁହେଁ ବୋଲି ବିଧାୟକ ତନ୍ତୀ କହିଥିଲେ। ବିକଶିତ ଓଡ଼ିଶା ପାଇଁ ଅତି ଜରୁରୀ ରହିଥିବା ଶିକ୍ଷା, ଗମନାଗମନ, କୃଷି, କ୍ଷୁଦ୍ର ଓ ଲଘୁ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ), ହସ୍ତକଳା ଓ ବୟନଶିଳ୍ପ, ଫୁଡ୍ ପ୍ରଡକ୍ଟ, ପର୍ଯ୍ୟଟନ କ୍ଷେତ୍ର, ଓଡ଼ିଶାରୁ ଉତ୍ପାଦିତ ଖଣି ସମ୍ପଦର ପ୍ରକୃଷ୍ଟ ବିନିଯୋଗ ଏବଂ ଗାଁରୁ ସହର ଯାଏଁ ସ୍ୱଦେଶୀ ଚିନ୍ତାଧାରା ଜାଗ୍ରତ କରାଇବା ସହ ସ୍ୱଦେଶ ଦ୍ରବ୍ୟର ନିର୍ମାଣ ପାଇଁ ଉପଯୁକ୍ତ ଭିତ୍ତିଭୂମି ଏବଂ ସ୍ୱଦେଶୀ ଦ୍ରବ୍ୟର ବହୁଳ ବ୍ୟବହାର ଉପରେ ଅନ୍ୟ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ପ୍ରାନ୍ତ ସଂଯୋଜକ ରମାକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏମ୍‌ସିର ରାସ୍ତା ପୁନଃ ନିର୍ମାଣକୁ ବିରୋଧ

**ରାଉରକେଲା,୨୯।୧୨(ସଙ୍ଗୀତା ଜେନା)**

ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ (ଆର୍‌ଏମ୍‌ସି) ଅନ୍ତର୍ଗତ ପ୍ଲାଣ୍ଟସାଇଟ୍ ରୋଡ ପୋଷ୍ଟ ଅଫିସ ଲାଇନ୍‌ରେ ଏକ ସଡ଼କ ରହିଛି। ସେଥିରେ ୩/୪ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଏହାକୁ ମରାମତି କରିବା ପରିବର୍ତ୍ତେ ତାହା ଉପରେ କଂକ୍ରିଟ୍ କରାଯାଉଛି। ଫଳରେ ଉକ୍ତ ସଡ଼କର ଉଚ୍ଚତା ପ୍ରାୟ ୫ ଇଞ୍ଚ ବୃଦ୍ଧି ପାଇଛି। ଏଥିଯୋଗୁ ଆଗାମୀ ଦିନରେ ଘର ଓ ଦୋକାନମାନଙ୍କରେ ବର୍ଷାଜଳ ପଶିବା ଆଶଙ୍କା ପ୍ରକାଶ ପାଇଛି। ଏହି ନିର୍ମାଣକୁ ବନ୍ଦ କରି କେବଳ ମରାମତି କରାଯାଉ ବୋଲି ଆଇନଜୀବୀ ଧର୍ମେନ୍ଦ୍ର ରାୟ, ନିତେଶ କୁମାର, ଶ୍ୟାମ ଗୋୟଲ, ଭୋଲା ଯାଦବ, ବିକ୍ରମ ଅଗ୍ରୱାଲ, ମହେଶ ଅଗ୍ରୱାଲଙ୍କ ସମେତ ଅନ୍ୟମାନେ ଆର୍‌ଏମ୍‌ସି କମିଶନରଙ୍କୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆସନ୍ତା ସୋମବାର ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରାଯିବ ବୋଲି ସେମାନେ କହିଛନ୍ତି।

## ଟ୍ରକ୍ ପାର୍କିଂସ୍ଥଳ ପାଇଁ ଭୂମିପୂଜନ


ଟ୍ରକ୍ ପାର୍କିଂସ୍ଥଳ ପାଇଁ ଭୂମିପୂଜନ କରାଯାଉଛି।

**ରାଉରକେଲା,୨୯।୧୨(ବିପ୍ଳବ ରଞ୍ଜନ ଦାଶ)**

ବାଲୁଘାଟରେ ଟ୍ରକ୍ ପାର୍କିଂ ସ୍ଥଳ ନିର୍ମାଣ ପାଇଁ ରାଉରକେଲା ମହାନଗର ନିଗମ ଆୟୁକ୍ତ ତଥା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଶନିବାର ଭୂମିପୂଜନ କରିଛନ୍ତି। ଏଥିପାଇଁ ଜାଗା ମଧ୍ୟ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ରାଉରକେଲା ସହର ମଧ୍ୟରେ ଉପୁଜୁଥିବା ପାର୍କିଂ ସମସ୍ୟାକୁ ନେଇ ରାଉରକେଲା ଟ୍ରକ ଆସୋସିଏଶନକୁ ପ୍ରଶାସନ ତରଫରୁ ଏକ ନୋଟିସ କରାଯାଇଥିଲା। ନୋଟିସରେ ଆସୋସିଏଶନ ସମ୍ମୁଖରେ ଥିବା ଟ୍ରକ୍‌ଗୁଡିକୁ ଉକ୍ତ ସ୍ଥାନରୁ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏହାର ବିକଳ୍ପ ବ୍ୟବସ୍ଥା କରାଯିବା ପାଇଁ ରାଉରକେଲା ପ୍ରଶାସନକୁ ଅନୁରୋଧ କରାଯାଇଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ପରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟଙ୍କ ହସ୍ତକ୍ଷେପ ପରେ ଆର୍‌ଏମ୍‌ସି ଆୟୁକ୍ତ ଏହାର ତ୍ୱରିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଭୂମିପୂଜନ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ହରି ରାଉତରାୟ, ଟ୍ରକ୍ ଆସୋସିଏଶନର ଜଗଦୀଶ ଜୟସ୍ୱାଲ, ବିଜୟ ପ୍ରଧାନ, ମିଟୁ ବେଉରିଆ, ବିଷ୍ଣୁ ଦେ, ସୁବାଷ ଦାସ, ଅଶୋକ କୁମାର, ଜୟ ବାହାଦୁର, ଦିଲୀପ ମହାନ୍ତି ଏବଂ ଅନ୍ୟ ୪ଟି ଆସୋସିଏଶନର ସଦସ୍ୟମାନେ ଉପସ୍ଥିତ ଥିଲେ।

## କ୍ରିକେଟ: ୱାଇସିସି ଲିଜେଣ୍ଟ ବିଜୟୀ

**ରାଉରକେଲା,୨୯।୧୨(ଦିନେଶ ମିଶ୍ର)**

ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ୧୮ତମ ଅଲ୍ ଓଡିଶା ପ୍ରକାଶ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ରାଜ୍ୟର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ସମାଜସେବୀ ନିହାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ୟୁଥ୍ କ୍ରିକେଟ୍ କ୍ଲବର ଅଧ୍ୟକ୍ଷ ଅଶେଷ କୁମାର ମହାନ୍ତି, ନିମୁ ଜୈନ, ସତୀଶ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଥମ ମ୍ୟାଚ୍ ୱାଇସିସି ଲିଜେଣ୍ଟ ଦଳ ଓ ଜିଏସ୍‌ଏ 'ବି' ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜିଏସ୍‌ଏ 'ବି' ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାକେଶ ପରମାଣିକ ମାତ୍ର ୫୮ ବଲ ଖେଳି ସର୍ବାଧିକ ୬୪ ରନ୍ ସଂଗ୍ରହ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ୱାଇସିସି ଲିଜେଣ୍ଟ ଦଳ ୬ ଉଇକେଟ୍ ହରାଇ ୧୬୪ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପୁସକର ମଲ୍ଲିକ ୨୬ଟି ବଲ ଖେଳି ୨୭ ରନ୍ ଓ ୩ ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ସରୋଜ ପଟ୍ଟନାୟକ ଓ ଯଶବନ୍ତ ଚନ୍ଦ୍ରା, ସ୍ନେହାଶିଷ ମହାନ୍ତି ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। କୋଚ୍ ଅଂଶୁମାନ ଗୋପ, ଆଡିଷ ଜେନା, ଟ୍ରଷ୍ଟି ସୁବେନ୍ଦୁ ଧଳ, ସଭାପତି ବାନାମ୍ବର ସାହୁ, ସରୋଜ ବେହେରା, ଦେବେନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିଗଣ।

## ଆର୍‌ଏସ୍‌ପିରେ ଇକୋ ବ୍ରିକ୍ ଉତ୍ପାଦନ ସୁବିଧା ଉଦ୍‌ଘାଟିତ

**ରାଉରକେଲା,୨୯।୧୨(ବିପ୍ଳବ ରଞ୍ଜନ ଦାଶ)**


ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଇକୋ ବ୍ରିକ୍‌କୁ ଉଦ୍‌ଘାଟନ କରୁଛନ୍ତି।

ଆର୍‌ଏସ୍‌ପି ମେଟେରିଆଲ ରିକଭରି ବିଭାଗରେ ଏଲ୍‌ଡି ସ୍ଲାଗ୍‌ରୁ ପ୍ରସ୍ତୁତ ହେଉଥିବା ପରିବେଶ ଅନୁକୂଳ ପେଭର ବ୍ଲକ ଇକୋ ବ୍ରିକ ଉତ୍ପାଦନ ସୁବିଧା ବ୍ୟବସ୍ଥାକୁ ଶନିବାର ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ଅପରେଶନ୍ସ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀଙ୍କ ସମେତ ବହୁ ସିଜିଏମ୍ ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଇସ୍ପାତ ତିଆରିର ଏକ ଉପ ଉତ୍ପାଦ ଏଲ୍‌ଡି ସ୍ଲାଗ୍‌ର ଉପଯୋଗ ମାଧ୍ୟମରେ ପେଭର ବ୍ଲକ ପ୍ରସ୍ତୁତ ହେଉଛି। ଯାହାଦ୍ୱାରା ବର୍ଜ୍ୟବସ୍ତୁର ନିପୁଣ ଉପଯୋଗ ତଥା ଏକ ବୃତ୍ତାକାର ଅର୍ଥନୀତି ସୁନିଶ୍ଚିତ ହେବା ସହିତ ପରିବେଶ ଆହ୍ୱାନର ସମାଧାନ ମଧ୍ୟ ହେଉଛି। ଏହି ନୂତନ ପେଭର ବ୍ଲକ ଉତ୍ପାଦନ ସୁବିଧା ଏମ୍ ୨୦୦ କଂକ୍ରିଟ ଗ୍ରେଡ୍ (୧:୧୫:୩) ଓ ୮୦ ମିଲିମିଟର ମୋଟେଇର ଉଚ୍ଚ ଗୁଣାତ୍ମକ ମାନର ପେଭର ବ୍ଲକ ଉତ୍ପାଦନ ପାଇଁ ବ୍ୟବସ୍ଥିତ ହୋଇଛି। ଏହି ସୁବିଧାର ଦୈନିକ ଉତ୍ପାଦନ କ୍ଷମତା ୧ହଜାର ୟୁନିଟ ରହିଛି। ଏଭଳି ବାର୍ଷିକ ୩ଲକ୍ଷ ୟୁନିଟ ଉତ୍ପାଦନର ଏହା କ୍ଷମତା ବହନ କରୁଛି। ଏସ୍‌ଏମ୍‌ଏସ୍ ବିଭାଗରୁ ବାର୍ଷିକ ୧୦ଲକ୍ଷ ଟନ୍ ଏଲ୍‌ଡି ସ୍ଲାଗ୍ ନିର୍ଗତ ହୋଇଥାଏ। ଏହି ସୁବିଧା ଅଭିନବ ପ୍ରୟୋଗ ପାଇଁ ସ୍ଲାଗ୍ ବ୍ୟବହାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ସମ୍ପ୍ରତି ଆର୍‌ଏମ୍‌ଏଚ୍‌ପି, ଏସ୍‌ଏମ୍‌ଏସ୍-୨, ଟି ଏଣ୍ଡ ଆର୍‌ଏମ୍ ଏବଂ ଅନ୍ୟାନ୍ୟ ବିଭାଗରେ ଆଭ୍ୟନ୍ତରୀଣ ସ୍ଲାଗ୍ ବ୍ୟବହାର ବାର୍ଷିକ ୨ଲକ୍ଷ ଟନ୍ ମଧ୍ୟରେ ସୀମିତ ରହିଛି। ଏହି ପଦକ୍ଷେପ ଦ୍ୱାରା ସ୍ଲାଗ୍‌ର ଏକ ମହତ୍ୱପୂର୍ଣ୍ଣ ଅଂଶର ଅର୍ଥପୂର୍ଣ୍ଣ ଉପଯୋଗ ସୁନିଶ୍ଚିତ ହୋଇଛି ଯାହା ନିଷ୍କାସନ ଭାରକୁ ହ୍ରାସ କରିବା ସହ ସ୍ଥାୟୀ ଇସ୍ପାତ ଉତ୍ପାଦନ ସୁନିଶ୍ଚିତ କରିବ ବୋଲି କୁହାଯାଇଛି।

## ଶିକ୍ଷାକୁ ସମାଜ ହିତରେ ବିନିଯୋଗ କରିବା ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କ ଆଭୂଷଣ



କାର୍ଯ୍ୟକ୍ରମରେ କୃତୀ ଛାତ୍ରୀମାନଙ୍କ ସହିତ ଅତିଥିଗଣ।

**ରାଉରକେଲା,୨୯।୧୨(ବିପ୍ଳବ ରଞ୍ଜନ ଦାଶ)**

**ରାଉରକେଲା ମ୍ୟୁନିସିପାଲ କଲେଜର ବାର୍ଷିକୋତ୍ସବ**

ରାଉରକେଲା ମ୍ୟୁନିସିପାଲ କଲେଜର ବାର୍ଷିକୋତ୍ସବ ଶନିବାର କଲେଜ ପ୍ରାଙ୍ଗଣରେ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ରାଜ୍ୟ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ସମ୍ମାନୀତ ଅତିଥି ଏବଂ ବିପିୟୁଟିର ପଦାର୍ଥ ବିଜ୍ଞାନ ପ୍ରଫେସର ଡ. ପିୟୁଷ ରଞ୍ଜନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭୋଇ ମହାବିଦ୍ୟାଳୟର ସାମଗ୍ରିକ ଶୈକ୍ଷିକ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଏହାସହ ନିଜର ଶିକ୍ଷା ଓ କଳା କୌଶଳକୁ ଦେଶ ଏବଂ ସମାଜର ପ୍ରଗତିରେ ବିନିଯୋଗ କରିବା ହିଁ ଜଣେ ଶ୍ରେଷ୍ଠ ବିଦ୍ୟାର୍ଥୀର ଆଭୂଷଣ ବୋଲି ଭୋଇ କହିଥିଲେ। ସମ୍ମାନୀତ ଅତିଥି ତନ୍ତୀ ଅଭିଭାବକମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ତେବେ ଶିକ୍ଷା ଗ୍ରହଣ କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ତଥା ସମୟ ବ୍ୟବଧାନ ନ ଥାଏ। ଜନ୍ମରୁ ମୃତ୍ୟୁ ଯାଏ ଶିକ୍ଷା ମଣିଷ ସହିତ ଜଡିତ ରହିଥାଏ ବୋଲି ମୁଖ୍ୟବକ୍ତା ଦାସ କହିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ କଲେଜ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୀପ୍ତି ରଞ୍ଜନ ନାୟକ କାର୍ଯ୍ୟକ୍ରମ ସଂଯୋଜନା ଏବଂ ବିଜୟ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

**ହକି ଇଣ୍ଡିଆ ଲିଗ୍‌ର ଦ୍ୱିତୀୟ ଦିବସ**

## ୪-୧ରେ ସୁରମା କ୍ଲବ ବିଜୟୀ

**ରାଉରକେଲା,୨୯।୧୨(ଦିନେଶ ମିଶ୍ର)**



ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ହକି ଇଣ୍ଡିଆ ପ୍ରୋ ଲିଗ୍ (ଏଚ୍‌ଆଇଏଲ୍)ର ରବିବାର ଦ୍ୱିତୀୟ ମ୍ୟାଚ୍‌ରେ ହକି ଇଣ୍ଡିଆର ସାଧାରଣ ସମ୍ପାଦକ ଭୋଳାନାଥ ସିଂ ଓ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍ ସୁରମା ହକି କ୍ଲବ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଖେଳାଯାଇଥିଲା। ଶେଷରେ ସୁଟ୍‌ଆଉଟ୍ ମାଧ୍ୟମରେ ସୁରମା ହକି କ୍ଲବ ୪-୧ ଗୋଲରେ ତାମିଲନାଡୁ ଡ୍ରାଗନ୍ସ ଦଳକୁ ପରାସ୍ତ କରିଥିଲା। ଖେଳ ଆରମ୍ଭରୁ ତାମିଲନାଡୁ ଡ୍ରାଗନ୍ସ ଓ ସୁରମା ହକି କ୍ଲବ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଉଭୟ ଦଳ ପେନାଲ୍‌ଟି ସୁଟ୍‌ଆଉଟ୍‌ର ସୁଯୋଗ ପାଇଥିଲେ ମଧ୍ୟ ଖେଳର ଶେଷ ପର୍ଯ୍ୟାୟ ଚତୁର୍ଥ କ୍ୱାର୍ଟରର ୪୯ ମିନିଟ୍‌ରେ ତାମିଲନାଡୁ ଡ୍ରାଗନ୍ସର ଫରୱାର୍ଡ ଖେଳାଳି ନାଥନ୍ ଏଫରମର୍ସ ସୁରମା କ୍ଲବ ବିପକ୍ଷରେ ପ୍ରଥମ ଗୋଲ୍ ମାରି ୧-୦ ଗୋଲରେ ଦଳକୁ ଆଗୁଆ ରଖିଥିଲେ। ପରେ ସୁରମା କ୍ଲବ ଆକ୍ରମକ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌ର ଚତୁର୍ଥ କ୍ୱାର୍ଟରର ୫୪ ମିନିଟ୍‌ରେ ଏକ ପେନାଲ୍‌ଟି କର୍ଣ୍ଣର ସୁଯୋଗ ନେଇ ଫରୱାର୍ଡ ଖେଳାଳି ଗୁରୁଜନ୍ତ ସିଂ ତାମିଲନାଡୁ ବିପକ୍ଷରେ ଗୋଟିଏ ଗୋଲ ମାରି ମ୍ୟାଚ୍‌କୁ ଡ୍ର କରି ଦେଇଥିଲେ। ଶେଷରେ ସୁଟ୍‌ଆଉଟ୍ ପ୍ରକ୍ରିୟାରେ ୪-୧ ଗୋଲରେ ସୁରମା ହକି କ୍ଲବ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ସୁରମା କ୍ଲବର ଗୋଲକିପର ଭିନ୍‌ସେଣ୍ଟ ଭନାଷ୍ଟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

## ହିନ୍ଦ୍ ମଜଦୁର ସଭାର ପ୍ରତିଷ୍ଠା ଦିବସ ପାଳିତ

**ରାଉରକେଲା,୨୯।୧୨( ସଙ୍ଗୀତା ଜେନା)**

ହିନ୍ଦ୍ ମଜଦୁର ସଭା(ଏଚ୍‌ଏମ୍‌ଏସ୍)ର ୭୭ତମ ପ୍ରତିଷ୍ଠା ଦିବସ ବିଶ୍ରା ରୋଡ୍‌ସ୍ଥିତ ରାଉରକେଲା ମଜଦୁର ସଭା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଚ୍‌ଏମ୍‌ଏସ୍ ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଶ୍ରମିକ ନେତା ଶଶଧର ନାୟକ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଏନ୍‌ଏସ୍‌ପିସିଏଲ୍ ଏମ୍ପ୍ଲଇଜ ଆସୋସିଏଶନ ସଭାପତି ହରେକୃଷ୍ଣ ପାଢ଼ୀ, ଆର୍‌ଏମ୍‌ଏସ୍‌ର ସାଧାରଣ ସମ୍ପାଦକ ଅକ୍ଷୟ ନାୟକ, ହିନ୍ଦ୍ ମଜଦୁର ସଭାର ପୂର୍ବତନ କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ, ବିଜେଡ଼ି ନଗର ସଭାପତି ଗଗନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସକଳ ଶ୍ରେଣୀର ଶ୍ରମିକଙ୍କ ପାଇଁ ହିନ୍ଦ୍ ମଜଦୁର ସଭା ସଦାସର୍ବଦା ସଂଗ୍ରାମ କରିଆସିଛି ଏବଂ ଏହି ଧାରା ଅବ୍ୟାହତ ରହିବ ବୋଲି ନେତୃମଣ୍ଡଳୀ ମତବ୍ୟକ୍ତ କରିଥିଲେ। ସମ୍ପାଦକ ପ୍ରମୋଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍‌ଏମ୍‌ଏସ୍‌ର ଉପସଭାପତି ଅସିତ ଦାସ, ଏନ୍‌ଏସ୍‌ପିସିଏଲ୍ ଏମ୍ପ୍ଲଇଜ ଆସୋସିଏଶନ ସାଧାରଣ ସମ୍ପାଦକ କେଦାର ଦାସ, କଳାକାର ସାହୁ, ଗଣେଶ ନାଗ, ଦିଲୀପ ଜେନା, ଜଗବନ୍ଧୁ ଜେନା, ଉମେଶ ନାୟକ, ରମେଶ ମଲ୍ଲିକ, ହରିନାରାୟଣ ସା, ଅଜିତ ଦାସ ଓ ଉତ୍କଳ ପରିଡାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।


ବିଶ୍ରା ରୋଡ୍ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

## ମୋବାଇଲ ଜିରୋ ଏନର୍ଜି କୁଲିଂ ଚାମ୍ବର ବିକଶିତ କଲା ଏନ୍‌ଆଇଟି

**ରାଉରକେଲା,୨୯।୧୨(ସଙ୍ଗୀତା ଜେନା)**

ସ୍ୱଳ୍ପ ମୂଲ୍ୟର ତଥା ମୋବାଇଲ ଜିରୋ ଏନର୍ଜି କୁଲିଂ ଚାମ୍ବର ବିକଶିତ କରିଛି ରାଉରକେଲା ଏନ୍‌ଆଇଟି। ଏହି ନୂତନ ଅନୁସନ୍ଧାନ ପାଇଁ ଶିକ୍ଷାନୁଷ୍ଠାନର ଦଳ ଟମାଟୋ ଗ୍ରାଣ୍ଡ ଚାଲେ ୨୦୨୪ରେ ପୁରସ୍କାର ଲାଭ କରିଛି। ନୂଆଦିଲ୍ଲୀ ବିଜ୍ଞାନ ଭବନଠାରେ ଆୟୋଜିତ ଜାତୀୟ ଉପଭୋକ୍ତା ଦିବସରେ ଏହି ପୁରସ୍କାର ଜିତିବା ପରେ ଉକ୍ତ ଦଳ ଶନିବାର ରାଉରକେଲା ପ୍ରତ୍ୟାବର୍ତ୍ତନ କରିଛି। ଶିକ୍ଷା ମନ୍ତ୍ରାଳୟର ଇନୋଭେଶନ ସେଲ୍ ସହଯୋଗରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ କେନ୍ଦ୍ରୀୟ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ଜନସାଧାରଣ ଆବଣ୍ଟନ, ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବି. ଏଲ୍. ବର୍ମା, ପ୍ରହ୍ଲାଦ ଯୋଶୀ ପ୍ରମୁଖ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏନ୍‌ଆଇଟିର ଟିମ୍ ଲିଡର ପ୍ରଫେସର ମଧୁରେଶ ଦ୍ୱିବେଦୀ, ପ୍ରଫେସର ରାମଚନ୍ଦ୍ର ପ୍ରଧାନ, ପିଏଚ୍‌ଡି ସ୍କଲାର ଚିଙ୍ଗାଖମ୍ ନାଗୋଟୋମ୍ବା ସିଂହ, ଥୋଟା ନିରନ (ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ, ଏନ୍‌ଆଇଟି), ପ୍ରଫେସର ରାଜୀବ ପଣ୍ଡା, ସିନିୟର ଟେକ୍ନିସିଆନ୍ ସୋମନାଥ ଦାସ ଉକ୍ତ ଅନୁସନ୍ଧାନ କରିଛନ୍ତି। ଏହାଦ୍ୱାରା ସ୍ୱଳ୍ପ ମୂଲ୍ୟରେ ଇନ୍‌ସୁଲେସନ୍ ସ୍ତର ବ୍ୟବହାର କରି ବାଷ୍ପୀକରଣ କୁଲିଂ ଟେକ୍ନିକ୍ ନୀତିରେ ଚାଲିଥାଏ। ଏହାକୁ ଟ୍ରକ, ଟ୍ରାକ୍ଟର, ଛୋଟ ପିକ୍‌ଅପ୍, ଟ୍ରେନ ଆଦିରେ ସ୍ଥାପନ କରାଯାଇପାରିବ। ଟମାଟୋଗୁଡ଼ିକ ସଂରକ୍ଷଣ ପାଇଁ ୧.୪ ଲକ୍ଷ ଟଙ୍କା ମୂଲ୍ୟରେ ଏହି ୟୁନିଟ୍ ବିକଶିତ କରାଯାଇଥିଲା। ଯାହା ଛୋଟ ପନିପରିବା ଚାଷୀ, ବିକ୍ରେତା, ବିତରକମାନଙ୍କ ଦ୍ୱାରା ସହଜ ଉପଯୋଗ ହୋଇପାରିବ। ୨୦୨୩ ଜୁନ୍‌ରେ ଆରମ୍ଭ ହୋଇଥିବା ଟମାଟୋ ଗ୍ରାଣ୍ଡ ଚାଲେ ଗ୍ରାହକ ବ୍ୟାପାର ମନ୍ତ୍ରାଳୟ ଏବଂ ଏଆଇସିଟିଇ ଭାରତର ପଦକ୍ଷେପ ଥିଲା।


ନୂଆଦିଲ୍ଲୀଠାରେ ରାଉରକେଲା ଏନ୍‌ଆଇଟି ଦଳକୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ରାସ୍ତା କାମ ସରୁନି, ବଢୁଛି ଦୁର୍ଘଟଣା

ଜମନକିରା, ୨୯।୧୨ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମା ବାଇପାସ୍ ଦଶଘରିଆ ସଂଲଗ୍ନ ରାସ୍ତା ଶୋଚନୀୟ ହୋଇପଡିଛି। ଏଥିଯୋଗୁ ଅନେକ ଦୁର୍ଘଟଣା ଘଟୁଛି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ସୁଦ୍ଧା ପ୍ରତିକାର କରାଯାଉନାହିଁ। ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଦୀର୍ଘ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ବାଇପାସ୍ କାମ ସରିଛି। ତେବେ ପୁରୁଣା ରାସ୍ତାଟି ନୂଆ ରାସ୍ତାରେ ସଂଲଗ୍ନ ହୋଇଥିବା ସ୍ଥାନରେ ଅନେକ ସମସ୍ୟା ଦେଖା ଦେଉଛି। ବାଇପାସ୍ ଛକ ଏବଂ ଉଭୟ ପୁରୁଣା ଓ ନୂଆ ରାସ୍ତାର ସମ୍ପୂର୍ଣ୍ଣ କାମ ହୋଇ ପାରିନାହିଁ। ଫଳରେ ଜନସାଧାରଣ ବହୁତ ଅସୁବିଧା ଭୋଗୁଛନ୍ତି। ଏଠି ବାରମ୍ବାର ଦୁର୍ଘଟଣା ଘଟୁଛି। ଜଣେ ପୂର୍ବତନ ଯବାନଙ୍କ ମଧ୍ୟ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ନଜିର ରହିଛି। ଏହି ଛକମାନଙ୍କରେ ଷ୍ଟ୍ରିଟଲାଇଟ ଲାଗିନାହିଁ। ରାସ୍ତାକଡ଼ରେ ଲାଇଟ ଖମ୍ବ ଏବଂ ଏହାର ଅଂଶଗୁଡ଼ିକ ଏଣେତେଣେ ପଡ଼ି ଖରାପ ହେଲାଣି। ଏ ସଂକ୍ରାନ୍ତରେ ସମ୍ବଲପୁର ଏନ୍‌ଏଚ୍‌ଏଆଇ ପିଡି ପି. ଏନ. ସାହୁଙ୍କୁ ତାଙ୍କ ମୋବାଇଲ ନଂ. ୮୧୩୦୦୦୬୦୮୩ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଅଜଣା ନାୟକଙ୍କୁ ଲୋକଲୋଚନକୁ ଆଣିବ ପୁସ୍ତକ: ଧର୍ମେନ୍ଦ୍ର

## 'ସାଗା ଅଫ୍ କୁଦୋପାଲି: ଦି ଅନ୍‌ସଙ୍ଗ ଷ୍ଟୋରି' ଲୋକାର୍ପିତ

ସମ୍ବଲପୁର, ୨୯।୧୨ (ପ୍ରମୋଦ ବହିଦାର)


ସାଗା ଅଫ୍ କୁଦୋପାଲି ପୁସ୍ତକକୁ ଲୋକାର୍ପଣ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିବୃନ୍ଦ।

ଦେଶ ସ୍ୱାଧୀନତା ସଂଗ୍ରାମର ଅଜଣା ନାୟକମାନଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହେବ 'ସାଗା ଅଫ୍ କୁଦୋପାଲି' ପୁସ୍ତକ। ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଜାତୀୟ ବୁକ୍ ଟ୍ରଷ୍ଟ ପକ୍ଷରୁ ପ୍ରକାଶିତ ତଥା ଐତିହାସିକ ଦୀପକ ପଣ୍ଡାଙ୍କ ସମ୍ପାଦିତ ପୁସ୍ତକ 'ସାଗା ଅଫ୍ କୁଦୋପାଲି: ଦି ଅନ୍‌ସଙ୍ଗ ଷ୍ଟୋରି ଅଫ୍ ୧୮୫୭'ର ଇଂଲିଶ୍ ସଂସ୍କରଣର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି, ୧୮୫୭ ସିପାହି ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ବିବେଚନା କରାଯାଏ। ମାତ୍ର ଏହାର ବହୁବର୍ଷ ପୂର୍ବରୁ ୧୮୨୭ରେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ତାଙ୍କ ସହଯୋଗୀମାନେ ସମ୍ବଲପୁରରୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରିଥିଲେ। ସେହିପରି ୧୮୫୭ ଡିସେମ୍ବର ୩୦ରେ ସମ୍ବଲପୁରର କୁଦୋପାଲି ଘାଟିରେ ବ୍ରିଟିଶ୍‌ମାନଙ୍କ ସହ ଅଦମ୍ୟ ସାହସର ସହ ଲଢ଼ି ୫୩ ସହଯୋଗୀ ସଂଗ୍ରାମୀ ଶହୀଦ ହୋଇଥିଲେ ଓ ପରେ ୪ ଜଣଙ୍କୁ ଦଣ୍ଡାଦେଶ ଦିଆଯାଇଥିଲା। ସମ୍ବଲପୁର ମାଟିରେ ସଙ୍ଗଠିତ ଏହି କୁଦୋପାଲି ମହାସଂଗ୍ରାମରେ ଖିଣ୍ଡା, କୁଲାବିରା, ଘେଁସ, ଲଖନପୁର ଆଦି ଅଞ୍ଚଳର ଅନେକ ପରିବାର ବଳିଦାନ ଦେଇଛନ୍ତି। ଏଭଳି ଅନେକ ଘଟଣା ସମୟକ୍ରମେ ଲୁଚିଯାଇଛି। ଦେଶ ମାତୃକାର ସୁରକ୍ଷା ପାଇଁ ନିଜକୁ ବଳିଦାନ ଦେଇଥିବା ଅନେକ ସଂଗ୍ରାମୀ ଲୋକଙ୍କ ପାଇଁ ଅଜଣାହୋଇ ରହିଯାଇଛନ୍ତି। ତେଣୁ ସେ ଗତବର୍ଷ ଏଠାରେ ବଳିଦାନ ଦିବସରେ ଯୋଗଦେଇଥିବା ବେଳେ ଏ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ଲୋକ ଲୋଚନକୁ ଆଣିବାକୁ ସଙ୍କଳ୍ପ ନେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ଦେଶ ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଲୁକ୍କାୟିତ ସଂଗ୍ରାମୀମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଲୋକଲୋଚନକୁ ଆଣିବା ଦିଗରେ ସେ ପଦକ୍ଷେପ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ କୁଦୋପାଲିରେ ବ୍ରିଟିଶ୍ ବର୍ବରତାରେ ଶହୀଦ ହୋଇଥିବା ବୀର ପୁରୁଷ, ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ସହଯୋଗୀଙ୍କ ବୀରତ୍ୱ କାହାଣୀ ସମ୍ପର୍କରେ ଲୋକଲୋଚନକୁ ଆଣିବା ପାଇଁ ଦାୟିତ୍ୱ ନେଇ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ମାଧ୍ୟମରେ ଏ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମ ଓ ବୀର ସଂଗ୍ରାମୀଙ୍କ ବଳିଦାନର ଐତିହାସିକ କାହାଣୀ ସଙ୍କଳନ ସାଗା ଅଫ୍ କୁଦୋପାଲି ପ୍ରକାଶନ ପାଇଁ ପଦକ୍ଷେପ ନେଇଥିଲେ। ରବିବାର ଏହି ପୁସ୍ତକ ଏଠାରେ ଲୋକାର୍ପଣ ହେବା ପରେ ତାଙ୍କ ସଙ୍କଳ୍ପ ପୂରଣ ହୋଇଥିବା କହିଛନ୍ତି। ଆଗାମୀ ଦିନରେ ଏହି ପୁସ୍ତକ ଓଡ଼ିଆ ଓ ହିନ୍ଦୀ ସହିତ ଦେଶର ଅନ୍ୟାନ୍ୟ ପ୍ରମୁଖ ଭାଷାରେ ପ୍ରକାଶିତ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ସମ୍ମାନିତ ଅତିଥିଭାବେ ଯୋଗଦେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, କୁଦୋପାଲିରେ ହୋଇଥିବା ବ୍ରିଟିଶ୍ ସରକାରଙ୍କ ନରସଂହାରରେ ୫୭ ଜଣ ବୀର ସଂଗ୍ରାମୀ ଶହୀଦ ହୋଇଥିଲେ, ଯାହା ଦେଶର ଅନ୍ୟ କୌଣସି ସ୍ଥାନରେ ବ୍ରିଟିଶ୍ ଦମନଲୀଳା ସ୍ୱରୂପ ନରସଂହାରଠାରୁ କମ୍ ନୁହେଁ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଐତିହାସିକ ଦୀପକ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଜାତୀୟ ନିର୍ଦ୍ଦେଶକ ଯୁବରାଜ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ୍, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ଆଇଆଇଏମ୍ ନିର୍ଦ୍ଦେଶକ ମାହଦେବ ଜୟସ୍ୱାଲ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ବିଧୁଭୂଷଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଲୋକନାଟକ, ଲୋକନୃତ୍ୟର ବିକାଶ ପାଇଁ ଉଦ୍ୟମ ଲୋଡ଼ା



ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟ ଅତିଥିମାନେ।

କୁଚିଣ୍ଡା, ୨୯।୧୨ (ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ କୁଚିଣ୍ଡା ଉପଖଣ୍ଡରେ ଲୋକନାଟକ, ଲୋକନୃତ୍ୟର ସ୍ଥିତି ଓ ବିକାଶକୁ ନେଇ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଲୋକମହୋତ୍ସବର ପୂର୍ବତନ ସଂଯୋଜକ ଡ଼. ଦ୍ୱାରିକାନାଥ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ କୁଚିଣ୍ଡା ଉପଖଣ୍ଡ ତଥା ବାମଣ୍ଡା ଅଞ୍ଚଳର କଳା ସଂସ୍କୃତି, ଲୋକ ନାଟକ, ଲୋକନୃତ୍ୟର କିଭଳି ଅଧିକରୁ ଅଧିକ ବିକାଶ ହୋଇପାରିବ ସେନେଇ ସଚେତନ ହେବା ଜରୁରୀ ବୋଲି କହିଥିଲେ। ବିଶେଷ କରି ଗୁଦଗୁଦା ମହୋତ୍ସବକୁ ସୁନ୍ଦର ଭାବେ ଆୟୋଜନ କରି ଏଥିରେ ଏହି ଲୋକକଳାକୁ ପ୍ରଦର୍ଶିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଆଲୋଚନାଚକ୍ରରେ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ଭାସ୍କର ଚନ୍ଦ୍ର ବେହେରା, କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର, ଭୁବନେଶ୍ୱର ବିଜୁପଟ୍ଟନାୟକ ଚଳଚ୍ଚିତ୍ର ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରଫେସର ଡ.ଦିଲିପ ପାଣି, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ଆକାଶବାଣୀର ବରିଷ୍ଠ କଳାକାର ତଥା ଆଲୋଚକ ସୁରଥ ଚନ୍ଦ୍ର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ କଳା ଓ ନୃତ୍ୟର ବିକାଶ ପାଇଁ ବକ୍ତବ୍ୟ ରଖିଥିଲେ। ମଳୟ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୌମ୍ୟରଞ୍ଜନ ପଟେଲ ଏଥିରେ ସହଯୋଗ କରିଥିଲେ। ଏଥିରେ କୁଚିଣ୍ଡା ଉପଖଣ୍ଡର ବିଶିଷ୍ଟ ଅତିଥି କଳାକାର, କବି ଯୋଗଦେଇଥିଲେ। ଆଲୋଚକ ଅତିଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍ଥିକ ପ୍ରଗତିରେ ମନମୋହନଙ୍କ ଅବଦାନ ସ୍ମରଣୀୟ

## ଜିଲା କଂଗ୍ରେସର ଶୋକସଭା

ସମ୍ବଲପୁର, ୨୯।୧୨ (ପ୍ରମୋଦ ବହିଦାର)

ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ପରଲୋକରେ ଜିଲା କଂଗ୍ରେସ କମିଟି ପକ୍ଷରୁ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଦେଶକୁ ଆର୍ଥିକସ୍ତରରେ ସଶକ୍ତ କରିବାରେ ସ୍ୱର୍ଗତ ସିଂଙ୍କ ଅବଦାନ ଦେଶବାସୀଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ କହିଛନ୍ତି। ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ବକ୍ତାମାନେ ଦେଶର ଆର୍ଥିକ ପ୍ରଗତି, ସମୃଦ୍ଧି ତଥା ଗରିବ କଲ୍ୟାଣ ପାଇଁ ମନମୋହନ ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଦେଶରେ ପ୍ରଥମ କରି କାର୍ଯ୍ୟକାରୀ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା, ସୂଚନା ଅଧିକାର ଆଇନ, ଖାଦ୍ୟ ସୁରକ୍ଷା ଆଇନର ସଫଳତାକୁ ନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସୁରେଶ୍ୱର ମିଶ୍ର, କଂଗ୍ରେସ ନେତା ଅମିତ୍ ଗୁରୁ, ରଞ୍ଜିତ ମିତ୍ର, ସୁବାସ ବିଶ୍ୱାଳ, ଦିଲୀପ ଦୁରିଆ, ଗିରିଜା ନାୟକ, ରବି ରାଉତ, ଶଶାଙ୍କ ନାଥ, ତପନ ବେହେରା, ସୁତାପା ମିତ୍ର, ସୁରଞ୍ଜିନି ବାରିକ୍, ଓକିଲ ଚୌଧୁରୀ, ମହମ୍ମଦ ଜୁବେର, ଦୀନବନ୍ଧୁ ପରିଡ଼ା, ହରୀ ପାଢ଼ୀ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ସମ୍ବଲପୁରୀ ସଂସ୍କୃତି ପ୍ରଚାରରେ ସତ୍ୟନାରାୟଣଙ୍କ ଅବଦାନ ଅତୁଳନୀୟ

ସମ୍ବଲପୁର, ୨୯।୧୨ (ଭବାନୀ ଶଙ୍କର ଭୋଇ)

ଗୁରୁ ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ରବିବାର ସତ୍ୟନାରାୟଣ ବହିଦାର ଏବଂ ସମ୍ବଲପୁରୀ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପଟ୍ଟନାୟକ ପଡାସ୍ଥିତ ସିଦ୍ଧେଶ୍ୱରୀ ଧର୍ମ ସଂସଦ ଭବନରେ ଆୟୋଜିତ ଏହି ଆଲୋଚାନାଚକ୍ରରେ କବି ସତ୍ୟନାରାୟଣ ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୁରୁ ବହିଦାରଙ୍କ ସମ୍ବଲପୁରୀ ସାହିତ୍ୟ ସଂସ୍କୃତି ପ୍ରଚାର ଦିଗରେ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ସମ୍ବଲପୁରୀ ଭାଷା ସାମ୍ବିଧାନିକ ସ୍ୱୀକୃତି ପାଇଲେ ଗୁରୁ ବହିଦାରଙ୍କ ପ୍ରତି ଉଚିତ ସମ୍ମାନ ହୋଇ ପାରିବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଗୁରୁ ସତ୍ୟନାରାୟଣ ସିଦ୍ଧେଶ୍ୱରୀ ଧର୍ମ ସଂସଦ ପ୍ରତିଷ୍ଠା କରି ଦୀର୍ଘବର୍ଷ ଧରି ଏହାର ସଭାପତି ପଦ ଅଳଙ୍କୃତ କରିଥିବା ସାହିତ୍ୟ ସଂସଦ ସହସମ୍ପାଦିକା ସୁବର୍ଣ୍ଣ ମେହେର କହିଥିଲେ। ଗୁରୁ ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦ ସଭାପତି ଗୋପୀନାଥ ଷଡ଼ଙ୍ଗୀ ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ କବି ବିଭୂତି ମିଶ୍ରଙ୍କ ସଂଯୋଜନାରେ ଏକ ସମ୍ବଲପୁରୀ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିକ୍ଷାବିଦ ସୁଦର୍ଶନ ପୂଜାରୀଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସହ ସମ୍ପାଦିକା ସୁବର୍ଣ୍ଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭବାନୀ ଶଙ୍କର ମେହେର, ପ୍ରଦୀପ କୁମାର ପାଣିଗ୍ରାହୀ, ଶେଷଦେବ କାଣ୍ଡ, ସବିତା ମିଶ୍ର ଅଂଶଗ୍ରହଣ କରିଥିଲେ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ

## ସୁଚିତ୍ରା ରାଜ୍ୟ ସଭାନେତ୍ରୀ, ବବ୍ରୁବାହନ ରାଜ୍ୟ ସମ୍ପାଦକ



ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନୂତନ କର୍ମକର୍ତ୍ତାମାନଙ୍କ ସହ ସଭ୍ୟମାନେ।

ସମ୍ବଲପୁର, ୨୯।୧୨ (ବି.ଶଙ୍କର)

ଭୁବନେଶ୍ୱର ଖାରବେଳ ନଗର-୫ ସ୍ଥିତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ ଶିବିର ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମ୍ୟୁନିପାଲିଟି ନିକଟ ସାମ୍ବାଦିକ ଭବନରେ ଗୌରାଙ୍ଗ ଚରଣ ମଲ୍ଲିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ୧୮ଟି ଜିଲାର ଶିକ୍ଷୟିତ୍ରୀଶିକ୍ଷକ ପ୍ରତିନିଧି ଯୋଗଦେଇଥିଲେ। ଝରଣା ହରିପାଲ, ପୂର୍ବତନ ସଭାପତି ରାଜକିଶୋର ସାହୁ, ଏୟୁପିଟିଏଫ ସଭାନେତ୍ରୀ ସୁଚିତ୍ରା ଦାସ, ଏୟୁପିଟିଏଫ ସମ୍ପାଦକ ବବ୍ରୁବାହନ ଭୋଇ ଯୋଗଦେଇ ଶିକ୍ଷକଙ୍କ ସମସ୍ୟା କିପରି ଦୂର ହେବ ସେନେଇ ନେତୃ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ କିପରି ଉନ୍ନତମାନର ଶିକ୍ଷା ଗ୍ରହଣ କରିବେ ସେ ବିଷୟରେ ସଭ୍ୟମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଏହାପରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତାମାନେ ଚୟନ କରାଯାଇଥିଲା। ଏଥିରେ ସୁଶ୍ରୀ ସୁଚିତ୍ରା ଦାସଙ୍କୁ ସଭାନେତ୍ରୀ ଏବଂ ସମ୍ବଲପୁର ଜିଲାର ବବୃବାହନ ଭୋଇଙ୍କୁ ରାଜ୍ୟ ସମ୍ପାଦକ ହୋଇଛନ୍ତି। ସେହିପରି ଅନୁଗୋଳ ଜିଲାର ସଞ୍ଜୟ କୁମାର ପ୍ରଧାନ ଓ ନୟାଗଡ଼ ଜିଲାର ସନ୍ତୋଷ କୁମାର ସାହୁ ରାଜ୍ୟ ଏବଂ ବୌଦ୍ଧ ଜିଲାର ପ୍ରାଜିନ ପାଢ଼ୀ ରାଜ୍ୟ ଉପସଭାପତି, ଗଞ୍ଜାମ ଜିଲାର କେ ଚନ୍ଦ୍ର ମହାପାତ୍ର ଜୋନାଲ ସମ୍ପାଦକ ରହିଛନ୍ତି। ଏଥିସହ ୨୦ ଜଣ କର୍ମକର୍ତ୍ତାଙ୍କୁ ସର୍ବସମ୍ମତି କ୍ରମେ ବିଭିନ୍ନ ସଭ୍ୟ ଭାବେ ମନୋନୀତ କରାଯାଇଛି। ଆଗାମୀ ଦିନରେ ଜିଲା ଓ ରାଜ୍ୟର ସମସ୍ତ ଶିକ୍ଷକଙ୍କ ସୁବିଧା ଅସୁବିଧା ପାଇଁ ସଂଘ ସ୍ୱର ଉତ୍ତୋଳନ କରିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ଜିଲାସ୍ତରୀୟ ମ୍ୟାଚ ଖେଳିବ ଗୁଣ୍ଡୁରୁଟୁଆଁ ଟିମ୍

## ବାଜିରାଉତ କପ୍ ଫୁଟ୍‌ବଲ

କୁଚିଣ୍ଡା, ୨୯।୧୨ (ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ତିନିଦିନ ଧରି ଚାଲିଥିବା ତୃତୀୟ ବାଜିରାଉତ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଆମେ ଓଡିଆ ପକ୍ଷରୁ କ୍ରୀଡା ସଂସଦ ମହୋତ୍ସବ ଅନ୍ତର୍ଗତ ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର ଓ ଦେବଗଡ଼ ଜିଲାକୁ ନେଇ ଅନୁଷ୍ଠିତ ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟ ମ୍ୟାଚ ମୁକୁନ୍ଦି ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। କୁଚିଣ୍ଡା ଉପଖଣ୍ଡର ୨୭ଟି ଦଳକୁ ନେଇ ଅନୁଷ୍ଠିତ ଶେଷଦିବସରେ ୮ଟି ଟିମ ମଧ୍ୟରେ ଖେଳ ହୋଇଥିଲା। କୁଚିଣ୍ଡା ଜୋନର କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ମ୍ୟାଚ ହୋଇଥିଲା। ବାବୁନିକ୍ରିମାଲ ଓ ଗୁଣ୍ଡୁରୁଟୁଆଁ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ପେନାଲଟି ସୁଟ୍‌ଆଉଟ ମାଧ୍ୟମରେ ଗୁଣ୍ଡୁରୁଟୁଆଁ ଟିମ ବିଜୟୀ ହୋଇଥିଲା। ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ ସମ୍ପାଦକ ସଂଗ୍ରାମ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତୃତୀୟ ଦିନର ଉଦ୍‌ଘାଟନୀ ମ୍ୟାଚରେ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବାମରା ବ୍ଲକ ଅଧ୍ୟକ୍ଷା ପିଙ୍କି ଧୁରୁଆ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଲ କୁମାର କର, ଏମ୍‌ପି ପ୍ରତିନିଧି ରୁଦ୍ର ପ୍ରତାପ ଦେଓ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ମ୍ୟାଚରେ ବାମରା ବ୍ଲକ ଉପାଧ୍ୟକ୍ଷ ସଞ୍ଜୟ ଦାସ, ଭାଜପା କେଶାଇବାହାଲ ମଣ୍ଡଳ ସଭାପତି ସୁନୀଲ ଦାସ ଅତିଥିଭାବେ ଯୋଗଦେଇଥିଲେ।

# ପିକ୍‌ନିକ୍ ଋତୁରେ ପାନୀୟ ଜଳ ସମସ୍ୟା ସମାଧାନ କଲେ ବିଧାୟକ

ଦେବଗଡ଼, ୨୯।୧୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୋହିରା ଡ୍ୟାମ୍‌ରେ ପିକ୍‌ନିକ୍ ଋତୁରେ ବଣଭୋଜି ପାଇଁ ଶହ ଶହ ଲୋକଙ୍କ ଭିଡ ଜମିଥାଏ। ବିଶେଷ ଭାବେ ନବବର୍ଷ ସମୟରେ ଜିଲା ତଥା ଜିଲା ବାହାରୁ ଶତାଧିକ ପର୍ଯ୍ୟଟକ ପରିବାର ଓ ସାଙ୍ଗସାଥିଙ୍କ ସହିତ ଏଠାକୁ ଆସି ବଣଭୋଜିର ମଜା ନେଇଥାନ୍ତି। ମାତ୍ର ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳର ସମସ୍ୟା ଦେଖା ଦେଇଥାଏ। ସେଠାରେ ଥିବା ଏକମାତ୍ର ନଳକୂପରୁ ବ୍ୟବହାର ଅନୁପଯୋଗୀ ପାଣି ବାହାରୁଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପାନୀୟଜଳର ସମାଧାନ ପାଇଁ ପିକ୍‌ନିକ୍ ଋତୁରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ୨ଟି ପାଣି ଟ୍ୟାଙ୍କର ବ୍ୟବସ୍ଥା କରିଛନ୍ତି। ଶନିବାରଠାରୁ ଏହି ସେବା ଆରମ୍ଭ ହୋଇଥିବା ବେଳେ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ଉକ୍ତ ପାଣି ଟ୍ୟାଙ୍କର ବ୍ୟବସ୍ଥା ଜାରି ରହିବ ବୋଲି ଜଣାପଡିଛି। ବଣଭୋଜି ପାଇଁ ଆସୁଥିବା ପର୍ଯ୍ୟଟକମାନେ ମାଗଣାରେ ଏହି ପାଣିକୁ ବ୍ୟବହାର କରିପାରିବେ ବୋଲି ବିଧାୟକ ବିଶ୍ୱାଳ କହିଛନ୍ତି। ଗୋଟିଏ ପାଣି ଟ୍ୟାଙ୍କର ଗୋହିରା ଡ୍ୟାମ ତଳେ ସ୍ଥାୟୀ ଭାବେ ସ୍ଥାନିତ କରାଯାଇଥିବା ବେଳେ ଆଉ ଏକ ଭ୍ରାମ୍ୟମାଣ ପାଣି ଟ୍ୟାଙ୍କର ଯୋଗେ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପୂର୍ବରୁ ଗୋହିରା ଆଞ୍ଚଳିକ କମିଟି ପକ୍ଷରୁ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ପାନୀୟଜଳ ସମସ୍ୟା ନେଇ ବିଧାୟକ ଅବଗତ ହେବା ପରେ ନିଜସ୍ୱ ଉଦ୍ୟମରେ ଏଭଳି ବ୍ୟବସ୍ଥା କରିଥିବାରୁ ସ୍ଥାନୀୟ ଲୋକ ବିଧାୟକଙ୍କୁ ସାଧୁବାଦ ଜଣାଇଛନ୍ତି।

# ଆନନ୍ଦନଗର ହକି ଦଳ ଚାମ୍ପିୟନ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ତ୍ରିଦିବସୀୟ ହକି ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼, ୨୯।୧୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କର୍ଡ଼ାପାଳ ଗ୍ରାମରେ ନେହେରୁ କ୍ଲବ ପକ୍ଷରୁ ଚାଲିଥିବା ୩୦ତମ ତ୍ରିଦିବସୀୟ ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଦଳକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଦେବଗଡ଼ ଜିଲା ଗଜୁରୀବଣି ହକି ଦଳକୁ ୧-୦ ଗୋଲରେ ପରାସ୍ତ କରି ସମ୍ବଲପୁର ଜିଲା ଆନନ୍ଦନଗର ଦଳ ଚାମ୍ପିୟନ ହୋଇଛି। ମ୍ୟାଚକୁ ଅମ୍ପାୟର ଭାବେ ବିଲାସ ଏକ୍କା ଏବଂ ସେୟାନ ଲଙ୍କାର ପରିଚାଳନା କରିଥିଲେ। ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଆରତୀ ପ୍ରଧାନ ଓ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ହକି ଖେଳାଳି ଏବଂ ଆୟୋଜକ ଅନୁଷ୍ଠାନକୁ ଉତ୍ସାହିତ କରିବା ସହ ବିଜେତା ଆନନ୍ଦନଗର ଦଳକୁ ଖାସି ଓ ଉପ ବିଜେତା ଗଜୁରୀବଣି ଦଳକୁ ବୋଦା ପୁରସ୍କାର ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ହକି ଖେଳାଳି ଆଶିଷ କୁମାର ଟପ୍ପୋ ଏବଂ ଜାତୀୟସ୍ତରର ହକି ଖେଳାଳି ଅଜୟ କୁମାର ଏକ୍କା, ମାଥିଏସ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ଆୟୋଜନ ନିମନ୍ତେ ସମସ୍ତ ଖର୍ଚ୍ଚ ଅନ୍ତର୍ଜାତୀୟ ହକି ଖେଳାଳି କର୍ଡ଼ାପାଳ ଗ୍ରାମର ରୋଶନ ମିଞ୍ଜ ବହନ କରିଥିବା ଆୟୋଜକ ନେହେରୁ କ୍ଲବ ପକ୍ଷରୁ ସୂଚନା ମିଳିଛି।

### ଯୁବ ବିଜେଡି ରାଜ୍ୟ ସମ୍ପାଦକଙ୍କ ପିତୃ ବିୟୋଗ

ସମ୍ବଲପୁର, ୨୯।୧୨ (ପ୍ରମୋଦ ବହିଦାର)

ଯୁବ ବିଜେଡି ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ରଙ୍କ ପିତା ନାରାୟଣ ମହାପାତ୍ରଙ୍କ ଶନିବାର ରାତିରେ ତାଙ୍କ ଭତରାସ୍ଥିତ



ନିଜ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ହେଉଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଜଣେ ଧର୍ମପରାୟଣ, ମିଷ୍ଟଭାଷୀ, ବନ୍ଧୁ ବତ୍ସଳ, ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ ଜଣାଶୁଣା ନାରାୟଣ ମହାପାତ୍ରଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରବିବାର ସକାଳେ ସ୍ଥାନୀୟ ରାଜଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଜେଷ୍ଠପୁତ୍ର ମନୋଜ ମହାପାତ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାପାତ୍ର ସମ୍ବଲପୁର ସିଭିଲ କୋର୍ଟରେ ଜଣେ କର୍ମଚାରୀଭାବେ ଅବସର ଗ୍ରହଣ କରିଥିଲେ।

# ଜିଲା ବର୍ଷୀୟାନ କ୍ରୀଡ଼ା ସଂଘର ବାର୍ଷିକ କ୍ରୀଡ଼ା

ସମ୍ବଲପୁର, ୨୯।୧୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ବର୍ଷିଆନ କ୍ରୀଡା ସଂଘ ଆନୁକୂଲ୍ୟରେ ରବିବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବର୍ଷିୟାନ କ୍ରୀଡା ସଙ୍ଗଠକ, ପ୍ରଶିକ୍ଷକ, ପ୍ରତିଯୋଗୀ ସୁରେନ୍ଦ୍ର ମୋହନ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଖେଲୁଆଡ ଭାବନା ମଣିଷକୁ ଭଲକାମ ପାଇଁ ପ୍ରେରିତ କରିଥାଏ ବୋଲି ମୁଖ୍ୟ ଅତିଥି ମତ ଦେଇଥିଲେ। ପ୍ରତିଯୋଗିତାରେ ଶହେ ମିଟର, ଦୁଇ ଶହ ମିଟର ଦୌଡ, ୨ କିଲୋମିଟର ପଦଚାଳନା, ଲମ୍ଫଡିଆ, ଉଚ୍ଚଡିଆଁ, ଜାଭେଲିନ, ସଟଫୁଟ, ଡିସକସ ଆଦି ଖେଳ ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ଜିଲାର ୬୨ ଜଣ ବର୍ଷିୟାନ କ୍ରୀଡାବିତ୍ ଯୋଗଦେଇ ପ୍ରତିଯୋଗିତାକୁ ସଫଳ କରିଥିଲେ। ସଂଘ ସମ୍ପାଦକ ସଦାଶିବ ପୁରୋହିତ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ।


ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ବର୍ଷୀଆନ କ୍ରୀଡ଼ାବତ୍‌ମାନେ।

# ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

- ଆଦମଖୋର ଶ୍ରେଷ୍ଠ ପ୍ରଯୋଜିତ ନାଟକ
- ସ୍ୱର୍ଣ୍ଣପ୍ରଭା ଶ୍ରେଷ୍ଠ ଅଭିନେତ୍ରୀ, ଜଗନ୍ନାଥ ଶ୍ରେଷ୍ଠ ଅଭିନେତା

ସମ୍ବଲପୁର, ୨୯।୧୨ (ବି.ଶଙ୍କର)



ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାରେ ନାଟକ ଆଦମଖୋର ନିର୍ଦ୍ଦେଶକ ଓ ଅଭିନେତା ଜଗନ୍ନାଥ ସେଠ ପୁରସ୍କାର ଗ୍ରହଣ କରୁଛନ୍ତି।

ଯୁବ ଉଦୟନ ଅନୁଷ୍ଠାନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୭ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ସମ୍ବଲପୁର ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚଠାରେ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ବରଗଡ ଜିଲା ପଦମପୁର ମହୁଲପାଲି ଲୁ ନାଟ୍ୟଗ୍ରାମ ଦ୍ୱାରା ମଞ୍ଚସ୍ଥ ନାଟକ ଆଦମଖୋର ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ପୁରସ୍କୃତ ହୋଇଛି। ଆଦମଖୋର ନାଟକର ନିର୍ଦ୍ଦେଶକ ଜଗନ୍ନାଥ ସେଠ ଶ୍ରେଷ୍ଠ ଅଭିନେତା ଏବଂ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କାର ପାଇଛନ୍ତି। ଏଥିସହ ବିଭିନ୍ନ ବିଭାଗରେ ୫ଟି ପୁରସ୍କାର ହାସଲ କରିଛନ୍ତି। ପୁରଥିନୁ ସରଗ ନାଟକର କଳାକାର ସ୍ୱର୍ଣ୍ଣପ୍ରଭା ରହଣା ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ସଞ୍ଜିବ ପାଢ଼ୀ ଶ୍ରେଷ୍ଠ ହାସ୍ୟ ଅଭିନେତା, ସାଇ ପ୍ରିୟାନ୍ସ ରଥ ଶ୍ରେଷ୍ଠ ଶିଶୁ କଳାକାର, ସମିର ସାହୁ ଶ୍ରେଷ୍ଠ ଖଳନାୟକ, ପୁରଥିନୁ ସରଗ ନାଟକ ଶ୍ରେଷ୍ଠ ପାଣ୍ଡୁଲିପି ଭାବେ ପୁରସ୍କୃତ ହୋଇଛି। ଏଥିସହ ଗିରିଜା ଶଙ୍କର ମିଶ୍ର ଶ୍ରେଷ୍ଠ ଗାୟକ, ସୁରେନ୍ଦ୍ର ପାଣିଗ୍ରାହୀ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜନ କମିଟି ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମ୍ମାନୀତ ଅତିଥି ଭାବେଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଯୁବ ଉଦୟନ ସମ୍ପାଦକ ଅଭିଷେକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଂଯୋଜକ ଜଗଦିଶ ମିଶ୍ର, ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟର ସରୋଜ କୁମାର ଦଳପତ, ସୁଶାନ୍ତ କୁମାର ପୁରୋହିତ, ସୀତାକାନ୍ତ ପାଣିଗ୍ରାହୀ, ସରୋଜ କୁମାର ସାହୁ, ଶୁଭେନ୍ଦୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଚାରକ ଭାବେ ଡ. ଶ୍ୟାମସୁନ୍ଦର ଧର, ପଦ୍ମଲୋଚନ ଦାଶ ଓ ନାଟ୍ୟଶ୍ରୀ ପୁଷ୍ପାଞ୍ଜଳି ବେହେରା ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ୧୯୯୭ ମସିହାରୁ ଦୀର୍ଘ ବର୍ଷ ଧରି ପ୍ରତିଯୋଗିତା ହୋଇଆସୁଛି।

## ୮୬ ମୁହାଁ ଟଙ୍କା



ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି ଭାରତୀୟ ଟଙ୍କା। ଆମେରିକୀୟ ଡଲାର ସବଳ ହେବାରେ ଲାଗିଥିବାବେଳେ ଭାରତୀୟ ବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫଆଇଆଇ) ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି। ଫଳରେ ଲଗାତର ଟଙ୍କା ନିମ୍ନଗାମୀ ହୋଇ ରେକର୍ଡ ଭାଙ୍ଗିଆସିଥିଲା। ଏହିକ୍ରମରେ ଡିସେମ୍ବର ୨୭ରେ ଟଙ୍କାର ସବୁଠୁ ନିକୃଷ୍ଟ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଆମେରିକୀୟ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୫୩ ପଇସା ଶସ୍ତା ହୋଇ ୮୫.୮୦ ଟଙ୍କା ରହିଥିଲା। ତେବେ କାରବାର ଶେଷରେ ୧ ଡଲାରର ମୂଲ୍ୟ ୮୫.୫୨ ଟଙ୍କାରେ ସ୍ଥିର ରହିଥିଲା। ଟଙ୍କାର ଏଭଳି ଅବମୂଲ୍ୟାୟନ ଭାରତୀୟ ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ ବୋଲି କୁହାଯାଉଛି।

## ୮୩,୦୦୦ ଛୁଇଁଲା ସୁନା



ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଦେଖିଲେ ପ୍ରତିଟି ଶୁଭକାର୍ଯ୍ୟରେ ଅତି କମ୍‌ରେ ସୁନା ଶୁଭ ବୋଲି ଧରାଯାଇଥାଏ। ବିଶେଷକରି ବିବାହ, ବ୍ରତ ଓ ସ୍ୱତନ୍ତ୍ର ପର୍ବପର୍ବାଣି ଆଦିରେ ସୁବର୍ଣ୍ଣ ଅଳଙ୍କାରର ଚାହିଦା ବଢୁଥିବାରୁ ଅନୁରୂପ ଭାବେ ଏହି ଧାତୁର ମୂଲ୍ୟ ମଧ୍ୟ ବୃଦ୍ଧି ଘଟିଛି। ୨୦୨୪ରେ ସୁନା ସର୍ବୋଚ୍ଚସ୍ତରରେ ପହଞ୍ଚିବା ସହିତ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ୍‌କୁ ୮୩,୦୦୦ ଟଙ୍କା ଛୁଇଁଥିଲା। ଏପରି କି ଜାନୁଆରୀରେ ସୁନା ୧୦ ଗ୍ରାମ୍ ପିଛା ୬୫,୦୦୦ ଥିଲାବେଳେ ଅକ୍ଟୋବରରେ ଏହାର ମୂଲ୍ୟ ଭୁବନେଶ୍ୱରରେ ୮୩,୦୦୦ ଟଙ୍କା ହୋଇଯାଇଥିଲା।



## ରେକର୍ଡସ୍ତରରେ ରୁପା ଦର

୨୦୨୪ ଜାନୁଆରୀରୁ ଡିସେମ୍ବର ଶେଷ ସପ୍ତାହ ମଧ୍ୟରେ ରୁପା କିଲୋଗ୍ରାମ ପ୍ରତି ୭୩,୦୦୦ ଟଙ୍କାରୁ ବଢ଼ି ୧,୧୩,୦୦୦ ଟଙ୍କା ପର୍ଯ୍ୟନ୍ତ ଯାଇଥିଲା ବେଳେ ଡିସେମ୍ବର ଶେଷସୁଦ୍ଧା ଏହାର ମୂଲ୍ୟ ଭୁବନେଶ୍ୱରରେ ୯୮,୦୦୦ ଟଙ୍କା ରହିଛି।

# ଟଙ୍କା ଦୁର୍ବଳ, ଦରବୃଦ୍ଧି ବୋଝ

ବିଦାୟୀ ବର୍ଷ ଅର୍ଥନୀତି ଓ ବ୍ୟବସାୟିକ ଜଗତ ପାଇଁ ଘଟଣାବହୁଳ ଥିଲା। ୫ ଟ୍ରିଲିୟନ ଡଲାର ସମ୍ବଳିତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ପାଲଟିବାକୁ ସ୍ୱପ୍ନ ଦେଖୁଥିବା ଭାରତ ୨୦୨୪ରେ ଅନେକ ବିତ୍ତୀୟ ଉତ୍ଥାନ ଓ ପତନର ସାକ୍ଷୀ ସାଜିଥିଲା। ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ବର୍ଷତମାମ ଲୋକଙ୍କୁ କଲବଲ କରିଥିଲା। ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବନିମ୍ନ ସ୍ତରକୁ ଖସିବା ଅର୍ଥନୀତିର ଅଙ୍କକୁ ଅନେକ ପରିମାଣରେ ବିଗାଡ଼ି ଦେଇଛି। ଶେୟାର ବଜାରରେ ନୈରାଶ୍ୟ ସତ୍ତ୍ୱେ ସେନ୍‌ସେକ୍ସ ସମେତ ଅନ୍ୟ ସୂଚକାଙ୍କଗୁଡ଼ିକ ଉପରମୁହାଁ ହେବା ଦେଶର ଆର୍ଥିକ ଅଗ୍ରଗତିକୁ ସୂଚାଇଛି। ଜିଏସ୍‌ଟି ଆକାର ବୃଦ୍ଧି ଆର୍ଥିକ ଜଗତ ପାଇଁ ନୂତନ ଆଶା ସଞ୍ଚାର କରିଥିଲା। ଓଡ଼ିଆ ପ୍ରଶାସନିକ ଅଧିକାରୀ ଶକ୍ତିକାନ୍ତ ଦାସ ଆର୍‌ବିଆଇ ଗଭର୍ନର ପଦବୀରୁ ବିଦାୟ ନେବା ପରେ ଅନ୍ୟ ଜଣେ ଆଇଏଏସ୍ ଅଫିସର ସଞ୍ଜୟ ମାଲହୋତ୍ରାଙ୍କୁ ଏହି ସର୍ବୋଚ୍ଚ ବ୍ୟାଙ୍କର ଶୀର୍ଷ ପଦବୀରେ ଅବସ୍ଥାପିତ କରାଯାଇଛି।



## ଶକ୍ତିକାନ୍ତଙ୍କ ସ୍ଥାନରେ ସଞ୍ଜୟ

ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ରେ ଗଭର୍ନର ରହିଆସିଥିବା ଓଡ଼ିଆ ପ୍ରଶାସନିକ ଅଧିକାରୀ ଶକ୍ତିକାନ୍ତ ଦାସ ୬ ବର୍ଷ ପରେ ଅବସର ନେଇଛନ୍ତି। କେନ୍ଦ୍ରରେ ରାଜସ୍ୱ ସଚିବ ଥିବା ୧୯୯୦ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଫିସର ସଞ୍ଜୟ ମାଲହୋତ୍ରାଙ୍କୁ ନୂତନ ଗଭର୍ନର ଭାବେ ନିଯୁକ୍ତି ମିଳିଛି।



## ମହଙ୍ଗା ମାଡ଼

ସେଞ୍ଚୁରୀ ମାରିଛି ଟମାଟୋ, ହାଫ୍ ସେଞ୍ଚୁରୀ ଉପରେ ପିଆଜ। କ୍ରିକେଟ ସ୍କୋରରେ ବ୍ୟାଟ୍ସମ୍ୟାନ୍‌ଙ୍କ ଉପରୋକ୍ତ ଦୁଇଟି ସଂଖ୍ୟା ଗୁରୁତ୍ୱ ରଖିଥାଏ। ହେଲେ ଲୋକଙ୍କ ରୋଷେଇ ଘରେ ଅତ୍ୟାବଶ୍ୟକ ଦ୍ରବ୍ୟ ପିଆଜ, ଆଳୁ ହେଉ ବା ସବୁ ତରକାରି ପାଇଁ ନିହାତି ଦରକାର ଟମାଟୋ ବର୍ଷତମାମ ଖବରରେ ରହି ଲୋକଙ୍କୁ ଦହଗଞ୍ଜ କରିଥିଲା। ଆଳୁର ଅଭାବ, ପଡ଼ୋଶୀ ପଶ୍ଚିମବଙ୍ଗ ସରକାରଙ୍କ କଟକଣା ଓ ଚାପରେ ଓଡ଼ିଶା ପେଷି ହୋଇଯାଇଛି। ତିରିଶ ଟଙ୍କାରେ ମିଳିପାରୁଥିବା ପିଆଜ ୬୦ରୁ ୭୦ଟଙ୍କା ପର୍ଯ୍ୟନ୍ତ ଚାଲିଯାଇଥିଲା। କେବଳ ସେତିକି ନୁହେଁ ପନିପରିବା, ତେଲ, ଡାଲି, ଚାଉଳ ଦର ବଢ଼ିଚାଲିଥିଲା। ଖାଦ୍ୟଶସ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାରେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରାଯାଇଥିବାରୁ ଲୋକଙ୍କ ସଞ୍ଚୟ ଘୋର ବାଧାପ୍ରାପ୍ତ ହୋଇଛି।

## ବିବାଦରେ ମାଧବୀ



ଆମେରିକୀୟ ହୁଇସିଲ୍ ବ୍ଲୋୟର୍ ନାଥନ୍ ଆଣ୍ଡରସନଙ୍କ ହିଣ୍ଡେନବର୍ଗ ରିସର୍ଚ୍ଚ ପକ୍ଷରୁ ପ୍ରଘଟ ରିପୋର୍ଟ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ଦୋହଲାଇଦେଇଥିବାବେଳେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ମୁଖ୍ୟ ମାଧବୀ ପୁରୀ ବୁଚ୍‌ଙ୍କୁ ମଧ୍ୟ ସନ୍ଦେହ ଓ ପ୍ରଶ୍ନର କାଠଗଡ଼ାକୁ ଟାଣିଆଣିଥିଲା। ମାଧବୀ ଓ ତାଙ୍କ ସ୍ୱାମୀ ଧବଳପୁରୀ ବୁଚ୍ ମରିସସ୍ ସମେତ ଅନେକ ଦେଶରେ ଶେଲ୍ କମ୍ପାନୀ ଖୋଲି ବିପୁଳ ଅର୍ଥ ଉପାର୍ଜନ କରିଥିବା ହିଣ୍ଡେନବର୍ଗ ରିପୋର୍ଟରେ ପ୍ରଘଟ ହୋଇଥିଲା। ମାଧବୀ ପୂର୍ବରୁ ସେବି ସଦସ୍ୟା ଥାଇ ଦରିଆପାରି ନକଲି କମ୍ପାନୀ ଜରିଆରେ ଏଭଳି ଅର୍ଥ ଉପାର୍ଜନ କରିବା,ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ଦର୍ଶାଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାର ତଦନ୍ତ ଦାବି କରିଥିଲେ। ଅନ୍ୟପକ୍ଷେ ମାଧବୀ କୌଣସି ବିଦେଶୀ କମ୍ପାନିରେ ତାଙ୍କର ସମ୍ପୃକ୍ତି ନ ଥିବା କହି ଅଭିଯୋଗକୁ ଖଣ୍ଡନ କରିଥିଲେ।

## ଅକଳ୍ପନୀୟ ସମ୍ପତ୍ତିର ଅଧିକାରୀ ମସ୍କ

ଟେସ୍‌ଲା ଓ ସ୍ପେସ୍‌ଏକ୍ସର ସିଇଓ ତଥା 'ଏକ୍ସ'ର ମାଲିକ ଏଲନ ମସ୍କଙ୍କ ନେଟ୍ ସମ୍ପତ୍ତିର ମୂଲ୍ୟ ୫ ଶହ ବିଲିୟନ ଡଲାରରେ ପହଞ୍ଚିବା ତାଙ୍କୁ ବିଶ୍ୱରେ ଅକଳ୍ପନୀୟ ସମ୍ପତ୍ତିର ଅଧିକାରୀ କରାଇଦେଇଛି। ବିଶ୍ୱର ପ୍ରଥମ ବ୍ୟକ୍ତି ଭାବେ ସେ ଏଭଳି ସଫଳତା ହାସଲ କରିଛନ୍ତି। ଏହାଦ୍ୱାରା ମସ୍କ ଇଲେକ୍ଟ୍ରିକ୍ ଭେହିକିଲ୍(ଇଭି) ମହାକାଶ ଅନ୍ୱେଷଣ, କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଏବଂ ସୋସିଆଲ୍ ମିଡିଆ ପ୍ରତିଟି କ୍ଷେତ୍ରରେ ତାଙ୍କର ପ୍ରଭାବ ବାଣିଜ୍ୟିକ ଜଗତରେ ତାଙ୍କୁ ବିଶ୍ୱବିଦିତ କରାଇପାରିଛି। ସୂଚନା ଦିଆଯାଇପାରେ ପୂର୍ବରୁ ମସ୍କ ୪୦୦ ବିଲିୟନ୍ ଡଲାର ସମ୍ପତ୍ତିର ଅଧିକାରୀ ହୋଇପାରିଥିଲେ। ପାକିସ୍ତାନ, ନ୍ୟୁଜିଲାଣ୍ଡ, କୁଏଟ୍ ସମେତ ୧୪୦ଟି ଦେଶର ନେଟ୍‌ୱର୍ଥ ଠାରୁ ସେତେବେଳେ ମସ୍କଙ୍କ ସମ୍ପତ୍ତି ପରିମାଣ ଅଧିକ ରହିଥିଲା। ଡୋନାଲ୍ଡ ଟ୍ରମ୍ପ ଆମେରିକାର ନୂଆ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ନୂଆବର୍ଷରେ ମସ୍କଙ୍କ ସମ୍ପତ୍ତି ଆହୁରି ବହୁଗୁଣିତ ହୋଇପାରେ ବୋଲି ଏବେଠୁ ଆକଳନ କରାଗଲାଣି।






## ଆଖି ବୁଜିଲା 'କୁ'

ଭାରତୀୟ ସାମାଜିକ ଗଣମାଧ୍ୟମ ବଜାରରେ ଏକ୍ସର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭାହୋଇଥିବା ଅପ୍ରମେୟ ରାଧାକ୍ରିଷ୍ଣନଙ୍କ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ 'କୁ' ବିଦାୟୀ ବର୍ଷ ଜୁଲାଇରେ ଆଖି ବୁଜିଦେଇଥିଲା। ପୂର୍ବରୁ ଟୁଇଟର୍ ନାମରେ ପରିଚିତ ଏକ୍ସ ସହ ଭାରତ ସରକାରଙ୍କ ମତଭେଦ ବଢ଼ିବା ପରେ ଅନେକ କେନ୍ଦ୍ରୀୟ ନେତା ଏହି ପ୍ଲାଟଫର୍ମ ଛାଡ଼ି 'କୁ' ପ୍ରତି ଆକର୍ଷିତ ହୋଇଥିଲେ। ତେବେ ସହଯୋଗୀ କମ୍ପାନୀଗୁଡ଼ିକ ପକ୍ଷରୁ ଅନୁରୂପ ଆର୍ଥିକ ସହାୟତା ମିଳିବା ବନ୍ଦ ହୋଇଯିବା ପରେ ଅପ୍ରମେୟ ଏହାକୁ ବନ୍ଦ କରିବାକୁ ବାଧ ହୋଇଥିଲେ।

## ଲକ୍ଷେ ଡଲାର ଟପିଲା ବିଟକଏନ୍

ଗତ କିଛି ଦିନର ନୀରବତା ପରେ ବଜାରରେ ବିଟକଏନର ଚର୍ଚ୍ଚା ଆରମ୍ଭ ହୋଇଛି। ବିଶେଷକରି ଆମେରିକା ରାଷ୍ଟ୍ରପତି ନିର୍ବାଚନ ପରଠାରୁ ବିଟ୍‌କଏନକୁ ନେଇ ଆଲୋଚନା ଜୋର ଧରିଛି। ନିକଟରେ ବିଟ୍‌କଏନର ମୂଲ୍ୟ ୧,୦୦,୦୦୦ ଡଲାରରୁ ଅଧିକ ହୋଇଯାଇଥିଲା। ଦୀର୍ଘ ୯ ବର୍ଷ ତଳେ ଏହାର ମୂଲ୍ୟ ୪୫,୦୦୦ ଡଲାର ଥିଲାବେଳେ ବର୍ତ୍ତମାନ ଏହା ୯୮,୦୦୦ ଡଲାରରେ କାରବାର ହେଉଛି।




## ଶେୟାର ବଜାର ନିବେଶକ ନିରାଶ

ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଠାରୁ ଅଧିକ ଚର୍ଚ୍ଚାର ପରିସର ମଧ୍ୟରେ ଘରୋଇ ଶେୟାର ବଜାରର କାରବାର ରହିଥିଲାବେଳେ ଏହାର ନିବେଶକମାନେ ଅନେକ ଲକ୍ଷ ଟଙ୍କାର ନିବେଶ ହରାଇ ବର୍ଷ ଶେଷ କରିବାକୁ ଯାଉଛନ୍ତି। ଏପରିକି ୨୦୨୪ ଡିସେମ୍ବର ତୃତୀୟ ସପ୍ତାହରେ ନିବେଶକ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଥିଲାବେଳେ ପୁଞ୍ଜି ବଜାରର ନିବେଶ ୪୪୦ ଲକ୍ଷ କୋଟିରେ ପହଞ୍ଚିଛି। ୨୦୨୪ ଜାନୁଆରୀରୁ ଡିସେମ୍ବର ଶେଷ ସପ୍ତାହ ମଧ୍ୟରେ ଉଭୟ ସେନସେକ୍ସ ଓ ନିଫ୍ଟିର କାରବାର ସର୍ବାଧିକ ଓ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଚଳିତ ବର୍ଷ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାରରେ ମଧ୍ୟ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ବିଏସ୍‌ଇ ସେନ୍‌ସେକ୍ସ ୨୦୨୪ରେ ସର୍ବାଧିକ ୮୬,୦୦୦ ଅଙ୍କ ଛୁଇଁଥିଲାବେଳେ ନିଫ୍ଟି ୨୫,୦୦୦ ଅଙ୍କର ନିକଟବର୍ତ୍ତୀ ହୋଇଛି।




## ୧୨ମାସରେ ୨୦ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

ସାମଗ୍ରୀ ଓ ସେବା ଟିକସ (ଜିଏସଟି) ଆରମ୍ଭ ପରଠାରୁ ଦେଶର ରାଜସ୍ୱ ସଂଗ୍ରହରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ପ୍ରତି ମାସରେ ଜିଏସ୍‌ଟି ଆକାରରେ ସରକାର ୧.୫ ଲକ୍ଷ କୋଟିରୁ ଅଧିକ ପରିମାଣରର ଟିକସ ଆଦାୟ କରୁଛନ୍ତି। ୨୦୨୪ ଜାନୁଆରୀରୁ ନଭେମ୍ବର (ଡିସେମ୍ବର ସୁଦ୍ଧା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ) ମଧ୍ୟରେ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରାଯାଇଛି। ଏପରିକି ୨୦୨୪ ଏପ୍ରିଲରେ ସର୍ବାଧିକ ୨.୧୦ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ କରାଯାଇଥିଲାବେଳେ ଅନ୍ୟାନ୍ୟ ମାସ (ଜାନୁଆରୀରୁ ଡିସେମ୍ବର)ରେ ହରାହାରି ୧.୬୫ ଲକ୍ଷ କୋଟି ଟଙ୍କାର ଟିକସ ସଂଗ୍ରହ ହୋଇଛି।



# ସୂଚନା ଅଧିକାର ଆଇନ ଓ ସମବାୟ ସଂସ୍ଥା

ରାଜ୍ୟରେ ଥିବା ସମବାୟ ସମିତିଗୁଡ଼ିକ ସୂଚନା ଅଧିକାର ଆଇନର ପରିସରଭୁକ୍ତ ନୁହନ୍ତି ଏବଂ ସେମାନେ ନାଗରିକମାନଙ୍କୁ କୌଣସି ସୂଚନା ପ୍ରଦାନ କରିବାକୁ ବାଧ୍ୟ ନୁହନ୍ତି, ଏପରି ଏକ ବଦ୍ଧମୂଳ ଧାରଣା ସର୍ବସାଧାରଣରେ ସୃଷ୍ଟି ହୋଇଛି। ଥାଲାପାଲାମ ସେବା ସମବାୟ ବ୍ୟାଙ୍କ ବନାମ କେରଳ ସରକାରଙ୍କ ଏକ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟକୁ ଉଦ୍ଧାର କରି ଓଡ଼ିଶାର ସମବାୟ ସଂସ୍ଥାମାନେ ସୂଚନା ଆଇନ ଅନୁଯାୟୀ କୌଣସି ତଥ୍ୟ ପ୍ରଦାନ କରୁନାହାନ୍ତି ଏବଂ କୋପରେଟିଭ ରେଜିଷ୍ଟ୍ରାର, ସହାୟକ ରେଜିଷ୍ଟ୍ରାର ଓ ସୂଚନା କମିଶନ ମଧ୍ୟ କୋର୍ଟଙ୍କ ରାୟକୁ ଠିକ୍ ଭାବେ ତର୍ଜମା ନ କରି ସୋସାଇଟିମାନଙ୍କ ନିଷ୍ପତ୍ତିକୁ ଗ୍ରହଣ କରି ନେଉଛନ୍ତି। ବାସ୍ତବରେ ସୁପ୍ରିମକୋର୍ଟ ସିଭିଲ ଅପିଲ ସଂଖ୍ୟା ନଂ. ୯୦୧୭/୨୦୧୩ର ଶୁଣାଣି କରି ୭ ଅକ୍ଟୋବର ୨୦୧୩ରେ ସମବାୟ ସଂସ୍ଥାଗୁଡ଼ିକ ସୂଚନା ଆଇନ ଅଧୀନରେ ଜନ କର୍ତ୍ତୃପକ୍ଷ ନୁହନ୍ତି ବୋଲି ଦର୍ଶାଇଛନ୍ତି। କିନ୍ତୁ ସୋସାଇଟି ସମ୍ପର୍କିତ କୌଣସି ତଥ୍ୟ ନାଗରିକମାନଙ୍କୁ କେବେ ବି ଦିଆଯାଇ ପାରିବନାହିଁ, ସୁପ୍ରିମକୋର୍ଟ ଏପରି କୌଣସି ରାୟ ପ୍ରଦାନ କରିନାହାନ୍ତି।

**ସୁପ୍ରିମକୋର୍ଟଙ୍କ ରାୟ କାହିଁକି–**

୮।୫।୨୦୦୭ରେ ଆବେଦନକାରୀ ସୁନୀଲ କୁମାର କେରଳର ମୁଲୁର ଗ୍ରାମାଞ୍ଚଳ ସମବାୟ ସଂସ୍ଥାର ସଦସ୍ୟମାନଙ୍କର ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ମାଗିଥିଲେ। ଉକ୍ତ ତଥ୍ୟ ବାଣିଜ୍ୟିକ ଗୋପନୀୟତା, ବ୍ୟବସାୟିକ ଗୁପ୍ତ ତଥ୍ୟ ଦର୍ଶାଇ ସୋସାଇଟି ଦରଖାସ୍ତକୁ ଖାରଜ କରିଦେଲେ। ଏହା ପରେ ଆବେଦନକାରୀ କେରଳ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନ ଅଭିଯୋଗର ଶୁଣାଣି କରି ମୁଲୁର ସୋସାଇଟିକୁ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କମିଶନଙ୍କ ଏହି ନିଷ୍ପତ୍ତିକୁ ମୁଲୁର ସୋସାଇଟି କେରଳ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟଙ୍କ ଡିଭିଜନ ବେଞ୍ଚ ସୂଚନା କମିଶନଙ୍କ ନିର୍ଦ୍ଦେଶକୁ କାଏମ ରଖିଥିଲେ। ଏହା ପରେ ମୁଲୁର ସୋସାଇଟି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ଉକ୍ତ କେସ୍‌ର ଶୁଣାଣି କରି ୭ ଅକ୍ଟୋବର ୨୦୧୩ରେ ଚୂଡ଼ାନ୍ତ ରାୟ ଶୁଣାଇଥିଲେ। ସୁପ୍ରିମକୋର୍ଟ ସୂଚନା ଅଧିକାର ଆଇନର ଧାରା ୨(ଏଫ୍) ସୂଚନାର ସଂଜ୍ଞା, ଧାରା ୨(ଏଚ୍) ଜନ କର୍ତ୍ତୃପକ୍ଷର ସଂଜ୍ଞା ବ୍ୟାଖ୍ୟା କରିବା ସହ ବିଭିନ୍ନ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟ, ସମବାୟ ସଂସ୍ଥାଗୁଡ଼ିକ ପ୍ରତି ଥିବା ସାମ୍ବିଧାନିକ ବ୍ୟବସ୍ଥା ଇତ୍ୟାଦିର ତର୍ଜମା କରିଥିଲେ। ସୁପ୍ରିମକୋର୍ଟ ଦର୍ଶାଇଥିଲେ ଯେ, ସମ୍ବିଧାନର ଧାରା ୧୯(୧) (ସି) ଅନୁଯାୟୀ, ନାଗରିକମାନଙ୍କର ବିଭିନ୍ନ ସଂସ୍ଥା ବା ୟୁନିୟନ ବା ସମବାୟ ସଂସ୍ଥା ଗଠନ କରିବାର ଅଧିକାର ରହିଛି। ଅର୍ଥାତ୍ ସମବାୟ ସଂସ୍ଥା ଗଢ଼ିବା ନାଗରିକମାନଙ୍କ ସାମ୍ବିଧାନିକ ଅଧିକାର। ସେଥିପାଇଁ ସମ୍ବିଧାନର ୯୭ତମ ସଂଶୋଧନ ଆଇନରେ ବ୍ୟବସ୍ଥା କରାଗଲା

## ନୀତି

ଯେ, ସମବାୟ ସଂସ୍ଥାଗୁଡ଼ିକ କିପରି ସ୍ୱୟଂଚାଳିତ ଭାବେ, ନିଜସ୍ୱ ଢଙ୍ଗରେ ପରିଚାଳିତ ହୋଇପାରିବେ, ସେ ଦିଗରେ ରାଷ୍ଟ୍ର ସମସ୍ତ ବ୍ୟବସ୍ଥା କରିବ।

ସୁପ୍ରିମକୋର୍ଟ ସୂଚନା ଆଇନ ଧାରା ୨(ଏଚ୍) ଜନ କର୍ତ୍ତୃପକ୍ଷ ସଂଜ୍ଞାର ତର୍ଜମା କରି ଦର୍ଶାଇଥିଲେ ଯେ, ସମବାୟ ସଂସ୍ଥାଗୁଡ଼ିକ ସଂସଦ ବା ରାଜ୍ୟ ବିଧାନସଭା ଦ୍ୱାରା ପ୍ରଣୀତ ଆଇନ ବା ସମ୍ବିଧାନ ଦ୍ୱାରା ବା ସମ୍ବିଧାନ ଅଧୀନରେ ଗଠିତ ହୋଇନାହାନ୍ତି ବା ସଂପୃକ୍ତ ସରକାରଙ୍କ ବିଜ୍ଞପ୍ତି ବା ଆଦେଶ ବଳରେ ଗଠିତ ହୋଇନାହାନ୍ତି। ଏହି ସଂସ୍ଥାଗୁଡ଼ିକ ନିଜସ୍ୱ ଢଙ୍ଗରେ ଗଠିତ ହୋଇଛି ଏବଂ ସେମାନଙ୍କର ଉପଯୁକ୍ତ ପରିଚାଳନା ପାଇଁ ବା ନିୟନ୍ତ୍ରଣ ଲାଗି ସରକାର ଆଇନ ପ୍ରଣୟନ କରିଛନ୍ତି। ଉକ୍ତ ମୁଲୁର ସମବାୟ ସଂସ୍ଥା ଏକ ବେସରକାରୀ ସଂସ୍ଥା ଏବଂ ସରକାରୀ ଅର୍ଥରେ ଅର୍ଥପୁଷ୍ଟ (Substantially financed) ନୁହନ୍ତି। ଯଦି କୌଣସି ବେସରକାରୀ ଅନୁଷ୍ଠାନ ସରକାରୀ ଅନୁଦାନରେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଅର୍ଥପୁଷ୍ଟ ହୋଇଥିବ ଏବଂ ସରକାରୀ ସହାୟତା ଉପରେ ଏହା ସଂପୂର୍ଣ୍ଣ ନିର୍ଭରଶୀଳ ହୋଇଥିବ, ତେବେ ଏହି ଅନୁଷ୍ଠାନକୁ ଜନ କର୍ତ୍ତୃପକ୍ଷ ଭାବେ ଧରାଯିବ ଏବଂ ଏହି ସଂସ୍ଥା ସୂଚନା ଆଇନ ଅନୁଯାୟୀ ତଥ୍ୟ ପ୍ରଦାନ କରିବ। କିନ୍ତୁ ମୁରୁଲ ସମବାୟ ସଂସ୍ଥା ଏପରି ଅନୁଦାନ ସରକାରଙ୍କ ଠାରୁ ନେଇନାହିଁ ବା ଏହାର ପରିଚାଳନା ପାଇଁ ସେମାନେ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ନୁହନ୍ତି ବୋଲି ସୁପ୍ରିମକୋର୍ଟ ତର୍ଜମା କରିଥିଲେ। ଏହାପରେ ସୁପ୍ରିମକୋର୍ଟ ସୂଚନା ଆଇନ ଧାରା ୨(ଏଫ୍) ସୂଚନା ସଂଜ୍ଞାର ସମୀକ୍ଷା କରିଥିଲେ। ସୂଚନା ବୋଇଲେ ଯେକୌଣସି ପ୍ରକାରର ସାମଗ୍ରୀ ଯଥା ରେକର୍ଡ, ଡକ୍ୟୁମେଣ୍ଟ, ଇମେଲ, ମତାମତ, ପରାମର୍ଶ, ସର୍କୁଲାର, ଅର୍ଡର, ସାମ୍ପୁଲ, ମଡେଲ, ଇଲେକ୍ଟ୍ରୋନିକ ମାଧ୍ୟମରେ ଉପଲବ୍ଧ ତଥ୍ୟାବଳୀ ଏବଂ କୌଣସି ଘରୋଇ ସଂସ୍ଥା ସମ୍ବନ୍ଧୀୟ ସୂଚନା, ଯାହାକୁ ସଂପ୍ରତି ବଳବତ୍ତରଥିବା କୌଣସି ଆଇନ ବଳରେ ଜନ କର୍ତ୍ତୃପକ୍ଷଙ୍କ ଦ୍ୱାରା ହାସଲ କରାଯାଇପାରିବ। ଅର୍ଥାତ୍ ଯଦି କୌଣସି ବେସରକାରୀ ସଂସ୍ଥା ସମ୍ପର୍କିତ ସୂଚନା ମଗାଯାଇଥାଏ, ତେବେ ସଂପୃକ୍ତ ଜନ କର୍ତ୍ତୃପକ୍ଷ ପ୍ରଚଳିତ ଥିବା ଆଇନ ଆଧାରରେ ଉକ୍ତ ସଂସ୍ଥାଠାରୁ ତାହା ହାସଲ କରି ସୂଚନା ପ୍ରଦାନ କରିପାରିବେ। ସୁପ୍ରିମକୋର୍ଟ ଦର୍ଶାଇଛନ୍ତି ଯେ, ଯେହେତୁ କୋପରେଟିଭ ରେଜିଷ୍ଟ୍ରାର କେରଳ ସମବାୟ ସଂସ୍ଥା ଗୁଡ଼ିକର ନିୟନ୍ତ୍ରଣ କର୍ତ୍ତୃପକ୍ଷ (Controlling Authority), ତେଣୁ ସେ ତାଙ୍କ ପ୍ରଶାସନିକ କ୍ଷମତା ଅଧୀନରେ ସମବାୟ ସଂସ୍ଥାଗୁଡ଼ିକଠାରୁ ସୂଚନା ହାସଲ କରି ନାଗରିକମାନଙ୍କୁ ଦେଇପାରିବେ। ୨୦୨୪ରେ ମଧ୍ୟ କେରଳ ହାଇକୋର୍ଟ ଏହିପରି ଏକ ମାମଲାର ଶୁଣାଣି କରି କୋପରେଟିଭ ରେଜିଷ୍ଟ୍ରାରଙ୍କୁ ତାଙ୍କ ପ୍ରଶାସନିକ କ୍ଷମତା ଉପଯୋଗ କରି ସମବାୟ ସଂସ୍ଥାଗୁଡ଼ିକଠାରୁ ତଥ୍ୟ ହାସଲ କରିପାରିବେ ବୋଲି ରାୟ ଦେଇଛନ୍ତି।

ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ଓଡ଼ିଶାର ସମବାୟ ସଂସ୍ଥାମାନେ ସୂଚନା ଆଇନ ଅନୁଯାୟୀ ସିଧାସଳଖ ତଥ୍ୟ ଦେବାକୁ ମନାକରିବା ଯୁକ୍ତିଯୁକ୍ତ ନୁହେଁ। ତେଣୁ କୋପରେଟିଭ ରେଜିଷ୍ଟ୍ରାର, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଓ ଡେପୁଟି ରେଜିଷ୍ଟ୍ରାରମାନେ ତାଙ୍କ ପ୍ରଶାସନିକ କ୍ଷମତା ବଳରେ ସୋସାଇଟିମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ଆବେଦନକାରୀ–ନାଗରିକମାନଙ୍କୁ ସୂଚନା ଆଇନ ଅନୁଯାୟୀ ତଥ୍ୟ ପ୍ରଦାନ କରିପାରିବେ। ସୂଚନା କମିଶନରମାନେ ସୁପ୍ରିମକୋର୍ଟଙ୍କ ରାୟକୁ ଉପଯୁକ୍ତ ତର୍ଜମା କରି ଆବେଦନକାରୀମାନଙ୍କୁ ତଥ୍ୟ ଦେବା ପାଇଁ ରେଜିଷ୍ଟ୍ରାର, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ମାନଙ୍କୁ ନିର୍ଦ୍ଦେଶ ଦେଇପାରିବେ; ଯାହାଦ୍ୱାରା ନାଗରିକମାନେ ସମବାୟ ସଂସ୍ଥାଗୁଡ଼ିକ ସମ୍ପର୍କିତ ତଥ୍ୟ ହାସଲ କରିପାରିବେ ଏବଂ ସମବାୟ ସଂସ୍ଥାଗୁଡ଼ିକରେ ଚାଲିଥିବା ଯାବତୀୟ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ।

–ପ୍ରଦୀପ ପ୍ରଧାନ
ରାଜ୍ୟ ଆବାହକ
ଓଡ଼ିଶା ସୂଚନା ଅଧିକାର ଅଭିଯାନ
ମୋ– ୯୯୩୭୮୪୩୪୮୨

# କଳିଙ୍ଗ ଷ୍ଟାଡିୟମ ଟ୍ରାକ୍‌ରେ ଗାଡ଼ି ବୁଲିବାକୁ ନେଇ ରାଜନୀତି

- ଆଗରୁ ଆଥ୍‌ଲେଟଙ୍କ ଟ୍ରାକ୍ ଥିଲା, ଏବେ ଶାସକ ଦଳ ନେତାଙ୍କ ଗାଡ଼ି ବୁଲାଇବା ଟ୍ରାକ୍: ତୁଷାରକାନ୍ତି
- କ୍ରୀଡ଼ାମନ୍ତ୍ରୀ କହିଲେ ଜରୁରୀ ପରିସ୍ଥିତି ଲାଗି ଏହା ଘଟିଛି



ଭୁବନେଶ୍ୱର, ୨୯।୧୨ (ସୁନିତ୍ ମିଶ୍ର)

କଳିଙ୍ଗ ଷ୍ଟାଡିୟମର ରନିଂ ଟ୍ରାକ୍‌ରେ ସରକାରୀ ଗାଡ଼ି ବୁଲିବା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଏ ସମ୍ପର୍କରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ନିଜ 'ଏକ୍ସ' ହ୍ୟାଣ୍ଡେଲରେ ଉଦ୍‌ବେଗ ପ୍ରକାଶ କରିବା ପରେ ଏହାକୁ ନେଇ ବର୍ତ୍ତମାନର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରତିକ୍ରିୟା ରଖିଛନ୍ତି। କିଛି ଜରୁରୀ ପରିସ୍ଥିତି ପାଇଁ ଏଭଳି ଘଟିଥିବା ମନ୍ତ୍ରୀ କହିଛନ୍ତି।

କଳିଙ୍ଗ ଷ୍ଟାଡିୟମର ରନିଂ ଟ୍ରାକ୍‌ରେ ସରକାରୀ ଗାଡ଼ି ବୁଲେଇବାର ଭିଡିଓ ସାମ୍ନାକୁ ଆସିବା ପରେ ଏନେଇ ଭାଜପା ସରକାରଙ୍କୁ ବିରୋଧୀଙ୍କ ପକ୍ଷରୁ ଟାର୍ଗେଟ କରାଯାଇଛି। ପୂର୍ବତନ କ୍ରୀଡ଼ାମନ୍ତ୍ରୀ ବେହେରା ଏ ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରି ଶନିବାର ନିଜ ଏକ୍ସ ହ୍ୟାଣ୍ଡେଲରେ ଲେଖିଥିଲେ, ନବୀନଙ୍କ ଶାସନକାଳରେ ଏହା ଅନ୍ତର୍ଜାତୀୟ ଆଥ୍‌ଲେଟଙ୍କ ଦୌଡ଼ିବା ଟ୍ରାକ୍ ଥିଲା। ହେଲେ ଏବେ ଏହା ଶାସକ ଦଳ ନେତାଙ୍କ ଗାଡ଼ି ବୁଲିବା ଟ୍ରାକ୍‌ରେ ପରିଣତ ହୋଇଛି। ଏହା ସମସ୍ତ କ୍ରୀଡ଼ାବିତ୍‌ଙ୍କ ପାଇଁ ଅତ୍ୟନ୍ତ ନିରାଶାଜନକ ଏବଂ ଓଡ଼ିଶା ଲାଗି ନିନ୍ଦନୀୟ କଥା ବୋଲି ବେହେରା କହିଛନ୍ତି।

ପୂର୍ବତନ କ୍ରୀଡ଼ାମନ୍ତ୍ରୀଙ୍କ ସମାଲୋଚନା ପରେ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି, ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତାଙ୍କର ଦାୟିତ୍ୱ ଅପସାରଣ ପରେ ଟିକେ ଅଧିକ ସକ୍ରିୟ ହୋଇଥିବା ଭଳି ଲାଗୁଛନ୍ତି। ସେଥିପାଇଁ ତାଙ୍କୁ ଧନ୍ୟବାଦ। କିଛି ଜରୁରୀ ଓ ଅସ୍ୱାଭାବିକ ସ୍ଥିତି ଥିଲା, ସେଥିପାଇଁ ଟ୍ରାକ୍‌ରେ ଗାଡ଼ି ଛିଡ଼ା ହୋଇଥିଲା। ଖେଳାଳି ଓ କର୍ମଚାରୀଙ୍କ ଗୋପନୀୟତା ଦୃଷ୍ଟିରୁ ଏହା କୁହାଯିବ ନାହିଁ। ପୂର୍ବରୁ ଅନେକ ଶୀର୍ଷନେତୃତ୍ୱ କଳିଙ୍ଗ ଷ୍ଟାଡିୟମ୍ ଆସିଛନ୍ତି, ଗାଡ଼ି ବାହାରେ ରଖି ଭିତରକୁ ଆସନ୍ତି। ତେଣୁ କିଛି ଜରୁରୀ ପରିସ୍ଥିତି ନିମନ୍ତେ ଏପରି ଘଟିଛି ବୋଲି ମନ୍ତ୍ରୀ କହିଛନ୍ତି।

# ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ଆବେଦନ ସମୟ ୩ ଦିନ ବଢ଼ାଯାଉ: କଂଗ୍ରେସ

ଭୁବନେଶ୍ୱର, ୨୯।୧୨ (ସୁନିତ୍ ମିଶ୍ର)

ଲଘୁଚାପଜନିତ ଅଦିନିଆ ବର୍ଷାରେ ରାଜ୍ୟର ୨୧ ଜିଲାରେ ଧାନ ଓ ଅଣଧାନ ଫସଲ ଆଦି ବ୍ୟାପକ ଭାବେ ନଷ୍ଟ ହୋଇଛି। ଫସଲହାନି ଓ ଋଣଭାରରେ ଇତିମଧ୍ୟରେ ୬ ଜଣ ଚାଷୀ ଆତ୍ମହତ୍ୟା କଲେଣି। ସରକାର ସମ୍ବେଦନଶୀଳ ହେବା ପରିବର୍ତ୍ତେ କ୍ଷେତ୍ରସ୍ତରରେ ଦୁଃସ୍ଥିତି ଅଦ୍ୟାବଧି ସମାଧାନ କରିବାର ଠିକଣା ବାଟ ବାହାର କଲେନାହିଁ। କ୍ଷତିଗ୍ରସ୍ତ ଚାଷୀଙ୍କ ହିତ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ପାଇବା ନିମନ୍ତେ ଆବେଦନ ସମୟକୁ ଆଉ ୩ ଦିନ ବୃଦ୍ଧି କରିବା ସଙ୍ଗେସଙ୍ଗେ କ୍ଷେତ୍ରସ୍ତରରେ ଅଧିକାରୀମାନେ କ୍ଷୟକ୍ଷତିର ପୁନଃ ଠିକ୍ ଆକଳନ କରିବାକୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି।

କଂଗ୍ରେସ ଭବନଠାରେ ରବିବାର ଖବରଦାତା ସମ୍ମିଳନୀରେ କାଡାମ କହିଛନ୍ତି କୃଷି, ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ରାଜସ୍ୱ ମନ୍ତ୍ରୀ ଚାଷୀଙ୍କୁ ଦେଉଥିବା ପ୍ରତିଶ୍ରୁତିରେ କୌଣସି ସତ୍ୟତା ଓ ତାଳମେଳ ରହୁନାହିଁ। ମୁଖ୍ୟମନ୍ତ୍ରୀ ୩୦ ତାରିଖ ସୁଦ୍ଧା ଫସଲ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ସ୍ଥଳେ କ୍ଷେତ୍ରସ୍ତରର ବିଭାଗୀୟ ଅଧିକାରୀଙ୍କ ଦେଖାନାହିଁ। ରାଜ୍ୟର ସମସ୍ତ ଫସଲ କ୍ଷତିଗ୍ରସ୍ତ ଚାଷୀ ବିଶେଷକରି ବୀମା କରିଥିବା ଏବଂ କରି ନ ଥିବା ଚାଷୀଙ୍କୁ ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀ ସହାୟତା ପାଇବା ପାଇଁ କୃଷି ରକ୍ଷକ ଆପ୍ କିମ୍ବା ହେଲ୍ପଲାଇନ୍ ୧୪୪୪୭ରେ ଆବେଦନ କରିବା ପାଇଁ ୭୨ ଘଣ୍ଟା ମହଲତ ଦେଇଛନ୍ତି। ଇତିମଧ୍ୟରେ ଡିସେମ୍ବର ୨୯ ସୁଦ୍ଧା ସୂଚନା ଦେବାର ୭୨ ଘଣ୍ଟା ପୂରିଯାଉଛି। ଖରିଫ୍‌ରେ ରାଜ୍ୟର ୨୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଫସଲବୀମା ପାଇଁ ପଞ୍ଜୀକୃତ କରିଥିଲେ। କିନ୍ତୁ ଶନିବାର ସନ୍ଧ୍ୟା ସୁଦ୍ଧା ଆପ୍‌ରେ ୧ ଲକ୍ଷ ୨୬ ହଜାର ଚାଷୀ ଆବେଦନ କରିଛନ୍ତି। ଯେଉଁମାନେ ଆବେଦନରୁ ବଞ୍ଚିତ ହେବେ ସେହି ଚାଷୀ କିପରି ସହାୟତା ପାଇବେ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

# ଦିଲ୍ଲୀ ଭୋଟର ତାଲିକାରୁ ନାଁ କାଟିବାକୁ ଭାଜପାର ଅଭିଯାନ

ନୂଆଦିଲ୍ଲୀ, ୨୯।୧୨

**ଅଭିଯୋଗ ଆଣିଲା ଆପ୍**

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରୁ ଲୋକଙ୍କ ନାମ ହଟାଇବା ସହ ଅନ୍ୟମାନଙ୍କ ନାଁ ଯୋଡ଼ିବା ପାଇଁ ଭାଜପା 'ଅପରେଶନ ଲୋଟସ୍' ଚଳାଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଅଭିଯୋଗ କରିଛି। ମୁଖ୍ୟମନ୍ତ୍ରୀ ଆତିଶୀ ଏବଂ ଆପ୍ ଏମ୍‌ପି ରାଘବ ଚଡ଼ାଙ୍କ ସହ ଖବରଦାତା ସମ୍ମିଳନୀରେ ଦଳର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଏହି ଅଭିଯୋଗ ଆଣିଛନ୍ତି। ନିର୍ବାଚନ ପୂର୍ବରୁ ଶାସକ ଦଳ ଆପ୍ ଏବଂ ବିରୋଧୀ ଭାଜପା ମଧ୍ୟରେ ରାଜନୈତିକ କାଦୁଅଫିଙ୍ଗା ଜୋର୍‌ଦାର ହୋଇଛି। ଅସାଧୁ ଉପାୟରେ ଯେନତେନ ପ୍ରକାରେ ଦିଲ୍ଲୀ ନିର୍ବାଚନ ଜିତିବା ପାଇଁ ଭାଜପା ହତାଶାପୂର୍ଣ୍ଣ ଉଦ୍ୟମ କରୁଛି। ଦିଲ୍ଲୀ ଭୋଟର ଏହା ହେବାକୁ ଦେବେନାହିଁ ବୋଲି କେଜ୍‌ରିୱାଲ କହିଛନ୍ତି। ଅନ୍ୟପକ୍ଷରେ ଏଭଳି ଅଭିଯୋଗକୁ ଭାଜପା ଖଣ୍ଡନ କରିଛି। ସମର୍ଥନ ବଢ଼ାଇବା ପାଇଁ ଶାସକ ଦଳ ନକଲି ଭୋଟରମାନଙ୍କୁ ତାଲିକାରେ ସାମିଲ କରିଥିବା ଭାଜପା କହିଛି।

କେଜ୍‌ରିୱାଲଙ୍କ ଅଭିଯୋଗ ଅନୁଯାୟୀ, ଭାଜପା ଶହଦରା ବିଧାନସଭା କ୍ଷେତ୍ରରୁ ୧୧ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାଁ ହଟାଇବା ପାଇଁ ଆନୁଷ୍ଠାନିକ ଭାବେ ଆବେଦନ କରିଥିଲା। ସେହି ଆସନରୁ ଆପ୍ ଗତଥର ୫,୦୦୦ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। ଯଦି ୧୧ ହଜାର ଭୋଟରଙ୍କ ନାଁ କାଟିଦିଆଯାଏ, ତେବେ ଆପ୍ ଜିତିବା ସମ୍ଭବ ହେବ ନାହିଁ। ସେମାନଙ୍କର ଏହି କାରସାଦି ଧରାପଡ଼ିଯାଇଛି ବୋଲି କେଜ୍‌ରିୱାଲ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେପଟାନାକୀ, ଦହି ସୋଡ଼କୀ**
**ଅଇଁଠା ପତରେ ଖାଏ**
**ଗୋଡ଼ରେ ଅଇଁଠା ପଡ଼ିଲା କ୍ଷଣି**
**ନଈକି ଗାଧୋଇ ଯାଏ ।**

ଯିଏ ଅଇଁଠା ପତରରେ ଖାଏ, ସେହି ବ୍ୟକ୍ତି ଗୋଡ଼ରେ ଅଇଁଠା ଲାଗିଲେ ଅଶୌଚ ମନେକରି ଗାଧୋଇଯିବା ହାସ୍ୟାସ୍ପଦ ମନେହୋଇଥାଏ। ଅନାଚାରିଣୀ ନାରୀର ନିଷ୍ଫଳ ଛଳନା। ପରୋକ୍ଷରେ ଅନ୍ୟାୟ ଏବଂ ଅସଂଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟତିବ୍ୟସ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋଉଠି ଚାନ୍ଦ**
**ବିନା ଦୋଷେ ଲାଗେ ଫାନ୍ଦ।**

ଗଣେଶ ଚତୁର୍ଥୀରେ ଚନ୍ଦ୍ରଙ୍କୁ ଚାହିଁବା ଦୋଷଯୁକ୍ତ ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି। ତେଣୁ ଉକ୍ତ ତିଥିରେ ଚନ୍ଦ୍ରଙ୍କୁ ନ ଚାହିଁବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡ୍‌ସ ପବ୍ଲିଶର୍ସ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଅନ୍ୟାନ୍ୟ ଖବର

# ଗୁଳିବିଦ୍ଧ ଦନ୍ତା ହାତୀର ମୃତଦେହ ଠାବ

**ଅନୁଗୋଳ ବନଖଣ୍ଡରେ ମାତିଛନ୍ତି ଶିକାରୀ**

ଅନୁଗୋଳ, ୨୯।୧୨ (ମାନସ ବିଶ୍ୱାଳ)

ଅନୁଗୋଳ ବନଖଣ୍ଡ ମାଣିକଯୋଡ଼ି ପଞ୍ଚାୟତର ପୁପୁଣ୍ଡା ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। ମୃତ ହାତୀର ବୟସ ୨୫ରୁ ୨୭ ବର୍ଷ ଭିତରେ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଏକାଧିକ ଗୁଳି ବାଜିଥିବା ଚିହ୍ନ ରହିଛି। ଫଳରେ ଅନୁଗୋଳ ବନଖଣ୍ଡରେ ଶିକାରୀମାନେ ସକ୍ରିୟ ଥିବା ଓ ହାତୀକୁ ଗୁଳି କରିଥିବା ସନ୍ଦେହ କରାଯାଉଛି। ପ୍ରକାଶ ଯେ, ଦନ୍ତା ହାତୀର ମୃତଦେହ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଗଜସାଥୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ପରେ ଘଟଣାସ୍ଥଳରେ ରେଞ୍ଜର, ଫରେଷ୍ଟର ଓ ଅନ୍ୟ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଡିଏଫ୍‌ଓ ନୀତୀଶ କୁମାର କହିଛନ୍ତି, ଦନ୍ତା ହାତୀର ମୃତଦେହ ଜବତ କରାଯାଇଛି। ଗୁଳି ବାଜିଥିବା ତଦନ୍ତକାରୀ ଟିମ୍ ଜାଣିପାରିଛି। ସୋମବାର ପୂର୍ବାହ୍ନ ୯ଟାରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ହାତୀ ମୃତ୍ୟୁର କାରଣ ଜଣାପଡିବ।



ଜଙ୍ଗଲ ମଧ୍ୟରେ ହାତୀର ମୃତଦେହ।

# ମହୁମାଛି ଆକ୍ରମଣରେ କନିଷ୍ଠଯନ୍ତ୍ରୀଙ୍କ ମୃତ୍ୟୁ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର (ମାନସ ମହାନ୍ତି), ୨୯।୧୨

ମୟୂରଭଞ୍ଜ ଜିଲା ତିରିଂ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟ କରୁଥିବା କନିଷ୍ଠଯନ୍ତ୍ରୀଙ୍କ ମହୁମାଛି ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତ ଯନ୍ତ୍ରୀ ହେଲେ ଉଦଳା ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ବିଶ୍ୱନାଥ ମୁର୍ମୁ(୩୨)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ( ନ. ୨୧/୨୦୨୪) ରୁଜୁ କରି ରାଇରଙ୍ଗପୁର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇଛି।

ସକାଳ ପ୍ରାୟ ସାଢେ ୮ଟା ବେଳେ ଯନ୍ତ୍ରୀ ବିଶ୍ୱନାଥ ମହୁଲଡିହାସ୍ଥିତ ସରକାରୀ କ୍ୱାର୍ଟର୍ସରୁ କ୍ଷେତ୍ର ପରିଦର୍ଶନ କରିବାକୁ ଯାଉଥିଲେ। ଏହି ସମୟରେ ନିକଟସ୍ଥ ଗଛରୁ ମହୁମାଛି ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ପୋଲିସ ମୃତଦେହକୁ ରାଇରଙ୍ଗପୁର ହସ୍ପିଟାଲ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବିଶ୍ୱନାଥଙ୍କ ଏଭଳି ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେହିଭଳି ରାସ୍ତାରେ ଯାଉଥିବା ଅନ୍ୟ ଜଣେ ଠିକାଦାର ମଧ୍ୟ ମହୁମାଛି ଆକ୍ରମଣରେ ଅସୁସ୍ଥ ହୋଇପଡିଛନ୍ତି। ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଡ୍ରିମ୍‌ସରେ କମ୍ପ୍ୟୁଟିଂ ବୁଦ୍ଧିମତ୍ତା ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୨୯।୧୨




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ 'ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ' ଆନୁକୂଲ୍ୟରେ ଏକ ଦୁଇ ଦନିଆ ଆନ୍ତର୍ଜାତିକ ସମ୍ମିଳନୀ 'ଏମର୍ଜିଙ୍ଗ ଟ୍ରେଣ୍ଡ୍‌ସ ଇନ୍ ଇଣ୍ଟେଲିଜେଣ୍ଟ କମ୍ପ୍ୟୁଟିଂ ଟେକ୍‌ନିକ' ଶୀର୍ଷକ କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେଶବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ, ଉଚ୍ଚତର ବୈଷୟିକ ଶିକ୍ଷାନୁଷ୍ଠାନର ବହୁ ବରିଷ୍ଠ ଗବେଷକ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିବା ସହ କମ୍ପ୍ୟୁଟିଂ ବୁଦ୍ଧିମତ୍ତାର ବୈପ୍ଳବିକ ଉଦ୍ଭାବନ, ଦୀର୍ଘସୂତ୍ରୀ ଗବେଷଣା ସହିତ ଦେଶ ସାମ୍ନା କରୁଥିବା ନୂତନ ଆହ୍ୱାନର ସମାଧାନ ଓ ଆଗାମୀ କାଲିର ଆଶା ଓ ସମ୍ଭାବନା ଆଦି ବିଭିନ୍ନ ବିଷୟରେ ମତ ବିନିମୟ କରିଥିଲେ। ଏହି ସମ୍ମିଳନୀ ଜରିଆରେ ମନୋନୀତ ୭୦ଟି ଗବେଷଣାତ୍ମକ ନିବନ୍ଧ ଉପସ୍ଥାପିତ ହୋଇଥିଲା। ସେହିଭଳି ଡ୍ରିମ୍‌ସ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଟେକ୍‌ନୋଲୋଜିର କମ୍ପ୍ୟୁଟର ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଆୟୋଜିତ ଏହି ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଏନ୍‌ଆଇଟି ରାଉରକେଲାର ପ୍ରଫେସର ଦୁର୍ଗାପ୍ରସାଦ ମହାପାତ୍ର, ଏନ୍‌ଆଇଟି, ୱରଙ୍ଗଲର ନିର୍ଦ୍ଦେଶକ ପ୍ରଫେସର ବିଦ୍ୟାଧର ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କମ୍ପ୍ୟୁଟିଂ ବୁଦ୍ଧିମତ୍ତାର ବ୍ୟବହାର କିଭଳି ଆଧୁନିକ ଜୀବନଶୈଳୀକୁ ସହଜ ଓ ସରଳ କରିଛି, ତା'ର ବିଭିନ୍ନ ଦିଗ ଉପରେ ସେମାନେ ବିସ୍ତୃତ ଭାବେ ଆଲୋକପାତ କରି ପ୍ରତି ବର୍ଷ ଏଭଳି ସମ୍ମିଳନୀ ଆୟୋଜନ ଲାଗି ପ୍ରସ୍ତାବ ଦେଇଥିଲେ।

ସେହିପରି ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ପୁରୋଧା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନେକ ଗୁରୁତ୍ୱ ବହନ କରୁଥିବା ଏଭଳି ଆନ୍ତର୍ଜାତିକ ସମ୍ମିଳନୀର ସଫଳ ଆୟୋଜନ ନିମନ୍ତେ ସମସ୍ତଙ୍କୁ ବଧାଇ ଜଣାଇବା ସହ ନିମନ୍ତ୍ରିତ ଅତିଥି ଓ ଗବେଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ଅବସରରେ ବିଷୟବସ୍ତୁର ପ୍ରାସଙ୍ଗିକତା ଓ ପ୍ରତ୍ୟେକ ଗବେଷଣାର ଲକ୍ଷ୍ୟ 'ବହୁ ଜନ ହିତାୟ' ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

ମୁଖ୍ୟ ଅତିଥି ଆଇଏମ୍‌ଆଇଟିର ଅଧ୍ୟକ୍ଷ ପ୍ରଫେସର ମାନସ ରଞ୍ଜନ କବାଟ କମ୍ପ୍ୟୁଟିଂ ବୁଦ୍ଧିମତ୍ତାର ବିଶ୍ୱବ୍ୟାପୀ ଉପଯୋଗ ଉପରେ ଆଲୋଚନା କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଏକାଡେମିକ୍ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନ୍‌ଗୋ ପ୍ରମୁଖ ଏହି ପ୍ରସଙ୍ଗ ଉପରେ ନିଜର ଅଭିମତ ପ୍ରଦାନ କରିଥିଲେ।

# ନିଖୋଜ ବୃଦ୍ଧଙ୍କ ଝୁଲନ୍ତା ଗଳିତ ମୃତଦେହ ଜବତ

ନାକଟିଦେଉଳ, ୨୯।୧୨(ବୈକୁଣ୍ଠନାଥ ସାହୁ)

୪ ଦିନ ଧରି ନିଖୋଜ ଥିବା ଜଣେ ବୃଦ୍ଧଙ୍କ ଝୁଲନ୍ତା ଗଳିତ ମୃତଦେହ ରବିବାର ସମ୍ବଲପୁର ଜିଲା କିସିଣ୍ଡା ଥାନା ପୋଲିସ କାଙ୍କଦର ଜଙ୍ଗଲରୁ ଜବତ କରିଛି। ମୃତକ କିସିଣ୍ଡା ଥାନା ହୀରାଲୋଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭୋଇ(୭୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ ୭/୨୪)ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା କିସିଣ୍ଡା ବୋଲି ଥାନା ଅଧିକାରୀ ଅଞ୍ଜଳୀ କୁଜୁର କହିଛନ୍ତି। ଗଦାଧର ଭୋଇ ସେ ଗତ ୨୬ ତାରିଖଠାରୁ ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ । ରବିବାର ସକାଳେ ଗ୍ରାମର କେତେଜଣ ଲୋକ ନିକଟସ୍ଥ କାଙ୍କଦର ଜଙ୍ଗଲକୁ ଯାଇଥିବା ବେଳେ ଏକ ଗଛରେ ଏକ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରି ପୋଲିସକୁ ସୂଚନା ଦେଇଥିଲେ।

# ବିବାହ ପାଇଁ ଜିଦ୍ କରିବାରୁ ହତ୍ୟା

ଆନନ୍ଦପୁର,୨୯।୧୨
(ସୁଶାନ୍ତ କୁମାର ସାହୁ/ ଉମେଶ ଚନ୍ଦ୍ର ପାଢ଼ୀ)


ଏସ୍‌ଡିପିଓ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

■ନଦୀରୁ ମହିଳାଙ୍କ ମୃତଦେହ ଜବତ ଘଟଣା
■ଅଭିଯୁକ୍ତ ପ୍ରେମିକ ଗିରଫ

କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ନଦୀରେ ଭାସୁଥିବା ଅବସ୍ଥାରେ ମହିଳାଙ୍କ ମୃତଦେହ ପୋଲିସ ଶନିବାର ରାତିରେ ଜବତ କରିଥିଲା। ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଆନନ୍ଦପୁର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ରହସ୍ୟ ଉନ୍ମୋଚନ କରିଛି। ଅଭିଯୁକ୍ତ ଜଣଙ୍କ ଆନନ୍ଦପୁର ଥାନା ମନୋହରପୁରର ବାଲକା ଟୁଡୁ(୨୬)। ସେ ମହିଳାଙ୍କୁ ପ୍ରେମ କରୁଥିଲେ। ମହିଳା ବିବାହ କରିବାକୁ ଜିଦ୍ କରିବାରୁ ଅଭିଯୁକ୍ତ ହତ୍ୟା କରି ନଦୀରେ ଫିଙ୍ଗିଦେଇଥିଲେ। ଏ ନେଇ ରବିବାର ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଆନନ୍ଦପୁର ଥାନା ମନୋହରପୁର ପଞ୍ଚାୟତ ସାନପୁରୁଣାପାଣି ନିକଟ ସୁନାମଈଁଠାରେ ବୈତରଣୀ ନଦୀରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ରାତି ପ୍ରାୟ ୯ଟା ୩୦ରେ ଆନନ୍ଦପୁର ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ମହିଳାଙ୍କ ଦେହରେ ପଥର ବନ୍ଧା ଯାଇଥିବା ଏବଂ ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖି ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରି ତଦନ୍ତ ଆରମ୍ଭ କରିଥିଲା। ମହିଳା ଘସିପୁରା ଥାନା ସୁନାଁପୁର ଗ୍ରାମର ମେରୀ ବେଶ୍ରା(୪୬) ବୋଲି ସ୍ଥାନୀୟ ଲୋକଙ୍କ ଦ୍ୱାରା ଚିହ୍ନଟ ପରେ ଘଟଣାର ସତ୍ୟତା ପଦାକୁ ଆସିଥିଲା। ପୋଲିସ ତନାଘନା କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଓ ମହିଳାଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ରହିଥିଲା। ମହିଳା ଜଣଙ୍କ ବିବାହ କରିବାକୁ ଜିଦ୍ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଅଭିଯୁକ୍ତ ମହିଳାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ବାଇକ୍ ଯୋଗେ ନଦୀକୂଳକୁ ନେଇଥିଲେ। ସେଠାରେ ପଥର ବାନ୍ଧି ନଦୀରେ ପକାଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଘଟଣାରେ ପୋଲିସ ୨ ଗୋଟି ପଥର, ୨ ଶାଢ଼ି, ଗୋଟିଏ ମୋଟରସାଇକେଲ ଜବତ କରିଛି। ଆନନ୍ଦପୁର ଥାନାରେ ଏକ ମାମଲା(ନଂ. ୩୫୮/୨୦୨୪) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# କେନ୍ଦୁଝର ମୁଖ୍ୟ କାରାଗାରରୁ କଏଦୀ ଚମ୍ପଟ

## ସ୍ତ୍ରୀ ହତ୍ୟା ମାମଲାରେ ଆଜୀବନ ସଜା କାଟୁଥିଲେ

କେନ୍ଦୁଝର, ୨୯।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ମୁଖ୍ୟ କାରାଗାରରେ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ କଏଦୀ ଶନିବାର ଫେରାର ହୋଇଯାଇଛନ୍ତି। କଏଦୀ ଜଣଙ୍କ ହେଲେ ସଦର ଥାନା ରାଇଗୋଡ଼ା ଗ୍ରାମର ପରେଶ ମୁଣ୍ଡା(୩୬)। ଶନିବାର ଜେଲ୍ ପରିସରରେ ଗୋ-ସେବା କରୁଥିବା ବେଳେ ସୁବିଧା ଦେଖି ଖସି ପଳାଇଥିଲେ। ଜେଲ୍ ପକ୍ଷରୁ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ପ୍ରକାଶ ଯେ, ପରେଶ ୨୦୧୪ରେ ସ୍ତ୍ରୀ ହତ୍ୟା ଅଭିଯୋଗରେ ଜେଲରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ୨୦୧୮ରେ କେନ୍ଦୁଝର ଜିଲା ଦୌରାଜଜ୍ ମାମଲା ବିଚାର କରି ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ତାଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଇଥିଲେ। ଜେଲଦଣ୍ଡ ଭୋଗୁଥିବା ବେଳେ ଜେଲ ପରିସରରେ ତାଙ୍କୁ ଗୋ-ସେବା ଓ ବଗିଚା କାମରେ ନିୟୋଜିତ କରାଯାଇଥିଲା। ଗତ ଅଗଷ୍ଟରୁ ଘରକୁ ପାରୋଲରେ ଯାଇ ଆସିଥିଲେ। ସବୁଦିନ ଭଳି ସେ ଶନିବାର ଜେଲ୍ ପରିସରରେ ଗୋ ସେବା କରୁଥିଲେ। ଅପରାହ୍ନରେ ସୁବିଧା ଦେଖି ସେଠାରୁ ଚମ୍ପଟ ମାରିଥିଲେ। କାରାଗାର ପୋଲିସ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ରାତିରେ ତାଙ୍କ ଘରକୁ ଯାଇଥିଲେ। ତେବେ ସେଠାରୁ ଜଙ୍ଗଲକୁ ପଳାଇ ଯାଇଥିବା ନେଇ ପୋଲିସ ଅନୁମାନ କରୁଛି। ଏହି ଘଟଣାରେ କାରାଗାର ପକ୍ଷରୁ ଟାଉନ ଥାନାରେ ରବିବାର ଏକ ଲିଖିତ ଅଭିଯୋଗ କରାଯାଇଥିଲା। କେନ୍ଦୁଝର ଜେଲର ମନସ୍ୱିନୀ ନାୟକ କହିଛନ୍ତି, ବନ୍ଦୀ ୨୦୧୪ରେ ବିଚାରାଧୀନ କଏଦୀ ଭାବେ ଜେଲରେ ଥିଲେ, ୨୦୧୮ରୁ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ଏକ ମାମଲା(ନଂ. ୨୫୧/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର କଏଦୀ ଧରାପଡ଼ିବେ।

# ବଟିକୁ କେନ୍ଦ୍ରକରି ବୋମାମାଡ଼, ଜେସିବି ଭଙ୍ଗାରୁଜା



ପିପିଲି, ୨୯।୧୨(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଦାଦାବଟିକୁ କେନ୍ଦ୍ରକରି ପିପିଲିରେ ବୋମାମାଡ଼ ହୋଇଛି। ପିପିଲି ସହଜପୁର ପଞ୍ଚାୟତରେ ପୋଷଲ ମାଇନର କେନାଲ ଠିକା କାମ ଚାଲୁଥିବାବେଳେ ୫ରୁ ଉର୍ଦ୍ଧ୍ୱ ବୋମା ଫିଙ୍ଗିଛନ୍ତି ଦୁର୍ବୃତ୍ତ। ଏଥିସହ ସେଠାରେ ଥିବା ଜେସିବି ମେଶିନ ଭଙ୍ଗାରୁଜା କରିଛନ୍ତି। ଏହି କେନାଲ ଠିକା କାମରେ ନିୟୋଜିତ ଥିବା ଶ୍ରମିକଙ୍କ କ୍ୟାମ୍ପ ଉପରକୁ ଲଗାତାର ଭାବେ ବୋମାମାଡ଼ ହୋଇଥିବା କାର୍ଯ୍ୟରତ ସୁପରଭାଇଜର ମଙ୍ଗୁଳି ଜେନା କହିଛନ୍ତି। ଜେନାଙ୍କ ଅଭିଯୋଗ ଅନୁଯାୟୀ, କିଛିଦିନ ପୂର୍ବରୁ ଦୁଇରୁ ତିନିଜଣ ବ୍ୟକ୍ତି ଫୋନ୍ ଯୋଗେ ଠିକାଦାରଙ୍କୁ ବଟି ମାଗିଥିଲେ। ଶନିବାର ରାତିରେ ସେମାନେ ବଟି ନେବାକୁ ଆସିଥିଲେ। ତେବେ ବଟି ଦେବାରେ ବିଳମ୍ବ ହେବାରୁ ଆକ୍ରୋଶମୂଳକ ଭାବେ ବୋମାମାଡ଼ ଓ ଜେସିବି ଭଙ୍ଗାରୁଜା କରିଥିଲେ ସେମାନେ ପ୍ରଥମେ କାମ ଚାଲୁଥିବା କ୍ୟାମ୍ପ ଉପରକୁ ବୋମାମାଡ଼ କରିବା ସହ ପେଟ୍ରୋଲ ଭର୍ତ୍ତି ବୋତଲରେ ନିଆଁ ଲଗାଇ ଫିଙ୍ଗିଥିଲେ। ତେବେ ସୌଭାଗ୍ୟବଶତଃ ଶ୍ରମିକମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପରେ ଦୁଇଟି ହିଟାଚି ମେଶିନକୁ ଭଙ୍ଗାରୁଜା କରିଥିବା ଜେନା କହିଛନ୍ତି। ଏଥିଯୋଗୁ ଠିକା କାର୍ଯ୍ୟରେ ନିୟୋଜିତ ଥିବା ପଶ୍ଚିମଓଡ଼ିଶା ଓ ବିହାର ଅଞ୍ଚଳର ୪୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏନେଇ ପିପିଲି ଥାନାରେ ଠିକାଦାରଙ୍କ ପକ୍ଷରୁ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ଖବର ପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସଦଳବଳ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି।

# ପିଏମ୍ କିଷାନ ଲିଙ୍କ୍ ନାଁରେ ଟଙ୍କା ଠକେଇ

ବଲାଙ୍ଗୀର, ୨୯।୧୨
(ବୀରେନ୍ଦ୍ର କୁମାର ଝାଙ୍କର)



ହ୍ୱାଟସ୍ ଆପ୍‌ରେ ସେୟାର ହୋଇଥିବା ଲିଙ୍କ୍ ଓ ମେସେଜ୍।

■ହ୍ୱାଟ୍‌ସ ଆପ୍‌ରେ ଆସୁଛି ଲିଙ୍କ୍
■ଟାଉନ ଥାନାରେ ରୁଜୁହେଲା ମାମଲା

ବଲାଙ୍ଗୀର ଜିଲାରେ ଏବେ ନୂଆ ଧରଣର ସାଇବର ଠକେଇ ଲୋକଲୋଚନକୁ ଆସିଛି। ହ୍ୱାଟ୍‌ସ ଆପ୍‌ରେ ପିଏମ୍ କିଷାନ ଲେଖାଥିବା ଏକ ଲିଙ୍କ୍ ଆସୁଛି। ସେଇ ଲିଙ୍କ୍‌କୁ କୌଣସି ବ୍ୟକ୍ତି କ୍ଲିକ୍ କରିଦେଲେ ସିଧା ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ ହୋଇଯାଉଥିବା ଅଭିଯୋଗ ଆସିଛି। ବଲାଙ୍ଗୀର ସହରର ଦୁଇଜଣ ବ୍ୟକ୍ତି ଏଭଳି ଠକେଇର ଶିକାର ହୋଇଥିବା ଅଭିଯୋଗ ଆସିବା ପରେ ଟାଉନ ଥାନାରେ ଦୁଇଟି ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଛି। ବିଭିନ୍ନ ହ୍ୱାଟ୍‌ସ ଆପ୍ ଗ୍ରୁପ୍‌ରେ ପିଏମ୍ କିଷାନ ଯୋଜନା ଲେଖାଥିବା ଏକ ଆପ୍‌ର ଲିଙ୍କ୍ ଶେୟାର ହୋଇଛି। ସେହି ଲିଙ୍କ୍ ଉପରେ ପିଏମ୍ କିଷାନ ଲେଖାଯାଇଛି। ଅନ୍ୟ ଏକ ଲିଙ୍କ୍‌ରେ 'ପ୍ରିୟ ଗ୍ରାହକ ପିଏମ୍ ଆବାସ ଯୋଜନାର ଲିଷ୍ଟ ଆସିଯାଉଛି। ଆପ୍ ଇନ୍‌ଷ୍ଟଲ କରନ୍ତୁ ଏବଂ ପିଏମ୍ ଆବାସ ଯୋଜନାର ଲାଭ ଉଠାନ୍ତୁ ବୋଲି ଲେଖାଯାଇଛି। ଏହି ଲିଙ୍କ୍‌ସବୁ ବିଭିନ୍ନ ହ୍ୱାଟ୍‌ସ ଆପ୍ ଗ୍ରୁପ୍‌ରେ ଶେୟାର ହେବା ପରେ କିଛି ଲୋକ ଏହାକୁ କ୍ଲିକ୍ କରିବାରୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିବା ଅଭିଯୋଗ କରିଛନ୍ତି। ବଲାଙ୍ଗୀର ସହର ଇନ୍ଦିରାନଗରର ଲକ୍ଷ୍ମୀ ସାହୁଙ୍କ ତିନୋଟି ପର୍ଯ୍ୟାୟରେ ୧ ଲକ୍ଷ ୧୪ ହଜାର ଟଙ୍କା କଟିଯାଇଥିବା ସେ ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ପ୍ୟାଲେସ୍‌ଲାଇନ୍‌ର ସାଇରାମ ପାଣିଗ୍ରାହୀ ସେଭଳି ଏକ ଲିଙ୍କ୍‌କୁ କ୍ଲିକ୍ କରିବାରୁ ତାଙ୍କର ମଧ୍ୟ ୧ ଲକ୍ଷ ୪୦ ହଜାର ଟଙ୍କା ଆକାଉଣ୍ଟରୁ ଗାଏବ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସରକାରୀ ଯୋଜନାଗୁଡ଼ିକର ନାମ ଉଲ୍ଲେଖ ଥିବା ଏଭଳି ଲିଙ୍କ୍‌କୁ ଲୋକେ ସରକାରୀ ସ୍ତରରେ ଶେୟାର କରାଯାଉଛି ବୋଲି ଭାବି ଏହାକୁ କ୍ଲିକ୍ କରି ଠକାମିର ଶିକାର ହୋଇଥିବା ଜଣାଇଛନ୍ତି। ଅଭିଯୋଗକାରୀମାନେ କହିଛନ୍ତି, ଉକ୍ତ ଲିଙ୍କ୍‌କୁ କେବଳ ଛୁଇଁଦେଲେ ଟଙ୍କା କଟିଯାଉଛି। ଏହା ଅତ୍ୟନ୍ତ ବିପଜ୍ଜନକ ଏବଂ ବଡ଼ଧରଣର ସାଇବର ଠକେଇ ବୋଲି ସେମାନେ ସନ୍ଦେହ କରିଛନ୍ତି। ଏଭଳି ଅଭିଯୋଗ ପରେ ବଲାଙ୍ଗୀର ସହର ସମେତ ଜିଲାରେ ଠକେଇ ଭୟ ଦେଖାଦେଇଛି। ବହୁ ଲୋକ ଏଭଳି ଲିଙ୍କ୍ ପାଇ କ୍ଲିକ୍ କରିଥିବାରୁ ସେମାନଙ୍କ ଟଙ୍କା କଟିଥିବା ସେମାନେ ଅନୁମାନ କରୁଛନ୍ତି। ଏନେଇ ଅନେକେ ନିଜ ନିଜର ଆକାଉଣ୍ଟ ଯାଞ୍ଚ ଆରମ୍ଭ କରିଦେଇଛନ୍ତି। ଏ ସଂକ୍ରାନ୍ତରେ ବଲାଙ୍ଗୀର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଅଭିଯୋଗ ପାଇବା ପରେ ଟାଉନ ଥାନାରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରାଯାଇଥିବା ସୂଚନା ଦେଇଛନ୍ତି। କୌଣସି ପ୍ରକାର ସନ୍ଦେହଜନକ ଲିଙ୍କ୍‌କୁ ଶେୟାର ବା କ୍ଲିକ୍ ନ କରିବାକୁ ସେ ନିବେଦନ କରିଛନ୍ତି। ବଲାଙ୍ଗୀର ସାଇବର ଥାନା ମଧ୍ୟ ଖୋଳତାଡ଼ ଆରମ୍ଭ କରିଥିବା ଜଣାପଡ଼ିଛି। ଏଭଳି ସାଇବର ଠକାମିରେ ସହରର ବିଭିନ୍ନ ଏସ୍ଏଚ୍‌ଜିର ସଦସ୍ୟାମାନେ ମଧ୍ୟ ପଡ଼ିଥିବା ଚର୍ଚ୍ଚାର ବିଷୟ ହୋଇଛି।

# ଖଣ୍ଡା ବୁଲାଇ ଲୁଟ୍ ଘଟଣାରେ ୪ ଗିରଫ, ଦୁଇ ଖଣ୍ଡା ଜବତ

ଗୋପାଳପୁର,୨୯।୧୨
(ନବୀନ ରାଜ ଆଚାରୀ)


ଗିରଫ ଅଭିଯୁକ୍ତ ।

ଗୋଳନ୍ଥରା ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଖଣ୍ଡା ସହ ବୋମା ମାଡ଼ କରି ଲୁଟ ଘଟଣାରେ ରବିବାର ପୋଲିସ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଦୁଇଟି ଖଣ୍ଡା ଜବତ କରିଥିବା ନେଇ ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ୍ ଏମ୍ ପ୍ରେସ ରିଲିଜରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କନିସି ଗାଁର ଆଶିଷ ଦଳେଇ (୨୨), ହଳଦିଆପଦର ଗ୍ରାମର ସୁବାସ ଦାସ (୨୪), କିରଣ ବେହେରା (୨୧) ଓ ବଡ଼ କୁସୁମୀ ଗ୍ରାମର କୁରେଶ ଦାସ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ୧୬ନଂ ଜାତୀୟ ରାଜପଥ ଅଟୋ ନଗର ଓଭର ବ୍ରିଜ ତଳେ ଥିବା କଲ୍ୟାଣୀ ଏଜେନ୍ସି ନିକଟରେ କନିସି ଗ୍ରାମର ଡି.ଦୁର୍ଯ୍ୟୋଧନ ତାଙ୍କ ବନ୍ଧୁ ଆକାଶ ପାତ୍ର ଠିଆ ହୋଇ କଥା ହେଉଥିବା ବେଳେ ୪ଜଣ ଯୁବକ ସେଠାରେ ପହଞ୍ଚି ସେମାନଙ୍କୁ ଅଶ୍ଳୀଳ ଭଷାରେ ଗାଳି ଗୁଲଜ କରିବା ସହ ଜୀବନରେ ମାରିଦେବି ବୋଲି ଧମକ ଚମକ ଦେଇଥିଲେ। ପରେ ଖଣ୍ଡା ବୁଲାଇ ଅନ୍ୟ ମାରାଣସ୍ତ୍ରରେ ଦୁର୍ଯ୍ୟୋଧନଙ୍କ ମୁଣ୍ଡକୁ ଆକ୍ରମଣ କରି ରକ୍ତାକ୍ତ କରିବାରୁ ସେ ପଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ଆକାଶଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏ ନେଇ ଗୋଳନ୍ଥରା ଥାନାରେ ଶନିବାର ଦୁର୍ଯ୍ୟୋଧନ ଲିଖିତ ଅଭିଯୋଗ କରିଥିଲେ। ଥାନା କେସ୍ ନଂ ୫୮୩/୨୪ ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୋଳନ୍ଥରା ଥାନାରେ କିରଣଙ୍କ ନାଁରେ ତିନୋଟି ମାମଲା, ସୁବାସଙ୍କ ନାଁରେ ଛଅଟି ମାମଲା ରହିଥିବା ନେଇ ପୋଲିସ ପ୍ରେସ ରିଲିଜରେ ସୂଚନା ଦେଇଛି।

## Business

# ଘରୋଇ ବ୍ୟାଙ୍କରୁ ମୁହଁ ଫେରାଉଛନ୍ତି କର୍ମଚାରୀ

ଭୁବନେଶ୍ୱର,୨୯।୧୨(ଅନୁରାଧା ମହାରଣା)




ଘରୋଇ ବ୍ୟାଙ୍କଗୁଡ଼ିକରେ ଚାକିରି ତ୍ୟାଗ ଓ ପରିବର୍ତ୍ତନକାରୀ କର୍ମଚାରୀଙ୍କ ସଂଖ୍ୟା ହାରରେ ପ୍ରାୟ ୨୫ ପ୍ରତିଶତ ବୃଦ୍ଧି ଘଟିଛି। କର୍ମଚାରୀଙ୍କ ଘରୋଇ ବ୍ୟାଙ୍କରୁ ଏପରି ମୁହଁ ଫେରାଇ ନେବା ଦ୍ୱାରା କାର୍ଯ୍ୟ ସମ୍ପାଦନରେ ବିପଦ ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଭାରତରେ ୨୦୨୩-୨୪ରେ ବ୍ୟାଙ୍କିଙ୍ଗ୍ ଧାରା ଏବଂ ପ୍ରଗତି ଉପରେ ସର୍ବଶେଷ ରିପୋର୍ଟରେ ଏହା ଦର୍ଶାଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, କେତେକ ନିର୍ଦ୍ଦିଷ୍ଟ ଘରୋଇ କ୍ଷେତ୍ର ବ୍ୟାଙ୍କ ଏବଂ କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କରେ କର୍ମଚାରୀଙ୍କ ଚାକିରି ତ୍ୟାଗ ହାର ଅଧିକ ରହିଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୨୩-୨୪ ମଧ୍ୟରେ ବେସରକାରୀ ବ୍ୟାଙ୍କର ମୋଟ କର୍ମଚାରୀଙ୍କ ସଂଖ୍ୟା ସରକାରୀ କ୍ଷେତ୍ର ବ୍ୟାଙ୍କ (ପିଏସ୍‌ବି) ତୁଳନାରେ ଅଧିକ ହେବ। ମାତ୍ର ଗତ ୩ ବର୍ଷ ମଧ୍ୟରେ ସେମାନଙ୍କ କର୍ମଚାରୀଙ୍କ ଚାକିରି ଛାଡ଼ିବା ହାର ଦ୍ରୁତ ଗତିରେ ବୃଦ୍ଧି ପାଇଛି ଏବଂ ଏହା ହାରାହାରି ପ୍ରାୟ ୨୫%ରେ ପହଞ୍ଚିଛି। ଏଥିରେ କୁହାଯାଇଛି ଯେ ଗ୍ରାହକ ସେବା ବ୍ୟାଘାତ ସମେତ ଏଭଳି ପରିସ୍ଥିତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବିପଦ ସୃଷ୍ଟି କରିବାର ଆଶଙ୍କା ବଢ଼ିଯାଇଛି। ଏହା ବ୍ୟତୀତ କର୍ମଚାରୀମାନେ ଅନୁଷ୍ଠାନ ସମ୍ପର୍କିତ ଜ୍ଞାନ ହରାଇବା ସହ ନିଯୁକ୍ତି ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଥାଏ। କର୍ମଚାରୀଙ୍କ ଚାକିରି ଛାଡିବାର ପ୍ରବୃତ୍ତି ହ୍ରାସ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ଆପଣେଇବା ଜରୁରୀ ବୋଲି ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକ ସହ ଆଲୋଚନା କରି ଆରବିଆଇ ପରାମର୍ଶ ଦେଇଛି। ବ୍ୟାଙ୍କଗୁଡ଼ିକ ଉନ୍ନତ ଚୟନ ପ୍ରକ୍ରିୟା, ବ୍ୟାପକ ପ୍ରଶିକ୍ଷଣ ଏବଂ ବୃତ୍ତି ବିକାଶ ସୁଯୋଗ, ପରାମର୍ଶଦାତା କାର୍ଯ୍ୟକ୍ରମ, ପ୍ରତିଯୋଗିତାମୂଳକ ସୁବିଧା ଏବଂ ଦୀର୍ଘସ୍ଥାୟୀ କର୍ମଚାରୀଙ୍କ ଯୋଗଦାନ ପାଇଁ ସହାୟକ କାର୍ଯ୍ୟକ୍ଷେତ୍ର ସଂସ୍କୃତି ଭଳି କୌଶଳ ପ୍ରୟୋଗ କରିବା ଆବଶ୍ୟକ। ଅନ୍ୟପଟେ ସୁନା ଅଳଙ୍କାର ଏବଂ ଅଳଙ୍କାର ବଦଳରେ ଋଣ ପ୍ରଦାନରେ ଦେଖାଯାଇଥିବା ଅନେକ ଅନିୟମିତତାକୁ ଦୃଷ୍ଟିରେ ରଖି ସୁନା ଋଣ ଉପରେ ସେମାନଙ୍କର ନୀତି, ପ୍ରଣାଳୀ ଏବଂ ଅଭ୍ୟାସକୁ ବିସ୍ତୃତ ଭାବରେ ସମୀକ୍ଷା କରିବାକୁ ଆରବିଆଇ ପରାମର୍ଶ ଦେଇଛି। ଏହାଦ୍ୱାରା ଏ କ୍ଷେତ୍ରରେ ଦେଖାଯାଉଥିବା ଚିହ୍ନଟ ଏବଂ ଉପଯୁକ୍ତ ପଦକ୍ଷେପଗୁଡିକ ଠିକ ସମୟରେ ଆରମ୍ଭ କରାଯାଇପାରିବ ବୋଲି ଆରବିଆଇ କହିଛି।

# ଭୁବନେଶ୍ୱରରେ ସ୍କୋଡାର ଇଣ୍ଡିଆ ଡ୍ରିମ୍ ଟୁର୍ ଟିମ୍

## ସ୍କୋଡା କ୍ୟାଲାକର ଅନାବରଣ

ଭୁବନେଶ୍ୱର,୨୯।୧୨




ସ୍କୋଡା ଅଟୋ ଇଣ୍ଡିଆର ନୂତନ ଅଭିଯାନ 'ଇଣ୍ଡିଆ ଡ୍ରିମ୍ ଟୁର୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସର୍ବଭାରତୀୟ କାର୍ଯ୍ୟକ୍ରମ ବ୍ରାଣ୍ଡର ନୂତନ ମଡେଲ 'ସ୍କୋଡା କ୍ୟାଲାକ'ର ପ୍ରଚାର ଓ ପ୍ରସାର ସାଙ୍ଗକୁ ମଡେଲର ଆଭିମୁଖ୍ୟ ଓ ବିଶେଷତ୍ୱ ସମ୍ପର୍କରେ ଅବଗତ କରାଉଛନ୍ତି। ଏପରିକି ନିକଟରେ ବ୍ରାଣ୍ଡର ଅଭିଯାନ ଟିମ୍ (ସ୍କୋଡାର ଇଣ୍ଡିଆ ଡ୍ରିମ୍ ଟୁର୍ ଟିମ୍) ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଟ୍ରିନିଟି ସ୍କୋଡା ପ୍ରତାପନଗରୀ କଟକ (ଡିଏମପିଏଲ) ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର ଅନାବରଣ ଓ ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଆୟୋଜନ କରାଯାଇଥିଲା। ସେହିଭଳି ଟ୍ରିନିଟି ସ୍କୋଡା ପକ୍ଷରୁ ସ୍କୋଡାର ଅଲ ନ୍ୟୁ କ୍ୟାଲାକର ଅନାବରଣ କରାଯାଇଥିଲା। ଏହି ଅବସରରେ ଟ୍ରିନିଟି ସ୍କୋଡାର ସିଇଓ ଅଶ୍ୱସ୍ତ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବାରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରିନିଟି ସ୍କୋଡାର ମୁଖ୍ୟ (ମାର୍କେଟିଂ) ଶ୍ରୀମୟ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପରିଶେଷରେ ଏକ ସୁନ୍ଦର ଭାବ ବିନିମୟ କାର୍ଯ୍ୟକ୍ରମ ଉଭୟ ଆଶାୟୀ ଗ୍ରାହକ ଓ ପୁରୁଣା ଗ୍ରାହକଙ୍କ ମଧ୍ୟରେ ହୋଇଥିଲା।

# ନଭେମ୍ବରରେ ରପ୍ତାନି କ୍ଷେତ୍ରର ବୃଦ୍ଧି ୬୪.୪%

ନୂଆଦିଲ୍ଲୀ,୨୯।୧୨



କ୍ରମାଗତ ଭାବେ ଘରୋଇ ବଜାର ରପ୍ତାନି କ୍ଷେତ୍ରର ବୃଦ୍ଧି ପରିଲକ୍ଷିତ ହୋଇଛି। ଏପରିକି ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହୋଇଥିବା ବାଣିଜ୍ୟିକ ଚୁକ୍ତି ଅନୁଯାୟୀ ଭାରତ ୨୦୨୪ ନଭେମ୍ବର ମଧ୍ୟରେ ଅଷ୍ଟ୍ରେଲିଆକୁ ରପ୍ତାନି କରିଥିବା ସାମଗ୍ରୀ ପରିମାଣ ୬୪.୪% ବୃଦ୍ଧି ପାଇଁ ବାର୍ଷିକ ଭିତ୍ତିରେ ୬୪୩.୭ ମିଲିୟନ ଡଲାରରେ ପହଞ୍ଚିଛି। ସେହିଭଳି ଭାରତ ଅଷ୍ଟ୍ରେଲିଆକୁ ଟେକ୍ସଟାଇଲ, କେମିକାଲ ଏବଂ ଏଗ୍ରିକଲଚର ପ୍ରଡକ୍ଟସ (କୃଷି ଉତ୍ପାଦ)ଭଳି ଅନେକ ସାମଗ୍ରୀ ରପ୍ତାନି କରିଥାଏ ବୋଲି ରବିବାର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଏ ନେଇ ସୂଚନା ଦେଇଛନ୍ତି। ଏପରିକି ଏହି ସମୟ ମଧ୍ୟରେ ଦେଶର ବ୍ୟବସାୟୀ ଓ ବ୍ୟବସାୟ ଏକ ନୂଆ ମାଇଲଷ୍ଟୋନ ସହ ରପ୍ତାନି କ୍ଷେତ୍ରରେ ରେକର୍ଡ ହାସଲ କରିଛି, ବାର୍ଷିକଭିତ୍ତିରେ ରପ୍ତାନି ପରିମାଣ ୫.୨୧% ବୃଦ୍ଧି ପାଇ ୫.୫୬ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତି ତଥା ଇକୋନମିକ କର୍ପୋରେଶନ ଆଣ୍ଡ ଟ୍ରେଡ ଏଗ୍ରିମେଣ୍ଟ (ଇସିଟିଏ) ଜରିଆରେ ବ୍ୟବସାୟିକ ରପ୍ତାନି କାରବାର ୨୦୨୨ ଡିସେମ୍ବରରୁ ହୋଇଆସୁଛି।

# ବଜାରରେ ସିଏସ୍‌ଆଇଏଲ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୯।୧୨

କ୍ୟାପଟେନ ଷ୍ଟିଲ ଇଣ୍ଡିଆ ଲିମିଟେଡ (ସିଏସ୍‌ଆଇଏଲ୍) ର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'କ୍ୟାପଟେନ ରଷ୍ଟଗାର୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଓଡ଼ିଶା ବଜାରରେ ସିଏସ୍‌ଆଇଏଲ୍‌ର ଏହି ନୂତନ ଉତ୍ପାଦ ପ୍ରବେଶ ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୦୦ ଚ୍ୟାନେଲ ପାର୍ଟନରଙ୍କର (ଭାଗୀଦାରି, ବୃହତ ବିତରକ, ଇଞ୍ଜିନିୟର ଏବଂ ସମଗ୍ର ବିକ୍ରୟ ଏବଂ ମାର୍କେଟିଂ ଦଳର ) ଏକ ଆକର୍ଷଣୀୟ ସମାବେଶ ହୋଇଥିଲା। ଏହି ଅବସରରେ କ୍ୟାପଟେନ ଷ୍ଟିଲର ବ୍ରାଣ୍ଡ ଆମ୍ବାସାଡର ସୌରଭ ଗାଙ୍ଗୁଲି ମଧ୍ୟ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସିଏସଆଇଏଲର ନିର୍ଦ୍ଦେଶକ ଅବିନାଶ ଅଗ୍ରୱାଲ କହିଥିଲେ, କମ୍ପାନୀର ବିଜୟ ଯାତ୍ରା ଜାରି ରହିଛି। ଏପରିକି ଅତ୍ୟାଧୁନିକ ଉତ୍ପାଦନ ସୁବିଧା ଏବଂ ଦଶନ୍ଧିର ଅଭିଜ୍ଞତା ସହିତ ଆମର ଉତ୍କର୍ଷର ଉତ୍ତରାଧିକାରୀ ଭାବେ ଓଡିଶାର ଗ୍ରାହକଙ୍କ ନିକଟକୁ ଆଣିଥିବାରୁ ଆମେ ଗର୍ବିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ୨୦୦୭ରେ ଏହାର ଆରମ୍ଭ ହୋଇଥିଲାବେଳେ ଆରମ୍ଭରୁ କ୍ୟାପଟେନ ଷ୍ଟିଲ ଗୁଣବତ୍ତା ଏବଂ ନବସୃଜନ ସହିତ ସମକକ୍ଷ ହୋଇଆସୁଛି। ସେହିଭଳି କ୍ୟାପଟେନ୍ ଷ୍ଟିଲ୍ ଅନ-ସାଇଟ୍ ବୈଷୟିକ ମାର୍ଗଦର୍ଶନ, ଦ୍ରୁତ ବିତରଣ ଏବଂ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ସମାଧାନ କରିବା ପାଇଁ କଷ୍ଟୋମାଇଜ୍ ସମାଧାନ ମାଧ୍ୟମରେ ଗ୍ରାହକଙ୍କ ସନ୍ତୁଷ୍ଟିକୁ ସୁନିଶ୍ଚିତ କରିଥାଏ।

ଅପରପକ୍ଷରେ ସିଏସଆଇଏଲର ମୁଖ୍ୟ (ବିକ୍ରୟ ଏବଂ ମାର୍କେଟିଂ ଅଧିକାରୀ) ଅବିନାଶ ମିଶ୍ର କହିଥିଲେ, କ୍ୟାପଟେନ ଷ୍ଟିଲ ନୂତନତ୍ୱ ସେବା ପ୍ରଦାନ କରିଥାଏ। ଅତ୍ୟାଧୁନିକ ସିଆରଏମ ସିଷ୍ଟମ ଏବଂ ଡିଜିଟାଲ ଉପକରଣ ବ୍ୟବହାର କରି ଆମେ ଚ୍ୟାନେଲ ସହଭାଗୀମାନଙ୍କୁ ସମର୍ଥନ କରୁଛୁ। ଏପରିକି ଆମର ଇନଫ୍ଲୁଏନ୍ସ ଏବଂ ବ୍ୟକ୍ତିଗତ ଗୃହ ନିର୍ମାଣକାରୀମାନେ ରଷ୍ଟଗାର୍ଡକୁ ପସନ୍ଦ କରୁଛନ୍ତି। କାରଣ ଏହା କେବଳ ଏକ ଉତ୍ପାଦ ନୁହେଁ ଏହା ସ୍ଥିରତା, ନିର୍ଭରଯୋଗ୍ୟତା ଏବଂ ବିଶ୍ୱାସର ପ୍ରତିଶ୍ରୁତି ବୋଲି ସେ ବିସ୍ତୃତ ଆଲୋକପାତ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତୀୟ ଦଳରେ ଓଡ଼ିଶାର ୨ ଖେଳାଳି


ପ୍ୟାରୀ ଖାଖା


ଜୁଲି କିଶାନ

### ମହିଳା ଫୁଟ୍‌ବଲ

**ଭୁବନେଶ୍ୱର, ୨୯।୧୨(ତପନ ସ୍ୱାଇଁ)** ଭାରତ ଓ ମାଳଦ୍ୱୀପ ମଧ୍ୟରେ ୨ଟି ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟ୍‌ବଲ ମ୍ୟାଚ୍ ଚଳିତ ମାସ ୩୦ ଓ ଜାନୁଆରୀ ୨ରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ। ଏଥିପାଇଁ ମୁଖ୍ୟ କୋଚ୍ ଜୋକିମ ଆଲେକ୍‌ଜାଣ୍ଡର୍ସନ ରବିବାର ଘୋଷଣା କରିଥିବା ୨୩ ଜଣିଆ ଦଳରେ ଓଡ଼ିଶାର ୨ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଫରୱାର୍ଡ ପ୍ୟାରୀ ଖାଖା ଓ ଡିଫେଣ୍ଡର ଜୁଲି କିସାନ। ନିକଟରେ ଅନୁଷ୍ଠିତ ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ଚମତ୍କାର ପ୍ରଦର୍ଶନ କରି ରନରଅପ୍ ହୋଇଥିଲା। ଏହି ଦୁଇ ଖେଳାଳିଙ୍କ ପ୍ରଦର୍ଶନ ଚାମ୍ପିୟନଶିପ୍‌ରେ ପ୍ରଭାବୀ ରହିଥିଲା।


୧୮ତମ ଜନ୍ମଦିନ ଶୁଭେଚ୍ଛା



**ଅରୋଲିପ୍‌ସା ପ୍ରିୟଦର୍ଶିନୀ ଗୁରୁ (ଖୁସି)**

ବୋତଲମା ମେଡିକାଲ ପାର୍ଶ୍ୱ, ପାଟଣାହାଟ, ଖୋର୍ଦ୍ଧା
ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି ତୋର ଚଲାପଥ କୁସୁମିତ ହେଉ, ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
ଶୁଭେଚ୍ଛା ସହ : ତୋର ବାପା, ବୋଉ, ଦାଦା, ଖୁଡୀ, ପପୁଭାଇ, ପୁପୁଲ, ବନ୍ଧୁ ଓ ପରିବାରବର୍ଗ।
D-2430


# ଶ୍ରେଷ୍ଠ ଖେଳାଳି ଦୌଡ଼ରେ ଅର୍ଶଦୀପ, ମନ୍ଧାନା

**ଦୁବାଇ, ୨୯।୧୨ (ପି.ଟି.):** ଭାରତର ଅର୍ଶଦୀପ ସିଂ ଆଇସିସି ପୁରୁଷ ଟି୨୦ ଓ ସ୍ମୃତି ମନ୍ଧାନା ମହିଳା ଦିନିକିଆ କ୍ରିକେଟ ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ଅର୍ଶଦୀପ ଚଳିତ ସିଜନର ଯୁଗ୍ମ ସର୍ବାଧିକ ଉଇକେଟ ହାସଲକାରୀ ଏବଂ ଭାରତକୁ ଟି୨୦ ବିଶ୍ୱକପ୍ ଚାମ୍ପିୟନ କରାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ୨୫ ବର୍ଷୀୟ ଏହି ଖେଳାଳିଙ୍କ ସହ ପାକିସ୍ତାନର ବାବର ଆଜମ, ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍ ଓ ଜିମ୍ବାୱେର ସିକନ୍ଦର ରାଜା ଏହି ଦୌଡ଼ରେ ରହିଛନ୍ତି। ଅର୍ଶଦୀପ ଏହି ସିଜନରେ ୧୮ ମ୍ୟାଚ୍‌ରୁ ୩୬ ଉଇକେଟ ହାସଲ କରିଛନ୍ତି। ମନ୍ଧାନାଙ୍କ ସମେତ ଦକ୍ଷିଣ ଆଫ୍ରିକାର ଲୌରା ଉଲଭାରଡଟ୍, ଶ୍ରୀଲଙ୍କାର ଚାମରି ଆଟାପାଟୁ ଓ ଅଷ୍ଟ୍ରେଲିଆର ଆନାବେଲ ସୁଥରଲାଣ୍ଡ ଏହି ପୁରସ୍କାର ଦୌଡ଼ରେ ରହିଛନ୍ତି।


ସର୍ବଭାରତୀୟ ଓପନ କରାଟେର ଉଦ୍‌ଯାପନୀ ଉତ୍ସବରେ ଅତିଥି, କର୍ମକର୍ତ୍ତା ଓ ଅନ୍ୟମାନେ।

# ଓଡ଼ିଶା ଦଳଗତ ଚାମ୍ପିୟନ, ଝାଡ଼ଖଣ୍ଡ ରନରଅପ୍

### ସର୍ବଭାରତୀୟ ଓପନ କରାଟେ ଉଦ୍‌ଯାପିତ

**ଭୁବନେଶ୍ୱର, ୨୯।୧୨ (ତପନ ସ୍ୱାଇଁ)** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ୧୪ଶ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ଦଳଗତ ଚାମ୍ପିୟନ ଓ ଝାଡ଼ଖଣ୍ଡ ରନରଅପ୍ ହୋଇଛି। ୪ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା କରାଟେକା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜୟଦେବ ପଟ୍ଟନାୟକ, ଦୁର୍ଗା ପ୍ରସାଦ ରଥ, ରାଜୀବ ସିଂ ଓ ଗୌରୀ ମହାନ୍ତିଙ୍କୁ କରାଟେ ଇଣ୍ଡିଆ ଅର୍ଗାନାଇଜେଶନର ସପ୍ତମ ଡାନ୍ ବ୍ଲାକ୍‌ବେଲ୍ଟ ବିଶ୍ୱ କରାଟେ ସଂଘ ଟେକ୍ନିକାଲ ସଦସ୍ୟ ହାନ୍‌ସି ଭରତ ଶର୍ମା ପ୍ରଦାନ କରିଥିଲେ। ରାଜ ନାରାୟଣ ଖୁଣ୍ଟିଆଙ୍କୁ ୬ଷ୍ଠ ଡାନ୍, କେ.ଜି.କେ. ପ୍ରତିହାରୀଙ୍କୁ ୪ର୍ଥ ଡାନ୍, ଦେବେନ୍ଦ୍ର ରଣାଙ୍କୁ ୩ୟ ଡାନ୍ ବ୍ଲାକ୍‌ବେଲ୍ଟ ପ୍ରଦାନ କରାଯାଇଥିଲା। ସମସ୍ତ ବେଲ୍ଟ ହାସଲକାରୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଉପଦେଷ୍ଟା ସନତ ନାୟକ, ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ନନ୍ଦ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ୟୁନିଟ୍-୬ ଚାମ୍ପିୟନ

**ଭୁବନେଶ୍ୱର, ୨୯।୧୨ (ତପନ ସ୍ୱାଇଁ)** କ୍ଲବ-୭୩ ଆନୁକୂଲ୍ୟରେ ୟୁନିଟ୍-୧ ଫୁଟବଲ ଏକାଡେମୀ ପଡ଼ିଆରେ ୨୨ତମ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ୟୁନିଟ-୬ ୪-୦ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ଚିଣ୍ଟୁ ସାମଲ ୮୬ ଓ ୯୦ ମିନିଟରେ ୨ଟି ଏବଂ ସୁନୀଲ ସୋରେନ ୨୧ ଓ ଅବିନାଷ ସାମଲ ୬୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚିଣ୍ଟୁ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଓ ରନରଅପ୍ ଦଳକୁ ୫୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସ୍ୱତନ୍ତ୍ର ପୁରସ୍କାର ଭାବେ ପ୍ରଥମାର୍ଦ୍ଧରେ ଦର୍ଶକମାନଙ୍କୁ ୫୧ଟି ଫୁଟବଲ ଦିଆ ଯାଇଥିଲା। ପ୍ରାୟୋଜକ ୟୁନିଲାଇଟ୍‌ର ନିର୍ଦ୍ଦେଶକ ଶତ୍ରୁଜିତ ମହାନ୍ତି, ସ୍ପୋର୍ଟ୍ସ ଏମ୍ପୋରିୟମର ପରିଚାଳନା ନିର୍ଦ୍ଦେଶକ ରାଜା ଧୁପର, ଭାଜପା ନେତା ଜଗନ୍ନାଥ ପ୍ରଧାନ, କ୍ଲବ-୭୩ ସଭାପତି ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାରପ ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ସୁବ୍ରତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଫାଇନାଲ ମ୍ୟାଚକୁ ରେଫରି ଆଶୀର୍ବାଦ କାନୁନ୍‌ଗୋ, ସୁବ୍ରତ ପୁରୋହିତ, ଦେବରାଜ ସ୍ୱାଇଁ, ଜ୍ୟୋତି ରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ସୁଶାନ୍ତ ଚନ୍ଦ୍ର ମହାନ୍ତି।



ଚାମ୍ପିୟନ ୟୁନିଟ-୬ ଦଳର ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।


# Classified Everyday
0674-2580101, 9692975378




**SALE**

**Official space & shops (BMC & RERA approved) for sale in a prime location of BBSR. For details please contact: 7605932509.** D-2319

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - **9437581914.** D-76223

**4 BHK luxurious flat for sale at Unit-3, Kharavelanagar, back side of Ram Mandir. Handover within 2 months. Please contact: 9438362399.** D-2395

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9937846404, 9437192512.** D-2424

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-2423

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ - **7008052921.** D-76228




Newly open Spa positively Health benefit with expert. Contact: 7847834544. D-2365

**AFFIDAVIT**

By virtue of an affidavit sworn before Bhubaneswar, dated 16.12.2024 I, Sonali Sahoo, address At- Bhatasolapata, P.O.- Barundai, Dist.- Jajpur, Odisha, Pin-755025 declare that I have changed my name from Sonali Senapati to Sonali Sahoo. Henceforth, I shall be known as Sonali Sahoo for all purposes. (Sonali Sahoo) D-2425

By virtue of an affidavit sworn before Bhubaneswar, dated 16.12.2024 I, Rubitra Senapati, address At- Darghabazar, P.O.- Buxibazar, Cuttack Sadar, Dist.- Cuttack, Odisha, Pin-753001 declare that I have changed my name from Rubitra Dakua to Rubitra Senapati. Henceforth, I shall be known as Rubitra Senapati for all purposes. (Rubitra Senapati) D-2426

Your classified advertisement published in Dharitri will be listed free in Dharitri online edition: **dharitriepaper.in**

By virtue of an affidavit sworn before Bhubaneswar, dated 05.12.2024, I, Sonali Das, address At- Olagada, P.O.- Sankheswar, Dist.- Jagatsinghpur, Odisha, Pin-754137 declare that I have changed my name from Sonali Mallick to Sonali Das. Henceforth, I shall be known as Sonali Das for all purposes. (Sonali Das) D-2427

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସ୍କୁଲ୍ସ ଓପନ ଚେସ୍: ଆଦିତ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୨୯।୧୨ (ତପନ ସ୍ୱାଇଁ):** କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ରବିବାର ଆୟୋଜିତ ସ୍କୁଲ୍ସ ଓପନ ଚେସ୍‌ରେ ଆଦିତ୍ୟ ଜେନା ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ସତ୍ୟମ୍ ସ୍ୱରୂପ ସାହୁ, ନୈନିକା ସାହୁ, ତ୍ରିଦେବ ତୀର୍ଥଙ୍କର ଓ ଚିରାଗ ମୁଖାର୍ଜୀ ପରବର୍ତ୍ତୀ ୪ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୧୩ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କଳିଙ୍ଗ ନଗର ଡିଏଭି ସ୍କୁଲର ପ୍ରିନ୍ସିପାଲ ବଳରାମ ମହାପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସିନିୟର ପାଥୋଲୋଜିଷ୍ଟ ରଶ୍ମି ପଟ୍ଟନାୟକ, ସ୍କୁଲର କ୍ରୀଡ଼ା ବିଭାଗ ମୁଖ୍ୟ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଢେଙ୍କାନାଳ ଜିଏଡ଼ଆର ଭାରଲକ୍ଷ୍ମୀ ଡିଏଭି ପବ୍ଲିକ୍ ସ୍କୁଲର ସିନିୟର କ୍ରୀଡ଼ା ଶିକ୍ଷକ ରଶ୍ମି ରଞ୍ଜନ ପ୍ରଧାନ, ଏ. ରବି ଶଙ୍କର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

# ସୌମ୍ୟଙ୍କୁ ୮୨ତମ ଟାଇଟଲ୍

### ଖୋର୍ଦ୍ଧା ଜିଲା ଚେସ ଉଦ୍‌ଯାପିତ

**ଭୁବନେଶ୍ୱର, ୨୯।୧୨ (ତପନ ସ୍ୱାଇଁ)** ସେଣ୍ଟ ଜୋସେଫ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଖୋର୍ଦ୍ଧାଜିଲା ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୮ ପଏଣ୍ଟ ଲେଖାଏ ପାଇ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଚାମ୍ପିୟନ ଓ ମନୀଷ ମିଶ୍ର ରନରଅପ୍ ହୋଇଛନ୍ତି। ତୃତୀୟ ସ୍ଥାନ ହାସଲ କରିଥିବା ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କ ସମେତ ଓମ୍ ଆଦିତ୍ୟ ଖାଡ଼ଙ୍ଗା, ସାଜନ କୁମାର ନାୟକ, ସ୍ୱପ୍ନିଲ ପ୍ରିୟଦର୍ଶୀ, ବାବୁଲା ଭୋଇ, ସ୍ଥିତପ୍ରଜ୍ଞ ସାହୁ, ସାର୍ଥକ ମହାନ୍ତି ଓ ତନ୍ମୟ ତ୍ରିପାଠୀ ଟପ୍-୧୦ ଫିନିଶ୍ କରିଛନ୍ତି। ପ୍ରତିଯୋଗିତାରେ ଅପରାଜିତ ରହିଥିବା ସୌମ୍ୟ ୭ ବିଜୟ ଓ ୨ ଡ୍ର ସହିତ କ୍ୟାରିୟରର ୮୨ତମ ଟାଇଟଲ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଭାଜପା ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ସେଣ୍ଟ ଜୋସେଫ ହାଇସ୍କୁଲ ପ୍ରିନ୍ସିପାଲ ସିଷ୍ଟର ଲିଜି ଥୋମାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଇଏମ୍ ସତ୍ୟପ୍ରଜ୍ଞଙ୍କ ସହ ଆୟୋଜକ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସଭାପତି ଶକ୍ତି ରଞ୍ଜନ ମହାନ୍ତି, ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସରୋଜ ବେହେରା, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସ୍ୱୟଂଶୁ ସତ୍ୟକାମ, ଏସଆର ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଭବେଶ ମହାନ୍ତି, ସନ୍ତୋଷ ମହାପାତ୍ର ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ମୁଖ୍ୟ ପୁରସ୍କାର ବ୍ୟତୀତ ଏଜ୍ ଗ୍ରୁପ୍, ଶ୍ରେଷ୍ଠ ମହିଳା, ଭେଟେରାନ, ଭିନ୍ନକ୍ଷମ ବର୍ଗରେ ମଧ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।



ପ୍ରଥମ ୩ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।


## ମନେ ପଡ଼ନ୍ତି

SAD DEMISE
11th Day Condolence



LATE LION
ASHOK KUMAR MOHANTY
PAST PRESIDENT
LIONS CLUB PREMIUM, BHUBANESWAR
BEGAN LIFE'S JOURNEY : 24.07.1955
ENTERED ETERNAL REST : 20.12.2024
"WE HONOUR YOUR MEMORY WITH DEEP LOVE & RESPECT"
"WE SHALL NOT FORGET YOUR FUN & SMILE"
- In Grief -
Fond Remembrance By
LIONS OF LIONS CLUB PREMIUM BHUBANESWAR
D-76036

ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସ୍ନେହବାଳା ତ୍ରିପାଠୀ**
ମହୁଖଣ୍ଡା, ବାଲିପାଟଣା, ଖୋର୍ଦ୍ଧା
ତୁମର ମୃତ୍ୟୁ ଦିବସ ଆମ ପାଇଁ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**୧୯୮୩ ସିନିୟର ବ୍ୟାଚ ବାନ୍ଧବୀ-ବନ୍ଧୁମାନେ**
ଧ-୭୬୪୦୪

ଦ୍ୱାଦଶାହ ଉପଲକ୍ଷେ



ଂ ହେମଲତା ଦାଶ
ଆବିର୍ଭାବ - ୧୯୫୦
ତିରୋଧାନ - ୧୯/୧୨/୨୦୨୪
ବୋଉ,
ତୋ ହସ ଲିଭିଗଲା, ଫୁଲ ମଉଳିଗଲା
ଫେରିକି ଆସିବୁ ଆଉ
ଆମ ପାଇଁ ଯାହା ଖାଲି ଛାଡିଗଲୁ
ଲୁହର ଅସରା ଢେଉ।
ତୋର :
ଉମା, ବାବୁ, ଲୋପା, ଜ୍ୟୋତି, ଡଲି, ସୋନୁ, ବେଦାଂଶୀ, ବେଦାର୍ଥ।
D-2431


# ପଶ୍ଚିମବଙ୍ଗ ପୋଲିସ ଚାମ୍ପିୟନ

### ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ

**ଟାଙ୍ଗୀ, ୨୯।୧୨ (ରଘୁନାଥ ସାହୁ)** କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଜନତା ଷ୍ଟାଡିୟମରେ ଅନୁଷ୍ଠିତ ୬୫ତମ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ପଶ୍ଚିମବଙ୍ଗ ପୋଲିସ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ପଶ୍ଚିମବଙ୍ଗ ପୋଲିସ ଏବଂ ଆର୍‌କେଏମ୍ ଫୁଟ୍‌ବଲ ଏକାଡେମୀ ନାରାୟଣପୁର ଛତିଶଗଡ଼ ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ପଶ୍ଚିମବଙ୍ଗ ପୋଲିସ ଟିମ୍‌ର ବିମଳ ସର୍ଦ୍ଦାର ଗୋଟିଏ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଛତିଶଗଡ଼ ଟିମ୍ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ପଶ୍ଚିମବଙ୍ଗ ପୋଲିସ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ରାଜୁ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ ଗୋପାଳ ସାମନ୍ତରାୟ, ଶେଖାଓ୍ୱତ ଖାଁ ଏବଂ ଅପର୍ତ୍ତି ବେହେରା ସହଯୋଗ କରିଥିଲେ। ବିଜୟ କୁମାର ରାଉତ ମ୍ୟାଚ୍ କମିଶନରଭାବେ ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟ କମିଟି ସଭାପତି ରଘୁନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ପୂର୍ବତନ ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ, ସାମାଜିକ କର୍ମୀ ସଞ୍ଜୟ କୁମାର ପଟ୍ଟନାୟକ, ବିଧୁଭୂଷଣ ପଟ୍ଟନାୟକ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୩୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଟିମ୍‌କୁ ୨୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଡିଫେଣ୍ଡର, ମିଡ ଫିଲ୍ଡର, ଶ୍ରେଷ୍ଠ ଖେଳାଳି, ଶୃଙ୍ଖଳିତ ଖେଳାଳି, ଟୁର୍ନାମେଣ୍ଟର ଶୃଙ୍ଖଳିତ ଦଳକୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ମନୋଜ କୁମାର ମାନସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଲକ୍ଷ୍ମୀଧର ଦଳାଇଙ୍କୁ ଶ୍ରେଷ୍ଠ ସହଯୋଗୀ ଭାବେ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସଦସ୍ୟ କେଦାର ଦାସ, କମଳାକାନ୍ତ ସାମନ୍ତରାୟ, କେଦାରେଶ୍ୱର ପାତାଳସିଂ, ରତ୍ନାକର ସାମନ୍ତରାୟ, ଜୟଦେବ ବେହେରା, ବିପିନ ଉଦୟସିଂହ, ରାଜ କିଶୋର ବୈରିଗଞ୍ଜନ, ସିଲୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ପ୍ରଧାନମନ୍ତ୍ରୀ
© Dharitri


କଂଗ୍ରେସର ଓଡ଼ିଶା ବର୍ଷୀଆ ସମାବେଶ
ହୁଇ, ନିର୍ବାଚନ ବେଳକୁ ଦେଖିବା !
ହାତ କେତେ ଉପରକୁ ଉଠୁଛି ?


ବର୍ଷାଦିନ ଆସିଲେ ଏଇ ଲୋକମାନଙ୍କ ପାଇଁ ଆମେ ଶକ୍ତିଶାଳୀ
ଝାଡ଼ାବାନ୍ତି
ଡେଙ୍ଗୁ
© Dharitri


ଖୋର୍ଦ୍ଧା ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ମଇଁଷି ଉତ୍ପାତ
ମଣିଷ ମାନଙ୍କ ଭଳି ଆମକୁ ବି ଡ଼ିଜେ ସାଉଣ୍ଡ ବହୁତ କଷ୍ଟ ହେଉଛି
DJ
© Dharitri


ରାଶନ କାର୍ଡ ଇ-କେୱାଇସି, ୧ଲକ୍ଷ ୭୭ହଜାର ଜାଲ୍ ହିତାଧିକାରୀ
ପୁଅ, କେତେ ଆଉ ମାଗଣା ଖାଇବୁ ? କିଛି କାମ କରି ଖାଅ
ସାବଧାନ, ଆମ ନାଁ ରେ ତୁ ରାଶନ ଖାଉଛୁ, ସମୟ ଅଛି ସୁଧୁରି ଯା


ଉଗ୍ରରୂପ ନେଲା ଅଭିନେତା ଓ ନିର୍ଦ୍ଦେଶକଙ୍କ ରାସ୍ତା ମଝିରେ
ଟିକେ ଉପରକୁ ଚଢ଼ିଲା ବେଳକୁ ଗୋଡ଼ ଟାଣୁଛ, ମୁଁ ରହିବି ତ ?
ଚଳଚ୍ଚିତ୍ର ଶିଳ୍ପ
ଅଭିନେତା
ନିର୍ଦ୍ଦେଶକ
© Dharitri


ଭୋଟର
© Dharitri


ଚଷମା ବଦଳରେ ଆଇଡ୍ରପ୍‌କୁ ଭାରତରେ ମିଳିଲା ଅନୁମତି
ମୁଁ ଆସିଗଲି, ଚଷମାକୁ ଏଥର ଛାଡ଼
ହଁ ଛାଡ଼ିବୁଯେ, ତୁ ଆମ ଗାଁରେ ସବୁବେଳେ ମିଳିବୁ ତ
Presvu


୫-୧୧-୨୦୨୪
ଆଗରୁ
ଆ କା ମା ବୈ ପାନ ଗୁଆ ଥୋଇ ପାନ ଗୁଆ ତୋର ମାସକ ଧରମ ମୋର
ଏବେ
ମମି, ଏଇ ଗୀତରେ ଭଲ ରିଲ୍ସ ହେବ ମୁଁ ଗାଉଛି ତୁମେ ଆକ୍ଟିଂ କର
© Dharitri


ଆଗ ନିଜ ଜିଭକୁ ଆୟତ କର, ତା ପରେ ଲୋକଙ୍କ କଥା ବୁଝିବାକୁ କହି


ଆମେ ପ୍ରସ୍ତୁତ ଅଛୁ
ବିରୋଧୀ
ଆଳୁ ଟାକୁଆ ମୃତ୍ୟୁ
ଆଇନ୍ ଶୃଙ୍ଖଳା ବିଗିଡ଼ିବା
ଧାନ କିଣାରେ ଅବ୍ୟବସ୍ଥା
ଦରଦାମ ନିୟନ୍ତ୍ରଣ


ବର୍ଷକୁ

ଧରିତ୍ରୀ
DHARITRI
ଧରିତ୍ରୀ 51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଡିସେମ୍ବର ୩୦/୨୦୨୪ Bhubaneswar, Monday, December 30/ 2024




# ଅଷ୍ଟ୍ରେଲିଆ ୩୩୩ ରନରେ ଅଗ୍ରଣୀ

## ମେଲ୍‌ବୋର୍ନ ଟେଷ୍ଟ

**ମେଲବୋର୍ନ, ୨୯।୧୨**

ଅସମାପ୍ତ ଦଶମ ଉଇକେଟ ଯୋଡ଼ିରେ ନାଥାନ ଲିୟନ ଓ ସ୍କଟ ବୋଲାଣ୍ଡଙ୍କ ଅର୍ଦ୍ଧଶତକୀୟ ଭାଗୀଦାରି ବଳରେ ଅଷ୍ଟ୍ରେଲିଆ ମେଲବୋର୍ନ କ୍ରିକେଟ ଟେଷ୍ଟରେ ଭାରତ ବିପକ୍ଷରେ ଓଭରଅଲ୍ ୩୩୩ ରନରେ ଅଗ୍ରଣୀ ହାସଲ କରିଛି। ରବିବାର ୪ର୍ଥ ଦିବସ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୯ ଉଇକେଟ ହରାଇ ୨୨୮ ରନ କରିଛି।

୧୭୩ ରନରେ ୯ମ ଉଇକେଟର ପତନ ହୋଇଥିଲେ ହେଁ ଲିୟନ ଓ ବୋଲାଣ୍ଡ ୫୫ ରନ ଯୋଗକରି ଭାରତୀୟ ବୋଲରଙ୍କୁ ନିରାଶ କରିଛନ୍ତି। ଲିୟନ ୪୧ ଓ ବୋଲାଣ୍ଡ ୧୦ ରନରେ ଅପରାଜିତ ରହିଛନ୍ତି। ଟପ୍ ଓ ମିଡିଲ ଅର୍ଡରରେ କେବଳ ମାର୍ନସ ଲାବୁସେନ (୭୦ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବ୍ୟାଟର ବିଫଳ ହୋଇଥିବାବେଳେ ଶେଷ ଉଇକେଟ ଭାଗୀଦାରି ଅଷ୍ଟ୍ରେଲିଆକୁ ଭଲ ସ୍ଥିତିରେ ରଖିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ।




ଟେଷ୍ଟରେ ୨୦୦ ଉଇକେଟ ପୂରଣ ପରେ ଉଲ୍ଲସିତ ଯଶପ୍ରୀତ୍ ବୁମ୍‌ରା।

### ବୁମ୍‌ରାଙ୍କ ୨୦୦ ଉଇକେଟ

ଏହି ମ୍ୟାଚରେ ଭାରତର ଯଶପ୍ରୀତ୍ ବୁମ୍‌ରା ୨୦୦ ଟେଷ୍ଟ ଉଇକେଟ ପୂରଣ କରିଛନ୍ତି। ୨୦ରୁ କମ୍ ଆଭରେଜରେ ଏହି ସଫଳତା ପାଇବାରେ ସେ ଅନ୍ୟତମ ଭାରତୀୟ ରବୀନ୍ଦ୍ର ଜାଡେଜାଙ୍କ ସହ ଯୁଗ୍ମ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ଟ୍ରାଭିସ ହେଡ୍ (୧) ଥିଲେ ବୁମ୍‌ରାଙ୍କ ୨୦୦ତମ ଶିକାର। ଉଭୟ ବୁମ୍‌ରା ଓ ଜାଡେଜା ୪୪ ଟେଷ୍ଟରେ ଏହି ସଂଖ୍ୟା ସ୍ପର୍ଶ କରିଛନ୍ତି। ଭାରତର ୧୨ଶ ବୋଲରଭାବେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ରବିଚନ୍ଦ୍ରନ ଅଶ୍ୱିନ ୩୭ ଟେଷ୍ଟରୁ ୨୦୦ ଉଇକେଟ ପୂରଣ କରି ଭାରତୀୟଙ୍କ ମଧ୍ୟରେ ଦ୍ରୁତତମ ରହିଛନ୍ତି। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ଭାରତ ପକ୍ଷରୁ ବୁମ୍‌ରା ୪ଟି, ମହମ୍ମଦ ସିରାଜ ୩ଟି ଓ ଜାଡେଜା ଗୋଟିଏ ଉଇକେଟ ନେଇଛନ୍ତି। ତୃତୀୟ ଦିନର ଅସମାପ୍ତ ସ୍କୋର ୩୫୮/୯ରୁ ଖେଳ ଆରମ୍ଭ କରିଥିବା ଭାରତ ପ୍ରଥମ ଇନିଂସରେ ଆଉ ୧୧ ରନ ଯୋଡ଼ି ଅଲ୍‌ଆଉଟ ହୋଇଥିଲା। ନୀତୀଶ କୁମାର ରେଡ୍ଡୀ ୧୧୪ ରନକରି ନାଥାନ ଲିୟନଙ୍କ ବଲ୍‌ରେ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୭୪। ଭାରତ ପ୍ରଥମ ଇନିଂସ: ୩୬୯। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୨୮/୯ (ମାର୍ନସ ଲାବୁସେନ-୭୦, ନାଥାନ ଲିୟନ-୪୧, ଯଶପ୍ରୀତ୍ ବୁମ୍‌ରା-୪/୫୬, ମହମ୍ମଦ ସିରାଜ-୩/୬୬, ରବୀନ୍ଦ୍ର ଜାଡେଜା-୧/୩୩)।

# ଟାଇଗର୍ସ ୩-୨ ଗୋଲରେ ବିଜୟୀ

## ହକି ଇଣ୍ଡିଆ ଲିଗ୍

**ରାଉରକେଲା, ୨୯।୧୨ (ଦିନେଶ ମିଶ୍ର)**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ମ୍ୟାଚ୍‌ର ରବିବାର ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ୍‌କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ବି. କେ. ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ୍ ହାଇଦ୍ରାବାଦ ତୋଫାନ୍ସ ଓ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ (ଏସ୍‌ଆରବିଟି) ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ଦଳ ହାଇଦ୍ରାବାଦ ତୋଫାନ ଦଳକୁ ୩-୨ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଖେଳ ଆରମ୍ଭରୁ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ଦଳ ହାଇଦ୍ରାବାଦ ତୋଫାନ ବିପକ୍ଷରେ ଆକ୍ରମକ ଖେଳ ପ୍ରଦର୍ଶନ କରି ଖେଳର ପ୍ରଥମ କ୍ୱାର୍ଟର୍ସର ୯ ମିନିଟ୍‌ରେ ଏକ ପେନାଲ୍‌ଟି ସ୍ଟ୍ରୋକ୍‌ର ସୁଯୋଗ ନେଇ ୩୧ ନମ୍ବର ଖେଳାଳି ଜୁଗରାଜ ସିଂ ପ୍ରଥମ ଗୋଲ କରି ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ଖେଳର ଦ୍ୱିତୀୟ କ୍ୱାର୍ଟରର ୨୦ ମିନିଟ୍‌ରେ ସୁଖଜିତ୍ ସିଂ ହାଇଦ୍ରାବାଦ ବିପକ୍ଷରେ ଦ୍ୱିତୀୟ ଗୋଲ୍ ମାରି ୨-୦ ଗୋଲରେ ଅଗ୍ରଣୀ ରହିଥିଲା। ଏହି ଗୋଲ୍‌ର ପ୍ରତିଶୋଧ ନେବାକୁ ଯାଇ ହାଇଦ୍ରାବାଦ ଦଳ ବେଙ୍ଗଲ ଟାଇଗର୍ସ ଉପରେ ଆକ୍ରମକ ଖେଳ ପ୍ରଦର୍ଶନ କରି ଏକାଧିକ ପେନାଲ୍‌ଟିର ସୁଯୋଗ ପାଇଥିଲେ ମଧ୍ୟ କୌଣସି ଗୋଲ କରି ପାରି ନ ଥିଲା। ବେଙ୍ଗଲ ଟାଇଗର୍ସ ଖେଳର ତୃତୀୟ କ୍ୱାର୍ଟରର ୩୬ ମିନିଟ୍‌ରେ ଫରୱାର୍ଡ ଖେଳାଳି ଅଫନ ୟୁସୁଫ ହାଇଦ୍ରାବାଦ ବିପକ୍ଷରେ ୩-୦ ଗୋଲ ମାରି ମ୍ୟାଚ୍‌ରେ ଆଗୁଆ ରହିଥିଲା। ମ୍ୟାଚ୍‌ରେ ହାଇଦ୍ରାବାଦ ତୋଫାନ ଦଳ ସଂଘର୍ଷ ଜାରି ରଖି ଖେଳର ତୃତୀୟ କ୍ୱାର୍ଟରର ୪୧ ମିନିଟ୍‌ରେ ଫରୱାର୍ଡ ଖେଳାଳି ଟେମଟି ଡାଇନିଲ୍ ଓ ଚତୁର୍ଥ କ୍ୱାର୍ଟରର ୫୯ ମିନିଟ୍‌ରେ ଅର୍ଥୁର ଡିସେଲଭର ବେଙ୍ଗଲ ଟାଇଗର୍ସ ବିପକ୍ଷରେ ଗୋଟିଏ ଲେଖାଏଁ ଗୋଲ୍ ମାରି ମ୍ୟାଚ୍‌ରେ ୩-୨ ଗୋଲରେ ପରାସ୍ତ ହୋଇଥିଲା। ବେଙ୍ଗଲ ଟାଇଗର୍ସ ଦଳର ସୁଖଜିତ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।



ହାଇଦ୍ରାବାଦ ତୋଫାନ ଓ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ